

ଏଟ୍‌ଲିଙ୍କ ସହ ସଲମାନ୍ କାମ କରିବା ନେଇ ଅନିଶ୍ଚିତତା

▶ପୃଷ୍ଠା ୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-228 ◆BHUBANESWAR ◆THURSDAY ◆13 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୨୮ ◆ଭୁବନେଶ୍ୱର ◆ଗୁରୁବାର ◆୧୩ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ହେଲିକପ୍ଟର୍‌ରେ ଦୈନିକ ୧୨୦୦ କି.ମି ଅଫିସ୍ ଯାତାୟାତ

■ **ସିଙ୍ଗାପୁର ସିଟି, ୧୨।୨ (ଏଜେନ୍ସି):** ସମୟ ପରିଚାଳନାରେ ଭାରତୀୟ ମହିଳାଙ୍କୁ କେହି ପଛରେ ପକାଇପାରିବେ ନାହିଁ। ବୃତ୍ତିଗତ ଏବଂ ପାରିବାରିକ ଜୀବନରେ ସମନ୍ୱୟ ରକ୍ଷା କରିବାରେ ଭାରତୀୟ ମହିଳା ସିଦ୍ଧହସ୍ତ। ପିଲାଛୁଆଙ୍କ ଯତ୍ନ ନେବା ହେଉ ଅବା ଅଫିସ କାର୍ଯ୍ୟ ସବୁକୁ ଅତି ନିପୁଣତାର ସହ ପ୍ରତିପାଦନ କରି ସେ ଅନ୍ୟପାଇଁ ଉଦାହରଣ ସୃଷ୍ଟି କରିଥାନ୍ତି। ଏବେ ଏପରି ଜଣେ ମହିଳାଙ୍କ ଚର୍ଚ୍ଚା ସାରା ବିଶ୍ୱରେ ହେଉଛି। ସେ ହେଉଛନ୍ତି ମାଲେସିଆରେ ରହୁଥିବା ଭାରତୀୟ ବଂଶୋଦ୍ଭବ ରଚେଲ କୌର। ସେ ପରିବାରକୁ ସମୟ ଦେବା ପାଇଁ ଦିନକୁ ୧୨୦୦ କିମି ଯାତ୍ରା କରୁଛନ୍ତି। ପ୍ରତିଦିନ ଟ୍ରାଫିକ ଏବଂ ଟ୍ରେନ୍ ଜାମ୍‌ରୁ ବର୍ତ୍ତି ସେ ବିମାନରେ ୬୦୦ କିମି ଯାତ୍ରା କରି ଅଫିସକୁ ଯାଇ ଫେରି ଆସୁଛନ୍ତି। କେବଳ ୧୧ ଓ ୧୨ ବର୍ଷର ଦୁଇ ଶିଶୁଙ୍କ



ଲାଗି ରଚେଲ ଏପରି କରୁଛନ୍ତି। ତାଙ୍କର ଏହି କାହାଣୀ ଯିଏ ଶୁଣୁଛି ସେ ଆଶ୍ଚର୍ଯ୍ୟ ହୋଇଯାଉଛି।

ଏୟାର ଏସିଆର ଫାଇନାନ୍ସ ଅପରେସନରେ ସହାୟକ ପରିଚାଳକ (ଏଏମ) ଭାବେ ରଚେଲ କାର୍ଯ୍ୟ କରୁଛନ୍ତି। ପିଲାଛୁଆଙ୍କ ସହ ସମୟ ବିତାଇବାକୁ ଏବଂ ପାଠପଢ଼ାରେ ସହଯୋଗ କରିବାକୁ ସେ ପ୍ରତିଦିନ ଏତେ କିମି ଯାତ୍ରା କରୁଥିବା କହିଛନ୍ତି। ଏଥିପାଇଁ ରଚେଲଙ୍କୁ ପ୍ରତିଦିନ ଭୋର୍ ୪ଟାରେ ଉଠିବାକୁ ପଡୁଛି। ନିତ୍ୟକର୍ମ ସାରି ୫ଟା ୫୫ରେ ବିମାନରେ ପେନାଙ୍ଗରୁ ସେ ସେପାଙ୍ଗ ଯାତ୍ରା କରୁଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଦୀର୍ଘ ଯାତ୍ରା ସତ୍ତ୍ୱେ ତାଙ୍କର କମ୍ ଅର୍ଥ ଖର୍ଚ୍ଚ ହେଉଛି। କୁଆଲାଲମପୁରର ସେପାଙ୍ଗରେ ଭଡ଼ାରେ ରହିଥିଲେ ତାଠୁ ଅଧିକ ଅର୍ଥ ବ୍ୟୟ ହୋଇଥାନ୍ତା। ଏକ ସାକ୍ଷାତକାରରେ କୌର ଏହି ସୂଚନା ଦେଇଛନ୍ତି। ▶ପୃଷ୍ଠା-୭

# ଚୁଲିକୁ ଗଲାଣି ଆଇନଶୃଙ୍ଖଳା

## ସରକାରଙ୍କୁ ଗହନ ନିଦ

■ **ଭୁବନେଶ୍ୱର,୧୨।୨(ସମିସ):** ଏକଦା ଦେଶର ସବୁଠାରୁ ଶାନ୍ତ ରାଜ୍ୟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଓଡିଶାର ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବେ ବିପର୍ଯ୍ୟସ୍ତ। ଦିନ ଦି ପହରେ ମୁଣ୍ଡ ଗଡୁଛି, ନାରୀ ନିର୍ଯ୍ୟାତିତ ହେଉଛି। ଅପରାଧୀମାନେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଚୋରି, ରାହାଜାନି, ମହିଳାଙ୍କ ପ୍ରତି ଅସଦାଚରଣ, ନାବାଳିକା ବଳାତ୍କାର, ହତ୍ୟା ଇତ୍ୟାଦି ଘଟଣାମାନ ରାଜ୍ୟରେ ବାରମ୍ବାର ଘଟିଚାଲିଛି। ରାଜଧାନୀରେ ସାଧାରଣ ଲୋକ ତ ଦୂରର କଥା ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ସୁରକ୍ଷିତ ନୁହନ୍ତି। ମାତ୍ର ବିକାଶର ସ୍ଲୋଗାନ ଦେଇ କ୍ଷମତା ହାସଲ କରିଥିବା ବିଜେପି ସରକାର ରହସ୍ୟମୟ ଭାବରେ ନିରବ। ମାତ୍ର ରାଜନୈତିକ ସ୍ୱାର୍ଥ ପାଇଁ କାର୍ଯ୍ୟରତ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିଥିବା ତତ୍କାଳୀନ ରାଜ୍ୟପାଳଙ୍କ ପୁଅକୁ ସରକାର ସୁରକ୍ଷା ଯୋଗାଇ ସୁରୁଖୁରୁରେ ଝାଡ଼ଖଣ୍ଡ ଯିବାକୁ ସୁଯୋଗ ଦେଇଛନ୍ତି। ବିଜେପି ସରକାର ପାଇଁ ଲୋକଙ୍କ ସୁରକ୍ଷା ଏବେ ଆଉ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ପ୍ରତିଦିନ ରାଜ୍ୟରେ ଘଟୁଛି ମହିଳା ବିରୋଧୀ ହିଂସା

୮ ମାସରେ ୧୬୦୦ ମହିଳା ଅତ୍ୟାଚାରିତ

କଥା କଥାକେ ହଣାକଟା, ଦିନ ଦି'ପହରେ ଗଡୁଛି ମୁଣ୍ଡ



ଗତ ଜାନୁୟାରୀ ୮ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ଆବରଣ ମଧ୍ୟରେ ଥିବା ରାଜଧାନୀ ଭୁବନେଶ୍ୱରରେ ସହଦେବ ନାୟକ ନାମକ ଜଣେ ପୁଲିସ ସୂଚନାଦାତାଙ୍କୁ ଅତି ଜଘନ୍ୟ ଭାବେ ହାଣି ହତ୍ୟା କରାଗଲା। ତା ପୂର୍ବରୁ ଭୁବନେଶ୍ୱରର ଭରତପୁର ଥାନାରେ ଜଣେ ସେନା ଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କୁ ପୁଲିସ ନିର୍ଯ୍ୟାତନା ଦେବା ସାରା ଦେଶରେ ଚହଳ ପକାଇ ଥିଲା। ବାଲେଶ୍ୱରର ନୀଳଗିରି ଅଞ୍ଚଳରେ ଆଦିବାସୀ ମହିଳାଙ୍କୁ ବିଜେପି କର୍ମୀ ଖୁଣ୍ଟରେ ବାନ୍ଧି ନିର୍ଯ୍ୟାତନା ଦେଲେ। ଡିସେମ୍ବର ୨୬ ତାରିଖରେ ଗୋବିନ୍ଦ ସିଂଙ୍କ ଘରେ ସେହି ଅଞ୍ଚଳର ସୁବାସିନୀ ସିଂ, ସୁକାନ୍ତି ସିଂଙ୍କୁ ବାଦଲ ପଣ୍ଡା ନାମକ ଜଣେ ବିଜେପି କର୍ମୀ ଓ ତାଙ୍କର କିଛି ସହଯୋଗୀ ଅତର୍କିତ ଆକ୍ରମଣ କରିବା ସହ ଉଲଗ୍ନ କରି ଯୋତାରେ ପିଟିଲେ। ତାଙ୍କ ସମ୍ବେଦନଶୀଳ ସ୍ଥାନରେ ଗୋଇଠା ମାରି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଘୋର ନିର୍ଯାତନା ଦେଲେ। କୁଟିଣ୍ଡାରେ ଏକ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ କରାଗଲା। ବଲାଙ୍ଗୀର ▶ପୃଷ୍ଠା-୭

### ରାଜନୈତିକ ଦଳଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ଲୋକଙ୍କୁ ପଙ୍ଗୁ କରୁଛି 'ମାଗଣା' ଯୋଜନା

■ **ନୂଆଦିଲ୍ଲୀ,୧୨।୨(ଏଜେନ୍ସି):** ନିର୍ବାଚନ ବେଳେ ଭୋଟରଙ୍କୁ ରାଜନୈତିକ ଦଳଙ୍କ ମାଗଣା ପ୍ରତିଶ୍ରୁତି (ଫ୍ରିବିସ୍)କୁ ନେଇ ସୁପ୍ରିମକୋର୍ଟ ସବୁ ଦଳଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ନିର୍ବାଚନ ପୂର୍ବରୁ ରାଜନୈତିକ ଦଳଗୁଡିକ ମାଗଣା ଉପହାର ଯୋଜନାକୁ ନେଇ ଯେଉଁଳି ପ୍ରତିଶ୍ରୁତିରେ ପୋତି ପକାଉଛନ୍ତି ତାହା ସମାଜ ପାଇଁ ପରୋକ୍ଷରେ ବିପଦ ପାଲଟୁଛି। ଏହାଦ୍ୱାରା ସମାଜରେ କିଛି ବର୍ଗର ଲୋକଙ୍କୁ ପଙ୍ଗୁ କରିଦିଆଉଛି ଏବଂ ସେମାନେ କାମ କରିବାକୁ ଉତ୍ସାହ ହରାଉଛନ୍ତି ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏ ସମ୍ପର୍କିତ ଏକ ମାମଲାର ଶୁଣାଣି ଅବସରରେ ଜଷ୍ଟିସ୍ ବି ଆର ଗଭାଇ ଏବଂ ଜଷ୍ଟିସ୍ ଅଗଷ୍ଟିନ ଜର୍ଜ ମାସିଙ୍କ ଖଣ୍ଡପୀଠ



କହିଛନ୍ତି ଯେ, ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଟାର୍ଗେଟ କରି ରାଜନୈତିକ ଦଳଗୁଡିକ ମାଗଣା ଉପହାର ଯୋଜନାର ବର୍ଷା କରୁଛନ୍ତି। କିନ୍ତୁ ଏହାଦ୍ୱାରା ଏହି ନିର୍ଦ୍ଦିଷ୍ଟ ବର୍ଗର ଲୋକମାନେ ପରଜୀବୀ ପାଲଟି ଯାଉଛନ୍ତି। ଲୋକମାନେ ମଗାଣାରେ ରାସନ ଓ ଟଙ୍କା ପାଇଯାଉଥିବାରୁ କାମ କରିବାକୁ ଇଚ୍ଛା କରୁନାହାନ୍ତି। ସେମାନେ ସମାଜର ମୂଳସ୍ରୋତରେ ସାମିଲ ହୋଇ ରାଷ୍ଟ୍ର ବିକାଶରେ ଭାଗିଦାରି ହେବା ପରିବର୍ତ୍ତେ ଏକ ପ୍ରକାର ପଙ୍ଗୁ ପାଲଟି ଯାଉଛନ୍ତି। କିନ୍ତୁ ସେମାନଙ୍କୁ ଏଭଳି ସ୍ଥିତିରେ ପହଞ୍ଚାଇବା ପଛରେ ଆମମାନଙ୍କ ହାତ ରହି ନାହିଁ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିବା ସହିତ ଏହା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି କହିଛନ୍ତି। ଜଷ୍ଟିସ ଗଭାଇ କହିଛନ୍ତି, ମାଗଣା ଯୋଜନା ପାଇଁ ଲୋକମାନେ କାମ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେମାନେ ମାଗଣାରେ ରାସନ ପାଉଛନ୍ତି, କିଛି କାମ ନ କରି ଟଙ୍କା ବି ପାଇ ▶ପୃଷ୍ଠା-୭

# 'ଜୟ' ବୋମା ବିଜେପିରେ ବିସ୍ଫୋରଣ

■ **ଭୁବନେଶ୍ୱର,୧୨।୨(ସମିସ):** ବିଜେପି ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ପୁଣି ଫିଙ୍ଗିଛନ୍ତି ଅସନ୍ତୋଷ ବୋମା। ଏହି ବୋମାର ଆଘାତ ବିଜେପିରେ ସୃଷ୍ଟି କରିଛି ବଡ଼ ବିସ୍ଫୋରଣ। ଅତ୍ୟନ୍ତ କଠୋର ଶବ୍ଦରେ ଶ୍ରୀ ମିଶ୍ର ଦଳୀୟ ବ୍ୟବସ୍ଥାକୁ ଆଘାତ କରିବା ସହ ଦଳରେ ବରିଷ୍ଠତାର ମୂଲ୍ୟ ନାହିଁ କି ବିଧାୟକଙ୍କ ଲୋଡ଼ା ନାହିଁ ବୋଲି କଟାକ୍ଷ କରିଛନ୍ତି ।

ଗତ ନଭେମ୍ବର ମାସରେ ନିଜକୁ ତଡାଖିଆ ନେତା ଏବଂ ସେ ଦଳରେ ସାଇଡଲାଇନ ଅଛି ବୋଲି ମନ୍ତବ୍ୟ ଦେଇ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲେ ଜୟନାରାୟଣ। ସେତେବେଳେ ଏହା ରାଜ୍ୟ ରାଜନୀତିକୁ ସରଗରମ କରିଥିଲା। ମାତ୍ର ଦୁଇ ମାସ ପରେ ପୁଣିଥରେ ଜୟନାରାୟଣ ବିଜେପିରେ ଚାଲିଥିବା ଗୋଷ୍ଠୀ ରାଜନୀତିକୁ ଇଙ୍ଗିତ କର ସମାନ ଧରଣର ମନ୍ତବ୍ୟ ଦେଇଛନ୍ତି। ଦଳରେ ରାଜ୍ୟ ସଭାପତି ଚୟନରେ ବିଳମ୍ବକୁ ନେଇ ସେ କ୍ଷୋଭପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ

ଦଳରେ ନିଷ୍ପତ୍ତି ନେଉଥିବା ଲୋକଙ୍କ ମଧ୍ୟରେ ମୁଁ ନାହିଁ

ରାଜ୍ୟ ସଭାପତି କିଏ ହେବ ଦଳୀୟ ମୁଖପାତ୍ର କହିବେ

ବରିଷ୍ଠତାର ମୂଲ୍ୟ ନାହିଁ, ବିଧାୟକଙ୍କ ଲୋଡ଼ା ନାହିଁ

ଯେଉଁମାନେ ଏହି ନିଷ୍ପତ୍ତି ନେଉଛନ୍ତି, ସେମାନଙ୍କ ମଧ୍ୟରେ ମୁଁ ନାହିଁ। ଏହା ସହ ଦଳରେ ବରିଷ୍ଠତାର ମୂଲ୍ୟ କଣ ଅଛି ବୋଲି ସେ ପ୍ରଶ୍ନ କରିବା ସହ ବିଧାୟକଙ୍କର ଦରକାର ନାହିଁ ଉଲ୍ଲେଖ କରି ବରିଷ୍ଠ ସଦସ୍ୟଙ୍କୁ ଉପେକ୍ଷା କରାଯାଉିବା ଓ ଦଳୀୟ ବିଧାୟକଙ୍କର କୌଣସି ଗୁରୁତ୍ୱ ନ ଥିବା କଥା ପରୋକ୍ଷରେ ପ୍ରକାଶ କରିଛନ୍ତି । ସାମ୍ବାଦିକଙ୍କ ପ୍ରଶ୍ନରେ ଉତ୍ତର ରଖିବା ବେଳେ ତାଙ୍କୁ ଦଳରେ କୋଣଠେସା କରାଯାଉଥିବା ନେଇ ବୁଲେଇବଙ୍କେଇ କହିଥିବା ସ୍ୱତଃ ଉପଲବ୍ଧି କରି ହେଉଛି ।ସେହିପରି ରାଜ୍ୟ ସଭାପତି ନିଯୁକ୍ତିକୁ ନେଇ ଜୟନାରାୟଣ କ୍ଷୋଭର ସହ ତାଙ୍କ ପାଖରେ ଏହାର ଖବର ନାହିଁ କି ଉତ୍ତର ନାହିଁ ବୋଲି କହି ଦଳରେ ଚାଲିଥିବା ଗୋଷ୍ଠୀବାଦକୁ ଅଙ୍ଗୁଳିନିର୍ଦ୍ଦେଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଦଳର ନେତୃତ୍ୱ ତାଙ୍କୁ କିପରି ଅଣଦେଖା କରୁଛନ୍ତି ସେ ସମ୍ପର୍କରେ ଜୟନାରାୟଣ ପୂର୍ବରୁ କହିଥିଲେ। ରାଜ୍ୟ କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସେ ନିଜକୁ ▶ପୃଷ୍ଠା-୭

# ଆଜିଠୁ ବିଧାନସଭା; ୧୭ରେ ବଜେଟ୍

■ **ଭୁବନେଶ୍ୱର,୧୨।୨(ସମିସ):** ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ତୃତୀୟ ତଥା ବଜେଟ ଅଧିବେଶନ। ରାଜ୍ୟପାଳଙ୍କ ଅଭିଭାଷଣରୁ ଅଧିବେଶନ ଆରମ୍ଭ ହେବ। ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆସନ୍ତା ୨୦୨୫-୨୫ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ। ସେହିପରି ମାର୍ଚ୍ଚ ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ।



ବଜେଟ ଅଧିବେଶନ ୨ଟି ପର୍ଯାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୩ରୁ ୨୧ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ ସ୍ଥିରୀକୃତ ହୋଇଛି।

ଅଧିବେଶନରେ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ ବିରୋଧୀ ବିଜେଡି ଓ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଛନ୍ତି। ଏହି ୨୮ ଦିନିଆ ଅଧିବେଶନରେ ବିପର୍ଯ୍ୟସ୍ତ ▶ପୃଷ୍ଠା-୭









## ମାଘ ଶେଷରୁ ତାତିର ତାଉ

### ୩୭ ଡିଗ୍ରୀ ଛୁଇଁଲା ତାପମାତ୍ରା

■ **ଭୁବନେଶ୍ୱର,୧୨।୨(ସମିସ):** ମାଘ ମାସ ଶେଷ ହୋଇ ନାହିଁ, ରାଜ୍ୟରେ ଆରମ୍ଭ ହୋଇଛି ତାତିର ଅଦଉତି। ରାଜ୍ୟରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଛି। ବୁଧବାର ଝାରସୁଗୁଡ଼ା ତାପମାତ୍ରା ୩୭ଡ଼ିଗ୍ରୀରେ ପହଞ୍ଚିଛି। ଗଲା ଦୁଇ ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଖର ସୂର୍ଯ୍ୟକିରଣ ରହୁଛି। ଏଥିପାଇଁ ରାଜ୍ୟରେ ତାପମାତ୍ରା ଅପେକ୍ଷାକୃତ ଅଧିକ ଅନୁଭୂତ ହେଉଛି। ଏହି କ୍ରମରେ ଆଜି ଝାରସୁଗୁଡ଼ାରେ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭଦ୍ରକରେ ତାପମାତ୍ରା ୩୬.୨ ଡିଗ୍ରୀ, ବଲାଙ୍ଗିରରେ ୩୬ ଡିଗ୍ରୀ ରେକର୍ଡ ହୋଇଛି। ଏହା ବ୍ୟତୀତ ଅନୁଗୁଳ ୩୫.୭, ଭବାନୀପାଟଣା ୩୫.୫, ଟିଟିଲାଗଡ଼ ୩୫.୫, ପାରଳାଖେମୁଣ୍ଡି ୩୫.୫, ସୋନପୁର ୩୫.୩, ମାଲକାନଗିରି ୩୫.୨ ଓ ବରଗଡ଼ରେ ମଧ୍ୟ ତାପମାତ୍ରା ୩୫.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ▶ପୃଷ୍ଠା-୭

# ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ବିଶ୍ୱ ରେଡିଓ ଦିବସ




ସମାଜର ବିକାଶରେ ରେଡିଓର ଅତୁଳନୀୟ ଭୂମିକାକୁ ମନେ ରଖିବା ପାଇଁ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖରେ ପାଳନ କରାଯାଏ 'ବିଶ୍ୱ ରେଡିଓ ଦିବସ'। ମିଳିତ ଜାତିସଂଘ ପକ୍ଷରୁ 'ବିଶ୍ୱ ରେଡିଓ ଦିବସ'କୁ ୨୦୧୨ ମସିହାରୁ ବିଧିବଦ୍ଧ ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା। ୧୯୪୬ ମସିହା ଫେବୃଆରୀ ୧୩ରେ ଜାତିସଂଘ ରେଡିଓର ପ୍ରତିଷ୍ଠା ହୋଇଥିଲା। ତେଣୁ ସେହି ଦିନ ବିଶ୍ୱ ରେଡିଓ ଦିବସ ପାଳନ କରାଯିବାର ନିଷ୍ପତ୍ତି ହୋଇଥିଲା। ଶବ୍ଦ, ସ୍ୱର, ସଙ୍ଗୀତ, ସୃଜନଶୀଳତା ପାଇଁ କୋଟି କୋଟି ଲୋକଙ୍କ ପସନ୍ଦ ହୋଇଛି ରେଡିଓ। ଖାସ୍ ସେଥିପାଇଁ ଶ୍ରୋତାଙ୍କ ହୃଦୟରେ ବର୍ଷ ବର୍ଷ ଧରି ସ୍ଥାନ ପାଇଛି ରେଡିଓ। ଆଜି ଲୋକେ ଖବର ଜାଣିବା ପାଇଁ ସ୍ମାର୍ଟଫୋନ୍ ବାରମ୍ବାର ଦେଖୁଥିବାବେଳେ ଦିନ ଥିଲା ଲୋକେ ଦେଶ ଦୁନିଆର ତମାମ୍ ଖବର ଜାଣିବା ପାଇଁ ରେଡିଓ ଉପରେ ନିର୍ଭର କରୁଥିଲେ। ରେଡିଓକୁ ବିଶ୍ୱର ସବୁଠାରୁ ସହଜ ଏବଂ ଶସ୍ତାରେ ଉପଲବ୍ଧ ଗଣମାଧ୍ୟମ ବୋଲି କୁହାଯାଏ। କାରଣ ଏହା ଦୂରଦୂରାନ୍ତରରେ ଥିବା ସ୍ଥାନ ତଥା ଗ୍ରାମାଞ୍ଚଳର ଅପହଞ୍ଚ ଇଲାକାରେ ପହଞ୍ଚିପାରେ। ସଚେତନତା ସୃଷ୍ଟି କରିବା, ସାମାଜିକ ଏକତା, ସାଂସ୍କୃତିକ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ବହୁମୁଖୀ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏହା ଏକ ଆଦର୍ଶ ସାଧନ। ବିପର୍ଯ୍ୟୟ ଓ ସଙ୍କଟ ସମୟରେ ରେଡିଓ ଜୀବନ ରକ୍ଷାକାରୀ ସୂଚନା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ପାରିଛି। ଲୋକମାନଙ୍କୁ ଏକତ୍ର କରିବାରେ, ଯୋଗାଯୋଗକୁ ସମୃଦ୍ଧ କରିବାରେ ଏବଂ ବିଭିନ୍ନ ସଂସ୍କୃତି, ସମ୍ପ୍ରଦାୟ ଓ ଦୃଷ୍ଟିକୋଣ ମଧ୍ୟରେ ଉତ୍ତମ ବୁଝାମଣାକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ରେଡିଓ। ସବୁଠୁ ବଡ଼ କଥା ହେଲା, ଫେସ୍‌ବୁକ୍, ହ୍ୱାଟସଆପ୍, ଇନ୍‌ଷ୍ଟାଗ୍ରାମ୍ ଭଳି ଡିଜିଟାଲ ଜମାନାରେ ବି କମିନି ରେଡିଓର କ୍ରେଜ୍। ଆଜି ବି ବିଭିନ୍ନ ଦୋକାନ ବଜାର, ଚା' ଖଟି, ଗାଡ଼ିରେ ରେଡିଓ ଲୋକମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଆସୁଥିବା ଦେଖିବାକୁ ମିଳୁଛି। ବିନା ବିଜୁଳିରେ ଚାଲୁଥିବା ଯୋଗୁଁ ଏହାର ବ୍ୟବହାର ଆଜି ବି ରହିଛି। ରୁପେଲି ପରଦା ଭଳି ବେତାର ଦୁନିଆ ରଙ୍ଗିନ ନୁହେଁ, ହେଲେ ଶ୍ରୋତାଙ୍କୁ ବାନ୍ଧି ରଖିବା ଭଳି ସମସ୍ତ ସାମର୍ଥ୍ୟ ଖୁନ୍ଦି ହୋଇରହିଛି ଏହା ନିକଟରେ। ଏକବିଂଶ ଶତାବ୍ଦୀରେ ରେଡିଓର ବ୍ୟବସାୟୀକରଣ ହୋଇଛି। କମ୍ୟୁନିଟି ରେଡିଓ ସହ ଏଫ୍‌ଏମ୍‌ର ଚାହିଦା ବଢ଼ିଛି। ଆଞ୍ଚଳିକସ୍ତରରେ ଶ୍ରୋତାଙ୍କ ହୃଦୟ ଜିଣିବାକୁ ବେସରକାରୀ କମ୍ପାନୀଗୁଡ଼ିକ ମଧ୍ୟରେ ଚାଲିଛି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା। କରୋନା ମହାମାରୀ ସମୟରେ ଜନସଚେତନତା ପାଇଁ ସାଧନ ଆବଶ୍ୟକ ପଡୁଥିବାବେଳେ ରେଡିଓ ଅନ୍ୟତମ ପ୍ରମୁଖ ଯୋଗାଯୋଗ ମାଧ୍ୟମ ଭାବେ ଲୋକମାନଙ୍କର ଆହୁରି ନିକଟତର ହୋଇପାରିଥିଲା। ଆଜିକାଲି ଅଗମ୍ୟ ଅଞ୍ଚଳରେ କମ୍ୟୁନିଟି ରେଡିଓ ସ୍ଥାପନାକୁ ଗୁରୁତ୍ୱ ଦିଆଯାଇଛି। ଯେତେବେଳେ କୌଣସି ଯୋଗାଯୋଗ ବ୍ୟବସ୍ଥା କାମ କରିନଥାଏ, ସେତେବେଳେ ରେଡିଓ ହିଁ କାମ କରିଥାଏ। ୧୮୯୦ ମସିହାରେ ମାର୍କୋନିଙ୍କ ଦ୍ୱାରା ରେଡିଓ ଉଦ୍ଭାବନ କରାଯାଇଥିଲା, କିନ୍ତୁ ତାଙ୍କୁ ଏହାର ପେଟେଣ୍ଟ ରେକର୍ଡ ୧୮୯୬ରେ ମିଳିଥିଲା। ଏହା ପରେ ମାର୍କୋନି ରେଡିଓର ଉଦ୍ଭାବକ ଭାବରେ ବିବେଚିତ ହୋଇଥିଲେ। ସମୟ ଥିଲା, ଯେତେବେଳେ ରେଡିଓ ଆମ ଜୀବନଚର୍ଯ୍ୟାର ଏକ ଅଂଶ ହୋଇରହିଥିଲା। ସୂଚନା, ସଂଚାର ତଥା ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ଥିଲା ରେଡିଓ। ଟେଲିଭିଜନ ଓ ମୋବାଇଲର ଅଭ୍ୟୁଦୟ ଫଳରେ ରେଡିଓର ଲୋକପ୍ରିୟତା ହ୍ରାସ ପାଇଲା। କିନ୍ତୁ ଏହାର ମହତ୍ତ୍ୱ ଆଜିବି କମିନାହିଁ। ଭାରତରେ ରେଡିଓ ପ୍ରସାରଣ ସେବା ସ୍ୱାଧୀନତା ପ୍ରାପ୍ତିର ବହୁ ପୂର୍ବରୁ ଆରମ୍ଭ ହୋଇଛି। କିନ୍ତୁ ବିଧିବଦ୍ଧ ଭାବେ ୧୯୩୪ ମସିହାରୁ ଏହାର ପ୍ରସାର ଆରମ୍ଭ ହୋଇଛି। ଦ୍ରୁତ ଟେକ୍ନୋଲୋଜି ଓ ଇଣ୍ଟରନେଟର ବହୁଳ ପ୍ରସାର ଫଳରେ ରେଡିଓର ଚାହିଦା କମିଥିଲେ ମଧ୍ୟ ଆଜି ବି ତାହାର ଅସ୍ତିତ୍ୱ ବଜାୟ ରଖିଛି। ଅନେକ ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ ରେଡିଓ ତା'ର ଯାତ୍ରା ଅବ୍ୟାହତ ରଖିଛି ଓ ଜନସେବାରେ ନିଜକୁ ନିୟୋଜିତ କରିପାରିଛି।

## ଆଜିର ଇତିହାସ

- ୧୫୭୫- ହେନେରୀ ତୃତୀୟ ଫ୍ରାନ୍ସର ରାଜା ହେଲେ।
- ୧୯୫୯- ପିଲାଙ୍କ ପାଇଁ ବାର୍ବି ଡଲ୍ ବିକ୍ରି ଆରମ୍ଭ ହୋଇଥିଲା।
- ୧୯୬୭-ସୋଭିଏତ୍ ସଂଘ ପୂର୍ବ କଜାଖସ୍ତାନରେ ପରମାଣୁ ପରୀକ୍ଷା କରିଥିଲା।
- ୧୯୯୧- ଆମେରିକା ଇରାକ୍ ଉପରେ ବୋମା ବିସ୍ଫୋରଣ କରିବାରୁ ୩୩୪ ଲୋକଙ୍କ ମୃତ୍ୟୁ।
- ୨୦୦୩- ୟଶ୍ ଚୋପ୍ରାଙ୍କୁ ଦାଦା ସାହେବ ପୁରସ୍କାରରେ ସମ୍ମାନିତ କରାଗଲା।
- ୨୦୦୭- ଉତ୍ତର କୋରିଆରେ ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ସହମତି।

## ଆଜି ଆସିଥିଲେ

### ଭାରତର ବୁଲବୁଲ୍



'ଦ ନାଇଟ୍ ଆଙ୍ଗେଲ ଅଫ୍ ଇଣ୍ଡିଆ' ନାମରେ ପ୍ରସିଦ୍ଧି ଅର୍ଜନ କରିଥିବା ଦେଶର ପ୍ରଥମ ମହିଳା ରାଜ୍ୟପାଳ ତଥା ସ୍ୱାଧୀନତା ସଂଗ୍ରାମୀ ସରୋଜିନୀ ନାଇଡୁଙ୍କର ଆଜି ଜୟନ୍ତୀ। ସେ ଏକାଧାରରେ ଥିଲେ ଜଣେ କବି, ନାରୀନେତ୍ରୀ, ବାଗ୍ମୀ ଓ ସୁବକ୍ତା। ମହିଳା ସଶକ୍ତିକରଣ ଓ ମହିଳା ଅଧିକାର ପାଇଁ ସେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ଜନ୍ମଦିନ ଫେବୃଆରୀ ୧୩ ତାରିଖକୁ ସାରା ଭାରତରେ 'ଜାତୀୟ ମହିଳା ଦିବସ' ଭାବେ ପାଳନ କରାଯାଇଥାଏ। ସରୋଜିନୀ ନାଇଡୁଙ୍କ ଜନ୍ମ ୧୮୭୯ ମସିହା ଆଜିର ଦିନରେ ହାଇଦ୍ରାବାଦର ଏକ ବଙ୍ଗୀୟ ପରିବାରରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ଥିଲା ଅଘୋରନାଥ ଚଟ୍ଟୋପାଧ୍ୟାୟ। ସେ ହାଇଦ୍ରାବାଦର ନିଜାମ କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସରୋଜିନୀଙ୍କ ମାଆ ବରଦା ସୁନ୍ଦରୀ ଦେବୀ ଜଣେ କବି ଥିଲେ ଓ ସେ ବଙ୍ଗଳା ଭାଷାରେ ସୁନ୍ଦର କବିତା ଲେଖୁଥିଲେ। ଆଠ ଭାଇଭଉଣୀଙ୍କ ମଧ୍ୟରେ ସରୋଜିନୀ ଥିଲେ ସବୁଠାରୁ ବଡ଼। ମାତ୍ର ବାରବର୍ଷ ବୟସରେ ସେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ମାଡ୍ରାସ୍ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ସେ ଇଂରାଜୀରେ କବିତା ଲେଖିବାକୁ ଭଲ ପାଉଥିଲେ। ସରୋଜିନୀଙ୍କ ଇଂରାଜୀ କବିତାରେ ମୁଗ୍ଧହୋଇ ହାଇଦ୍ରାବାଦର ନିଜାମ ତାଙ୍କୁ ବିଦେଶରେ ପଢ଼ିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରିଥିଲେ। ତେରବର୍ଷ ବୟସରେ ପ୍ରାୟ ଛଅ ଦିନ ମଧ୍ୟରେ ସେ ୧୩୦୦ ପଦରେ 'ଲେଡି ଅଫ ଦି ଲେକ୍' ନାମକ ଦୀର୍ଘ କବିତା ରଚନା କରିଥିଲେ। ଏହାଛଡ଼ା ଏକ ଦୁଇ ହଜାର ଧାଡ଼ିର ନାଟକ ମଧ୍ୟ ଲେଖିଥିଲେ। ଉଚ୍ଚ ଶିକ୍ଷା ଲାଗି ୧୬ ବର୍ଷ ବୟସରେ ସେ ବିଲାତ ଯାତ୍ରା କରିଥିଲେ। ପରେ ସେ ଲଣ୍ଡନ ଓ ଗ୍ରିଟନ୍ କଲେଜରେ ଅଧ୍ୟୟନ ଜାରି ରଖିଥିଲେ। ତାଙ୍କର ଉର୍ଦ୍ଦୁ, ତେଲୁଗୁ, ବଙ୍ଗଳା ଓ ପାର୍ସି ଭାଷାରେ ଦଖଲ ଥିଲା। ୧୯ ବର୍ଷ ବୟସରେ ସେ ଡାକ୍ତର ଗୋବିନ୍ଦରାଜୁ ନାଇଡୁଙ୍କୁ ବିବାହ କରିଥିଲେ। ୧୯୦୫ ମସିହାରେ 'ବଙ୍ଗ ଭଙ୍ଗ'କୁ ବିରୋଧ କରି ସରୋଜିନୀ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ଏହାବ୍ୟତୀତ ଆଇନ ଅମାନ୍ୟ ଆନ୍ଦୋଳନ ଓ ଭାରତ ଛାଡ଼ ଆନ୍ଦୋଳନ ସମୟରେ ଗିରଫ ହୋଇ ଜେଲ୍ ମଧ୍ୟ ଯାଇଥିଲେ। ୧୯୩୧ ମସିହାରେ ସରୋଜିନୀ ମହାତ୍ମା ଗାନ୍ଧୀ ଓ ମଦନ ମୋହନ ମାଲବ୍ୟଙ୍କ ସହ ଲଣ୍ଡନରେ ଆୟୋଜିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ମଧ୍ୟ ଯୋଗଦାନ କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସର ସେ ଥିଲେ ପ୍ରଥମ ମହିଳା ଅଧ୍ୟକ୍ଷ। ଏହା ସହ ସରୋଜିନୀ ହେଉଛନ୍ତି ଦେଶର ପ୍ରଥମ ମହିଳା ରାଜ୍ୟପାଳ। ସେ ରାଜ୍ୟପାଳ ଭାବେ ଉତ୍ତର ପ୍ରଦେଶର ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ପାଇଁ ସେ ବହୁବାର ବିଦେଶ ଯାତ୍ରା କରିଥିଲେ। ୧୯୪୯ ମସିହା ମାର୍ଚ୍ଚ ୨ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

## ଜୀବନ ତମାମ ଗୁପ୍‌ଚୁପ୍

### ୯୯ ହଜାର ଟଙ୍କାରେ




ସବୁ ବୟସର ଲୋକଙ୍କ ପସନ୍ଦ ଗୁପ୍‌ଚୁପ୍। ତେବେ ଗୁପ୍‌ଚୁପ୍ ପ୍ରତି ଥିବା ଲୋକଙ୍କ ଆକର୍ଷଣକୁ ଦେଖି ମହାରାଷ୍ଟ୍ର ନାଗପୁରର ଗୁପ୍‌ଚୁପ୍ ବ୍ୟବସାୟୀ ବିଜୟ ମେୱାଲାଲ ଗୁପ୍ତାଙ୍କ ନିଆରା ଅଫର୍ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ବର୍ଧା ରୋଡ୍ ସ୍ଥିତ ଅମର ଜ୍ୟୋତି ପ୍ୟାଲେସରେ ବିଜୟଙ୍କ ଏକ ଗୁପ୍‌ଚୁପ୍ ଷ୍ଟଲ୍ ରହିଛି। ଯଦି ଜଣେ ଗ୍ରାହକ ଏକକାଳୀନ ୯୯ ହଜାର ଟଙ୍କା ଦିଅନ୍ତି, ସେ ଜୀବନ ତମାମ ମାଗଣା ଗୁପ୍‌ଚୁପ୍ ଖାଇପାରିବେ। କେବଳ ସେତିକି ନୁହେଁ, ଯେକୌଣସି ସମୟରେ ଆସି ମନଇଚ୍ଛା ଗୁପ୍‌ଚୁପ୍ ବି ଖାଇପାରିବେ। ଅବଶ୍ୟ ଅଫର୍‌ଟି ଆକର୍ଷଣୀୟ ଲାଗୁଛି। ସେହିପରି ସେ ତାଙ୍କ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ଗୁପ୍‌ଚୁପ୍‌କୁ ନେଇ ଆହୁରି ଅଧିକ ଅଫର୍ ରଖିଛନ୍ତି। ସ୍ପେଶାଲ ଗୁପ୍‌ଚୁପ୍ ଥାଳି ୧୯୫ରେ ଟଙ୍କାରେ ଉପଲବ୍ଧ ଥିବା ବେଳେ ବର୍ଷକୁ ୫ ହଜାର ଟଙ୍କା ଦେଲେ ୧୦ ହଜାର ଗୁପ୍‌ଚୁପ୍ ମିଳିଥାଏ। କର୍ପୋରେଟ୍ ରିହାତି ଏବଂ ଗୋଲ୍ଡ ଲୋନ୍‌ରୁ ପ୍ରେରିତ ହୋଇ ସେ ନିଜ ଗ୍ରାହକଙ୍କ ପାଇଁ ଏ ପ୍ରକାର ଅଫର୍ ପ୍ରଦାନ କରିବା ନିଷ୍ପତ୍ତି ନେଇଛନ୍ତି। ତାଙ୍କର ଏହି ଅଫର୍‌କୁ ଦେଖି ତାଙ୍କ ଷ୍ଟଲପ୍ରତି ଲୋକେ ଆକର୍ଷିତ ହୋଇଥାନ୍ତି। ଅବଶ୍ୟ ଗୁପ୍‌ଚୁପ୍ ପାଇଁ ଯଦିଓ କେହି କେବେ ଏକାକାଳୀନ ଏତେ ଟଙ୍କା ଦେବେ ନାହିଁ, ତଥାପି ତାଙ୍କର ଏହି ଅଫର୍ ବିଜୟଙ୍କୁ ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ କରାଇଛି। ସେହିପରି ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ଲାଇଟ୍ ଲଗାଇ ଶୋଇବା କ୍ଷତିକାରକ



ଅନେକ ଲୋକଙ୍କର ରାତିରେ ଲାଇଟ୍ ଲଗାଇ ଶୋଇବା ଅଭ୍ୟାସ ରହିଛି। ତେବେ ରାତିରେ ଲାଇଟ୍ ଲଗାଇ ଶୋଇବା ଶରୀର ପାଇଁ କ୍ଷତିକାରକ। ବିଶେଷକରି ଏହା ମଧୁମେହ ରୋଗୀଙ୍କ ପାଇଁ ଭଲ ନୁହେଁ। ଏହାର ପ୍ରଭାବ ଇନସୁଲିନ୍ ଯୋଗାଉଥିବା ପାଚନଗ୍ରନ୍ଥି ଉପରେ ପଡ଼େ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ମଧୁମେହ ରୋଗୀଙ୍କୁ କେବଳ ରୁମ୍‌ର ଲାଇଟ୍ ନୁହେଁ, ବରଂ ବାଥରୁମ୍ ଲାଇଟ୍ ମଧ୍ୟ ଲଗାଇ ଶୋଇବା ଅନୁଚିତ। ରାତିରେ ଲାଇଟ୍ ଜଳିବା ଦ୍ୱାରା ମସ୍ତିଷ୍କକୁ ଦିନ ହୋଇଗଲା ବୋଲି ଲାଗେ ଏବଂ ଏହା ହରମୋନ୍‌ଗୁଡ଼ିକୁ ପ୍ରଭାବିତ କରିଥାଏ। ଫଳରେ ପାନକ୍ରିୟାଜ ଇନ୍‌ସୁଲିନ୍ ଅଧିକ ଉତ୍ପାଦନ କରିବା ଦିଗରେ ଇଙ୍ଗିତ କରେ। ଏହାର ଫଳସ୍ୱରୂପ ଇନସୁଲିନ୍ ରେଜିଷ୍ଟାନ୍ସ ହୋଇଥାଏ। ଅନେକ ସମୟରେ ପାନକ୍ରିୟାଜ୍ ଅତ୍ୟଧିକ କାର୍ଯ୍ୟକ୍ଷମ ହେବା ଯୋଗୁଁ ଫୁଲିଯାଏ। ଫଳରେ ରକ୍ତରେ ଇନ୍‌ସୁଲିନ୍ ପହଞ୍ଚିପାରେ ନାହିଁ। ଏ ସମସ୍ତ କାର୍ଯ୍ୟ ରାତିରେ ଲାଇଟ୍ ଲଗାଇବା ଯୋଗୁଁ ହୋଇଥାଏ। ତେଣୁ ବାଥରୁମ୍‌ରେ ଜିରୋ ଲାଇଟ୍ ଲଗାଇବା ଭଲ। ଯଦ୍ୱାରା ମସ୍ତିଷ୍କକୁ ଦିନର ଅନୁଭବ ହେବ ନାହିଁ। ଅନ୍ୟପକ୍ଷରେ ପାନକ୍ରିୟାଜକୁ ସୁସ୍ଥ ରଖିକି ହିଁ ମଧୁମେହକୁ ନିୟନ୍ତ୍ରଣରେ ରଖାଯାଇପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି।

## ଏଟ୍‌ଲିଙ୍କ ସହ ସଲମାନ୍ କାମ କରିବା ନେଇ ଅନିଶ୍ଚିତତା






ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏଟ୍‌ଲି ଏବେ ବଲିଉଡ୍‌ର ଆଗଧାଡ଼ିର ନାୟକମାନଙ୍କୁ ତାଙ୍କ ଫିଲ୍ମରେ ବ୍ରେକ୍ ଦେଉଛନ୍ତି। ଅବଶ୍ୟ ଏଟ୍‌ଲିଙ୍କ ଏହି ଫର୍ମୁଲା ତାଙ୍କ ଫିଲ୍ମଗୁଡ଼ିକୁ ହିଟ୍ କରିବାରେ ସାହାଯ୍ୟ କରିଛି। ଶାହାରୁଖ୍ ଖାନ୍‌ଙ୍କ ସହ ତାଙ୍କ ଫିଲ୍ମ 'ଜୱାନ୍' ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ସେ ସଲମାନ୍ ଖାନ୍‌ଙ୍କୁ ମଧ୍ୟ ତାଙ୍କର ଏକ ଫିଲ୍ମ ପାଇଁ ସାଇନ୍ କରିଥିବା କଥା କୁହାଯାଉଥିଲା। ଯଦିଓ ଫିଲ୍ମର ଟାଇଟଲ୍ ଏଯାବତ୍ ସ୍ଥିର ହୋଇନାହିଁ ଆପାତତଃ ଏହାର ନାଁ 'ଏ୬' ରଖାଯାଇଛି। ଏଥିରେ ସଲମାନ୍‌ଙ୍କ ସହ ରଜନୀକାନ୍ତ କିମ୍ବା କମଲ ହାସନ୍ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ଏହି ଫିଲ୍ମ ଏଟ୍‌ଲି ନିର୍ମାଣ କରିବେ କି ନାହିଁ ସେନେଇ ଅନିଶ୍ଚିତତା ଦେଖାଯାଇଛି। କାରଣ ସେ ଏବେ ଅଲ୍ଲୁ ଅର୍ଜୁନ୍‌ଙ୍କୁ ନେଇ ଏକ ଫିଲ୍ମ ନିର୍ମାଣରେ ବ୍ୟସ୍ତ ଅଛନ୍ତି। କୁହାଯାଉଥିଲା, 'ଏ୬' ଫିଲ୍ମଟି ପୁନର୍ଜନ୍ମ ଉପରେ ଆଧାରିତ ହେବ। ଏଥିରେ ସଲମାନ୍ ଜଣେ ଯୋଦ୍ଧା ଭୂମିକାରେ ଦେଖାଯିବେ। ଅବଶ୍ୟ ଫିଲ୍ମ ବନ୍ଦ ହୋଇଯିବା ନେଇ ଏଟ୍‌ଲି କି ସଲମାନ୍ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ସଲମାନ୍ ଏବେ 'ସିକନ୍ଦର' ସୁଟିଂରେ ବ୍ୟସ୍ତ ଅଛନ୍ତି। ଏ.ଆର୍ ମୁରୁଗାଦୋସ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି।

## ଜାପାନରେ ନୂଆ ଟ୍ରେଣ୍ଡ



### ଭଡ଼ାରେ ମିଳୁଛନ୍ତି ପରିବାର ସଦସ୍ୟ

ସାଧାରଣତଃ ଭଡ଼ାରେ ବିଭିନ୍ନ ପ୍ରକାର ଜିନିଷ ମିଳିଥାଏ। ଏକଥା ସମସ୍ତେ ଜାଣନ୍ତି। ତେବେ ଭଡ଼ାରେ ପରିବାର ସଦସ୍ୟ ମିଳୁଥିବା କଥା କେହି କେବେ ଜାଣି ନ ଥିବେ। ଅବଶ୍ୟ ବିକଶିତ ରାଷ୍ଟ୍ର ତଥା ବୈଷୟିକ କ୍ଷେତ୍ରରେ ସମୃଦ୍ଧ ଜାପାନରେ ଏହା ହେଉଛି ଏକ ବ୍ୟବସାୟ। ଯାହାର ଲୋକପ୍ରିୟତା ଖୁବ୍ ବେଶି। ଏଠାରେ ରେଣ୍ଟାଲ ଫ୍ୟାମିଲି ବ୍ୟବସାୟ ୧୯୯୦ ମସିହାରେ ଆରମ୍ଭ ହୋଇଥିଲା। 'ଫ୍ୟାମିଲି ରୋମାନ୍ସ' କମ୍ପାନି ପ୍ରଥମେ ପରିବାର ସଦସ୍ୟ ଭାବେ କଳାକାରଙ୍କୁ ଭଡ଼ାରେ ଦେବା ଆରମ୍ଭ କଲା। ଇଶି ୟୁଇଚି ଏହି କମ୍ପାନିର ଆରମ୍ଭ କରିଥିଲେ। ଏକଲାପଣକୁ ସାମ୍ନା କରୁଥିବା ଲୋକଙ୍କ ପାଇଁ ଏହି ସେବା ସେ ଆରମ୍ଭ କରିଥିଲେ। ଇଶି ଏହି କାମ ପାଇଁ ୧୨୦୦ କଳାକାରଙ୍କୁ ନିୟୋଜିତ କରିଛି। ସେମାନେ ପ୍ରତ୍ୟେକ ଚରିତ୍ର ଲାଗି ଅଭିନୟ କରନ୍ତି। ଏହି କଳାକାରମାନେ ବାହାଘରରେ ବାପା ହେବା ଠୁ ଆରମ୍ଭ କରି ଦୀର୍ଘଦିନରୁ ନିଖୋଜ ଥିବା ପୁଅ ଏପରିକି ବର ଭୂମିକାରେ ମଧ୍ୟ ଅଭିନୟ କରିଥାନ୍ତି। ପରିବାର ସଦସ୍ୟ ନ ଥିବା ଏକୁଟିଆ ରହୁଥିବା ଲୋକେ ପ୍ରଥମେ ଏହି ବ୍ୟବସାୟର ଅଧିକ ବ୍ୟବହାର କରୁଥିଲେ। ଧୀରେ ଧୀରେ ଏହି ବ୍ୟବସାୟର ଲୋକପ୍ରିୟତା ବଢ଼ିବାରେ ଲାଗିଲା। ହେଲେ ଏବେ ଏହାର ଉପଯୋଗ ବିଭିନ୍ନ ଉଦ୍ଦେଶ୍ୟ ପାଇଁ କରାଯାଉଛି। ବାହାଘରରେ ସାମିଲ ହେବା, ଅନ୍ତିମ ସଂସ୍କାରରେ ଯୋଗ ଦେବା, ନାଟକ, ଫିଲ୍ମରେ ଅଭିନୟ କରିବା, ଏକଲାପଣରୁ ମୁକ୍ତି ପାଇବା ଏବଂ ସାମାଜିକ କାମରେ ଯୋଗ ଦେବା ପାଇଁ ମଧ୍ୟ କରାଯାଉଛି। ସେହିପରି ରେଣ୍ଟାଲ ଫ୍ୟାମିଲ ବ୍ୟବସାୟର ଭଡ଼ା ମଧ୍ୟ ଅଲଗା ଅଲଗା। ଏହାର ଭଡ଼ା ସଦସ୍ୟ ସଂଖ୍ୟା ଓ ସମୟ ଉପରେ ନିର୍ଭର କରେ। ତେବେ ଜଣେ ସଦସ୍ୟଙ୍କୁ ଘଣ୍ଟାଏ ଲାଗି ଭଡ଼ାରେ ନେଲେ ୫ ହଜାରରୁ ୨୦,୦୦୦ ୟେନ୍ ଦେବାକୁ ହୁଏ। ଏବେ ଜାପାନରେ ଅନେକ କମ୍ପାନି ଭଡ଼ାରେ ପରିବାର ପ୍ରଦାନ କରୁଛି। ଏ ଲାଗି କ୍ୟାଟ୍‌ଲଗ୍ ପ୍ରଦାନ କରାଯାଏ। ଏଥିରେ ପରିବାର ସଦସ୍ୟଙ୍କ ସୂଚନା ପ୍ରଦାନ କରାଯାଇଥାଏ। ଏହାକୁ ଦେଖି ନିଜ ପସନ୍ଦର ସଦସ୍ୟଙ୍କୁ ଲୋକେ ମନୋନୀତ କରନ୍ତି। ତେବେ ଏଠାରେ ଏକୁଟିଆ ରହୁଥିବା ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ଏହାର ପ୍ରଚଳନ ଅଧିକ। ଅନ୍ୟପଟେ ଏହାର ପରିକଳ୍ପନା ବିବାଦୀୟ ବି ହୋଇଛି। କିଛି ଲୋକଙ୍କ ମତରେ ଏହା ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ତେବେ ଜାପାନକୁ ଦେଖି ଦକ୍ଷିଣ କୋରିଆ ଏବଂ ଚୀନ୍‌ରେ ବି ଏହି ବ୍ୟବସାୟ ଆରମ୍ଭ କଲାଣି।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଆର୍ଥିକ ସମସ୍ୟା ଦୂର ହୋଇପାରେ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନିଜକୁ କମଜୋର ଭାବନ୍ତୁ ନାହିଁ। ଧୈର୍ଯ୍ୟ ରଖନ୍ତୁ। ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଜୀବନସାଥିଙ୍କ ସହଯୋଗ ଲୋଡିବେ। ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ। ରାଜନୀତିରେ ସକ୍ରିୟ ରହିପାରନ୍ତି।

**ସିଂହ:** ଧନପ୍ରାପ୍ତି ଯୋଗ ରହିଛି। ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ। କିଣା-ବିକାରେ ସମୟ ବିତିବ। ବୈବାହିକ ଜୀବନ ସୁଖମୟ ହେବ। ନୂତନ ଜମି କ୍ରୟ କରିପାରନ୍ତି।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ ଖୁସି ଖବର ପାଇପାରନ୍ତି। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। ହାତେ ମାପି ଚାଖଣ୍ଡେ ଚାଲନ୍ତୁ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ ହସଖୁସିର ସମୟ ବିତାଇପାରନ୍ତି। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। ନିବେଶରୁ ଲାଭବାନ ହୋଇପାରନ୍ତି।

# ୫୨ ହଜାର ପରିବାରକୁ କେନ୍ଦ୍ରର 'ଜଳ ବାସନ୍ଦ'

■ ୨ ବର୍ଷ ହେଲା ଟାଳଟୁଳ ନୀତି କରୁଛି କେନ୍ଦ୍ର ସରକାର
■ ଏଯାଏ ଥରେ ବି କେନ୍ଦ୍ରରେ ଦାବି କରିନାହାନ୍ତି ସାଂସଦ
■ ୧୫୮ କୋଟି ଟଙ୍କା ଖର୍ଚ୍ଚ ପରେ ବି ପ୍ରକଳ୍ପ ଅଚଳ

**ଯାଜପୁର, ୧୨।୨(ସମିସ):** ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସରିଛି। ଦୈନିକ ୧୮ ନିୟୁତ ଲିଟର ଜଳ ଅମଳ ପାଇଁ ଇନ୍‌ଟେକ୍ ୱେଲ, ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ଓଭରହେଡ୍ ଟାଙ୍କି ମଧ୍ୟ ନିର୍ମାଣ ସରିଛି। ମାତ୍ର ଜାତୀୟ ରାଜପଥରେ ପାଇପ୍ ବିଛାଇବା ପାଇଁ ୨ ବର୍ଷ ହେଲା କେନ୍ଦ୍ର ସରକାରଙ୍କ ଅନୁମତି ମିଳୁନାହିଁ। ଫଳରେ ୫୨ ହଜାର ପରିବାର ପାନୀୟ ଜଳରୁ ବାସନ୍ଦ ହୋଇଛନ୍ତି। ଏଭଳି ବିକଳ ଚିତ୍ର ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍‌ରେ ଦେଖିବାକୁ ମିଳିଛି। ୧୫୮ କୋଟି ଟଙ୍କାରୁ ଅଧିକ ଅନୁଦାନରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରୁ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।

ଦଶରଥପୁର ବ୍ଲକବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ, ୨୦୨୦ ମସିହାରେ ବୈତରଣୀ ନଦୀ ସିଦ୍ଧେଶ୍ୱର ଘାଟରୁ ଦୈନିକ ୧୮ ନିୟୁତ ଲିଟର ପାନୀୟ ଜଳ ଉତ୍ତୋଳନ ସହ ଜଳ ଯୋଗାଣ ପାଇଁ ପ୍ରକଳ୍ପ ନିର୍ମାଣ ହୋଇଥିଲା। ୨୦୨୩ ସୁଦ୍ଧା ସିଦ୍ଧେଶ୍ୱର ଠାରେ ଇନ୍‌ଟେକ୍ ୱେଲ, ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ସମେତ ଦଶରଥପୁର ବ୍ଲକ୍‌ର ୩୫ ଗୋଟି ଗ୍ରାମ ପଞ୍ଚାୟତର ସଦର ମହକୁମାରେ ଓଭରହେଡ୍ ଟାଙ୍କି ନିର୍ମାଣ ସରିଛି। ଦଶରଥପୁର ବ୍ଲକ୍‌ର ୧୫୧ ଗୋଟି ଗ୍ରାମରେ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ଲାଇନ୍ ମଧ୍ୟ ବିଛା ସରିଛି। ୨୦୨୪ ଜାନୁଆରୀ ମାସରେ ଦଶରଥପୁର ବ୍ଲକ୍‌ବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ। ଦଶରଥପୁର ବ୍ଲକ୍‌ର ମଧ୍ୟଭାଗରେ ଯାଇଥିବା ଯାଜପୁର-କୟାଁଗୋଲା ରାସ୍ତାଟି ଜାତୀୟ ରାଜପଥଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ଏହି ଜାତୀୟ ରାଜପଥ ପାର୍ଶ୍ୱରେ ପାଇପ୍ ଲାଇନ୍ ବିଛାଯିବା ପାଇଁ ୨ ବର୍ଷ ହେଲା କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଦଶରଥପୁର ବ୍ଲକରେ ୮୨ କିଲୋମିଟର ପାଇପ୍ ବିଛା ସରିଥିଲେ ବି ଜାତୀୟ ରାଜପଥର ପାର୍ଶ୍ୱରେ ୫ କିଲୋ ମିଟର ପାଇପ୍ ବିଛା ହୋଇ ପାରୁ ନଥିବାରୁ ସମଗ୍ର ଦଶରଥପୁର ବ୍ଲକ୍‌ବାସୀ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି।



ରାଜ୍ୟରେ ଡବଲ୍ ଇଞ୍ଜିନ ସରକାର ଆସିବା ପରେ, ଆଶା କରାଯାଉଥିଲା, ଦଶରଥପୁର ବ୍ଲକରେ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଆଗ୍ରହ ଦେଖାଇବେ। ବିଜେପି ନେତୃବୃନ୍ଦ ନିଜର ଶାସକ ଦଳ ପ୍ରଭାବ ପ୍ରଦର୍ଶନ ପାଇଁ ୭ ମାସ କାଳ ବ୍ୟାକୁଳ ଥିବା ବେଳେ, ଦଶରଥପୁର ବ୍ଲକର ୫୨ ହଜାର ପରିବାରଙ୍କ ପାନୀୟ ଜଳ ଚିନ୍ତା କଥା ସେମାନେ ଏକ ରକମ ଭୁଲି ଗଲେଣି। ଦଶରଥପୁର ବ୍ଲକର ୧୨ଟି ପଞ୍ଚାୟତର ଭୂତଳ ଜଳ ଲବଣାକ୍ତ ହୋଇ ପଡ଼ିଥିବାରୁ ଏହି ପଞ୍ଚାୟତବାସୀ ବୈତରଣୀ ନଦୀର ମଧୁର ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଦଶରଥପୁର ବ୍ଲକ୍‌ରେ ଗ୍ରୀଷ୍ମକାଳରେ ପାନୀୟ ଜଳ ସମସ୍ୟା ଅତ୍ୟନ୍ତ ଉତ୍କଟ ହୋଇଥାଏ। ଦଶରଥପୁର ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ୍ ବିଛାକାର୍ଯ୍ୟ ପାଇଁ ଡବଲ ଇଂଜିନ୍ ସରକାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଠାରୁ ବିହିତ ଅନୁମତି ପତ୍ର ହାସଲ କରିବା ପାଇଁ ଉଦ୍ୟମ କରିବା ଜରୁରି ହୋଇ ପଡ଼ିଛି। ମାତ୍ର ଏ ସମ୍ପର୍କରେ ରାଜ୍ୟ ସରକାର ଚୁପ୍ ହୋଇ ବସିଛନ୍ତି ଓ ଯାଜପୁରରୁ ନିର୍ବାଚିତ ହୋଇଥିବା ସାଂସଦ ଏଥିନେଇ ଗତ ୮ ମାସରେ ଥରଟିଏ ମଧ୍ୟ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିନାହାନ୍ତି । ଯାହାଦ୍ୱାରା ୫୨ ହଜାର ପରିବାରର ପ୍ରାୟ ୨ ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଖର୍ଚ୍ଚ ହୋଇଥିବା ଶହଶହ କୋଟି ଅକାରଣେ ପଡ଼ି ରହିଛି।

■ ସର୍ବଦଳୀୟ ବୈଠକ

# ସହଯୋଗ ଲୋଡ଼ିଲେ ବାଚସ୍ପତି



**ଭୁବନେଶ୍ୱର,୧୧।୨(ସମିସ):** ୧୩ ତାରିଖରୁ ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ତଥା ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏହା ପୂର୍ବରୁ ବୁଧବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ସର୍ବଦଳୀୟ ବୈଠକ। ଶାନ୍ତିଶୃଙ୍ଖଳାର ସହ ଗୃହ ସୁପରିଚାଳନା ପାଇଁ ବାଚସ୍ପତି ସବୁ ଦଳର ନେତାଙ୍କ ସହ ଆଲୋଚନା କରିବା ସହ ସହଯୋଗ ଲୋଡ଼ିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ ଯୋଗଦେଇଥିଲେ ।

ବୈଠକ ପରେ ବାଚସ୍ପତି କହିଛନ୍ତି ଯେ ବିଧାନସଭା ସୁରୁଖୁରୁରେ ହେବା ନେଇ ସର୍ବଦଳୀୟ ବୈଠକରେ ଆଲୋଚନା ହୋଇଛି। ଚଳିତ ଅଧିବେଶନରେ ମୋଟ ୨୮ଟି କାର୍ଯ୍ୟ ଦିବସ ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ୧୭ ତାରିଖରେ ବଜେଟ ଉପସ୍ଥାପନ କରିବେ। ଆଗାମୀ ଅଧିବେଶନର କାର୍ଯ୍ୟସୂଚୀ, ସମୟ ସାରଣୀ ସମ୍ପର୍କରେ ସର୍ବଦଳୀୟ ବୈଠକରେ ଆଲୋଚନା ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ବୈଠକ ସମ୍ପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବଜେଟ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଛି। ସଭିଙ୍କ ସହଯୋଗରେ ଗୃହ ସୁରୁଖୁରୁରେ ଚାଲିବ ବୋଲି ଡ. ମହାଲିଙ୍ଗ ଆଶାପ୍ରକାଶ କରିଛନ୍ତି।

# ବିଧାନସଭା ପାଇଁ ବିରୋଧୀଙ୍କ ରଣନୀତି



## ବିଜେଡି ଉଠାଇବ ଲୋକଙ୍କ ରୋଷ ଓ ଅସନ୍ତୋଷ

■ ପ୍ରସଙ୍ଗ ହେବ ଅବହେଳା, ମୂଲ୍ୟବୃଦ୍ଧି, କଟନୀଛଟନୀ, ବିଫଳ ଅର୍ଥନୀତି
■ ବିକାଶ ପ୍ରତିଶ୍ରୁତି ଦେଇ ଓଡ଼ିଶାର ଦୋହରା କ୍ଷତି କରୁଛି ଡ଼ବଲ ଇଞ୍ଜିନ

**ଭୁବନେଶ୍ୱର,୧୨।୨(ସମିସ):** ଗତ ୮ ମାସର ବିଜେପି ସରକାରରେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ଏକ ନିମ୍ନଗାମୀ ଲକ୍ଷଣ ପରିଲକ୍ଷିତ ହେଉଛି। ଏହା ସାରା ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ଲୋକେ ଆତଙ୍କିତ । ୯ ମାସ ମଧ୍ୟରେ ଅର୍ଥନୀତିର ବିଫଳ ପରିଚାଳନା ଓଡ଼ିଶାକୁ ବହୁବର୍ଷ ପଛକୁ ନେଇ ଯାଇଛି। ପ୍ରମୁଖ ବିରୋଧୀ ଦଳ ଭାବେ ଓଡ଼ିଶାବାସୀଙ୍କ ଜନ ଜୀବନ ସମସ୍ୟା, କ୍ରୋଧ, ରୋଷ, ଅସନ୍ତୋଷ ଏବଂ ଆଶଙ୍କାକୁ ଗୃହରେ ପ୍ରତିଫଳିତ କରିବା ବିଜେଡିର ଧର୍ମ। ଏହି ଧର୍ମକୁ ସୁଚାରୁ ପାଳନ ନିମନ୍ତେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଧାୟକ ଦଳ ବୈଠକରେ ପରାମର୍ଶ ଦେଇଛନ୍ତି ।

ଶଙ୍ଖ ଭବନରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ନବୀନ କହିଛନ୍ତି ଯେ ଡ଼ବଲ ଇଞ୍ଜିନ ସରକାର ଆଠ ମାସ ହେଲା ଦାୟିତ୍ୱ ନେଲଣି; କିନ୍ତୁ ତାଙ୍କ ଦୃଷ୍ଟିଭଙ୍ଗୀ ଓ କାର୍ଯ୍ୟଧାରାରେ ଓଡିଶା ତଥା ଓଡିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ପ୍ରତିଫଳିତ ହେଉ ନାହିଁ। କେନ୍ଦ୍ର ବଜେଟ ଠାରୁ ଆରମ୍ଭ କରି ରେଳ ବଜେଟ, ପୋଲାଭରମ, ମହାନଦୀ ,ପୂର୍ବତଟ ରେଳ ,ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଓଡିଶାର ସ୍ୱାର୍ଥ ଉପେକ୍ଷିତ। ଧାନ ସଂଗ୍ରହ ପ୍ରକ୍ରିୟା , ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ,ଆର୍ଥିକ କୁପରିଚାଳନା ତଥା ମିଶନ ଶକ୍ତି ଗୋଷ୍ଠୀଙ୍କ ସମସ୍ୟା ଆଇନ ଶୃଙ୍ଖଳା ଆଦି ବିଭିନ୍ନ ପ୍ରସଙ୍ଗ ରେ ରାଜ୍ୟ ସରକାରଙ୍କ ଅପାରଗତା ଜନ ଅସନ୍ତୋଷ ସୃଷ୍ଟି କରିଛି । ତେଣୁ ଏକ ଦାୟିତ୍ୱପୂର୍ଣ୍ଣ ବିରୋଧୀ ଭାବରେ ବିଜେଡି ଓଡିଶା ଓ ଓଡିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବିଧାନସଭାରେ ଦୃଢ଼ ସ୍ୱର ଉଠାଇବ ନବୀନ କହିଛନ୍ତି। ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଡ. ଅରୁଣ ସାହୁ, ବିଧାୟକ ଅରବିନ୍ଦ ମହାପାତ୍ର, ବିଧାୟକ ଗୌତମବୁଦ୍ଧ ଦାସ, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଦିବ୍ୟଶଙ୍କର ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରଙ୍କୁ ଘେରିବାକୁ କଂଗ୍ରେସର ଲମ୍ବା ତାଲିକା

■ ବାରବାଟୀ, କଟନୀଛଟନୀକୁ ନେଇ ଗର୍ଜିବ ଦଳ
■ କୋଟିଆ ଓ ପୋଲାଭରମ ପ୍ରସଙ୍ଗରେ ଲୋଡ଼ିବ ଉତ୍ତର

**ଭୁବନେଶ୍ୱର,୧୨।୨(ସମିସ):** ଗୁରୁବାରଠାରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନରେ ବିଜେପି ସରକାରକୁ ଅଠାକାଠିରେ ପକାଇବା ପାଇଁ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଛି। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଯେଉଁ ପ୍ରସଙ୍ଗଗୁଡ଼ିକରେ ବିଜେପି ସରକାର ବ୍ୟାକ୍‌ଫୁଟ୍‌ରେ ଅଛନ୍ତି, ଦଳ ଏହାର ତାଲିକା ପ୍ରସ୍ତୁତ କରିଛି। ବୁଧବାର ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକମାନେ ଏ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି। ଶ୍ରୀ କାଡ଼ାମ କହିଛନ୍ତି ଯେ ସରକାରଙ୍କୁ ଘେରିବାକୁ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ରାଜ୍ୟରେ ବର୍ତ୍ତମାନ ଭୁଶୁଡ଼ି ପଡ଼ିଥିବା ଆଇନ୍ ଶୃଙ୍ଖଳା ପରସ୍ଥିତି ନେଇ ଦଳ ସରକାରଙ୍କୁ ଘେରିବ ବୋଲି ସେ କହିଛନ୍ତି। ୩୦୦ ୟୁନିଟ୍ ମାଗଣା ବିଜୁଳି ବଦଳରେ ଲୋକଙ୍କ ଉପରେ କାହିଁକି ସ୍ମାର୍ଟ ମିଟର ଲଗାଇବାକୁ ଜୁଲମ କରାଯାଉଛି, ସେନେଇ ଦଳ ସରକାରଙ୍କୁ ପ୍ରଶ୍ନ କରିବ । ସରକାରକୁ ଆସିଲେ ଅଧାଦେଶ ଆଣି ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ କରିବ ବୋଲି ବିଜେପି କହିଥିଲା; କିନ୍ତୁ ୮ ମାସ ପରେ ବି କାହିଁକି ରାଜ୍ୟବାସୀ ଏହି ଟଙ୍କା ଫେରସ୍ତ ପାଇପାରିନାହାନ୍ତି । କଟନୀ-ଛଟନୀ, ଚାଷୀ ମୃତ୍ୟୁ, କେନ୍ଦ୍ର ବଜେଟ୍‌ରେ ଓଡ଼ିଶାକୁ ଅବହେଳା ସାଙ୍ଗକୁ କୋଟିଆ ପ୍ରସଙ୍ଗରେ ସରକାରଙ୍କ ନିରବତା, କଣାସ ହଇଜା ମୃତ୍ୟୁ, ଦରଦାମ ବୃଦ୍ଧି ଭଳି ପ୍ରସଙ୍ଗକୁ କଂଗ୍ରେସ ବିଧାନସଭାରେ ଉଠାଇବ ବୋଲି ଶ୍ରୀ କାଡ଼ାମ କହିଛନ୍ତି। ଉପନେତା ଅଶୋକ ଦାସ କହିଛନ୍ତି ଯେ ଭାରତ ବିଶ୍ୱଗୁରୁ ହେବ ବୋଲି ବିଜେପି କହି ଆସୁଛି। ମାତ୍ର ବାରବାଟୀ ମ୍ୟାଚ୍ ସମୟରେ ସରକାରଙ୍କ ଅପାରଗତା ଯୋଗୁଁ ଓଡ଼ିଶା ଆଜି ସାରା ବିଶ୍ୱରେ ନିନ୍ଦିତ ହୋଇଛି। ବର୍ତ୍ତମାନ ରାଜ୍ୟର ସମସ୍ତ ବ୍ଲକରେ ବିଜେପି କର୍ମୀ ଅଚଳାବସ୍ଥା ଲଗାଇ ରଖିଛନ୍ତି । ସମସ୍ତ ବିକାଶମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ଆଇନଶୃଙ୍ଖଳା ସ୍ଥିତି ବିଶେଷ କରି ନାବାଳିକା ଦୁଷ୍କର୍ମ, ଦରଦାମ ସାଙ୍ଗକୁ ବେକାରୀ ଭଳି ପ୍ରସଙ୍ଗରେ ମଧ୍ୟ ସରକାରଙ୍କୁ ଦଳ ଘେରିବ ବୋଲି ସେ କହିଛନ୍ତି ।



# ଯୁବତୀଙ୍କୁ ମାରି ପୋଡ଼ିଦେଲେ

**ରାଉରକେଲା,୧୨।୨(ସମିସ):** ଚାନ୍ଦିପୋଷ ଥାନା କୁମାକେଲା ବ୍ରିଜ୍ ତଳୁ ଜଣେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ଯୁବତୀଙ୍କ ପରିଚୟ ମିଳି ପାରିନାହିଁ। କେହି ଦୁର୍ବୃତ୍ତ ଯୁବତୀଙ୍କୁ ତଣ୍ଟି କାଟି କେହି ହତ୍ୟା କରିବା ପରେ କିରାସିନି ଢାଳି ପୋଡ଼ି ଦେଇଥିବା ପୁଲିସ୍ ସନ୍ଦେହ କରୁଛି।

ସୂଚନାଯୋଗ୍ୟ, ଚାନ୍ଦିପୋଷ ଥାନା ରେକ୍ସନ ଷ୍ଟ୍ରିପ୍ ସ୍ପଞ୍ଜ ଆଇରନ୍ କାରଖାନା ନିକଟବର୍ତ୍ତୀ କୁମାକେଲା ବ୍ରିଜ୍ ତଳେ ଏକ ଅର୍ଦ୍ଧଦଗ୍ଧ ଶବ ପଡ଼ିଥିବା ନେଇ କିଛି ଲୋକ ଚାନ୍ଦିପୋଷ ଥାନାକୁ ଜଣାଇବା ପରେ ଚାନ୍ଦିପୋଷ ଥାନା ଅଧିକାରୀ ସବିତା ପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଯୁବତୀଙ୍କ ବୟସ ୨୫ରୁ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଯୁବତୀଙ୍କ ବେକରେ ଗଭୀର କ୍ଷତ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଯୁବତୀଙ୍କୁ ଅନ୍ୟ କେଉଁଠି ହତ୍ୟା କରି ପୋଲ ତଳେ କିରାସିନି ଢାଳି ପୋଡ଼ିଥିବା ପୁଲିସ ସନ୍ଦେହ କରୁଛି। ପୁଲିସ୍ ଶବ ଜବତ କରି ପଞ୍ଚନାମା କରିବା ପରେ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଛି। ଯୁବତୀଙ୍କ ପରିଚୟ ମିଳି ପାରିନଥିବାରୁ ଶବକୁ ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସ୍‌ରେ ରଖାଯାଇଛି। ଘଟଣାସ୍ଥଳରୁ ଏକ ପ୍ଲାଷ୍ଟିକ ବୋତଲ ଜବତ କରାଯାଇଛି।

■ ବ୍ରିଜ୍ ତଳୁ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର
■ ପରିଚୟ ଖୋଜୁଛି ପୁଲିସ

ଯୁବତୀଜଣଙ୍କ ପାଦ ଆଙ୍ଗୁଠିରେ ଝୁଣ୍ଟିଆ ପିନ୍ଧିଥିବାରୁ ସେ ବିବାହିତା ବୋଲି ଅନୁମାନ କରାଯାଉଛି। ତେବେ ସେ ଗର୍ଭବତୀ ନ ଥିବା କି ତାଙ୍କ ପ୍ରତି ଦୁଷ୍କର୍ମ ହୋଇନଥିବା ତଦନ୍ତ ବେଳେ ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରୁ ଯୁବତୀଙ୍କର ଗୋଟିଏ ପାଦର ଚପଲ ମଧ୍ୟ ଜବତ କରିଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ସନ୍ଦେହ କରାଯାଉଛି ଯେ ପାରିବାରିକ କଳକକୁ କେନ୍ଦ୍ର କରି ନିଜ ସମ୍ପର୍କୀୟମାନେ ବିବାହିତା ଯୁବତୀଙ୍କୁ ଯୋଜନାବଦ୍ଧ ଭାବେ ତଣ୍ଟି କାଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବାକୁ ଯାଇ ତାର ମୁହଁରେ କିରାସିନି ଢାଳି ପୋଡ଼ି ଦେଇଛନ୍ତି। ଚାନ୍ଦିପୋଷ ଥାନା ପୁଲିସ ଏହି ଘଟଣାରେ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବିଧାନସଭାରେ 'ଡିଜିଟାଲ ହାଉସ'ର ଶୁଭାରମ୍ଭ

**ଭୁବନେଶ୍ୱର,୧୨।୨(ସମିସ):** ବୁଧବାର ବିଧାନସଭା ଗୃହ ମଧ୍ୟରେ ବାଚସ୍ପତି ସୁରମା ପାଢୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଡିଜିଟାଲ ହାଉସ'ର ଶୁଭାରମ୍ଭ କରିଛନ୍ତି । ଇ-ବିଧାନସଭା ଆପ୍ଲିକେସନ ଅଧୀନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପଦକ୍ଷେପ ଫଳରେ ଆମର ବିଧାନସଭା ଏକ ଡିଜିଟାଲ ଯୁଗକୁ ଆଉ ଏକ ପାଦ ଅଗ୍ରସର ହେଲା। ଆଜିଠାରୁ ଏହି ଗୃହ 'ନେଭା ଡିଜିଟାଲ ହାଉସ୍' ଭାବରେ ପରିଗଣିତ ହେଲା । ଏଣିକି ବିଧାନସଭାରେ ଗୃହର ସବୁ କାର୍ଯ୍ୟକ୍ରମ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ହେବ। ଏହା ଗୃହର ସମସ୍ତ ସଦସ୍ୟଙ୍କ ପାଇଁ ନିଶ୍ଚିତ ଭାବରେ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ବିଧାନସଭାର ସମସ୍ତ ସଦସ୍ୟ ସେମାନଙ୍କ ମୋବାଇଲ କିମ୍ବା ଅନ୍ୟ କୌଣସି ଡିଜିଟାଲ ଡିଭାଇସରେ ରିଏଲ ଟାଇମ ତଥ୍ୟ ପାଇପାରିବେ । ଗୃହର କାର୍ଯ୍ୟକ୍ରମର ଯେ କୌଣସି ସମୟର ତଥ୍ୟ ସେହି ସମୟରେ ହିଁ ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ ମତପ୍ରକାଶ କରିଛନ୍ତି।

ବାଚସ୍ପତିଙ୍କ ଉପସ୍ଥିତିରେ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଏହି ଅବସରରେ ବାଚସ୍ପତି କହିଛନ୍ତି ଯେ ଆଜି ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ୍‌ର ଶୁଭାରମ୍ଭ ହୋଇଛି। ଏହା ଦ୍ୱାରା ସମସ୍ତ କାର୍ଯ୍ୟ ପେପରଲେସ୍ ହେବା ସହ ଖୁବ୍‌ଶୀଘ୍ର ମଧ୍ୟ ସମ୍ଭବ ହୋଇପାରିବ । ଗୃହର ଯେକୌଣସି କାର୍ଯ୍ୟସୂଚୀର ସୂଚୀ ଉପରେ ଇ-ଭୋଟିଂ, ସଦସ୍ୟ ବା ସଦସ୍ୟାମାନଙ୍କ ଇ-ଉପସ୍ଥିତି, ଗୃହ କାର୍ଯ୍ୟର ସୂଚୀଗୁଡିକର ଡିଜିଟାଲ୍ ଡିସପ୍ଲେ ସିଷ୍ଟମ୍, ବକ୍ତା ଏବଂ ସଦସ୍ୟ ବା ସଦସ୍ୟାମାନଙ୍କ ଆଲୋଚନା ସମୟ ପରିଚାଳନା ଆଦି ଅନେକ କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି। ଜାତୀୟ ଇ-ବିଧାନ ଆପ୍ଲିକେସନ୍ ବା ନେଭା ହେଉଛି ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ୪୪ଟି ମିଶନ ମୋଡ ପ୍ରକଳ୍ପ ମଧ୍ୟରୁ ଗୋଟିଏ। ବର୍ତ୍ତମାନ ସୁଦ୍ଧା ପୂରା ଦେଶରେ ଲୋକସଭା ଓ ରାଜ୍ୟସଭା, ଓଡ଼ିଶା ବ୍ୟତୀତ ମୋଟ ୧୬ଟି ବିଧାନସଭା ଗୃହରେ ନେଭା କାର୍ଯ୍ୟକାରୀ ହୋଇ ହୋଇଛି।

## ଉପାନ୍ତ ରାୟଗଡ଼ା ଜିଲ୍ଲାରେ ଶ୍ରମିକଙ୍କ ଦୁଃଖ ଅସରନ୍ତି

# ବର୍ଷକରେ ଫେରିଲାଣି ୧୦ ଦାଦନଙ୍କ ଶବ

**ରାୟଗଡ଼ା,୧୨।୨(ସମିସ):** ଡବଲ ଇଞ୍ଜିନ ସରକାର ଶାସନ ଗାଦିକୁ ଆସିଲେ ଓଡ଼ିଶାରେ ଦାଦନ ସମସ୍ୟା ଦୂର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ରାୟଗଡ଼ା ଭଳି ଉପାନ୍ତ ଜିଲ୍ଲାବାସୀ ଦାଦନ ସମସ୍ୟା ହ୍ରାସ ପାଇବ ବୋଲି ଆଶା ବାନ୍ଧିଥିଲେ। ମାତ୍ର ଏହା ଆଶାରେ ରହିଯାଇଛି। ଆଜି ମଧ୍ୟ ଜିଲ୍ଲାରେ କାମଧନ୍ଦା ନ ପାଇ ବେରୋଜଗାର ପରିବାର, ଯୁବକଯୁବତୀମାନେ ପେଟପାଟଣା ପାଇଁ ଦକ୍ଷିଣ ଭାରତର ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, କେରଳ ଭଳି ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେଠାରେ ଅନେକ ସମୟରେ କୌଣସି ନା କୌଣସି କାରଣରୁ ମୃତ୍ୟୁମୁଖରେ ପଡୁଛନ୍ତି। ବିଡ଼ମ୍ବନା ହେଉଛି ପେଟ ପୋଷିବାକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ସେଠାରେ ପ୍ରାଣ ହରାଉଛନ୍ତି। ୨୦୨୪ରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ କାମ ପାଇଁ ଅନ୍ୟ ରାଜ୍ୟକୁ ଯାଇଥିବା ୧୦ ଜଣ ଦାଦନ ପ୍ରାଣ ହରାଇଥିବା ଖବର ଜିଲ୍ଲାର ସ୍ଥିତିକୁ ଅନିୟନ୍ତ୍ରିତ କରିଛି। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ମୃତଦେହ ଆଣିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ହସ୍ତକ୍ଷେପ ପରେ ମୃତଦେହକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଉଛି।





ଜିଲ୍ଲା ଶ୍ରମ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହାରେ ସର୍ବାଧିକ ୧୦ଜଣ ଦାଦନ ଶ୍ରମିକଙ୍କ ମୃତଦେହ ରାୟଗଡ଼ା ଫେରିଛି। ଗୋଟିଏ ପଟେ ସରକାର ଦାଦନ ଶ୍ରମିକଙ୍କ ସମସ୍ୟା ସମାଧାନ କରିବା ପାଇଁ ମନରେଗା ଯୋଜନାରେ କୋଟି କୋଟି କାର୍ଯ୍ୟଦିବସ ସୃଷ୍ଟି କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ରାୟଗଡ଼ା ଭଳି ଉପାନ୍ତ ଜିଲ୍ଲାରେ ଗଢିଉଠିଥିବା ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଥାଇ ମଧ୍ୟ ଦାଦନ ରୋକିବାରେ ଏକ ପ୍ରକାର ବିଫଳ ହେଉଥିବା ନେଇ ଶ୍ରମ ସଂଗଠନମାନେ ଅଭିଯୋଗ କରିଛନ୍ତି।

ଜିଲ୍ଲାର କାଶୀପୁର, କଲ୍ୟାଣସିଙ୍ଗପୁର, ମୁନିଗୁଡା, ବିଷମକଟକ, କୋଲନରା ଆଦି ବ୍ଲକର ଅନେକ ଗ୍ରାମାଞ୍ଚଳରୁ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ବହୁ ସଂଖ୍ୟାରେ ଗରିବ ପରିବାର, ଶିକ୍ଷିତ ଯୁବକଯୁବତୀ, ବେରୋଜଗାର ଲୋକେ ଯାଉଛନ୍ତି। ତେବେ ଜିଲ୍ଲାରୁ କେତେ ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି ତାହାର ତଥ୍ୟ ବିଭାଗ ପାଖରେ ନ ଥିବାବେଳେ ସମସ୍ତ ବ୍ଲକ ଓ ପଞ୍ଚାୟତସ୍ତରରେ ଲୋକଙ୍କୁ ପ୍ରବାସୀ ଶ୍ରମିକ ଆଇନ, ଶିଶୁ ଶ୍ରମିକ ନିରୋଧ ଆଇନ ଏବଂ ଶ୍ରମିକମାନଙ୍କୁ ସରକାରଙ୍କ ତରଫରୁ ମିଳୁଥିବା ଯୋଜନା ବିଷୟରେ କେବଳ ସଚେତନତା ରଥ ମାଧ୍ୟମରେ ସଚେତନ କରାଯାଉଥିବା ନେଇ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ କରି ସାରି ଦିଆଯାଉଥିବା ବେଳେ ଜିଲ୍ଲାରେ ଦାଦନ ଶ୍ରମିକ ସମସ୍ୟାର ଅନ୍ତ ହେଉନାହିଁ।

# ସୁନାଦର ବୃଦ୍ଧି ଯୋଗୁଁ ବଢୁଛି ଛିନ୍‌ତାଇ ଓ ଲୁଟ୍ !

ବ୍ରହ୍ମପୁର,୧୨ ।୨(ସମିସ)

ସୁନାଦର ଆକାଶଛୁଆଁ । ଏକ ଭରି ବା ୧୦ଗ୍ରାମ ସୁନାର ମୂଲ୍ୟ ୮୦ହଜାର ଟପିଛି । ୨ମାସ ମଧ୍ୟରେ ଅର୍ଥାତ୍ ଧନତରେଶ ଠାରୁ ବର୍ତ୍ତମାନ ସୁଦ୍ଧା ଭରି ପିଛା ୨୨କ୍ୟାରେଟ ସୁନାର ମୂଲ୍ୟ ପ୍ରାୟ ୨୦ହଜାର ଟଙ୍କା ବୃଦ୍ଧି ପାଇଛି । ସୁନାଦର ବୃଦ୍ଧି ପାଇବା ଯେତିକି ଚିନ୍ତା ବଢାଇଛି ତାହାଠାରୁ ଅଧିକ ଏଥିପାଇଁ ବୃଦ୍ଧି ପାଉଥିବା ଅପରାଧକୁ ନେଇ ସାଧାରଣରେ ଚିନ୍ତା ବଢିଯାଇଛି । ସୁନାଦର ବୃଦ୍ଧି ଯୋଗୁଁ କମ୍ ସମୟରେ ଅଧିକ ଉପର୍ଜନର ସୁବିଧା ଉପାୟ ପାଇଛନ୍ତି ଅପରାଧି । ଆଉ ଏକ୍ଷେତ୍ରରେ ଯୁବପିଢ଼ି ସବୁଠାରୁ ଆଗରେ । ଆଗକୁ ସୁନାର ମୂଲ୍ୟ ବଢିବ କିମ୍ବା କମିବ ତାହା କହିବା ମଧ ମୁସକିଲ ବୋଲି କହିଛନ୍ତି ସୁନା ଓ ଅଳଙ୍କାର ବ୍ୟବସାୟୀ ଅଶୋକ ଲୋହିୟା । ସେପଟେ ସୁନାଦର ବୃଦ୍ଧି ଅପରାଧ ବଢିବାର ଅନ୍ୟତମ ପ୍ରମୁଖ କାରଣ ବୋଲି ଜଣାପଡ଼ିଛି । ଏହାଦ୍ୱାରା ଲୁଟତରାଜ ଓ ଛିନତାଇ ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଣୁ ବର୍ତ୍ତମାନ ପରିସ୍ଥିତିରେ ଦିନକୁ ଦିନ ବୃଦ୍ଧି ପାଉଥିବା ଅପରାଧିକ କାର୍ଯ୍ୟକଳାପ ପଛରେ ସୁନାଦର ବୃଦ୍ଧି ଆଉ ଏକ ପ୍ରମୁଖ କାରଣ ବୋଲି ଜଣାପଡିଛି । ଏଭଳି ପରିସ୍ଥିତିରେ ପୁଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂକୁ କଡାକଡି କରାଯିବା ସହ ଲୁଟ ଓ ଛିନତାଇ ପରେ ଅପରାଧିମାନେ ମୂଲ୍ୟବାନ ଅଳଙ୍କାର ଗୁଡିକୁ ବିଭିନ୍ନ ଜୁଏଲରୀ ଦୋକାନରେ ବିକ୍ରୀ କରୁଥିବା ନଜିର ରହିଛି । ସେଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ଅଳଙ୍କାର ବ୍ୟବସାୟୀଙ୍କୁ ମଧ ସଚେତନ ଓ ଆବଶ୍ୟକ ସ୍ଥଳେ ତାଗିଦ କରିବାର ସମୟ ଆସିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଆଗକୁ ଆଇପିଏଲ୍; ବେଟିଂକୁ ନେଇ ଚିନ୍ତା

ଆଗକୁ ପୁଣି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ସାଙ୍ଗକୁ ଆଇପିଏଲ କ୍ରିକେଟ ରହିଛି । ଏହି ସମୟରେ ବେଟିଂ ଓ ଏଥି ଜନିତ ଅପରାଧ ବୃଦ୍ଧି ପାଇବାର ଆଶଙ୍କା ରହିଛି । ସାଧାରଣତଃ ଯୁବପିଢ଼ି କ୍ରିକେଟରେ ବେଟିଂ ଲଗାଇ ସର୍ବସ୍ୱାନ୍ତ ହୋଇ ଅପରାଧ କରିବାକୁ ପଛାଉ ନ ଥିବା ଦେଖିବାକୁ ମିଳିଛି । ସୁନାଦର ବୃଦ୍ଧି ଯୋଗୁଁ ଲୁଟ ଓ ଛିନତାଇ ଭଳି ଘଟଣା ଭିଆଇ କମ୍ ସମୟରେ ଅଧିକ ଉପାର୍ଜନ କରିବାର ସୁଯୋଗକୁ ହାତଛଡା କରିବାକୁ ଚାହୁଁନାହାନ୍ତି । ଅନେକସ୍ଥଳେ ଧରାପଡିଯିବା ଭୟରେ ହତ୍ୟା ଉଦ୍ୟମ ଭଳି ଅପରାଧ ମଧ ଘଟାଉଛନ୍ତି ।



ବ୍ରହ୍ମପୁରରେ ପୁଲିସ ପାଟ୍ରୋଲିଂ ଗାଡ଼ିକୁ ଦଉଡ଼ିରେ ଟଣାଯାଉଛି

## ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ୍

ବ୍ରହ୍ମପୁର,୧୨ ।୨(ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ କିଶନ ଦାସ । ଜେଲ ଦଣ୍ଡ ସହ ଅଭିଯୁକ୍ତଙ୍କୁ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ଅତିରିକ୍ତ ୨ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ ଯେ, ୨୦୨୩ ମସିହା ଅକ୍ଟୋବର ମାସରେ ଭଞ୍ଜନଗର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଉକ୍ତ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି କିଶନ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମମାଲର ବିଚାରଣା ବେଳେ ଏକାଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ବୁଧବାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ କିଶନ କୋର୍ଟରେ ହାଜର ହୋଇଥିଲେ । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାନ୍ୟବର କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ । ଅପରପକ୍ଷେ ପିଡିତା ନାବାଳିକାଙ୍କୁ ୧୦ଲକ୍ଷ ୫୦ହଜାର ଟଙ୍କା ସହାୟତା ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି ।

## ଅଜଣା ବ୍ୟକ୍ତିଙ୍କ କଥାରେ ପଡ଼ି ଯୁବକ ହରାଇଲେ ୧୭ ହଜାର

ବ୍ରହ୍ମପୁର,୧୨ ।୨(ସମିସ): ଜଣେ ଅଜଣା ବ୍ୟକ୍ତିଙ୍କ କଥାକୁ ବିଶ୍ୱାସ କରି ଠକେଇର ଶିକାର ହୋଇ ୧୭ହଜାର ଟଙ୍କା ହରାଇଲେ ଲାଞ୍ଜିପଲ୍ଲୀ କେଶବ ନଗର ନିବାସୀ ସୁଧାଂଶୁ ପାତ୍ର । ସୁଧାଂଶୁଙ୍କୁ ୧୧ତାରିଖ ସକାଳେ ଏକ ଫୋନ ଆସିଥିଲା । ଫୋନ କରିଥିବା ବ୍ୟକ୍ତି ଜଣକ କରିୟର କର୍ମଚାରୀ ପରିଚୟ ଦେଇ ବିଭିନ୍ନ ପ୍ରତିଶ୍ରୁତି ଦେଇ ସୁଧାଂଶୁଙ୍କ ଆକାଉଣ୍ଟରୁ ୧୭ହଜାର ୯୯୭ଟଙ୍କା ଠକି ନେଇଥିଲା । ଠକେଇର ଶିକାର ହୋଇଥିବା ଜାଣିପାରି ସୁଧାଂଶୁ ତୁରନ୍ତ ସାଇବର ଥାନା ପରେ ବୈଦ୍ୟନାଥପୁର ଥାନାର ଦ୍ୱାରସ୍ଥ ହୋଇଥିଲେ । ସାଇବର ଥାନା ପୁଲିସ ଉକ୍ତ ଆକାଉଣ୍ଟକୁ ହଲଡ୍ କରିଥିବା ଜଣାପଡିଛି । ବୈଦ୍ୟନାଥପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ଅସଦାଚରଣ ମାମଲା ପ୍ରତ୍ୟାହାର ପାଇଁ ମହିଳାଙ୍କୁ ଧମକ

ବ୍ରହ୍ମପୁର,୧୨ ।୨(ସମିସ): ହୁଗୁଳାପଟା ଗ୍ରାମରେ ଥିବା ନଦୀ ହୁଡ଼ାରେ ଜଣେ ମହିଳାଙ୍କୁ ଦୁଇଜଣ ଦୁର୍ବୃତ୍ତ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ନିମଖଣ୍ଡି ଥାନା ଅଧିନ ହୁଗୁଳାପଟା ଗ୍ରାମରେ ଥିବା ନଦୀ ହୁଡ଼ାରେ ଜଣେ ମହିଳାଙ୍କୁ ବାପୁନୀ ଓ ଜଗନ୍ନାଥ ନାମକ ଦୁଇ ଯୁବକ ଅସଦାଚରଣ କରି ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ତଣ୍ଟି ଚିପିଥିଲେ । ମହିଳା ଜଣକ କିଛି ମାସ ପୂର୍ବେ ଅଭିଯୁକ୍ତଙ୍କ ବିରୋଧରେ ଗୋଟିଏ କେସ କରିଥିଲେ । ସେହି କେସ ଉଠାଇବାକୁ ଅଭିଯୁକ୍ତମାନେ କହିଥିଲେ । ଏନେଇ ମହିଳା ଜଣକ ମନା କରିଥିଲେ । କେସ ନ ଉଠାଇଲେ ହେଲେ ତୋ ପିଲାକୁ ଜୀବନ ମାରିଦେବୁ ବୋଲି ଅଭିଯୁକ୍ତ ମାନେ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି ।

## ଜିଲ୍ଲାରେ ଯୁକ୍ତଦୁଇ ପରୀକ୍ଷା ଦେବେ ୩୩ ହଜାର ଛାତ୍ରଛାତ୍ରୀ

# ୮୩ ପରୀକ୍ଷା କେନ୍ଦ୍ର; ୧୪ ସୁଦ୍ଧା ହବ୍‌ରେ ପହଞ୍ଚିବ ପ୍ରଶ୍ନପତ୍ର

ବ୍ରହ୍ମପୁର,୧୨ ।୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ପରୀକ୍ଷା ଚଳିତମାସ ୧୮ତାରିଖରୁ ଆରମ୍ଭ ହେବ । କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ସ୍ରୋତରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ । ମାର୍ଚ୍ଚ ୨୭ତାରିଖରେ ଯୁକ୍ତଦୁଇ ପରୀକ୍ଷା ଶେଷ ହେବ । ଉଚ୍ଚ

- କପି ରୋକିବାକୁ ପାଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା



ମାଧ୍ୟମିକ ଶିକ୍ଷା ପରିଷଦର ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ଅଧୀନସ୍ଥ ୮ଟି ଜିଲ୍ଲାରେ ମୋଟ ୪୭ଟି ପରୀକ୍ଷା ପରିଚାଳନା ହବ୍ ରହିଥିବା ବେଳେ ୨୫୪ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ଚଳିତବର୍ଷ ୮ଟି ଜିଲ୍ଲାର ୨୫୪ଟି କେନ୍ଦ୍ରରେ ସର୍ବମୋଟ ୮୨ହଜାର ୮୧୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ନିମନ୍ତେ ଫର୍ମ ପୂରଣ କରିଛନ୍ତି । ସେଥି ମଧ୍ୟରୁ ଗଞ୍ଜାମ ଜିଲ୍ଲାର ୧୭ଟି ପରୀକ୍ଷା ପରିଚାଳନା ହବ୍ ଅଧୀନରେ ୮୩ଟି ପରୀକ୍ଷା କେନ୍ଦ୍ର ରହିଛି । ଉକ୍ତ କେନ୍ଦ୍ରରେ ମୋଟ ୩୩ ହଜାର ୧୬୪ ଜଣ ଛାତ୍ରଛାତ୍ରୀ ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ସ୍ରୋତରେ ପରୀକ୍ଷା ଦେବେ । କଳା ସ୍ରୋତରେ ୧୯ହଜାର ୭୯୬ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୧୮ହଜାର ୮୯ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି । ସେହିପରି ଏକ୍ସ-ରେଗୁଲାର୍ ପରୀକ୍ଷା ଦେବା ପାଇଁ ମୋଟ ୯୭୩ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ସେଥି ମଧ୍ୟରୁ କଳା ସ୍ରୋତରେ ୭୯୮ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ବିଜ୍ଞାନ ସ୍ରୋତରେ ୧୧ହଜାର ୯୫ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୧୦ହଜାର ୮୧୫ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି । ବାଣିଜ୍ୟ ସ୍ରୋତରେ ୨ହଜାର ୨୭୪ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୨ହଜାର ୮୭ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି । ଧନ୍ଦାମୂଳକ ଶିକ୍ଷା ସ୍ରୋତରେ ୨୮୭ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୨୪୬ଜଣ ବିଦ୍ୟାର୍ଥୀ ଫର୍ମ ପୂରଣ କରିଛନ୍ତି । ଏକ୍ସ-ରେଗୁଲାର୍ ପରୀକ୍ଷା ଦେବା ପାଇଁ ୨୨ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଫେବୃଆରୀ ୧୨ରୁ ୧୪ତାରିଖ ମଧ୍ୟରେ ସମସ୍ତ ପରୀକ୍ଷା ପରିଚାଳନା ହବ୍ କଣ୍ଟ୍ରୋଲ୍ ରୁମରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପହଞ୍ଚାଇବାର ବ୍ୟବସ୍ଥା ରହିଛି । ହବ୍ ମାନଙ୍କରେ ଚବିଶ ଘଣ୍ଟା ସିସି କ୍ୟାମେରାର ବ୍ୟବସ୍ଥା କରାଯିବା ସହ ସଶସ୍ତ୍ର ପୁଲିସ୍ ବାହିନୀ ମୁତୟନ କରାଯାଇଛି । ପରୀକ୍ଷାକୁ ସଂପୂର୍ଣ୍ଣ ଶୃଙ୍ଖଳିତ, ସ୍ୱଚ୍ଛ ଓ କପିମୁକ୍ତ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପାଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି । ଏହା ସହ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଜିଲ୍ଲା ପ୍ରଶାସନର ଜଣେ ଲେଖାଏଁ ଅଧିକାରୀ ପ୍ରଶ୍ନପତ୍ର ଖୋଲାଯିବା ଓ ଉତ୍ତରପତ୍ର ପ୍ୟାକେଟ୍ ସିଲ୍ ହେବା ସମୟରେ ଉପସ୍ଥିତ ରହି ସ୍ୱଚ୍ଛ, ଶୃଙ୍ଖଳିତ ଓ କପିମୁକ୍ତ ପରୀକ୍ଷା ସୁନିଶ୍ଚିତ କରିବା ସହ ସଂପୂର୍ଣ୍ଣ ପରୀକ୍ଷା ବ୍ୟବସ୍ଥାର ତଦାରଖ କରିବ ।

ପୂର୍ବ ବର୍ଷମାନଙ୍କରେ ମାର୍ଚ୍ଚ ପ୍ରଥମ ସପ୍ତାହରେ ଯୁକ୍ତ ଦୁଇ ପରୀକ୍ଷା ପରିଚାଳିତ ହେଉଥିଲା । କିନ୍ତୁ ଚଳିତ ବର୍ଷ ଯଥେଷ୍ଟ ପୂର୍ବରୁ ଡିସେମ୍ବର୍ ଶେଷ ସପ୍ତାହରେ ଅଭ୍ୟନ୍ତରୀଣ ମୂଲ୍ୟାୟନ ପରୀକ୍ଷା(ଇଣ୍ଟରନାଲ୍ ଆସେସମେଣ୍ଟ ଏଗଜାମିନେସନ୍) ଓ ଜାନୁଆରୀ ପ୍ରଥମ ସପ୍ତାହରେ କ୍ରିୟାହକ ପରୀକ୍ଷା(ପ୍ରାକ୍ଟିକାଲ୍ ଏଗଜାମିନେସନ୍) ଶୃଙ୍ଖଳିତ ଭାବେ ସଂପନ୍ନ ହୋଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ଉପସଚିବ ଡକ୍ଟର୍ କୁଳମଣି ଓଝା ସୂଚନା ଦେଇଛନ୍ତି ।

## ଜେଇଇ ମେନ୍‌ରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ବିଦ୍ୟାର୍ଥୀଙ୍କ ସଫଳତା

ବ୍ରହ୍ମପୁର,୧୨ ।୨(ସମିସ): ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ସଂଚାଳିତ ଜେଇଇ ମେନ୍ ପ୍ରଥମ ପର୍ଯ୍ୟାୟ ଯୁଗ୍ମ ପ୍ରବେଶିକା ପରୀକ୍ଷାଫଳ ଚଳିତବର୍ଷ ପ୍ରକାଶ ପାଇଛି । ପ୍ରଥମ ପର୍ଯ୍ୟାୟ ଜେଇଇ(ମେନ୍)-୨୦୨୫ ଅନ୍‌ଲାଇନ୍ ପରୀକ୍ଷା ଚଳିତବର୍ଷ ଜାନୁୟାରୀ ୨୨ତାରିଖରୁ ଆରମ୍ଭ ହୋଇ ଉକ୍ତ ମାସ ୩୦ତାରିଖରେ ଶେଷ ହୋଇଥିଲା । ଉକ୍ତ ପରୀକ୍ଷାରେ ନୀଳକଣ୍ଠନଗର ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଜେଇଇ(ମେନ୍) ପରୀକ୍ଷାରେ ସର୍ବୋତମ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ପରୀକ୍ଷାରେ ୬୩ଜଣ ଛାତ୍ରଛାତ୍ରୀ ୯୦ଶତକଡ଼ାରୁ ଅଧିକ ନମ୍ବର ରଖି ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି । ସେମାନେ ହେଲେ ଅନିମେଶ ବିଶ୍ୱାଳ, ଜ୍ଞାନେସ୍ ସାହୁ , ସଂସ୍କାର ରଞ୍ଜନ ରଥ, କମଳ ଲୋଚନ ମହାପାତ୍ର, ଅଙ୍କିତା ପଣ୍ଡା, ନିର୍ଣ୍ଣୟ ଦାଶ, ଚିନ୍ମୟ ଶିଠ, ଅଂଶୁମାନ ମହାରଣା, ହର୍ଷିତ୍ ପଟ୍ଟନାୟକ, ଦୀପ୍ତିମୟୀ ପାଣିଗ୍ରାହୀ, ଗୌରାଙ୍ଗ ପାଢ଼ୀ, ଏସ୍. ସନ୍ଦିପ କୁମାର , ଲୋପାମୁଦ୍ରା ମହାନ୍ତି, ସ୍ୱୟଂସୁ ଶେଖର ମହାପାତ୍ର, ଆୟୁଷ ପାଣିଗ୍ରାହୀ, ସମର୍ପିତା ମହାନ୍ତି, ଦେବବ୍ରତ ସାହୁ, ଲୋପାମୁଦ୍ରା ପଣ୍ଡା, ଅଂଶୁମାନ ନାହାକ, ବିନୟ ହୋତା, ମଧୁସ୍ମିତା ସୁବୁଦ୍ଧି, କ୍ରିଷ୍ଣା ପଣ୍ଡା, ରୁଦ୍ରପ୍ରତାପ ସ୍ୱାଇଁ, ସାଗର ମହାପାତ୍ର, ଶୁଭସ୍ମିତା ସାହୁ, ଅନିକେତ ପ୍ରଧାନ, ଅଜୟ ରଏ, ବିନ୍ମୟ କୁମାର ବେହେରା, ଶାଶ୍ୱତ ନାୟକ, ଶିବବ୍ରତ ଗିରି, ପାୟଲ ପଟ୍ଟନାୟକ, ନିଲେଶ କୁମାର ପ୍ରଧାନ, ଦୁତିକୃଷ୍ଣ ପରିଡ଼ା, ସୋନମ ସୁନେନା ରାଉଳ , ବାଣିଶ୍ରୀ ତାରିଣୀ, ଅମ୍ଲାନଦିପ୍ ବିଶ୍ୱାଳ, ଆଶା ପ୍ରଧାନ, ଏ.ବିନିତ୍ ସୁବୁଦ୍ଧି, ସ୍ୱାଗତ ପ୍ରଧାନ, ବିଷ୍ଣୁପ୍ରିୟା ପ୍ରଧାନ୪, ଦିନେଶ ରନ୍ଧାରୀ, ହିମେଶ ସ୍ୱାଇଁ, ସୋମନ ସାହୁ, ଶଙ୍କର୍ଷଣ ନାୟକ, ବିନାୟକ କର, ରାଜେଶ ସ୍ୱାଇଁ, କରିସ୍ମା ସାହୁ, ପାୟଲ୍ ପଢ଼ିଆରୀ, ଆଦିତ୍ୟ ଭୂୟାଁ, ବିସ୍ମୟ ପ୍ରଧାନ, ଦେବଦତ ମାଳନା, ତୁଳସୀ ପ୍ରଧାନ, ପ୍ରିତମ ସ୍ୱରୁପ ବିଷୋୟୀ, କେ. ସନ୍ଦିପ କୁମାର, ମହାପ୍ରସାଦ ଦାଶ, ଦେବଦତ ଦେହୁରି, ସୁବାସ ପଣ୍ଡା, ସ୍ମାଇଲ୍ ମିଶ୍ର, କରନ୍ ପଟ୍ଟନାୟକ, ଅଜିତ୍ ରାଉତ, ଧିରୋଜ କୁମାର ସିଂ, ଅଶ୍ୱିନୀ କୁମାର ପାତ୍ର, ନିର୍ମାଲ୍ୟ ମହାପାତ୍ର ଶତକଡ଼ା ନମ୍ବର ରଖି ଭାରତର ସର୍ବୋତ୍କୃଷ୍ଟ ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ, କୋଚିଂ ଡିଭିଜନ୍‌ର ସମସ୍ତ କର୍ମକର୍ତା, ସଫଳତା ପ୍ରାପ୍ତ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।



## ଏସ୍‌ଆଇ ସ୍ତରରେ ଅଦଳବଦଳ

ବ୍ରହ୍ମପୁର,୧୨ ।୨(ସମିସ): ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ପାଞ୍ଚଟି ପୁଲିସ ଜିଲ୍ଲାରେ କାର୍ଯ୍ୟରତ ଏସ୍‌ଆଇ ସ୍ତରରେ ଅଦଳ ବଦଳ କରାଯାଇଛି । ଏହିକ୍ରମରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ କାର୍ଯ୍ୟରତ ସିଲୁ ଧଳ, ରଶ୍ମିତା ସାମଲ, ଜ୍ୟୋତି ରଞ୍ଜନ ବେହେରା, ରଞ୍ଜିତ ଦାସଙ୍କୁ କନ୍ଧମାଳ ପୁଲିସ ଜିଲ୍ଲାକୁ ବଦଳି ହୋଇଥିବା ବେଳେ ବିଭୂତି ଭୂଷଣ ସେଠୀଙ୍କୁ ଗଜପତି ବଦଳି ହୋଇଛି । ଅନୁରୂପ ଭାବେ କନ୍ଧମାଳ ପୁଲିସ ଜିଲ୍ଲାରେ କାର୍ଯ୍ୟରତ ଏସଆଇ ଚିରଞ୍ଜିବୀ ବେହେରା, ଆଶୁତୋଷ ଜେନା, ଆତୁତୋଷ ପାଇକାରୀ, ସରୋଜ କୁମାର ସାହୁଙ୍କୁ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ବଦଳି ହୋଇଛି । ଗଞ୍ଜାମ ପୁଲିସ ଜିଲ୍ଲାରେ କାର୍ଯ୍ୟରତ ଏସଆଇ ଅମ୍ବିକା ବେନିଆ, ସୁସ୍ମିତା ମାଗରଙ୍କୁ ବୌଦ୍ଧ ଜିଲ୍ଲାକୁ ବଳଦି ହୋଇଛି ।

କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ବିକାଶ କୁମାର ଜାଲି, ଲଳିତ ମୋହନ ସାଗର, ସ୍ମୃତି ସାଗର ସାମଲଙ୍କୁ ଗଜପତି ବଦଳି ହୋଇଛି । ଗଜପତିରେ କାର୍ଯ୍ୟରତ ଆଲୋକ ରଞ୍ଜନ ଜଗଦଳ, ବସନ୍ତ କୁମାର ଗୁଣ୍ଠା, ଲୋକନାଥ ବେହେରା, ଡ଼ି ଗଜପତି ଦୋରାଙ୍କୁ କନ୍ଧମାଳ ବଦଳି ଢ଼େଇ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଗଞ୍ଜାମ ସିନିଅର ଅନ୍ତଃକ୍ଲବ ସୁପର୍ ସିରିଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ‘ଆଲ୍ଫା ସ୍ପୋର୍ଟିଂ କ୍ଲବ’ ଓ ‘ଅବଶିଷ୍ଟ ଗଞ୍ଜାମ-ବି’ ବିଜୟୀ

ବ୍ରହ୍ମପୁର,୧୨ ।୨(ସମିସ)

ଓସିଏ ପକ୍ଷରୁ ଗଞ୍ଜାମ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଗଞ୍ଜାମ ସିନିଅର ଆନ୍ତଃକ୍ଲବ ସୁପର ସିରିଜ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୦ମ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ‘ଆଲ୍ଫା ସ୍ପୋର୍ଟିଂ କ୍ଲବ’ ବନାମ ‘ଅବଶିଷ୍ଟ ଗଞ୍ଜାମ-ଏ’ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଟସ ଜିତି ଆଲ୍ଫା ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୩୮.୧ଓଭରରେ ସମସ୍ତ ଖେଳାଳୀଙ୍କ ୱିକେଟ ହରାଇ ୨୫୮ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଆବିଷ୍କାର ପଟ୍ଟନାୟକ ବ୍ୟକ୍ତିଗତ ସର୍ବାଧିକ ୬୨ବଲରୁ ୬୪, ଯନ୍ମେଜୟ ନାୟକ ୪୮ବଲରୁ ୬୨ ଓ ରୋହିତ ସାଗର ୬୩ବଲରୁ ୫୭ରନ୍ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଦଳର ବୋଲର ଭିଶାଲ କପାଲ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିବା ବେଳେ ବାପିନି ସ୍ୱାଇଁ ଓ ମନୋଜ ଦାଶ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ୨୫୯ ଭଳି ବିଶାଳ ସ୍କୋରର ପିଛା କରି ଦ୍ୱିତୀୟରେ ବ୍ୟାଟିଂ ଆରମ୍ଭ କରିଥିବା ‘ଅବଶିଷ୍ଟ ଗଞ୍ଜାମ-ଏ’ ୨୮ଓଭରରେ ମାତ୍ର ୮୩ରନ୍ ସଂଗ୍ରହ କରି ଦଳର ସମସ୍ତ ୱିକେଟ ହରାଇ ପରାଜୟବରଣ କରିଥିଲା । ଦଳ ପକ୍ଷରୁ ଭିଶାଲ କପାଲ ସର୍ବାଧିକ ୨୨ରନ୍ ସଂଗ୍ରହ କରିଥିଲେ । ମ୍ୟାଚକୁ ଆଲ୍ଫା ସ୍ପୋର୍ଟିଂ କ୍ଲବ ୧୭୫ରନ୍ ବ୍ୟବଧାନରେ ଏକ ସହଜସାଧ ବିଜୟ ହାସଲ କରିଥିଲା । ବିଜୟୀ ଆଲ୍ଫା ଦଳ ପକ୍ଷରୁ ଅଭିନିତ କୁମାର ପଟ୍ଟନାୟକ ୯ଓଭର ବୋଲିଂ କରି ୨୨ରନ୍ ବିନିମୟରେ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିଲେ । ସେହିଭଳି ଦଳ ପକ୍ଷରୁ ରୋହିତ ସାଗର ଓ ଅଭିଜିତ ହୋତା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ମ୍ୟାଚରେ ବିଜୟୀ ଆଲ୍ଫା କ୍ଲବର ଅଭିନିତ ପଟ୍ଟନାୟକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷିତ କରାଯାଇ ପୁରସ୍କୃତ କରାଯାଇଥିଲା । ଅବଦୁଲ ରହିମ ଖାନ ଓ ଯଶବିନ୍ଦର ସିଂ ଅମ୍ପାୟର ଭାବେ ଓ ଏମ. ନବୀନ କୁମାର ସ୍କୋର ଭାବେ ଖେଳ ପରିଚାଳନା କରିଥିଲେ । ସେହିଭଳି ଆଙ୍କୁଶପୁର ସ୍ଥିତ ଏସଏମଆଇଟି ଖେଳପଡିଆରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ‘ପାନାସୋନିକ କ୍ରିକେଟ କ୍ଲବ’ ଓ ‘ଅବଶିଷ୍ଟ ଗଞ୍ଜାମ-ବି’ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିତି ଅବଶିଷ୍ଟ ଗଞ୍ଜାମ-ବି ଦଳ ପ୍ରଥମେ ବ୍ୟାଟିଂ କରି୩୮.୫ଓଭର ଖେଳି ସମୁଦାୟ ୨୨୩ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅବିନାଶ ମହାରଣା ୪୫ବଲରୁ ୬୦ରନ୍ ସଂଗ୍ରହ କରିଥିବା ବେଳେ ବାସୁଦେବ ସାହୁ ୪୩ ଓ ଖାଜା ମୁଜାଫର ୨୦ଟି ବଲରୁ ଦ୍ରୁତ ୪୧ରନ୍ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ପାନାସୋନିକ କ୍ରିକେଟ କ୍ଲବ ପକ୍ଷରୁ ସାଗର ଭୂୟାଁ ୭ଓଭର ବୋଲିଂ କରି ୪୬ରନ୍ ବିନିମୟରେ ସର୍ବାଧିକ ବ୍ୟକ୍ତିଗତ ୫ଟି ୱିକେଟ ଓ ଜଗମୋହନ ଗୌଡ ୨ଟି ୱିକେଟ ଅକ୍ତିଆର କରିଥିଲେ । ପ୍ରତ୍ୟୁତ୍ତରରେ ପାନାସୋନିକ ଦଳ ୩୨.୧ଓଭର ଖେଳି ୧୮୫ରନ୍ ସଂଗ୍ରହ କରି ଦଳର ସମସ୍ତ ୱିକେଟ ହରାଇ ପରାଜୟ ବରଣ କରିଥିଲା । ଦଳ ପକ୍ଷରୁ ଜଗମୋହନ ଗୌଡ ସର୍ବାଧିକ ୫୦ରନ୍ ସଂଗ୍ରହ କରିଥିଲେ । ସେହିଭଳି ସାଗର ପ୍ରଧାନ ୪୬ ଓ ମନୋଜ ପ୍ରଧାନ ୩୦ରନ୍ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ‘ଅବଶିଷ୍ଟ ଗଞ୍ଜାମ-ବି’ ଦଳର ବୋଲର ଚନ୍ଦନ ଗୌଡ ସର୍ବାଧିକ ୪ଟି ଓ ପି. ଆନନ୍ଦ ରାଓ ୩ଟି ଏବଂ ଅବିନାଶ ମହାରଣା ୨ଟି ୱିକେଟ ଅକ୍ତିଆର କରିଥିଲେ । ବିଜୟୀ ‘ଅବଶିଷ୍ଟ ଗଞ୍ଜାମ-ବି’ ଦଳର ଚନ୍ଦନ କୁମାର ଗୌଡଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଡି. ରଜନୀକାନ୍ତ ରେଡ୍ଡୀ ଓ ସୁଶାନ୍ତ ପଣ୍ଡା ଅମ୍ପାୟର ଭାବେ ଏବଂ ସତ୍ୟ ନାରାୟଣ ପରିଡା ସ୍କୋରର ଭାବେ ମ୍ୟାଚ ପରିଚାଳନା କରିଥିଲେ । ମ୍ୟାଚକୁ ଅବଶିଷ୍ଟ ଗଞ୍ଜାମ-ବି ଦଳ ୩୮ ରନ୍‌ରେ ବିଜୟ ଲାଭ କରିଥିଲା ।





### ‘ଅଭିନିତ’ ଓ ‘ଚନ୍ଦନ’ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ

## ଭୁବନେଶ୍ୱରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରିକେଟ୍ ପୁରୁଷ ଦଳ



ବ୍ରହ୍ମପୁର,୧୨ ।୨(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ପୁରୁଷ କ୍ରିକେଟ ଦଳ ଭୁବନେଶ୍ୱରସ୍ଥିତ କିଟ ବିଶ୍ୱବିଦ୍ୟାଳୟ ଗସ୍ତ କରିଛନ୍ତି । ସେଠାରେ ଚଳିତମାସ ୧୩ତାରିଖଠାରୁ ୨୨ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବେ । ଦଳରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ଜିତେନ୍ଦ୍ର ବେହେରା, ଶାନ୍ତନୁ କୁମାର ସାମଲ, ସାର୍ଥକ ଦର୍ଶନ ଜାଲ୍ଲୀ, ସନ୍ଦୀପ କୁମାର ମୂର୍ତ୍ତି, ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ସୌରଭ କୁମାର ପ୍ରଧାନ, ଚିକିଟି ମହାବିଦ୍ୟାଳୟର ଆଦିତ୍ୟ ଦାଶ, ଅଭିଜିତ ମହାପାତ୍ର, ସୋମ ମହାପାତ୍ର, ଆସିକା ସାଇନ୍ସ କଲେଜର ମନୋଜ କୁମାର ନାହାକ, ଗୋପାଳପୁର କଲେଜର ଟୁଲା ଆୱାନ, ଜି. ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ବୀରେନ୍ଦ୍ର କୁମାର ପ୍ରଧାନ, ରମ୍ଭା ଶ୍ରୀ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଚିତ୍ରସେନ ବେହେରା, ଜୟପୁର ଭି. ଦେବ କଲେଜର ଆଦିତ୍ୟ ଶତପଥୀ, ଶିମିଳିଗୁଡ଼ା କଲେଜର ମନୋଜ କୁମାର ନାୟକ, ଭଞ୍ଜନଗର କେ.ଏସ. ୟୁ ବି କଲେଜର ବ୍ଲେଶନ ପ୍ରଧାନ, ପାରଳାଖେମୁଣ୍ଡି ଏସକେସିଜି କଲେଜର ରୋହନ ଜେନା ଦଳରେ ରହିଥିବା ବେଳେ ମେନେଜର ଭାବେ ପାଟପୁର ବି. ଆର ସାଇନ୍ସ କଲେଜର ପିଇଟି ଲକ୍ଷ୍ମଣ ସାହୁ, କୋଚ ଭାବେ ବ୍ରହ୍ମପୁରର ଡ଼.ସୌମେରେନ୍ଦ୍ର ସାହୁ ଦଳରେ ଗସ୍ତ କରିଛନ୍ତି । କ୍ରୀଡ଼ା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କ୍ରୀଡ଼ା ପରିଷଦ ସମ୍ପାଦକ ଡ଼. ସାରଦା ପ୍ରସାଦ ସାହୁ, ଡ଼. ସୁବ୍ରତ କୁମାର ସାହୁ, ପ୍ରଣବ ପଟ୍ଟନାୟକ, ଡ଼ବ୍ଲୁ.ଭି ଜାନକୀରାମ, ସତ୍ୟବ୍ରତ ସାହୁ, ରବି ଚରଣ ମିଶ୍ର, ରାଜେଶ କୁମାର ମହାନ୍ତି, ସୁନିତା ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ରତ୍ନସିଂହାସନରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ



**ପୁରୀ,୧୨।୨(ସମିସ):** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ଦାରୁବିଗ୍ରହଙ୍କ ଏହି ଦିବ୍ୟବେଶ ଦର୍ଶନ କରିଛନ୍ତି। ଦ୍ୱିପ୍ରହର ଧୂପ ପରେ ତିନିବାଡ଼ରେ ଗଜ ଉଦ୍ଧାରଣ ବେଶ କରାଯାଇଥିଲା। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଏହି ବେଶ କରାଇଥିଲେ। ଏହି ବେଶ ଥାଇ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ନୀତି ବଢ଼ିଥିଲା। ଏହି ବେଶରେ ଠାକୁରଙ୍କ ପାଖରେ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ବେଶ ଓଲାଗି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ଗଜଉଦ୍ଧାରଣ ବେଶରେ ଶ୍ରୀଜଗନ୍ନାଥ ବିଷ୍ଣୁ ରୂପରେ ଚାରିଭୁଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଗରୁଡ଼ ପୃଷ୍ଠରେ ପଦ୍ମାସନ ଭଙ୍ଗୀରେ ବସିଥା'ନ୍ତି। କୋଳରେ ମା' ଲକ୍ଷ୍ମୀ (ଶ୍ରୀଦେବୀ) ଉପବେଶନ କରିଥା'ନ୍ତି। ଶ୍ରୀବଳଭଦ୍ର ବାସୁଦେବ ରୂପରେ ଚର୍ତୁଭୁଜ ହସ୍ତପଦ ବିଶିଷ୍ଟ ପଦ୍ମାସନରେ ବସିଥାନ୍ତି। ଚାରିଭୁଜରେ ଶଙ୍ଖ, ଚକ୍ର, ହଳ ଓ ମୂଷଳ ଥାଏ। ଦେବୀ ସୁଭଦ୍ରା ଦୁଇହସ୍ତ ଓ ଦୁଇପାଦ ବିଶିଷ୍ଟ କୃଷ୍ଣଙ୍କ ପରି ଛନ୍ଦାୟିତ ପଦରେ ଏକ ପଦ୍ମ କଳିକା ଧରି ଦଣ୍ଡାୟମାନ ଅବସ୍ଥାରେ ରହିଥା'ନ୍ତି। ଠାକୁରମାନେ ଏହି ବେଶରେ ଚୂଳ, କିରିଟୀ, କର୍ଣ୍ଣ କୁଣ୍ଡଳ, ଅଳକା, ତିଳକ, ସୂର୍ଯ୍ୟଚନ୍ଦ୍ର, ଅଣ୍ଟାପଟି, ନାକଚଣା, ପାହୁଡ଼, ବାଙ୍କି, ଗୋଡ଼ ଖଡୁ, ନାକରେ ଫାସିଆ, ଶ୍ରୀହସ୍ତରେ ଖଡୁବଳା, ପାଦରେ ପପାଦ୍ମ, ବାହୁରେ ବାଜୁବନ୍ଧ ଓ ବେକରେ ପଦ୍ମମାଳି ପିନ୍ଧିଥାନ୍ତି।

### ଆପାର୍ଟମେଣ୍ଟ ପଞ୍ଜୀକରଣ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ

## ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

**କଟକ,୧୨।୨(ସମିସ):** ପୁଣି ଅଦାଲତୀ ବିବାଦରେ ଛନ୍ଦି ହୋଇଛି ଆପାର୍ଟମେଣ୍ଟ ପଞ୍ଜୀକରଣ। ରେରା ଆଇନ କାର୍ଯ୍ୟକାରୀ ତଥା ୨୦୧୭ ଫେବୃଆରୀ ୨୫ ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣକୁ ରାଜ୍ୟ ସରକାର ନିକଟରେ ଅନୁମତି ପ୍ରଦାନ କରି ଏକ ବିଜ୍ଞପ୍ତି ଜାରି କରିଥିଲେ। ଏହା ଉପରେ ହାଇକୋର୍ଟ ଆଜି ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ପୂର୍ବରୁ ମଧ୍ୟ ଆପାର୍ଟମେଣ୍ଟ ମାଲିକାନା ଆଇନରେ ରହିଥିବା ଦ୍ୱନ୍ଦ୍ୱ ନେଇ ବର୍ଷାଧିକ ସମୟ ଧରି ଆପାର୍ଟମେଣ୍ଟ ପଞ୍ଜୀକରଣ ବନ୍ଦ ରହିଥିଲା। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ରାଜ୍ୟ ସରକାର ନୂତନ ଓଡ଼ିଶା ଆପାର୍ଟମେଣ୍ଟ ଓନରସିପ୍ ଆଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ (ଓଏଓଏମ ଆକ୍ଟ-୨୦୨୩)ଆଣିଥିଲେ। ଏହି ଆଇନ ଅନୁସାରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ଅକ୍ୟୁପାନ୍ସି ପ୍ରମାଣପତ୍ର ବାଧ୍ୟତାମୂଳକ ଥିଲା। ଅନ୍ୟପଟରେ ୨୦୨୪ ଡିସେମ୍ବରରେ ବିନା ଅକ୍ୟୁପାନ୍ସି ପ୍ରମାଣପତ୍ରରେ ଆପାର୍ଟମେଣ୍ଟ ମାଲିକଙ୍କୁ ବିଦ୍ୟୁତ୍ ଓ ପାନୀୟ ଜଳ ସଂଯୋଗ ଆଦି ଦିଆଯାଇପାରିବ ନାହିଁ। ଯଦି ଦିଆଯାଇଥିବ, ତାହେଲେ ସମ୍ପୃକ୍ତ ଅଧିକାରୀଙ୍କ



ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁପ୍ରିମକୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ୮୦ ଭାଗ ଆପାର୍ଟମେଣ୍ଟର ଅକ୍ୟୁପାନ୍ସି ପ୍ରମାଣପତ୍ର ନଥିବା ବେଳେ ନୂତନ ଆପାର୍ଟମେଣ୍ଟ ଆଇନ ସମସ୍ତ ଆପାର୍ଟମେଣ୍ଟ ପାଇଁ ଲାଗୁ ହେବ ବୋଲି କୁହାଯାଇଥିଲା। ତେବେ କିଛି ବ୍ୟକ୍ତିଙ୍କୁ ସୁବିଧା ପ୍ରଦାନ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ଫେବୃଆରି ପହିଲାରେ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ଯେଉଁଥିରେ ୨୦୧୭ ଫେବୃଆରୀ ୨୫ ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣ କ୍ଷେତ୍ରରେ ଉପରୋକ୍ତ ଆଇନ ଲାଗୁ ହେବ ନାହିଁ ବୋଲି ଉଲ୍ଲେଖ କରାଯାଇଥିଲା। ତେବେ ଏହା ସମ୍ପୂର୍ଣ୍ଣ

- ରେରା ଆଇନ ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣକୁ ମିଳିଥିଲା ଅନୁମତି
- ଓଏଓଏମ ଆକ୍ଟ -୨୦୨୩ର ଉଲ୍ଲଂଘନ ହୋଇଥିବା ଅଭିଯୋଗ

ବେଆଇନ ଅଭିଯୋଗ କରି ଉପରୋକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବାକୁ ଆବେଦନକାରୀ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ କୁମାର ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ୧୯କୁ ଧାର୍ଯ୍ୟ କରାଯାଇଛି।

### ■ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

## ୬୨ ନଂ ସାକ୍ଷୀଙ୍କ ବୟାନ ରେକର୍ଡ

**ପାଟଣାଗଡ଼,୧୨।୨(ସମିସ):** ବହୁଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ବୁଧବାର ଶେଷ ସାକ୍ଷୀ ତଥା ୬୨ ନମ୍ବର ସାକ୍ଷ୍ୟ ଭାବେ କ୍ରାଇମବ୍ରାଞ୍ଚର ତତ୍କାଳୀନ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ଦାସଙ୍କ ବୟାନ ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ନିକଟରେ ଗ୍ରହଣ କରାଯାଇଛି। ପୂର୍ବରୁ ଏହି ମାମଲାରେ ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ ଜଷ୍ଟିସ୍ ହୃଷୀକେଶ ରାୟ ଓ ଏସବିଏନ୍ ବର୍ତ୍ତୀ ଶୁଣାଣି କରି ୪ ସପ୍ତାହ ମଧ୍ୟରେ ମାମଲାର ତଦନ୍ତ ସାରି ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ମାମଲାର ଶୁଣାଣି ଶୀଘ୍ର ସାରିବାକୁ ଅଦାଲତଙ୍କ ପକ୍ଷରୁ ତ୍ୱରାନ୍ୱିତ କରାଯାଉଛି। ଆଜି ତତ୍କାଳୀନ କ୍ରାଇମବ୍ରାଞ୍ଚ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିଲ ଦାସ ତଦନ୍ତ ସମୟର ସମସ୍ତ ପ୍ରମାଣପତ୍ର ସହ ଆବଶ୍ୟକ ପ୍ରମାଣ କୋର୍ଟଙ୍କ ନିକଟରେ ଦାଖଲ କରିଥିଲେ। ଏହାସହ ଦିନ ୧୧ଟା ୧୫ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଶ୍ରୀ ଦାସଙ୍କ ବୟାନ ଗ୍ରହଣ କରାଯାଇଥିଲା। ତେବେ ଆଜି ସମ୍ପୂର୍ଣ୍ଣ ହୋଇନପାରିବାରୁ ପୁଣି ଆସନ୍ତାକାଲି ବୟାନ ଗ୍ରହଣ କରାଯିବ ବୋଲି ସରକାରୀ ଓକିଲ ଆଶିଷ ଚନ୍ଦନ ସୂଚନା ଦେଇଛନ୍ତି।

ଅପରପକ୍ଷେ, ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁଞ୍ଜିଲାଲ ମେହେରଙ୍କୁ ବଲାଙ୍ଗିର ଜେଲ୍‌ରୁ ଭିଡିଓ କନଫରେନ୍ସ ଯୋଗେ ହାଜର କରାଯାଇଥିଲା। ଶେଷ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଉଥିବାରୁ ଏହି ମାମଲାର ଶୁଣାଣି ଖୁବ୍‌ଶୀଘ୍ର ହୋଇପାରେ ବୋଲି ଅନୁମାନ କରାଯାଉଛି।

ସୂଚନାନୁସାରେ, ୨୦୧୮ ଫେବୃଆରୀ ୨୩ ତାରିଖରେ ପାଟଣାଗଡ଼ ବ୍ଲକ ଛକ ବାସିନ୍ଦା ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରକୁ ଏକ ପାର୍ସଲ ପହଞ୍ଚିଥିଲା। ଉକ୍ତ ପାର୍ସଲକୁ ରବୀନ୍ଦ୍ରଙ୍କ ପୁଅ ସୌମ୍ୟଶେଖର ଖୋଲିବା ସମୟରେ ତାହା ବିସ୍ଫୋରଣ ଘଟିଥିଲା। ଏଥିରେ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ପ୍ରାଣ ହରାଇଥିଲେ। ସୌମ୍ୟଙ୍କ ପତ୍ନୀ ରିମା ସାହୁ ଅଳ୍ପକେ ବର୍ତ୍ତି ଯାଇଥିଲେ ସୁଦ୍ଧା ଗୁରୁତର ହୋଇ ଦୀର୍ଘ ଦିନ ପର୍ଯ୍ୟନ୍ତ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ।

### ଗୋପାଳପୁରରେ ଏଲ୍ଏନ୍‌ଜି ଟର୍ମିନାଲ ଓ ଜେଟି ନିର୍ମାଣ ପ୍ରକଳ୍ପ

## ପ୍ରବଳ ହଟ୍ଟଗୋଳ, ଅଧାରୁ ବନ୍ଦ ହେଲା ଜନଶୁଣାଣି

**ଛତ୍ରପୁର,୧୨।୨(ସମିସ):** ଗୋପାଳପୁର ବନ୍ଦର ନିକଟରେ ପ୍ରସ୍ତାବିତ ଏଲ୍ଏନ୍‌ଜି ଟର୍ମିନାଲ ଓ ଜେଟି ନିର୍ମାଣ ପ୍ରକଳ୍ପକୁ ପ୍ରବଳ ବିରୋଧ କରାଯାଇଛି। ଏହି ପ୍ରକଳ୍ପ ପାଇଁ ଆଜି ଜନଶୁଣାଣିର ଆୟୋଜନ କରାଯାଇଥିବା ବେଳେ ୩ ପଞ୍ଚାୟତବାସୀ ମିଳିତ ଭାବେ ଏହାକୁ ବିରୋଧ କରିଥିଲେ। ଫଳରେ ଜନଶୁଣାଣିକୁ ଅଧାରୁ ବନ୍ଦ କରିଦିଆଯାଇଥିଲା।



ସୂଚନାନୁଯାୟୀ, ମେସର୍ସ ପେଟ୍ରୋନେଟ ଏଲ୍ଏନ୍‌ଜି ଲିମିଟେଡ୍ ପକ୍ଷରୁ ଏଠାରେ ଭାସମାନ ଷ୍ଟୋରେଜ୍ ଏବଂ ଗ୍ୟାସିଫିକେସନ୍ ୟୁନିଟ ଆଧାରିତ ଏକ ଏଲଏନଜି ଟର୍ମିନାଲ ଓ ଜେଟି ନିର୍ମାଣ ପାଇଁ ଯୋଜନା ହୋଇଛି। ଏନେଇ ଆଜି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜନଶୁଣାଣି ଆୟୋଜିତ ହୋଇଥିଲା। ତେବେ ଏଥିରେ ଯୋଗ ଦେଇଥିବା ଅଧିକାଂଶ ସ୍ଥାନୀୟ ଲୋକ କମ୍ପାନୀ ବିରୋଧରେ ନିଜ ମତାମତ ରଖିଥିଲେ। ୧୫ଜଣ ଲୋକଙ୍କ ମତାମତ ସରିବା ପରେ ହଟ୍ଟଗୋଳ ଆରମ୍ଭ ହୋଇଥିଲା। କମ୍ପାନୀ କାଳିପଲ୍ଲୀ, ଆର୍ଯ୍ୟପଲ୍ଲୀ ଓ କଣମଣା ପ୍ରମୁଖ ପଞ୍ଚାୟତ ଲୋକଙ୍କ ପାଇଁ କି' ପ୍ରକାର ସୁବିଧା କରିଛି ଏବଂ ଏଠାରେ ପ୍ରକଳ୍ପ ହେଲେ ଏହା ପ୍ରଭାବରେ ଜନସାଧାରଣଙ୍କ କିଛି ଅସୁବିଧା ଯେପରି ନହେବ, କମ୍ପାନୀ ତାହାର ଏକ ଚୁକ୍ତିନାମା ଦେଉ ବୋଲି ପଞ୍ଚାୟତବାସୀ ଅଡ଼ି ବସିଥିଲେ। ପାଖାପାଖି ଅଧଘଣ୍ଟା ପର୍ଯ୍ୟନ୍ତ ପ୍ରଦୂଷଣ ବୋର୍ଡ କର୍ତ୍ତୃପକ୍ଷ, କମ୍ପାନୀ ଓ ତିନି ପଞ୍ଚାୟତର ଲୋକଙ୍କ ମଧ୍ୟରେ ହୋହାଲ୍ଲା ଚାଲିଥିଲା। ତେବେ କୌଣସି ବୁଝାମଣା ହୋଇନପାରିବାରୁ ବାଧ୍ୟ ହୋଇ ଜନଶୁଣାଣିକୁ ବନ୍ଦ କରାଯାଇଥିଲା।

ଅଞ୍ଚଳବାସୀଙ୍କ ଅଭିଯୋଗ କରିଥିଲେ ଯେ ଏଠାରେ କମ୍ପାନୀ ହେଲେ ବିଷାକ୍ତ ଗ୍ୟାସ୍ ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ମରିଯିବେ। ପ୍ରଥମେ ୱାଲ କରାଯାଉ, ନଚେତ ଗଞ୍ଜାମ ଜିଲ୍ଲା ମାନଚିତ୍ରରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ହଜିଯିବ ବୋଲି ସେମାନେ କହିଥିଲେ। ଅପରପକ୍ଷେ, ଜମି ନେବା ପରେ କମ୍ପାନୀ ସ୍ଥାନୀୟ ଲୋକଙ୍କୁ କାମ ଦେଉନାହିଁ ଓ କେତେକ କ୍ଷେତ୍ରରେ ଅଳ୍ପସଂଖ୍ୟକ ଲୋକଙ୍କୁ କାମ ଦେଲେ ମଧ୍ୟ ନିୟମିତ ଦରମା ଦେଉନାହିଁ। ଫଳରେ ସ୍ଥାନୀୟ ଲୋକ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ତେଣୁ କେଉଁ କମ୍ପାନୀ ହେବ, ତାହାର ସବିଶେଷ ତଥ୍ୟ ଦେବା ସହ ନିଯୁକ୍ତି ସୁଯୋଗ ନେଇ ଲିଖିତ ଭାବେ ଜଣାଇବା ପରେ ଚିନ୍ତା କରାଯିବ ବୋଲି ଗ୍ରାମବାସୀ କହିଥିଲେ।

ଏହି ଜନଶୁଣାଣିରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ତହସିଲଦାର ଦିବ୍ୟା ମହାନ୍ତି, ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦୀପକ ସାହୁଙ୍କ ସହ ୩ଟି ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

### ■ ଅସହ୍ୟ ହେଲା ରୋଗ ଯନ୍ତ୍ରଣା

## ବିଷ ପିଇ ଜୀବନ ହାରିଲେ ଯୁବକ

**ମୋହନା, ୧୨।୨ (ସମିସ):** ରୋଗ ଯନ୍ତ୍ରଣା ସହିନପାରି ଜଣେ ଯୁବକ ବିଷ ପିଇ ଜୀବନ ହାରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ମାଳାସପଦର ପଞ୍ଚାୟତ ଅନ୍ତର୍ଗତ ରୋଜାଙ୍ଗୀ ଗ୍ରାମରେ। ସୂଚନାନୁସାରେ, ଗ୍ରାମର ଲୋକନାଥ ଗମାଙ୍ଗ ବର୍ଷେରୁ ଅଧିକ ସମୟ ଧରି କୌଣସି ଏକ ରୋଗରେ ପୀଡ଼ିତ ଥିଲେ। ପରିବାରଲୋକେ ତାଙ୍କୁ ମୋହନାଠାରୁ ଆରମ୍ଭ କରି ବ୍ରହ୍ମପୁର ବଡ଼ ମେଡିକାଲ ପର୍ଯ୍ୟନ୍ତ ବିଭିନ୍ନ ମେଡିକାଲରେ ଚିକିତ୍ସା କରାଇଥିଲେ। କିନ୍ତୁ ରୋଗ ଭଲ ନ ହେବାରୁ ଗ୍ରାମରେ ଚେରମୂଳି ଚିକିତ୍ସା କରିଥିଲେ ପରିବାରଲୋକେ। ସେଥିରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। କମିବା ପରିବର୍ତ୍ତେ ଦିନକୁ ଦିନ ରୋଗ ବଢ଼ିବାରେ ଲାଗିଥିଲା। ଏଥିରେ ଅତିଷ୍ଠ ହୋଇ ଲୋକନାଥ ମଙ୍ଗଳବାର ନିକଟସ୍ଥ ଜଙ୍ଗଲକୁ ଯାଇ ବିଷ ପିଇ ଦେଇଥିଲେ। ବହୁ ଖୋଜାଖୋଜି ପରେ ମୁମୂର୍ଷୁ ଅବସ୍ଥାରେ ବୁଧବାର ସକାଳେ ତାଙ୍କୁ ପରିବାରଲୋକେ ଜଙ୍ଗଲରୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବୋନି କାପୁର ଓ ଅର୍ଜୁନ କାପୁର



**ଭୁବନେଶ୍ୱର,୧୨।୨(ସମିସ):** ଆଜି ଓଡ଼ିଶା ବିଧାନସଭା ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରସିଦ୍ଧ ବଲିଉଡ୍ ଫିଲ୍ମ ନିର୍ମାତା ବୋନି କପୁର ଏବଂ ଅଭିନେତା ଅର୍ଜୁନ କପୁର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ସେଲିବ୍ରିଟି କ୍ରିକେଟ୍ ଲିଗ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଶ୍ରୀ କାପୁର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି। ବୋନି କହିଛନ୍ତି ଯେ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ବିଶ୍ୱବିଦିତ। ଏହାସହ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶ ଫିଲ୍ମ ସୁଟିଂ ପାଇଁ ବେଶ୍ ଉପଯୋଗ ହୋଇଥିବା ସହ ପର୍ଯ୍ୟାପ୍ତ ସୁବିଧା ରହିଛି। ଏ ସବୁର ପ୍ରଚାର ପ୍ରସାର ହେଲେ ବହୁ ଫିଲ୍ମ ନିର୍ମାତାଙ୍କ ପାଇଁ ଓଡ଼ିଶା ହେବ ପସନ୍ଦ ଯୋଗ୍ୟ ଫିଲ୍ମ ସୁଟିଂର ସ୍ଥାନ। ଯାହାଦ୍ୱାରା ରାଜ୍ୟ ପର୍ଯ୍ୟଟନର ମଧ୍ୟ ଅଭିବୃଦ୍ଧି ଘଟିବ ବୋଲି ସେ କହିଛନ୍ତି। ଏହି ଅବସରରେ ସେ ଓଡ଼ିଆ ଭାଷାରେ ସିନେମା ପ୍ରଯୋଜନା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବିଧାୟକ ମାନେ ଉପସ୍ଥିତ ଥିଲେ।

**ସେଲିବ୍ରିଟି କ୍ରିକେଟ୍ ଲିଗ୍‌ରେ ଯୋଗଦେବାକୁ କଲେ ନିମନ୍ତ୍ରଣ**

## ନାବାଳକକୁ ଗୁଳି

**ଅନୁଗୋଳ,୧୨।୨(ସମିସ):** ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ସାନକେରଜାଙ୍ଗ ଗାଁରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ନାବାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ଗୁଳିମାଡ଼ର ଶିକାର ନାବାଳକଙ୍କ ପରିବାରଲୋକଙ୍କ ସହ କେତେଜଣ ଯୁବକଙ୍କ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଣେ ଯୁବକ ଗୁଳିମାଡ଼ କରିଥିଲା। ଗୋଟିଏ ଗୁଳି ନାବାଳକଙ୍କ ଜଙ୍ଘରେ ବାଜିଥିଲା। ପରିବାରଲୋକେ ତୁରନ୍ତ ନାବାଳକକୁ ହସ୍ପିଟାଲ ନେଇଥିଲେ। ତେବେ କେଉଁ କାରଣରୁ ଗୁଳିମାଡ଼ ହୋଇଛି, ତାହା ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ପୁଲିସର ପ୍ରତିକ୍ରିୟା ମଧ୍ୟ ମିଳିନାହିଁ।

## ଜାମଝୋର ରାସ୍ତାକଡ଼ରେ ମାଓ ପୋଷ୍ଟର୍

**ଫୁଲବାଣୀ, ୧୨।୨(ସମିସ):** କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଜାମଝୋର ରାସ୍ତାକଡ଼ରେ ପୁଣି ଲାଗିଲା ମାଓ ପୋଷ୍ଟର୍। ଜାମଝୋର ଗାଁ ଛକ ଦେଇ ଯାଇଥିବା ରାଜ୍ୟ ରାଜପଥ-୫ ମୁଖ୍ୟ ରାସ୍ତାକଡ଼ରେ ଗାଁ କଲ୍ୟାଣ ସମିତିର ଏକ ହୋର୍ଡିଂ ଉପରେ ୩ଟି କାଗଜ ପୋଷ୍ଟର୍ ମରାଯାଇଛି। ଏଥିରେ ବିଜେପି ସରକାର, ସଂଘ ଓ ପୁଲିସ୍‌ର ମିଛ ପ୍ରଚାରରେ ଭ୍ରମିତ ନ ହେବାକୁ ଆହ୍ୱାନ ଦିଆଯାଇଛି। ସେହିପରି ଜଳ, ଜଙ୍ଗଲ, ଜମି, ଶିକ୍ଷା, ରୋଜଗାର, ମୌଳିକ ସୁବିଧା ପାଇଁ ଭିକ୍ଷା ନୁହେଁ, ସଂଘର୍ଷର ପଥ ଆପଣାଇ ଇଜ୍ଜତର ସହ ବଞ୍ଚିବାକୁ ସେଥିରେ ଉଲ୍ଲେଖ କରାଯାଇଛି। ଏହାବ୍ୟତୀତ କୁଇ ସମାଜ, ପୂର୍ବରୁ କୁଇକୁଳ ସମିତି ନାମରେ ଲାଗିଥିବା ପୋଷ୍ଟର୍‌କୁ ବିରୋଧ କରାଯାଇଛି। ସେହିପରି ମାଓବାଦୀ ଆଦିବାସୀବିରୋଧୀ ନୁହେଁ ବୋଲି ଉଲ୍ଲେଖ କରାଯାଇଛି। ଖବର ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତ୍ରିରୁ ମାଓ ପୋଷ୍ଟର ବାଘୁନା ସିପିଆଇ ମାଓବାଦୀ ଜାରି କରାଯାଇଥିଲେ ବି ପୁଲିସ, ସୁରକ୍ଷାବଳ ପୋଷ୍ଟର ବାହାର ନ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି।

## ନୋଡାଲ କେନ୍ଦ୍ରକୁ ଗଲା ମାଟ୍ରିକ୍ ପ୍ରଶ୍ନପତ୍ର

**କଟକ, ୧୨।୨ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ (ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍) ପରୀକ୍ଷା ଆସନ୍ତା ଫେବୃଆରୀ ୨୧ରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଆଜିଠାରୁ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ନୋଡାଲ କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ରଗୁଡ଼ିକ କଡ଼ା ସୁରକ୍ଷାବଳୟରେ ପଠାଯିବା ଆରମ୍ଭ ହୋଇଛି। ୪୪ଟି ବନ୍ଦ କଣ୍ଟେନର୍ ଜରିଆରେ ପ୍ରଶ୍ନପତ୍ର ପଠାଯାଇଛି। ଚଳିତଥର ମୋଟ ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ୫ଲକ୍ଷ ୧୦ହଜାର ୭୭୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପ୍ରଶ୍ନପତ୍ର ରଖିବାକୁ ୩୧୪ଟି ନୋଡାଲ ସେଣ୍ଟର କରାଯାଇଛି। ସେହିଭଳି ଏଥିମଧ୍ୟରେ ସମ୍ବେଦନଶୀଳ ଅଞ୍ଚଳମାନଙ୍କରେ ୨୧ଟି ଥାନାକୁ ମଧ୍ୟ ନୋଡାଲ ସେଣ୍ଟର କରାଯାଇଥିବା ଜଣାପଡ଼ିଛି। ଆଜିଠାରୁ ୧୯ ତାରିଖ ମଧ୍ୟରେ କଡ଼ା ସୁରକ୍ଷାବଳୟରେ ପ୍ରଶ୍ନପତ୍ରଗୁଡ଼ିକ ନୋଡାଲ ସେଣ୍ଟରରେ ପହଞ୍ଚାଇବାର କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ।

କଣ୍ଟେନର୍‌ଗୁଡ଼ିକୁ ଜିପିଏସ୍‌ଯୁକ୍ତ କରାଯାଇଛି। ଫଳରେ ଏହା କେଉଁଠି ଅଟକିଲେ ମଧ୍ୟ ବୋର୍ଡ କାର୍ଯ୍ୟାଳୟକୁ ସୂଚନା ପହଞ୍ଚାଇପାରିବ। ୩୦ଟି ଜିଲ୍ଲା ପାଇଁ ୪୪ଟି ରୁଟରେ ୪୪ଟି କଣ୍ଟେନର୍ ବ୍ୟବସ୍ଥା ହୋଇଛି। ବୋର୍ଡ ପକ୍ଷରୁ ପ୍ରତି କଣ୍ଟେନର୍‌ରେ ଦୁଇଜଣ ସ୍ୱତନ୍ତ୍ର ମେସେଞ୍ଜର୍‌ମାନଙ୍କୁ ପଠାଯାଉଛି। ପ୍ରଶ୍ନପତ୍ର କଣ୍ଟେନର ସହ ଏପିଆର ଫୋର୍ସ ମଧ୍ୟ ଯାଉଛନ୍ତି। ନୋଡାଲ କେନ୍ଦ୍ରଗୁଡ଼ିକରେ ମଧ୍ୟ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ପ୍ରକାଶଥାଉକି ନୋଡାଲ କେନ୍ଦ୍ରରୁ ପରୀକ୍ଷା ଦିନ ୭ଟା୩୦ରୁ ୮ଟା୩୦ ମଧ୍ୟରେ ପ୍ରଶ୍ନପତ୍ରକୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଯିବ।

## ହବ୍‌ରେ ପହଞ୍ଚିଲା +୨ ପ୍ରଶ୍ନପତ୍ର

**ଭୁବନେଶ୍ୱର, ୧୨।୨(ସମିସ):** ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା +୨ ପରୀକ୍ଷା ପାଇଁ ବୁଧବାର ଠାରୁ ହବ୍‌କୁ ଯାଇଛି ପ୍ରଶ୍ନପତ୍ର। ପ୍ରଥମ ଦିନରେ ୧୦ଟି ରୁଟ୍‌ରେ ଉପାନ୍ତ ତଥା ଦୂର ଜିଲ୍ଲାଗୁଡ଼ିକୁ କଡ଼ା ସୁରକ୍ଷା ସହିତ ପ୍ରଶ୍ନପତ୍ର ପହଞ୍ଚିଛି। ଆସନ୍ତା ଦୁଇ ଦିନ ଅବଶିଷ୍ଟ ଜିଲ୍ଲାରେ ପ୍ରଶ୍ନପତ୍ର ପହଞ୍ଚିବ। ପ୍ରଥମ ଦିନରେ ସମ୍ବଲପୁର, ରାଉରକେଲା, ଅନଗୁଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ରୁଟ୍‌ରେ ପ୍ରଶ୍ନପତ୍ର ପହଞ୍ଚିଛି। ସ୍ୱତନ୍ତ୍ର ଗାଡ଼ି, ସୁରକ୍ଷା କର୍ମୀ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶ୍ନପତ୍ର ପଠାଯାଇଛି। ୨୪ ଘଣ୍ଟିଆ ସିସିଟିଭି ବ୍ୟବସ୍ଥା ସହ ହବ୍‌କୁ ସିଏଚ୍ଏସ୍ଇ ପକ୍ଷରୁ ମଧ୍ୟ ନଜର ରଖାଯାଇଛି। ଚଳିତ ବର୍ଷ ଏକ ସମୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ହେବ। ମୋଟ୍ ୧୨୭୬ ଟି ପରୀକ୍ଷା କେନ୍ଦ୍ରରେ ୩ଲକ୍ଷ ୯୩ ହଜାର ୬୧୮ ଜଣ ପିଲା ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା



**ପୁରୀ,୧୨।୨(ସମିସ):** ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହାତକର ବୁଧବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଆଜି ପୂର୍ବାହ୍ନରେ ସେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ତାଙ୍କୁ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା କରି ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରିଥିଲେ। ଏହି ଅବସରରେ ସିଂହଦ୍ୱାରଠାରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଅଧ୍ୟକ୍ଷା ରାହାତକର କହିଥିଲେ ଯେ ଓଡ଼ିଶା ସମେତ ସମଗ୍ର ଦେଶରେ ମାନବ ଚାଲାଣ ଓ ମହିଳା ଚାଲାଣ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଅଧିକାଂଶ କ୍ଷେତ୍ରରେ ଟ୍ରେନ୍ ଯୋଗେ ହିଁ ମାନବ ଚାଲାଣ ହୋଇଥାଏ। ଏପରି କ୍ଷେତ୍ରରେ ରେଳବାଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରେଳବାଇ ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତା ବିକାଶ ହେବା ସହ ବ୍ୟାପକ ସଚେତନତା ଆବଶ୍ୟକ ବୋଲି ସେ କହିଛନ୍ତି।

## ଗୁଣ୍ଡିଚା ମନ୍ଦିର ସୌନ୍ଦର୍ଯ୍ୟୀକରଣ କାମ ବନ୍ଦ

**ପୁରୀ,୧୨।୨(ସମିସ):** ନୂଆ ରୂପ ପାଇବ ଶ୍ରୀଗୁଣ୍ଡିଚା ମନ୍ଦିର। ବିଭିନ୍ନ ସ୍ଥାନର ମରାମତି କରାଯିବ। ଚଟାଣ ପଥର ବଦଳିବା ସହ ରୋଷଶାଳାର ଛାତ ବୃଦ୍ଧି ହେବ। ମନ୍ଦିର ଭିତରେ ଭକ୍ତ ଦେଖିବେ ମହାପ୍ରଭୁଙ୍କ ବେଶ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ଚିତ୍ର। ଏହାବ୍ୟତୀତ ମନ୍ଦିର ଚତୁର୍ପାର୍ଶ୍ୱରେ ମଧ୍ୟ ହେବ ସୌନ୍ଦର୍ଯ୍ୟୀକରଣ। ଗୁଣ୍ଡିଚା ମନ୍ଦିରକୁ ନେଇ ଏମିତି ଅନେକ ପରିକଳ୍ପନା କରାଯାଇଥିଲା। 'ଅବଢ଼ା' ଯୋଜନାରେ ବ୍ୟୟବରାଦ କରାଯିବା ସହ ମରାମତି ଏବଂ ସୌନ୍ଦର୍ଯ୍ୟୀକରଣ କାମ ମଧ୍ୟ ଚାଲିଥିଲା। ହେଲେ ୬/୭ମାସ ହେବ, ମନ୍ଦିର କାମ ବନ୍ଦ କରିଦିଆଯାଇଛି। କିଏ ଏବଂ କାହିଁକି ହଠାତ୍ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ, ତାହାର ଉତ୍ତର କାହା ପାଖରେ ନାହିଁ। ରଥଯାତ୍ରା ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ସୁଦ୍ଧା ସମସ୍ତ କାମ ଶେଷ କରିବାକୁ ଓବିସିସିକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏବେ କାମ ବନ୍ଦ ରହିଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରେ ଫୋକସ୍‌ରେ ରହିଛି ଶ୍ରୀଗୁଣ୍ଡିଚା ମନ୍ଦିର। ଦାରୁବିଗ୍ରହଙ୍କ ଜନ୍ମବେଦୀର ବିକାଶ ଏବଂ ସୌନ୍ଦର୍ଯ୍ୟୀକରଣ ପାଇଁ ୨/୩ ବର୍ଷ ହେବ ଏକାଧିକ ବୈଠକରେ ଆଲୋଚନା କରାଯାଇଛି। ଏପରିକି, ଗତବର୍ଷ ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ ଏବଂ ସୌନ୍ଦର୍ଯ୍ୟୀକରଣ ଲାଗି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ସେହି ନିଷ୍ପତ୍ତି ପ୍ରକାରେ ଶ୍ରୀଗୁଣ୍ଡିଚା ମନ୍ଦିରର ରୂପରେଖ ବଦଳିଥା'ନ୍ତା। ନାକଚଣା ଦ୍ୱାର ମଧ୍ୟ ସମ୍ପ୍ରସାରଣ ହେବାର ଯୋଜନା ରହିଥିଲା। ଏଥିସହ ଆକର୍ଷଣୀୟ



ଚିତ୍ରକଳାରେ ପୂରା ମନ୍ଦିର ପରିସର ଝଲସାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଗୁଣ୍ଡିଚା ମନ୍ଦିର ରୋଷଘର ପାଇଁ ବ୍ୟାପକ ଯୋଜନା କରାଯାଇଥିଲା। ଗତବର୍ଷ ଅଗଷ୍ଟ ୩୦ ତାରିଖରେ ମୁଖ୍ୟ ପ୍ରଶାସକଙ୍କ ସମେତ ଜିଲ୍ଲାପାଳ, ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତା, ଶ୍ରୀମନ୍ଦିର ପ୍ରଶାସନ ଏବଂ ଓବିସିସି ଅଧିକାରୀ ପ୍ରମୁଖ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଥିଲେ। ରୋଷଘର ଦେଖିଥିଲେ। ଜିଲ୍ଲାପାଳ କହିଥିଲେ, ମନ୍ଦିର ରୋଷଘରେ ଟିଣ ଛାତ ରହିଛି। ନବଦିନାତ୍ମକ ଯାତ୍ରା ସମୟରେ ବର୍ଷା ହେଲେ ଟିଣ ଛାତରୁ ପାଣି ଗଳି ମହାପ୍ରସାଦ ରନ୍ଧନରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ରୋଷଘର ଚଟାଣର ଉଚ୍ଚତାଠାରୁ ବାହାର ନଳାର ଉଚ୍ଚତା ଅଧିକ ରହିଥିବାରୁ ପାଣି ନିଷ୍କାସନ ହେଉନାହିଁ। ଏପରିକି, ବେଳେବେଳେ ବାହାର ଡ୍ରେନ୍

**ମାର୍ଚ୍ଚ ସୁଦ୍ଧା ମରାମତି ସାରିବାକୁ ଥିଲା ନିର୍ଦ୍ଦେଶ**

ପାଣି ରୋଷଘର ଅଗଣାକୁ ପ୍ରବେଶ କରୁଛି। ନୁଆଣିଆ ଟିଣ ଛାତ ଯୋଗୁ ଧୂଆଁ ମଧ୍ୟ ଠିକ୍ ଭାବେ ବାହାରୁନାହିଁ। ତେଣୁ ଶ୍ରୀମନ୍ଦିର ରୋଷଘର ଭଳି ଏହାର ଉଚ୍ଚତାକୁ ବଢ଼ାଯିବା ସହ କଂକ୍ରିଟ୍ ଛାତ ପଡ଼ିବ। ଦୁର୍ବଳ କାନ୍ଥ ଭଙ୍ଗାଯାଇ ନୂଆ କାନ୍ଥ ତିଆରି ହେବ। ଏଥିସହ ଚଟାଣ ଏବଂ ଆନୁଷଙ୍ଗିକ ମରାମତି କାମ କରାଯିବ। ଆସନ୍ତା ରଥଯାତ୍ରା ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ସୁଦ୍ଧା ଏହି କାମ ସାରିବାକୁ ଓବିସିସିକୁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ।

ଏତଦ୍‌ବ୍ୟତୀତ ଗୁଣ୍ଡିଚା ମନ୍ଦିର ଭିତରେ ଆଉ କିଛି ଉନ୍ନତିମୂଳକ ଏବଂ ସୌନ୍ଦର୍ଯ୍ୟକରଣ କାମ ହେବ। ଭିତରେ ମହାପ୍ରଭୁଙ୍କ ବେଶ ତଥା ଶ୍ରୀଜଗନ୍ନାଥ ସଂସ୍କୃତ ଆଧାରିତ ବିଭିନ୍ନ ଚିତ୍ର ପ୍ରସ୍ତୁତ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହା ପୂର୍ବରୁ ଗୁଣ୍ଡିଚା ମନ୍ଦିର ଆନନ୍ଦ ବଜାର ଜାଗାରେ ଦୁଇ ମହଲା ଘର ତିଆରି ହେବ। ତଳେ ମହାପ୍ରସାଦ ବିକ୍ରି ହେବ। ଉପରେ ଭକ୍ତମାନେ ମହାପ୍ରସାଦ ସେବନ କରିପାରିବେ। ସେହିଭଳି ରୋଷଘର କାମ ସାରି ଯେଉଁ ଜାଗାରେ ସୁଆର ମହାସୁଆରମାନେ ବିଶ୍ରାମ ନେଉଛନ୍ତି, ସେ ଜାଗାରେ ପକ୍କା ଘର ତିଆରି କରାଯିବ। ସିଂହଦ୍ୱାର ପ୍ରବେଶ ପରେ ଭିତର ବାମପାର୍ଶ୍ୱକୁ ପ୍ରବଚନ ମଣ୍ଡପ ହେବ। ଏଠାରେ ଭକ୍ତଙ୍କ ପାଇଁ ପ୍ରବଚନ କାର୍ଯ୍ୟକ୍ରମ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ଗୁଣ୍ଡିଚା ମନ୍ଦିର ଚତୁଃପାଶ୍ୱର୍ର ଉନ୍ନତୀକରଣ ଏବଂ ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ଅବଢ଼ା ଯୋଜନା ସମେତ ସ୍ୱତନ୍ତ୍ର ଭାବେ ଗୁଣ୍ଡିଚା ମନ୍ଦିର ମରାମତି ଏବଂ ସୌନ୍ଦର୍ଯ୍ୟୀକରଣ ପାଇଁ ପ୍ରାୟ ୯ ୯ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ହେଲେ ଭିତରେ ଅଳ୍ପ କିଛି କାମ କରାଯାଇଥିବା ବେଳେ ୬/୭ ମାସ ହେବ ହଠାତ୍ କାମ ବନ୍ଦ କରିଦିଆଯାଇଛି।

# ଅଟକ ଚାଉଳ ଟ୍ରକ୍‌ରୁ ଜରିମାନା ଆଦାୟ

ପାରଳାଖେମୁଣ୍ଡି,୧୨ ।୨(ସମିସ)



ପାରଳାଖେମୁଣ୍ଡିରେ ଏକ ଟ୍ରକରେ ପିଡିଏସ୍ ଚାଉଳ ଚୋରାଚାଲାଣ ହେଉଥିବାର ସନ୍ଦେହ କରି ଲୋକେ ରବିବାର ରାତିରେ ପୁଲିସର ଜିମା ଦେଇଥିଲେ । ପୁଲିସ୍ ଉକ୍ତ ଟ୍ରକ୍‌କୁ ଥାନାରେ ଅଟକ ରଖିଥିଲା । ମଙ୍ଗଳବାର ଜିଲ୍ଲା ଯୋଗାଣ ଅଧିକାରୀ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବିଭାଗୀୟ କର୍ମଚାରୀ ଯାଞ୍ଚ କରିଥିଲେ । ଉକ୍ତ ଟ୍ରକ୍‌ରେ ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗ ଅଖା ସମେତ ଗୋଖାଦ୍ୟ, ସାର, କୀଟନାଶକ ଅଖା ସମେତ ଅନ୍ୟାନ୍ୟ ଅଖାରେ ଚାଉଳ ରହିଥିବା ଦେଖିବାକୁ ମିଳିଥିଲା । ଏପରିକି ଟ୍ରକ୍‌ରେ ଥିବା ଚାଉଳ ବସ୍ତା ସମପରିମାଣ ନଥିବାର ଲକ୍ଷ୍ୟକରାଯାଇଥିଲା । ବୁଧବାର ଏମଭିଆଇ ଉକ୍ତ ଟ୍ରକରେ ତିନି ଟନ୍‌ରୁ ଅଧିକ ଚାଉଳ ରହିଥିବା ଦର୍ଶାଇ ୩୭ ହଜାର ୩୨୦ ଟଙ୍କା ଜରିମାନା ଆଦାୟ କରିଥିଲେ । ମଙ୍ଗଳବାର ଦିନ ଯେତେବେଳେ ଥାନାରେ ଅଟକ ଚାଉଳ ବୋଝେଇ ଟ୍ରକ୍‌କୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚ ଚାଲିଥିଲା ସେବେଳେ ସହରର ବିଭିନ୍ନ ବ୍ୟବସାୟୀ ଉପସ୍ଥିତ ଥିଲେ । ଜିମା ଦେଇଥିବା ଲୋକଙ୍କ କହିବା ମୁତାବକ ଯେଉଁ ବେପାରୀ ଉପସ୍ଥିତଥିଲେ ସେମାନେ ଚାଉଳ ବେପାରୀ ନ ଥିଲେ । ସେମାନେ ଗୋଟିଏ ବିଭାଗୀୟ ଯାଞ୍ଚ ସମୟରେ କାହିଁକି ଉପସ୍ଥିତ ଥିଲେ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବିଭାଗୀୟ ଯାଞ୍ଚ ବେଳେ ସେମାନେ ଉପସ୍ଥିତି ନେଇ ଲୋକେ ବିଭାଗୀୟ କର୍ତ୍ତୃପକ୍ଷ ଓ ବିଭିନ୍ନ ବ୍ୟବସାୟୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ଏବଂ ଚାଉଳ ଟ୍ରକ୍‌କୁ ଖସାଇବା ପାଇଁ ଉଦ୍ୟମ କରାଯାଉଥିବାର ସନ୍ଦେହ ପ୍ରକାଶ କରିଥିଲେ । ଆଜି ତାହା ସତ୍ୟରେ ପରିଣତ ହୋଇଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

## ଚୋରି ପରେ ଲୁଟେରାଙ୍କ ଅଭିନବ କାଣ୍ଡ
# ‘ଆମେ ଲୋକାଲ୍ ଗ୍ୟାଙ୍ଗ୍’

**ପୁରୁଷୋତ୍ତମପୁର,୧୨ ।୨(ସମିସ):** ପୁରୁଷୋତ୍ତମପୁର ବ୍ଲକ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଡଖରିଡା ଶ୍ରୀକାଳେଶ୍ୱର ଉଚ୍ଚ ବିଦ୍ୟାଳୟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ବ୍ୟାପକ ଭଙ୍ଗା ରୁଜା ସହ ଚୋରି କରିଛନ୍ତି । ଲୁଟେରା ମାନେ ବିଦ୍ୟାଳୟ କୋଠାର ଫାଟକ ଭାଙ୍ଗି ଏଲଇଡ଼ି ଟିଭି, ଫ୍ୟାନ ଭଙ୍ଗାରୁଜା କରିବା ସହ ସିସି ଟିଭି, ଡିପିଆର, ଇନଭର୍ଟର



ସହିତ ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି । ଚୋରି ପରେ ଲୁଟେରା ମାନେ ବିଦ୍ୟାଳୟର ବ୍ଲାକ ବୋର୍ଡରେ (ଆମେ ଲୋକାଲ ଗ୍ୟାଙ୍ଗ) ବୋଲି ଲେଖି ପୁଲିସକୁ ଖୋଲା ଚାଲେଞ୍ଜ ଦେଇଛନ୍ତି । ବୁଧବାର ବିଦ୍ୟାଳୟ ଖୋଲିବା ପରେ ଶିକ୍ଷକମାନେ ଚୋରି ଘଟଣା ଦେଖି କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ପହଞ୍ଚି ତଦନ୍ତ ଚଳାଇଛି । ଗତମାସ ୨୫ ତାରିଖ ଠାରୁ ଇତି ମଧ୍ୟରେ ବିଦ୍ୟାଳୟରେ ୫ ଥର ଚୋରି ହୋଇଥିବା ବେଳେ ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ବି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ କରିଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନା ପଣ୍ଡା । ବିଦ୍ୟାଳୟର ଚୋରି ଘଟଣାରେ ପୁଲିସର ନିରବତାକୁ ନେଇ ଛାତ୍ରଛାତ୍ରୀ ମାନେ ରାସ୍ତା ରୋକ କରିଥିଲେ । ପରେ ସରପଞ୍ଚଙ୍କ ପ୍ରତିନିଧି ପହଞ୍ଚି ବୁଝାସୁଝା କରିବାରୁ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନରୁ ଓହରିଥିଲେ ।

## ଦୁର୍ଘଟଣାରେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ
# ମେଡିକାଲ୍ ନେଲେ ଆଇପିଏସ୍ ଅଧିକାରୀ

ଛତ୍ରପୁର,୧୨ ।୨(ସମିସ)



ଦୁର୍ଘଟଣାରେ ଶିକାର ହୋଇଥିବା ବ୍ୟକ୍ତିଙ୍କୁ ସଠିକ ସମୟରେ ମେଡିକାଲରେ ପହଞ୍ଚାଇଦେଲେ ତାର ସଠିକ ଚିକିତ୍ସା ହେବାସହ ଏକ ମୂଲ୍ୟବାନ ଜୀବନ ମଧ୍ୟ ବଞ୍ଚିପାରିବ । ଏନେଇ ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ସଚେତନତା କରାଯାଉଥିଲେ ବି ବୁଧବାର ଜଣେ ବ୍ୟକ୍ତି ସଡକ ଦୁର୍ଘଟଣାର ଶିକାର ହୋଇ ରାସ୍ତାରେ ପଡି ରହିଥିଲେ ବି କୌଣସି ଲୋକ ତାକୁ ସାହାର୍ଯ୍ୟ କରିବାକୁ ଆଗକୁ ଆସିନଥିଲେ । ଫଳରେ ବିଳମ୍ବରେ ମେଡିକାଲ ପହଞ୍ଚିବାରୁ ତାଙ୍କ ମୃତ୍ୟୁ ଘଟିଛି । ଛତ୍ରପୁର ଥାନା ଅଧିନ ପାଲିଆ ଛତ୍ରପୁର ଛକ ଜାତୀୟ ରାଜପଥ ପାଶ୍ୱର୍ରେ ବିଦ୍ୟୁତ ବିଭାଗ କର୍ମଚାରୀ ବି.ବିଘ୍ନେଶ୍ୱର ରାଓ ନିଜ ସ୍କୁଟି ଧରି ରାସ୍ତା ପାର ହେବାପାଇଁ ଛିଡା ହୋଇଥିବା ବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇଥିଲେ । ଘଟଣା ସ୍ଥଳରେ ବହୁ ସମୟ ପ୍ରର୍ଯ୍ୟନ୍ତ ପଡି ରହିଥିଲେ ବି ତାଙ୍କୁ କେହି ମେଡିକାଲ ନେଇନଥିଲେ । ସେହି ସମୟରେ ପ୍ରୋବିସାନାଲ ଆଇପିଏସ ମାନସୀ ସୌଗୁନ ଆସୁଥିବା ବେଳେ ତାଙ୍କୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସମ୍ପୃକ୍ତ କର୍ମଚାରୀଙ୍କ ଘର ବକ୍ସିପଲ୍ଲୀ ହୋଇଥିବା ବେଳେ ସେ ପାଲିଆ ଛତ୍ରପୁରରେ ରହୁଥିଲେ । ଘରୁ ନିଜ ଗାଡି ଧରି ଡ୍ୟୁଟିକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଖବର ପାଇ ବିଦ୍ୟୁତ ବିଭାଗ ଅଧିକାରୀ, କର୍ମଚାରୀ ଓ ସର୍ମ୍ପକୀୟ ମାନେ ମେଡିକାଲରେ ପହଞ୍ଚିଥିଲେ ।

# ତିନି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

**ପାତ୍ରପୁର,୧୨ ।୨(ସମିସ):** ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତରେ ବୁଧବାର ତିନି ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଚିକିଟୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା । ଶ୍ରୀ ସାମନ୍ତରା ପ୍ରଥମେ ପାହାଡ଼ ଶିଖର ଗାଁ ଆଙ୍କୁଲିରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅନ୍ତର୍ଭୁକ୍ତ ଆଙ୍କୁଲି ଠାରୁ ଧୁବାଲିଙ୍ଗି ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଶୁଭ ଦେଇଥିଲେ । ସେହିପରି ତାଡ଼କାସାହି ଠାରୁ ମାଡୁଆଗୁମା ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଏବଂ ତାଡ଼କାସାହି ଠାରୁ କରଡ଼ାବାଡ଼ି ଯାଏଁ ହେବାକୁ ଥିବା ରାସ୍ତାର ଶୁଭ ଦେଇଥିଲେ । ଏଥିରେ ପାତ୍ରପୁର ବ୍ଲକ ଅଧକ୍ଷା ୱାଇ. ସଂଯୁକ୍ତା, ନାରୀନେତ୍ରୀ ମୀନା ଦ୍ୟାନ ସାମନ୍ତରା, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସମ୍ବିତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ପୀତବାସ ନାୟକ, ଜ୍ୟୋତି ରଞ୍ଜନ ସାମଲ, ଠିକାଦାର ବୃନ୍ଦାବନ ସାହୁ, ଶ୍ରୀକାନ୍ତ ସାହୁ, ସତ୍ୟବାନ ସାହୁ, ବଳରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକ ନିଜ ଗସ୍ତ ସମୟରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ ଏବଂ ଆଗାମୀ ଦିନରେ ପ୍ରତ୍ୟେକ ଗାଁକୁ ରାସ୍ତା ସଂଯୋଗୀକରଣ କରାଯିବ ବୋଲି କହିଥିଲେ । ଆଙ୍କୁଲି ସରପଞ୍ଚ ନମିତା ନାଇକ, ସନ୍ତୋଷ ପାତ୍ର, ବାଲାଜି ପାଢ଼ୀ, ବାଳକୃଷ୍ଣ ରେଡ୍ଡୀ, ଲଳିତା ପ୍ରଧାନ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ବିଜେପି ପକ୍ଷରୁ ମିଶ୍ରଣ ପର୍ବ

**ପାତ୍ରପୁର,୧୨ ।୨(ସମିସ):** ପାତ୍ରପୁର ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମରେ ଚିକିଟି ବିଜେପି ପକ୍ଷରୁ ବୁଧବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ



ସାମନ୍ତରାଙ୍କ ତତ୍ତ୍ୱାବଧାନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଉକ୍ତ ଗ୍ରାମର ବିଜୟ ରଣା, ରାମନାଥ ରଣା, ପିଙ୍କୁ ରଣା, ସୁଦାମ ରଣା, କାହ୍ନୁ ରଣା, ସୂର୍ଯ୍ୟ ରଣା, ପ୍ରଦୀପ ରଣା, ନାରାୟଣ ରଣା ପ୍ରମୁଖଙ୍କ ସମେତ ୨୬ଟି ପରିବାର ବିଜେପିରେ ସାମିଲ ହୋଇଥିଲେ । ଉକ୍ତ ମିଶ୍ରଣ ପର୍ବରେ ପାତ୍ରପୁର ବ୍ଲକ ଅଧକ୍ଷା ୱାଇ. ସଂଯୁକ୍ତା, ମୀନା ଦ୍ୟାନ ସାମନ୍ତରା, ଜୟନ୍ତୀପୁର ସମିତି ସଭ୍ୟ ବାଲାଜୀ ପାଢ଼ୀ ଓ ଅନ୍ୟ ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ ।

# ବ୍ଲକ୍‌ସ୍ତରୀୟ ଆଇନ ସଚେତନତା

**ସୋରଡ଼ା/ପୋଲସରା,୧୨ ।୨(ସମିସ):** ସ୍ଥାନୀୟ ପଞ୍ଚାନନ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଏକ ମହିଳା ମାନଙ୍କ ସମାଜରେ ଅଧିକାର, ସୁରକ୍ଷା ଓ ସଚେତନତା ସଭା ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ମୁଖ୍ୟ ମହିଳା ଶିଶୁ ବିକାଶ ଅଧିକାରୀ ଡ଼ି ନାଗରତ୍ନମ, ସୋରଡ଼ା ମହିଳା ଓ ଶିଶୁ ବିକାଶ ଅଧିକାରୀ ସବିତା ସାବତଙ୍କ ସହ ସୋରଡ଼ା ସ୍ୱାସ୍ଥ୍ୟ ସଚେତନ ଅଧିକାରୀ ଡ଼ଃ ଅଜିତ କୁମାର ପାଣିଗ୍ରାହୀ, ସରପଞ୍ଚ ତଥା ବିଧାୟକ ପ୍ରତିନିଧି ଦେବରାଜ ମଲ୍ଲିକ, ସୋରଡ଼ା ଏନ୍ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ଗୋଛା ସରପଞ୍ଚ ତ୍ରିଲୋଚନ ସାହୁ, ୬୪ ନଂ ଜିଲ୍ଲା ପରିଷଦ ରାମ ଶବର, ଉପଖଣ୍ଡ ସ୍ତରୀୟ ସମାଜ ମଙ୍ଗଳ ଅଧିକାରୀ ଆସିଓ ଶବର, ଆଇଏସ୍ଆର୍‌ଡିର ବ୍ରହ୍ମପୁର ସଖି ୱାନ ଷ୍ଟପ କର୍ମଚାରୀ ଗୋପାଳକୃଷ୍ଣ ଦଳବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏହି ବ୍ଲକର ସିଡିପିଓଙ୍କ ତତ୍ତ୍ୱାବଧାନରେ ନିର୍ଯାତିତ ମହିଳା ଓ ବାଳିକା ମାନଙ୍କ ସମସ୍ୟା ସମାଧାନ ବିଷୟରେ ମଞ୍ଚାସିନ ଅଧିକାରୀ ମାନେ ଆଲୋକପାତ କରିଥିଲେ । ଗାଜଲବାଡ଼ି ସରପଞ୍ଚ ତଥା ଆଗ ଧାଡ଼ିର ମହିଳା ରଶ୍ମିତା ଆଚାର୍ଯ୍ୟ ବାଳିକା ମାନଙ୍କୁ ପାରିବାରିକ ହିଂସା, ବଳାତ୍କାର, ବାଲ୍ୟ ବିବାହ ଓ ଅନ୍ୟାନ୍ୟ ହିଂସା ବିଷୟରେ ବୁଝାଇଥିଲେ । ଶିଶୁ ପ୍ରକଳ୍ପ ଅଧିକାରୀ ମହିଳା ଏବଂ ଶିଶୁମାନଙ୍କ ଉପରେ ସରକାରଙ୍କ ସାମୂହିକ ଯୋଜନା ସମ୍ପର୍କରେ ବୁଝାଇଥିଲେ ।

ମହିଳା ଆଇନଜୀବୀ ଶ୍ରାବଣୀ ଦାସ ଓ ଜିଲ୍ଲା ସ୍ତରର ବିଶେଷଜ୍ଞ ଦାଶରଥି ତ୍ରିପାଠୀ ପ୍ରମୁଖ ବିଭିନ୍ନ ଭ୍ରାନ୍ତ ଧାରଣା, କଳୁଷିତ ପ୍ରଥା ବିଷୟରେ ବୁଝାଇଥିଲେ । ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ମମତା ସଂଯୋଜକ କାହ୍ନୁ ଚରଣ ସାହୁ ସଂଯୋଜନା କରିଥିଲେ ।

ପୋଲସରା ମାତୃଶକ୍ତି କଲ୍ୟାଣ ମଣ୍ଡପରେ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ରାଜ୍ୟ ମହିଳା କମିଶନ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସଂଯୋଜନା କରାଯାଇଥିଲା । ପୋଲସରା ବ୍ଲକ ଅଧ୍ୟକ୍ଷା କଳ୍ପନା କୁମାରୀ ପ୍ରଧାନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅବିଦା ପରବିନ୍, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଜମିର ଅଲ୍ଲୀ ଖାଁ, ସମ୍ମାନିତ ଅତିଥି ଭାବେ ପୋଲସରା ମେଡିକାଲ ଇନଚାର୍ଜ ଗୋପବନ୍ଧୁ ବେହେରା, ପୋଲସରା ଥାନା ଏସ୍.ଆଇ ମିଲନ୍ ପ୍ରଧାନ, ସିଡ଼ିପିଓ ତିଲୋତ୍ତମା ରାଉତ, ଶିକ୍ଷାବିତ୍ ସୁକାନ୍ତି ସାହୁ ପ୍ରମୁଖ ମଞ୍ଚାସୀନ ଆଇନ ସମ୍ପର୍କିତ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଶିଶୁ ସୁରକ୍ଷା, ଶିଶୁ ଅଧିକାର, ମହିଳା ମାନଙ୍କ ସୁରକ୍ଷା ଓ ଅଧିକାର, ଘରୋଇ ହିଂସା, ବୟସ୍କ ମାନଙ୍କୁ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଆଇନ ପରାମର୍ଶଦାତା ଜମିର୍ ଅଲ୍ଲୀ ଖାଁ ବିସ୍ତୃତ ସୂଚନା ଓ ତଥ୍ୟ ପ୍ରଦାନ କରି ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ପୋଷଣ ଡି.ସି ଅବିନାଶ ଚୌଧୁରୀ, ଅଙ୍ଗନବାଡ଼ି ସୁପରଭାଇଜର ସୁରଭି କୁସୁମ ଦାସ, ସବିତା ଶବର, ମୁକ୍ତା ଦେବୀ, ଅଙ୍ଗନବାଡି କର୍ମୀ ସଂଘର ସଭାପତି ଜ୍ୟୋସ୍ନାରାଣୀ ମିଶ୍ର, ଉପସଭାପତି ସସ୍ମିତା ପଟ୍ଟନାୟକ, ସମ୍ପାଦିକା ରାଜଲକ୍ଷ୍ମୀ ମହାପାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କ୍‌ମିତ୍ର, ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିପିସି ନୀଳାଞ୍ଚଳ ସାହୁ ସଂଯୋଜନା କରିଥିବା ବେଳେ ସିଡ଼ିପିଓ ତିଲୋତ୍ତମା ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମହିଳା ଆଇନ ସଚେତନତା ସଭା

**ଦିଗପହଣ୍ଡି,୧୨ ।୨(ସମିସ):** ଦିଗପହଣ୍ଡି ପୁଞ୍ଜିକୟାଁ ଛକ ସ୍ଥିତ ନନ୍ଦିଘୋଷ କଲ୍ୟାଣ ମଣ୍ଡପରେ ମହିଳାଙ୍କ ଅଧିକାର ସମ୍ପର୍କିତ ଆଇନ ସଚେତନତା ସଭା ସିଡିପିଓ ପୁଷ୍ପାଞ୍ଜଳି ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମହିଳା କମିଶନଙ୍କ ନିର୍ଦ୍ଦେଶ ଏବଂ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସହଯୋଗ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପଦ୍ମିନୀ ସାହୁ, ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଯମୁନା ନାଇକ, ତହସିଲଦାର ଅନିତା କୁମାରୀ ସାହୁ, ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ, ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ, ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ଅଶୋକ କୁମାର କର୍ଣ୍ଣ ଏବଂ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଶେଷ କରି ମହିଳା ସୁରକ୍ଷା ଆଇନ, ମହିଳାଙ୍କ ଅଧିକାର ଏବଂ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ଅତିଥି ବୃନ୍ଦ ଆଲୋକପାତ କରିଥିଲେ । ଆଇନଜୀବୀ ଅମୀୟ କୁମାର ତ୍ରିପାଠୀ ଏବଂ କୃଷ୍ଣଚନ୍ଦ୍ର ବେହେରା ସଭାରେ ଉପସ୍ଥିତ ଥିବା ମହିଳା ମାନଙ୍କୁ ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରାଇଥିଲେ । କାର୍ଯ୍ୟକ୍ରମକୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ସଂଯୋଜନା କରିଥିବା ବେଳେ ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାକୁଡ଼, ସରପଞ୍ଚ ଫନେନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଲିଙ୍ଗରାଜ ଦୋରା, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ଚିତ୍ରସେନ ଗୌଡ଼ଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ବୃନ୍ଦ, ଅଙ୍ଗନବାଡ଼ି ସୁପ୍ରଭାଇଜର, ଅଙ୍ଗନବାଡି କର୍ମୀ, ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀ ଉପସ୍ଥିତ ଥିଲେ ।

# ଓଲଟିଲା ଅଟୋ; ଦୁଇ ଗୁରୁତର

**ଦିଗପହଣ୍ଡି,୧୨ ।୨(ସମିସ):** ଦିଗପହଣ୍ଡି ଥାନା ଅନ୍ତର୍ଗତ ମା' ନିଜ ବାଙ୍କେଶ୍ୱରୀ ମନ୍ଦିର ଘାଟିରେ ଏକ ଡାଲା ଅଟୋ ନଂ (ଓଡି ୩୨ ଏଫ ୧୦୩୬) ବୁଧବାର ଅପରାହ୍ନରେ ଭାରସାମ୍ୟ ହରାଇ ଓଲଟି ପଡିଥିବା ଜଣାପଡିଛି । ଫଳରେ ଅଟୋରେ ବସିଥିବା ଆଳିକା ଥାନା ପଢାଳ ଜୟପୁର ଗ୍ରାମର ଦେବରାଜ ଲେଙ୍କା (୪୮) ଏବଂ ମହନ୍ତ ଲେଙ୍କା (୫୦) ଗୁରୁତର ଆହତ ହୋଇଛନ୍ତି । ଦିଗପହଣ୍ଡିରୁ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରିଥିଲା । ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯିବା ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ପ୍ରକାଶ ଥାଉକି ଦେବରାଜ ଏବଂ ପଡୋଶୀ ବାପୁଜୀ ନାହାକଙ୍କ ପରିବାର ଲୋକେ ମିଶି ବାଙ୍କେଶ୍ୱରୀ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ସେଠାରୁ ଫେରିବା ବାଟରେ ଏହି ଦୁର୍ଘଟଣା ଘଟିଥିଲା ।

# ନୀଳକଣ୍ଠେଶ୍ୱର ନାଟ୍ୟକଳା ସଂସଦର ବହିପୂଜା

**କବିସୂର୍ଯ୍ୟନଗର,୧୨ ।୨(ସମିସ):** କୁମ୍ଭ ସଂକ୍ରାନ୍ତି ଅବସରରେ ପରିଡା ପୁଞ୍ଜୀ ମା'ଦକ୍ଷିଣ କାଳୀ ମନ୍ଦିରରେ ଦଣ୍ଡ ନାଟକର ବହି ପୂଜା ଉତ୍ସବ ପାଳିତ ହୋଇଯାଇଛି । ଚଳିତ ବର୍ଷ ସାମାଜିକ ନାଟକ “କହିବାକୁ ଲାଜ, ଶୁଣିଲେ ପାପ’ ବହି ପୂଜା ହୋଇଯାଇଛି । ବହିର ଲେଖକ ଅଜୟ ସ, ବଳିଷ୍ଠ ନାଟ୍ୟ ନିର୍ଦ୍ଦେଶନା ରମାକାନ୍ତ ଆଚାର୍ଯ୍ୟ (ନିଲୁ), ମ୍ୟୁଜିକ ଗୁଡ଼ିଆଳି କାଳିଆ, ଡାନ୍ସ ରୋମିଓ ଗ୍ରୁପ ବ୍ରହ୍ମପୁର ଦ୍ୱାରା ସଜେଇ ହେଉଛି ନାଟକ । ମନ୍ଦିର ପୂଜାରୀଙ୍କ ଦ୍ୱାରା ମା' ଦକ୍ଷିଣ କାଳୀଙ୍କ ଠାରେ ପୂଜାପାଠ ହେବା ପରେ ଆଖଡ଼ାରେ ବହି ପହଞ୍ଚିଥିଲା । ସେଠାରେ ନାଟକ ନିର୍ଦ୍ଦେଶକ ରମାକାନ୍ତ ଆଚାର୍ଯ୍ୟ ଦ୍ୱାରା ପୂଜାପାଠ ହୋଇ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ କଳାକାରଙ୍କୁ ନିଜ ନିଜ ଭୂମିକାର ପୁସ୍ତିକା ବଣ୍ଟନ କରିଥିଲେ । ନୀଳକଣ୍ଠେଶ୍ୱର ନାଟ୍ୟ କଳା ସଂସଦ ପରିଡ଼ା ପାର୍ଟିର ସଭାପତି ଡ୍ରାଇଭର ଖୁଣ୍ଟିଆ, ଉପସଭାପତି ତ୍ରିପତି ମହାରଣା, ସମ୍ପାଦକ ପ୍ରକାଶଚନ୍ଦ୍ର ଜେନା, ଯୁଗ୍ମ ସମ୍ପାଦକ ନୀଳମଣି ପଟ୍ଟନାୟକ, ଅଧିକାରୀ ସୁବାସ ଚନ୍ଦ୍ର ଜେନା, ସହ ଅଧିକାରୀ ରଞ୍ଜନ ସାହୁ, ମ୍ୟାନେଜର ହୀନ ଖୁଣ୍ଟିଆ, ସହ ମ୍ୟାନେଜର ସୀମାଞ୍ଚଳ ରାଉତ, କୋଷାଧ୍ୟକ୍ଷ ମିଟୁ ବିଶ୍ୱାଳ, ଉପଦେଷ୍ଟା ସତ୍ୟନାରାୟଣ ପାତ୍ର ଓ ବ୍ରଜସୁନ୍ଦର ମଳିକ ଉପସ୍ଥିତ ରହିଥିଲେ ।

# ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ

**ରମ୍ଭା,୧୨ ।୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପଞ୍ଚମ ଶ୍ରେଣୀ ଛାତ୍ର ଶିବ ଗୌଡ଼ ୨୦୨୪-୨୦୨୫ ଶିକ୍ଷାବର୍ଷ ପାଇଁ ଗଞ୍ଜାମ ବ୍ଲକ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ବିଦ୍ୟା ମନ୍ଦିର ୨୦୦୩ରୁ ୨୦୨୪ ଯାଏ ସରକାରୀ ବୃତ୍ତିରେ ସଫଳତା ଆଣୁଥିବାରୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ଓ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ତ୍ରିପାଠୀ, ଉପ ପ୍ରଧାନ ଆଚାର୍ଯ୍ୟା ଅପରାଜିତା ରଥଙ୍କୁ ଓ ଶିବ ଗୌଡ଼ଙ୍କୁ ୨୪ ତମ ବିବେକାନନ୍ଦ ଜୟନ୍ତୀ ଓ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରିଥିଲେ । ଶିବ ହେଉଛନ୍ତି ରାଜେନ୍ଦ୍ର ଗୌଡ଼, ମା' ଅହଲ୍ୟା ଗୌଡଙ୍କ ସନ୍ତାନ ।

# ମାଗଣା ଦନ୍ତ ଚିକିତ୍ସା ଶିବିର

**ଛତ୍ରପୁର,୧୨ ।୨(ସମିସ):** ଛତ୍ରପୁରର ସ୍ୱେଚ୍ଛାସେବୀ ସଂଗଠନ ୟୁଥ ମାସ୍ ସେବା ସଂଘ ଏବଂ କେୟାର ୩୨ଏ ମଲ୍ଟି ସ୍ପେସିଆଲ ଡେଣ୍ଟାଲ କ୍ଲିନିକ ମିଳିତ ଆନୁକୂଲ୍ୟରେ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ତିରୁପତିରାଓପେଟା ସାହି ସ୍ଥିତ ଶିଶୁ ମନ୍ଦିର ପରିସରରେ ୟୁଥ ମାସ ସେବା ସଂଘ ସମ୍ପାଦକ ସୟଦ ମୁକ୍ତାରଙ୍କ ଅଧ୍ୟକ୍ଷତାରେ ଡାକ୍ତର ଅଭିଷେକ ପାତ୍ର ଏବଂ ତାଙ୍କ ଟିମ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କ ଦାନ୍ତ ଚିକିତ୍ସା କରିବା ସହିତ ମାଗଣା ଔଷଧ ପ୍ରଦାନ କରିଥିଲେ । ଏହି ଅବସରରେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ୟୁଥ ମାସ ସେବା ସଂଘ ଅଧ୍ୟକ୍ଷ ଡ଼ଃ ବନମାଳି ନେପାକ, ଉପଦେଷ୍ଟା ରାଜେଶ ସାହୁ ଓ ବି. ଶ୍ରୀନିବାସ, ଉପସଭାପତି ତଥା ୮ନଂ ୱାର୍ଡ କାଉନସିଲର କେ. ରମେଶ, ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ସ୍ୱାଭିମାନ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ପ୍ରଶାନ୍ତ ମହାରଣା ଓ ବିଦ୍ୟାଳୟ ପ୍ରଧାନଚାର୍ଯ୍ୟ ରାଜୁ ବାରିକ ଯୋଗ ଦେଇଥିଲେ ।

# ଅଷ୍ଟପ୍ରହର ନାମଯଜ୍ଞ

**କୁକୁଡ଼ାଖଣ୍ଡି,୧୨ ।୨(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗାଁର କଟକନଗର ସାହିରେ ମାଘ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି । ବୁଧବାର ଭୋରରୁ ଅଧିବାସ ହେବା ସହ ନାମଯଜ୍ଞ ଆରମ୍ଭ ହୋଇଥିଲା । ଆଙ୍କୁଶପୁରସ୍ଥିତ ଇସ୍କନ ମହନ୍ତ ସୁରେଶ ଦାସ ନାମଯଜ୍ଞ ପରିଚାଳନା କରିଥିଲେ । କାଳିଆ ଗୌଡ଼, ଉଦୟ ଗୌଡ଼, ଦୁଃଖୀ ଗୌଡ଼, ଦିବାକର ସାମଲ, ବାବୁ ଗୌଡ଼, ଅଭିମନ୍ୟୁ ଗୌଡ଼, ଅରୁଣ ଗୌଡ଼, ପୂର୍ବତନ ସମିତିସଭ୍ୟ ଦେବରାଜ ଗୌଡ଼, ଶିବରାମ ଗୌଡ଼, ରୁଦ୍ର ଗୌଡ଼, ବଳରାମ ଗୌଡ଼, ସୁଜିତ ଗୌଡ଼, କୈଳାଶ ଗୌଡ଼, କାହ୍ନୁ ଗୌଡ଼, ଦିବାକର ଗୌଡ଼, ଜିତେନ୍ଦ୍ର ଗୌଡ଼ ପ୍ରମୁଖ ନାମ ସଂକୀର୍ତ୍ତନ ପରିବେଷଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଗାଁର କୁମ୍ଭାର ସାହି, ତୁଡୁକପଲ୍ଲୀର ମହିଳା ସଂକୀର୍ତ୍ତନ ଦଳ ହରିନାମ ଗାନ କରିଥିଲେ ।

# ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର,୧୨ ।୨(ସମିସ):** କବିସୂର୍ଯ୍ୟନଗର ଦଧିବାମନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରିଡା (ଏ) ପରିସରରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକ ପ୍ରତିନିଧି ସଙ୍ଗୀତ ପାଢ଼ୀ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଡ଼ଃ. ନିହାରିକା ସାମନ୍ତରାୟ ଓ ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ଭାରପ୍ରାପ୍ତ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇ ଉଦଘାଟନ କରିଥିଲେ । ଅତିଥି ଭାବେ ସରପଞ୍ଚ ଗୀତାଞ୍ଜଳି ସାହୁ, ଶିକ୍ଷାବିତ ସୀମାଞ୍ଚଳ ପାଣି, ଏବିଇଓ ରବିନାରାୟଣ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଷ୍ଠାନର ପ୍ରଶିକ୍ଷିକା ଡ଼ଃ. ନିହାରିକା ସାମନ୍ତରାୟ, ବିଇଓ ଅଭିମନ୍ୟୁ ସାହୁ, ଆସିକା ବିଧାୟକ ପ୍ରତିନିଧି ସଙ୍ଗୀତ ପାଢ଼ୀ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ଆସିକା ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର, ସମିତି ସଭ୍ୟା ପ୍ରତିନିଧି ଧୀରେନ୍ଦ୍ର ସାହୁ, ଜିଲ୍ଲା ପରିଷଦ ବଳରାମ ପ୍ରଧାନ, ଶିକ୍ଷାବିତ ପ୍ରଶ୍ନ ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ନୀଳମାଧବ ପ୍ରଧାନ ଓ ସିଆରସିସି ମିହିର କାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ । ଏହାକୁ ସଂଚାଳନ କରିଥିଲେ ବିଶିଷ୍ଟ ଉଦଘୋଷକ ଶିବାନନ୍ଦ ବାରିକ ।

# ଦୀନଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ

**ବେଲଗୁଣ୍ଠା,୧୨ ।୨(ସମିସ):** ବେଲଗୁଣ୍ଠା ଟାଉନହଲ ପରିସରରେ ବିଜେପି ମଣ୍ଡଳ ସଭାପତି ସି.ଏଚ ଯତୀନ ପାତ୍ରଙ୍କ ନେତୃତ୍ୱରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ ପାଳନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଜେପି ଘୁମୁସର ଜିଲ୍ଲା ସଭାପତି ନୀଳମାଧବ ପାତ୍ର, ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ଏନ୍ଏସି ସାଂସଦ ପ୍ରତିନିଧି ସନ୍ତୋଷ ତିଆଡ଼ି, ବିଜେପି ଘୁମୁସର ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ମାନସ ଭାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ ରାଉତ, ବରିଷ୍ଠ ବିଜେପି ନେତା ରବୀନ୍ଦ୍ର ନାଥ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ । କାର୍ଯ୍ୟକ୍ରମକୁ ବିଜେପି ନେତା ତପନ ମହାପାତ୍ର, ଯୁବ ନେତା ବାଳକୃଷ୍ଣ ପାତ୍ର, କାଳିଆ ଚୌଧୁରୀ, ଦିଲ୍ଲୀପ୍ ସାହୁ, ରବୀନ୍ଦ୍ର ଡାକୁଆ ପ୍ରମୁଖ ସହଯୋଗ କରିଥିଲେ ।

# ବୃଦ୍ଧି ପାଉଛି ରାଇକିଆ ବିନ୍ସର ଚାହିଦା

ଜି.ଉଦୟଗିରି,୧୨।୨(ସମିସ)

ରାଜ୍ୟରେ ସବୁଠି ଆଦର କନ୍ଧମାଳ ଜିଲ୍ଲାର ରାଇକିଆ ବିନ୍ସ । କାରଣ ଏହା ଯେମିତି ମାଂସାଳ ସେମିତି ପୁଷ୍ଟିକର ଏବଂ ସ୍ୱଦିଷ୍ଟ । ଆଉ ଭିଟାମିନରେ ଭରପୁର । ଅନ୍ୟ ସବୁ ବିନ୍ସ ଠାରୁ ନିଆରା । ବିନ୍ସ ମୁଖ୍ୟ ଚାଷ ହୋଇଥିବା ବେଳେ ଏହାରି ଉପରେ ନିର୍ଭର କରିଥାଏ ଚାଷୀର ଭାଗ୍ୟ । ଜିଲ୍ଲାରେ ପ୍ରାୟ ଚାରି ହଜାର ହେକ୍ଟରରେ ବିନ୍ସ ଚାଷ ହେଉଥିବା ବେଳେ ଜି.ଉଦୟଗିରି ଏବଂ ରାଇକିଆ ବ୍ଲକର ୯ ଶହ ହେକ୍ଟର ଜମିରେ ଚାଷ ହୋଇଥାଏ । ଜୈବିକ ପ୍ରଣାଳୀ ରେ ଚାଷ ହେଉଥିବା କାରଣରୁ ଏହା ସ୍ୱାସ୍ଥ୍ୟ ପାଇଁ ଭଲ ହେବା ସହିତ ଅଧିକ ଦିନ ତାଜା ରହିଥାଏ । ଗତ ବର୍ଷ ବିନ୍ସ ଚାଷ ପାଇଁ ପାଗ ଅନୁକୂଳ ହୋଇ ନ ଥିଲା । ଲାଭ କମ ହେବା କାରଣରୁ ଯୁବ ପିଢି



ବିନ୍ସ ଚାଷରେ ମନ ନ ଦେଇ ରୋଜଗାର ପାଇଁ ଅନ୍ୟ ରାଜ୍ୟ ମୁହାଁ ହୋଇଥିଲେ । ହେଲେ ଚଳିତ ବର୍ଷେ ବିନ୍ସ ଚାଷ ପାଇଁ ପାଗ ଅନୁକୂଳ ହେବା ସହିତ ଭଲ ଫସଲ ହୋଇଥିବା ବେଳେ ଭଲ ଅମଳ ଲକ୍ଷ୍ୟରେ ଚାଷୀ ରହିଛନ୍ତି ଏବଂ ଲାଭବାନ ହେଉଛନ୍ତି । ବର୍ଷ ତମାମ ଏହାର ଚାହିଦା ରହୁଥିବା ବେଳେ କନ୍ଧମାଳ ଜିଲ୍ଲା ସହିତ ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲା ଓ ଭୁବନେଶ୍ୱରରେ ବିକ୍ରି ହେଉଛି । ଚଳିତ ବର୍ଷ ଭଲ ଦରରେ ବିକ୍ରି କରି ଚାଷୀ ଦୁଇ ପଇସା ଲାଭ ପାଇବା ଆଶା ରଖିଛି । ଅଦିନିଆ ଫସଲ ଭାବେ ଏହାକୁ ଶୀଘ୍ର କରିବା, ଆଧୁନିକ ଏବଂ ଅଧିକ ଅମଳ ପାଇଁ କୃଷି ବୈଜ୍ଞାନିକଙ୍କ ପରାମର୍ଶ ନେଇ ଚାଷ କଲେ ଚାଷୀ ଅଧିକ ଲାଭବାନ ହୋଇପାରିବେ ବୋଲି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସୁଜିତ କୁମାର ମୁଖି କହିଛନ୍ତି ।

# ଦୀନଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ

**କୁକୁଡାଖଣ୍ଡି:୧୨ ।୨(ସମିସ):** କୁକୁଡ଼ାଖଣ୍ଡି ବିଜେପି ତରଫରୁ ସ୍ଥାନୀୟ ଡ଼ାକବଙ୍ଗଳା ଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ସମର୍ପଣ ଦିବସ ପାଳନ କରାଯାଇଛି । ବାଲିପଡା ମଣ୍ଡଳ ସଭାପତି ଲଳିତ ମୋହନ ବିଷୋୟୀଙ୍କ ସଭାପତିତ୍ୱରେରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମହନ୍ତ ଚିନ୍ମୟ ନନ୍ଦ ମହାରାଜ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଆଇନଜୀବୀ ପରେଶ୍ ରଥ, ଯୁବ ନେତା ସିଦ୍ଧାନ୍ତ ଗଙ୍ଗୋଦେବ, ବରିଷ୍ଠ କାର୍ଯ୍ୟକର୍ତ୍ତା ରାମ ପ୍ରସାଦ ସାମଲ୍ ଯୋଗ ଦେଇ ପଣ୍ଡିତ ଦୀନଦୟାଲ ଜ୍ଞାନକୌଶଳ ସହିତ ଓଡ଼ିଶାରେ ବିଜେପି ସଂଗଠନକୁ ସୁଦୃଢ଼ ନିମନ୍ତେ ସର୍ବଦା ଚେଷ୍ଟିତ ଥିଲେ ବୋଲି କହିଥିଲେ । ସନାତନ ସଂଗ୍ରାମ ସିଂ, ଆଙ୍କୁଶପୁର ମଣ୍ଡଳ ସଭାପତି ଏ.ବାବୁଲା ପାତ୍ର, ଫକୀର ବେହେରା, ମଧୁ ସେଠୀ, କେଶବ ଜେନା, ସନ୍ତୋଷ ଗୌଡ଼, ଯୁବ ନେତା କେ.ବିକ୍ରମଙ୍କ ସହ ବହୁ ବିଜେପି ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଖୁଡ଼ୀ, ଝିଅାରିଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍

**ବଅଁରପାଳ, ୧୨।୨(ସମିସ):** ବଅଁରପାଳ ଥାନା ଗଡ଼ସନ୍ତ୍ରୀ ପଞ୍ଚାୟତ ଭାଗବତପୁର ଗ୍ରାମରୁ ମଙ୍ଗଳବାର ଏକ ବଡ଼ଧରଣର ଲୁଟ୍ ହୋଇଛି । ଦୁର୍ବୃତ୍ତମାନେ ବିଜୟ ଭୁତିଆଙ୍କ ଘରେ ପଶି ଖୁଡ଼ୀ-ଝିଅାରିଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ନଗଦ ୪ଲକ୍ଷ ଟଙ୍କା ଏବଂ ପ୍ରାୟ ୭ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି ।

ସୂଚନା ଅନୁଯାୟୀ, ଗତ ରାତିରେ ବିଜୟ ଓ ତାଙ୍କ ସ୍ତ୍ରୀ ଯୋରନ୍ଦା ମେଳା ଦେଖିବାକୁ ଯାଇଥିଲେ । ଘରେ ତାଙ୍କ ଝିଅ ଓ ଭାଇବୋହୂ ଥିଲେ । ରାତିରେ ପ୍ରାୟ ୫ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ଭିତରୁ କବାଟ ବନ୍ଦ କରିଦେଇଥିଲେ । ପରେ ସେମାନେ ବିଜୟଙ୍କ ଭାଇବୋହୂଙ୍କ ମୁହଁରେ ଟେପ୍ ଲଗାଇବା ସହ ଓ ହାତକୁ ରଶିରେ ବାନ୍ଧି ଦେଇ ନିସ୍ତୁକ ମାଡ଼ ମାରିଥିଲେ । ପରେ ସେମାନେ ବିଜୟଙ୍କ ଝିଅ ବେକରେ ଛୁରି ଲଗାଇ ଦୁଇ ଛୋଟ ପୁତୁରାଙ୍କୁ ହତ୍ୟା ଧମକ ଦେବା ସହ ଟଙ୍କା ଓ ସୁନା ଅଳଙ୍କାର ଲୁଟି ଫେରାର ହୋଇଯାଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଛାତ୍ରଙ୍କ ଛୁରାମାଡ଼ରେ ୩ ଅଣଛାତ୍ର ଆହତ

**ଖଲ୍ଲିକୋଟ, ୧୨।୨(ସମିସ):** ସ୍ଥାନୀୟ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ (ଆର୍‌ସିଏମ କଲେଜ)ରେ ଅଭାବନୀୟ ଘଟଣା ଘଟିଛି । ଜଣେ ଯୁକ୍ତ ୩ ଶ୍ରେଣୀ ଛାତ୍ରଙ୍କ ଛୁରାମାଡ଼ରେ ୩ଜଣ ଅଣଛାତ୍ର ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଆହତ ଅଣଛାତ୍ରମାନେ ହେଲେ, ବିଜୟ ନାୟକ, ରାଜା ଗୌଡ଼ ଏବଂ ରାଜା ସେଠୀ । ସମସ୍ତଙ୍କୁ ଚିକିତ୍ସା ଲାଗି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ରାଜାଙ୍କ ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ସଦଳବଳେ କଲେଜରେ ପହଞ୍ଚି ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ ।

ବୁଧବାର କଲେଜରେ ଯୁକ୍ତ ୩ ଶ୍ରେଣୀ ପରୀକ୍ଷା ଚାଲିଥିବା ସମୟରେ ଯୁକ୍ତ ୩ ପ୍ରଥମ ବର୍ଷର ଜଣେ ବାଣିଜ୍ୟ ଛାତ୍ରଙ୍କ ସହ କଲେଜ ସଂଲଗ୍ନ ଖେଳ ପଡ଼ିଆରେ ୩ଜଣ ଅଣଛାତ୍ରଙ୍କ ଝଗଡ଼ା ହୋଇଥିଲା । ଝଗଡ଼ା ଭିତରେ ହଠାତ ଛାତ୍ରଜଣଙ୍କ ଛୁରିରେ ୩ଜଣଙ୍କୁ ଆକ୍ରମଣ କରିଥିଲେ । ପ୍ରେମ ଜନିତ ବ୍ୟାପାରକୁ କେନ୍ଦ୍ର କରି ଏହି ଆପରାଧିକ ଘଟଣା ଘଟିଥିବା ପୁଲିସ ସୂତ୍ରରୁ ପ୍ରକାଶ । ତେବେ ବୁଧବାର ଅନୁଷ୍ଠିତ ଯୁକ୍ତ ୩ ପରୀକ୍ଷାରେ ଜନୈକ ଛାତ୍ର ଅନୁପସ୍ଥିତ ଥିବା କଲେଜ ଅଧ୍ୟକ୍ଷ ଡକ୍ଟର ସୁରେନ୍ଦ୍ର ନାଥ ସ୍ୱାଇଁ ସୂଚନା ଦେଇଛନ୍ତି ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବ୍ରହ୍ମପୁର ୧୨/୨(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ଡୁରା ଗ୍ରାମରେ ଥିବା ଚିଲିକା ମା ଚାଉଳ ମିଲରେ ଡ୍ରାଇଭର ନଟବର ସାହୁ (୪୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସୂଚନା ପ୍ରକାରେ ନଟବର ୩ ବର୍ଷ ହେଲା ଚାଉଳ ମିଲରେ ଡ୍ରାଇଭର ଭାବେ ରହିଥିଲେ । ମଙ୍ଗଳବାର ପାରିବାରିକ ଅଶାନ୍ତି ଯୋଗୁଁ ଅତ୍ୟଧିକ ମଦ୍ୟପାନ କରି ମିଲରେ ଶୋଇଥିଲେ । କିଛି ସମୟ ପରେ ମିଲର କର୍ମଚାରୀମାନେ ପାଟିରୁ ଫେଣ ବାହାରୁଥିବା ଦେଖି ତାଙ୍କ ପରିବାରକୁ ଜଣାଇବା ସହ ବ୍ରହ୍ମପୁର ବଡ଼ ମେଡିକାଲ ଚିକିତ୍ସା ନିମନ୍ତେ ନେଇ ଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ ।

# ଦୁର୍ଘଟଣାରେ ଗଲା ୫ ଜୀବନ

## ମଣ୍ଡପରେ ପିଟିହେଲା ବାଇକ୍; ୩ ମୃତ

**ଚାରିଛକ/କୋଣାର୍କ, ୧୨।୨(ସମିସ):** ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୧ଟାରେ କୋଣାର୍କ-କାକଟପୁର ରାସ୍ତାର ବଢ଼େଇ ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୩ ଜଣଙ୍କ ଜୀବନ ନେଇଛି । ମୃତକମାନେ ହେଲେ, ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଅନ୍ତର୍ଗତ ଦଣ୍ଡିକିରା ଗ୍ରାମର ସାଗର ମଲ୍ଲିକ (୨୦), ଦୀପକ ମଲ୍ଲିକ (୨୧) ଓ ତୁଳସୀପୁର ଗ୍ରାମର ଜୟପ୍ରକାଶ ସାହୁ (୨୧) । ୩ଜଣ ଯାକ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା । ବଢ଼େଇ ଛକ ବୁଲାଣିରେ ଭାରସାମ୍ୟ ହରାଇ ସେମାନଙ୍କ ବାଇକ୍ ରାସ୍ତାପାର୍ଶ୍ୱରେ ଥିବା ଏକ ମଣ୍ଡପରେ ପିଟି ହୋଇଯାଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଉଠିପଡ଼ି କୋଣାର୍କ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୩ ଯୁବକଙ୍କୁ ପ୍ରଥମେ କୋଣାର୍କ ଓ ପରେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ । ଗୋପ ଡାକ୍ତର ସେଠାରେ ସାଗର ଓ ଜୟପ୍ରକାଶଙ୍କୁ ମୃତ ଘୋଷଣା କରିଥିବା ବେଳେ ଦୀପକଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇଥିଲେ । ମାତ୍ର ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଅପରପକ୍ଷେ, ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ କୋଣାର୍କ ପୁଲିସ୍ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଖବର ପ୍ରଚାରିତ ହେବା ପରେ ଚାରିଛକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଟ୍ରକ୍ ଚାଳକଙ୍କୁ ଧକ୍କା ଦେଇ ଦୋକାନକୁ ମାଡ଼ିଗଲା କାର୍: ୨ ମୃତ

**ନୟାଗଡ଼, ୧୨।୨(ସମିସ):** ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଇଟାମାଟି ବଜାରରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ୨ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତକଦ୍ୱୟ ହେଲେ, ବୋଲଗଡ଼ସ୍ଥିତ ସାଗୁରୁଗାଁର ସୂର୍ଯ୍ୟକାନ୍ତ ପ୍ରଧାନ ଓ ମହାରାଷ୍ଟ୍ର ନାଗପୁର ଅଞ୍ଚଳର ଟ୍ରକ୍ ଚାଳକ ଦ୍ୱାରିକା ପ୍ରସାଦ । ସୂର୍ଯ୍ୟକାନ୍ତଙ୍କୁ ନେଇ ଯାଉଥିବା ଏକ କାର୍ ଦ୍ୱାରିକାଙ୍କୁ ଧକ୍କା ଦେବା ପରେ ଏକ ଇଲେକ୍ଟ୍ରୋନିକ୍ସ ଦୋକାନକୁ ମାଡ଼ି ଯିବାରୁ ଏହି ଅଘଟଣ ଘଟିଛି । ତେବେ ଦୁର୍ଘଟଣା ପରେ କାର୍ ଚାଳକ ଭୁବନାନନ୍ଦ ପ୍ରଧାନ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି । ସୂଚନାନୁଯାୟୀ, ଗତକାଲି ରାତି ପ୍ରାୟ ୨ଟାରେ ସୂର୍ଯ୍ୟକାନ୍ତ ଏକ କାର୍‌ରେ ନୟାଗଡ଼ରୁ ସାଗୁରୁଗାଁ ଫେରୁଥିଲେ । ଭୁବନାନନ୍ଦ ଉକ୍ତ କାର୍ ଚଳାଉଥିଲେ । ଇଟାମାଟି ବଜାରଠାରେ ଥିବା ଏକ ବୁଲାଣିରେ ସେ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ କାର୍‌ଟି ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ୍ ଚାଳକ ଦ୍ୱାରିକା ପ୍ରସାଦଙ୍କୁ ଧକ୍କା ଦେଇଥିଲା । ପରେ କାର୍‌ଟି ନିକଟରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନକୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ କାର୍ ଚାଳକ ଭୁବନାନନ୍ଦ ସେଠାରୁ ଚମ୍ପଟ ମାରିଥିଲେ । ତେବେ ସ୍ଥାନୀୟ ଲୋକ ଓ ପୁଲିସ୍ ସୂର୍ଯ୍ୟକାନ୍ତ ଓ ଦ୍ୱାରିକାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ । ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଇଟାମାଟି ପୁଲିସ ଉଭୟଙ୍କ ଶବ ବ୍ୟବଚ୍ଛେଦ କରାଇଛି ।

# ପୁଣି ଲଜ୍ଜା; ନାବାଳିକା ଗର୍ଭବତୀ

- ପୁଲିସ୍- ଅଙ୍ଗନବାଡ଼ି କର୍ମୀ ମୁହାଁମୁହିଁ
- ଆଧାର କାର୍ଡ ଭୁଲ ତଥ୍ୟ, ସେ ସାବାଳିକା; ଅଙ୍ଗନବାଡ଼ି କର୍ମୀ

**ପୋଡ଼ାଗଡ଼, ୧୨।୨ (ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଅଞ୍ଚଳରେ ପୁଣି ଲଜ୍ଜା । ମୁର୍କାର ପଞ୍ଚାୟତ ଅଞ୍ଚଳର ଜଣେ ୧୪ବର୍ଷୀୟା ନାବାଳିକା ଗର୍ଭବତୀ ହୋଇ ବୁଧବାର ପ୍ରସବ ପାଇଁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରୁ ଖବର ପାଇ ପୁଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛି । କିନ୍ତୁ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ଆଧାରକାର୍ଡରେ ଭୁଲ ଜନ୍ମ ତାରିଖ ରହିଛି, ଏବଂ ସେ ସାବାଳିକା ବୋଲି ଦାବି କରିଛନ୍ତି । ଫଳରେ ଗର୍ଭବତୀଜଣକ ସାବାଳିକା ନା ନାବାଳିକା; ତାକୁ ନେଇ ପୁଲିସ୍ ଓ ଅଙ୍ଗନବାଡ଼ି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରସ୍ଥିତି ସୃଷ୍ଟି ହୋଇଛି । ସୂଚନାନୁଯାୟୀ, ବୁଧବାର ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ଗର୍ଭବତୀ ନିଜର ପ୍ରସବ ପାଇଁ ପରିବାର ସହ ଯାଇଥିଲେ । ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କ ଆଧାର କାର୍ଡ ଯାଞ୍ଚ ବେଳେ ସେ ନାବାଳିକା ଥିବା ଜାଣିବା ପରେ ଦଶମନ୍ତପୁର ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଲକ୍ଷ୍ମୀକାନ୍ତ ପଣ୍ଡା ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ପୁଲିସ୍ କହିବା ଅନୁଯାୟୀ, ଆଧାର କାର୍ଡରେ ବୟସ କମ୍ ରହିଛି । ହେଲେ ଏହି ଗର୍ଭବତୀ ଝିଅର ଆଧାର କାର୍ଡରେ ଥିବା ବୟସ ଅସଲି ନା ନକଲି ତାହା ଜଣାପଡୁନାହିଁ । ସେଥିପାଇଁ ଅଙ୍ଗନବାଡି କର୍ମୀଙ୍କୁ ଜନ୍ମ ତାରିଖ ମଗାଯାଇଛି ।

ଅନ୍ୟପକ୍ଷେ, ଏ ସମ୍ପର୍କରେ ଅଙ୍ଗନବାଡ଼ି କର୍ମୀ ପ୍ରତିମା ମେଲେକାଙ୍କୁ ପଚାରିବାରୁ ସେ କହିଛନ୍ତି, ଗର୍ଭବତୀଜଣଙ୍କ ସାବାଳିକା । ସେ ୨୦୦୫ ମସିହାରେ ଜନ୍ମଗ୍ରହଣ କରିଛନ୍ତି । ଆଧାରକାର୍ଡରେ ତାଙ୍କର ଜନ୍ମ ତାରିଖରେ ତ୍ରୁଟି ରହିଛି । ଏଥିସହ ସେ କହିଛନ୍ତି ଗର୍ଭବତୀଙ୍କ ଘରେ ଜଣେ ନାବାଳକ ରହି ତାଙ୍କ ଗାଈ ଜଗୁଛନ୍ତି । ଗର୍ଭବତୀ ଓ ଉକ୍ତ ନାବାଳକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି । କିଛି ମାସ ତଳେ ଗର୍ଭବତୀ ହେବା ପରେ ଲୋକଲଜ୍ଜା ପାଇଁ ଦୁହେଁ କିଛି ମାସ ପାଇଁ କୁଆଡ଼େ ଲୁଚି ପଳାଇଥିଲେ । ପରିବାରଲୋକେ ଜାଣିବା ପରେ ସେମାନଙ୍କୁ ଘରକୁ ଆଣିଛନ୍ତି । ଆଜି ପ୍ରସବ ସମୟ ହେବାରୁ ଡାକ୍ତରଖାନାରେ ଯାଇଥିଲେ ବୋଲି ଅଙ୍ଗନବାଡ଼ି କର୍ମୀଜଣକ କହିଛନ୍ତି । ଅନ୍ୟପଟରେ ସିଡିପିଓ ଶକୁନ୍ତଳା ଦାଶଙ୍କୁ ଯୋଗାଯୋଗ କରିବାରେ ସେ ଏହି ଘଟଣା ସଂପର୍କରେ ଜାଣି ନଥିବା କହିଛନ୍ତି ।

## ଓଡ଼ିଶା ଓ ପୂର୍ବ ଛତିଶଗଡ଼ରେ ମାଓବାଦୀଙ୍କ ୨୪ ଘଣ୍ଟିଆ ବନ୍ଦ ଡାକରା

**ବିଷମକଟକ, ୧୨।୨(ସମିସ):** ଛତିଶଗଡ଼ ଗରିଆବନ୍ଧ ଜିଲ୍ଲା କୁଲାରିଘାଟ ଜଙ୍ଗଲରେ ୧୬ ମାଓବାଦୀଙ୍କୁ ଏନ୍‌କାଉଣ୍ଟର୍‌ର ପ୍ରତିବାଦରେ ଓଡ଼ିଶା ଓ ପୂର୍ବ ଛତିଶଗଡ଼ରେ ୨୪ ଘଣ୍ଟିଆ ବନ୍ଦ ଡାକରା ନେଇଛି ସିପିଆଇ (ମାଓବାଦୀ) ଓଡ଼ିଶା ରାଜ୍ୟ କମିଟି । ଏନେଇ ସଂଗଠନ ପକ୍ଷରୁ ଏକ ପ୍ରେସ୍ ବିବୃତି ଜାରି ହୋଇଛି । ଏଥିରେ ପ୍ରବକ୍ତା ଚକରା ଓଡ଼ିଶା ରାଜ୍ୟ କମିଟି ବୋଲି ଦର୍ଶାଯାଇଛି । ସେଥିରେ ଉଲ୍ଲେଖ କରାଯାଇଛି ଯେ 'ଅପରେସନ କାଗାର' ନାମରେ ଦଣ୍ଡକାରଣ୍ୟ, ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାର କ୍ରାନ୍ତିକାରୀ ଆନ୍ଦୋଳନ ଉପରେ ଚଳାଯାଉଥିବା ବର୍ବର ଫାଶୀବାଦୀ ରାଷ୍ଟ୍ରଦମନ ଓ ନିରୀହ ଆଦିବାସୀଙ୍କ ଗଣସଂହାର କରାଯାଇଛି । ଜାନୁଆରୀ ସୁଦ୍ଧା ୩୩୫ ଜଣଙ୍କୁ ହତ୍ୟା କରାଯାଉଛି, ଯେଉଁଥିରେ ୯୦ରୁ ଅଧିକା ଗ୍ରାମୀଣ ଆଦିବାସୀ ଅଛନ୍ତି । ପ୍ରତି ଏନ୍‌କାଉଣ୍ଟରକୁ ପୁଲିସର ବଡ଼ ସଫଳତା ବୋଲି ଦର୍ଶାଯାଉଛି । ଏଣୁ ଏହା ବିରୋଧରେ ଫେବୃଆରୀ ୧୩ରେ ୨୪ ଘଣ୍ଟିଆ ଓଡ଼ିଶା ଓ ପୂର୍ବ ଛତିଶଗଡ଼ ବନ୍ଦ ସଫଳ କରିବାକୁ ନିବେଦନ କରିଛନ୍ତି ।

## କଲେଜ କର୍ମଚାରୀଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଅନୁଦାନ ଦାବି

**ଭୁବନେଶ୍ୱର,୧୨।୨(ସମିସ):** ବ୍ଲକ୍ କ୍ରାଇଟେରିଆ (୩୯୧ ବର୍ଗ) କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସଂଘର ସଭାପତି ଅଶ୍ୱିନୀ କୁମାର ମେହେରଙ୍କ ନେତୃତ୍ୱରେ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ୧୯୯୪ ଶିକ୍ଷା ଅନୁଦାନ ନିର୍ଦ୍ଦେଶନାମା ଅନୁଯାୟୀ ଅନୁଦାନ ଦେବାକୁ ଦାବି କରିଛନ୍ତି । ୧୯୯୪ ଶିକ୍ଷା ଅନୁଦାନ ଅନୁଯାୟୀ ପ୍ରତ୍ୟକ୍ଷ ଅନୁଦାନ ଦେବାକୁ ନିୟମ ରହିଛି । ଏହାକୁ ୨୦୦୪ରେ ଉଚ୍ଛେଦ କରାଯାଇଥିଲେ ମଧ୍ୟ ପ୍ରତ୍ୟକ୍ଷ ଅନୁଦାନ ଦିଆଗଲା ନାହିଁ । ୨୦୦୮ ରେ ସେମାନଙ୍କୁ ୬୬୨ ବର୍ଗରେ ସାମିଲ କରି ଗ୍ରାଣ୍ଟ ଇନ୍ ଏଡ୍ (ଜିଆଇଏ) ପ୍ରଦାନ କରାଯାଇଛି । ୨୦୨୨ରେ ସେମାନଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । ବକେୟା ଅନୁଦାନ (ଏରିଅର୍)କୁ ବାଦ୍ ଦେଇ ଶିକ୍ଷା ଅନୁଦାନ ନିର୍ଦ୍ଦେଶନାମାରେ ଥିବା ଅନ୍ୟ ସୁବିଧା ସୁଯୋଗ ଦେବାକୁ ଅର୍ଥ ବିଭାଗକୁ ମଞ୍ଜୁରୀ ପାଇଁ ପଠାଇଥିଲା । ହେଲେ ଅର୍ଥ ବିଭାଗ ଏହାକୁ ସୁପ୍ରିମ୍ କୋର୍ଟଙ୍କ ଏକ ରାୟର ଦ୍ୱାହି ଦେଇ ତାକୁ ଫେରାଇ ଦେଇଛି । ଏପରି କ୍ଷେତ୍ରରେ ଅନ୍ୟ ସମସ୍ତ ୩୯୧ ବର୍ଗ ଅଧ୍ୟାପକ ଅଧ୍ୟାପିକାଙ୍କୁ ଅନୁଦାନ ଦେବାକୁ ଦାବି କରିଛନ୍ତି । ଦାବି ପୂରଣ ପାଇଁ ସରକାର ତ୍ୱରିତ ପଦକ୍ଷେପ ନ ନେଲେ ଆଗକୁ ଆହୁରି ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ବଢ଼ିଲା ସ୍କିମାଟିକ୍ ଶିକ୍ଷକଙ୍କ ଦରମା

**ଭୁବନେଶ୍ୱର, ୧୨।୨(ସମିସ):** କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ଦରମା ବୃଦ୍ଧି ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବରୁ ୧୧,୨୦୦ ଟଙ୍କା ପାଉଥିବା ଏହି ଶିକ୍ଷକମାନେ ଏଣିକି ୧୬,୦୦୦ ଟଙ୍କା ପାଇବେ । ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ଅର୍ଥାତ ବୁଧବାର ଠାରୁ ଏହା ଲାଗୁ ହେବ ବୋଲି କୁହାଯାଇଛି । ଦରମା ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଧନ୍ୟବାଦ ଜଣାଇଛନ୍ତି । ଏହି ନିଷ୍ପତ୍ତି ଶିକ୍ଷାଦାତାଙ୍କୁ ସଶକ୍ତ କରିବା ସହିତ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି । ସରକାରଙ୍କ ଏହି ଘୋଷଣା ଫଳରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ୧୩,୭୪୦ ଜଣ ଶିକ୍ଷକ ଉପକୃତ ହେବେ । ଏଥିପାଇଁ ବର୍ଷକୁ ରାଜକୋଷରୁ ୮୯.୧୫ କୋଟି ଟଙ୍କା ବ୍ୟୟ ହେବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହେଲିକପ୍ଟର୍‌ରେ ଦୈନିକ...

ସେ ପ୍ରଥମେ କୁଆଲାଲମପୁରରେ ଏକାକି ରହିବାକୁ ନିଷ୍ପତ୍ତି ନେଇଥିଲେ । ସେ କେବଳ ଶନିବାର ଏବଂ ରବିବାର ଘରକୁ ଫେରୁଥିଲେ । କିନ୍ତୁ କୁଆଲାଲମପୁର ତାଙ୍କ ପାଇଁ ବହୁତ ମହଙ୍ଗା ସାବ୍ୟସ୍ତ ହୋଇଥିଲା । ଭଡ଼ା ବାବଦକୁ ମାସକୁ ୧୪୦୦ରୁ ୧୫୦୦ ଆରଏମ (ସ୍ଥାନୀୟ ମୁଦ୍ରା) ଅର୍ଥାତ୍ ପ୍ରାୟ ୨୪,୫୦୦ରୁ ୨୬, ୨୫୦ ଟଙ୍କା ପର୍ଯ୍ୟନ୍ତ ତାଙ୍କୁ ଦେବାକୁ ପଡୁଥିଲା । କିନ୍ତୁ ଏୟାର ଏସିଆ ଷ୍ଟାଫ ରିଆତି ଅଫର ଦ୍ୱାରା ତାଙ୍କର ବିମାନ ଖର୍ଚ୍ଚ ହ୍ରାସ ପାଇଛି । ମାସକୁ ୧୯, ୨୫୦ ଟଙ୍କା ଖର୍ଚ୍ଚ ହେଉଛି । ସେହିପରି ଘରୁ ଯିବା ଆସିବା ଦ୍ୱାରା ଖାଇବ ଖର୍ଚ୍ଚ ୧୦, ୫୦୦ ଟଙ୍କାରୁ ୫, ୨୫୦ ଟଙ୍କାକୁ ଖସି ଆସିଛି । ଏହା ଦ୍ୱାରା ତାଙ୍କର ମାସକୁ ୧୨, ୨୫୦ ଟଙ୍କା ସଞ୍ଚୟ ହେଉଛି । ସେ ପ୍ରତିଦିନ ୭ଟା ୪୫ ସୁଦ୍ଧା ଅଫିସରେ ପହଞ୍ଚୁଥିବାବେଳେ ରାତି ୭ ଟା ୩୦ ସୁଦ୍ଧା ଘରକୁ ଫେରି ଆସୁଛନ୍ତି । ଏପରି କରି ସେ ପରିବାରକୁ ଅଧିକ ସମୟ ଦେଇପାରୁଛନ୍ତି ବୋଲି ରଚେଲ କହିଛନ୍ତି ।

## ଚୁଲିକୁ ଗଲାଣି...

ଜିଲ୍ଲାର ବଙ୍ଗୋମୁଣ୍ଡାରେ ଏକ ଆଦିବାସୀ ଯୁବତୀକୁ ବଳାତ୍କାର ଉଦ୍ୟମ ପରେ ତାକୁ ଜୋର ଜବରଦସ୍ତ ବିଷ୍ଠା ଖୁଆଇବା ଭଳି ଅମାନବୀୟ ଘଟଣା ଘଟିଲା । ନଭେମ୍ବର ୨୪ ରେ ବାଲେଶ୍ୱର ଜିଲ୍ଲା ଔପଦା ଥାନାର ଖ୍ରୀଷ୍ଟିଆନ ଆଦିବାସୀ ସୁନାରାମ ମାରାଣ୍ଡି ଓ କାୟମ ସୋରେନଙ୍କୁ ପେଟ୍ରୋଲ ଟାଙ୍କି ପାଖରେ ବାନ୍ଧି ଅମାନୁଷିକ ଭାବେ ମାଡ଼ ମରାଗଲା । ଏପରିକି ତାଙ୍କୁ ପେଟ୍ରୋଲ ଢାଳି ଜୀବନରୁ ମାରିଦେବାକୁ ଚେଷ୍ଟା ହେଲା । ଡିସେମ୍ବର ୮ ଯାଜପୁର ଟାଉନ ଥାନା ଅଞ୍ଚଳର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ନରେନ୍ଦ୍ର ଦାସ ଓ ବୀରକିଶୋର ଦାସଙ୍କ ଉପରେ ଅମାନୁଷିକ ଅତ୍ୟାଚାର ସହ ଚର୍ଚ୍ଚ ଭଙ୍ଗାରୁଜା କରାଯାଇଥିଲା । ଖୋଦ ରାଜଧାନୀରେ ମୈତ୍ରୀବିହାର ଥାନା ସାଲିଆସାହିଁ ଘରେ ପଶି ଅଭିଯୁକ୍ତମାନେ ମା ଏବଂ ଝିଅକୁ ହାଣିଥିଲେ । ମାଲକାନଗିରିରେ ଦୁଇ ସ୍କୁଲ ଝିଅଙ୍କୁ ବଳାତ୍କାର କରି ଗଛରେ ଟଙ୍ଗାଇ ଦିଆଗଲା । ରାଉରକେଲାରେ ତିନି ପର୍ଯ୍ୟାୟରେ ୩ଜଣ ନାବାଳିକା ଗଣ ବଳାତ୍କାରର ଶିକାର ହେଲେ, କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁରରେ ଜଣେ ନାବାଳିକୁ ଦୁଇଦିନ ତଳେ ଗଣ ବଳାତ୍କାର ହେଲା । ରାଜଧାନୀର ଭିଭିଆଇପି ଅଞ୍ଚଳ ନୟାପଲ୍ଲୀରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଦୁଇ ଦୁଇ ଥର ଚୋରି ହେଲା । କଂଗ୍ରେସ ନେତା ଜୟଦେବ ଜେନାଙ୍କଠାରୁ ୫୦ ଲକ୍ଷ ଦାବି କରି ହତ୍ୟା ଧମକ ଦିଆଗଲା । ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା ଅଞ୍ଚଳରେ ସାମ୍ପ୍ରଦାୟିକ ସଦ୍‌ଭାବ ବ୍ୟାହତ ହେଲା । ମାତ୍ର ସବୁ ପ୍ରସଙ୍ଗରେ ପୁଲିସ ଚୁପ୍, ସରକାର ନିଦାବିଷ୍ଟ । ଗଞ୍ଜାମ ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ସୀମା ଅତିକ୍ରମ କରିଛି । ଗତ ୮ ମାସ ମଧ୍ୟରେ ରାଜ୍ୟରେ ଏପରି ସ୍ଥିତି ସାଧାରଣ ଲୋକଙ୍କୁ ଭୀତତ୍ରସ୍ତ କରିଛି । ଚୋରଙ୍କ ପ୍ରାଦୁର୍ଭାବ ଏତେ ବଢ଼ିଛି ଯେ ଲୋକ ରାତି ତ ଦୂରର କଥା, ଦିନରେ ବି ଘର ଛାଡ଼ି ଯିବାକୁ ଡ଼ରୁଛନ୍ତି । ପୁଲିସ ଉପରେ ଲୋକଙ୍କର ଭରସା ପାଉ ନାହିଁ । ବିଡ଼ମ୍ବନା ହେଉଛି ଗତ ୮ ମାସରେ ରାଜ୍ୟରେ ଥାନା ବଦଳି ନାହିଁ କି ପୁଲିସ ବଦଳି ନାହିଁ । ମାତ୍ର ବଦଳି ଯାଇଥିବା ପ୍ରଶାସନିକ ବ୍ୟବସ୍ଥାରେ ପୁଲିସ ନିଜକୁ ସ୍ୱୟଂଶାସିତ ମନେ କରୁଛି, କାହା ନିୟନ୍ତ୍ରଣରେ ରହିବାକୁ ଚାହୁଁ ନ ଥିବା ମନେ ହେଉଛି । ନିୟନ୍ତ୍ରଣ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ସରକାରଙ୍କ ଅପାରଗତା ପୁଲିସକୁ ନିୟନ୍ତ୍ରଣହୀନ କରିଥିବା ଅଭିଯୋଗ ହୋଇଛି ।

## ଲୋକଙ୍କୁ ପଙ୍ଗୁ...

ଯାଉଛନ୍ତି । ସମାଜର ଏହି ବର୍ଗର ଲୋକମାନଙ୍କ ପ୍ରତି ସହାୟତା ଯୋଗାଇ ଦେବାର ଚିନ୍ତାଧାରାକୁ ଆମେ ସ୍ୱାଗତ କରୁଛୁ । କିନ୍ତୁ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରୁ ବାଦ୍ ଦେବା କ'ଣ ଉଚିତ ହେବ କି ବୋଲି ସେ ପ୍ରଶ୍ନ କରିଛନ୍ତି । ଜଷ୍ଟିସ୍ ଗଭାଇଙ୍କ ଏଭଳି ପ୍ରଶ୍ନକୁ ନେଇ ଜଣେ ଆବେଦନକାରୀଙ୍କ ପକ୍ଷ ରଖି ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ଯଦି ଜଣକ ପାଇଁ କିଛି କାର୍ଯ୍ୟ ରହିଛି ତେବେ ତାହାକୁ ସେ ନ କରି କେବେ ରହିପାରିବ ନାହିଁ । କିନ୍ତୁ ଏହାକୁ ଜଷ୍ଟିସ୍ ଗଭାଇ ଖାରଜ କରିବା ସହିତ ମହାରାଷ୍ଟ୍ର ନିର୍ବାଚନ ବେଳେର ସ୍ଥିତିକୁ ଉଦାହରଣ ଦେଇଥିଲେ । ସେ କହିଥିଲେ ଯେ ମୁଁ ଏକ କୃଷକ ପରିବାରରୁ ଆସିଛି । ମହାରାଷ୍ଟ୍ରରେ ଚାଷବାସକୁ ନେଇ ଏବେ ଶ୍ରମିକ ମିଳିବା କଷ୍ଟକର ହୋଇପଡ଼ିଛି । ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳଗୁଡିକ ପକ୍ଷରୁ ମାଗଣା ଯୋଜନାକୁ ନେଇ ପ୍ରତିଶ୍ରୁତି ଦିଆଯିବା ପରେ ଏବେ ଲୋକମାନେ ଚାଷ କାର୍ଯ୍ୟ ପ୍ରତି ଆଗ୍ରହ ଦେଖାଉ ନାହାନ୍ତି । ଶୁଣାଣି ବେଳେ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି କହିଥିଲେ ଯେ, ସହରାଞ୍ଚଳ ଗରିବ ମୁକ୍ତ ମିଶନ ପାଇଁ ସରକାର ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଏଥିରେ ବାସହୀନଙ୍କୁ ଘର ଯୋଗାଇ ଦିଆଯିବାର ପ୍ରାବଧାନ ରହିବ । ଏକଥା ଶୁଣିବା ପରେ ସହରାଞ୍ଚଳ ଗରିବ ମୁକ୍ତ ମିଶନ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାରଙ୍କୁ କେତେ ସମୟ ଲାଗିବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ , ରାଜନୈତିକ ଦଳଙ୍କ ମାଗଣା ଯୋଜନାକୁ ନେଇ ସୁପ୍ରିମକୋର୍ଟ ପୂର୍ବରୁ ନିର୍ବାଚନ କମିସନ ଏବଂ ସରକାରଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ । ଏହି ପ୍ରସଙ୍ଗରେ କମିସନ ଓ ସରକାର ସେମାନଙ୍କ ହାତ ଝାଡିଦେଇ ପାରିବେ ନାହିଁ କିମ୍ବା ସେମାନଙ୍କ କୌଣସି ଭୂମିକା ନଥିବା କହିପାରିବେ ନାହିଁ ବୋଲି କହିଥିଲେ । ସରକାର ଓ ନିର୍ବାଚନ କମିସନ ଏଭଳି ମାଗଣା ଉପହାର ଯୋଜନା ଉପରେ ରୋକ ଲଗାଇବା ପାଇଁ ବିଚାର କରିବା ସହିତ କମିଟି ଗଠନ କରି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ସୁପ୍ରିମକୋର୍ଟ କହିଥିଲେ ।

## ବିଜେପିରେ ବିସ୍ଫୋରଣ...

ତଡ଼ାଖିଆ ନେତା ବୋଲି ଉଲ୍ଲେଖ କରି ତାଙ୍କୁ ଓ ତାଙ୍କ ପରି ବରିଷ୍ଠ ନେତାଙ୍କୁ ଉପେକ୍ଷା କରାଯାଉଥିବା କହିଥିଲେ । ସମୀର ଦେଙ୍କୁ ଯେଉଁ ଭାବେ ଦଳରେ ଗୁରୁତ୍ୱ ମିଳିବା କଥା ତାହା ଦଳ ଦେଲାନାହିଁ; କଟକରେ ତା ବିରୋଧରେ ବାରମ୍ବାର ଲୋକ ଲଗାଗଲା । ସେମିତି ତାଙ୍କ ବିରୋଧରେ ଲୋକ ଲଗାଯାଇଥିବା ମଧ୍ୟ କହିଥିଲେ । ଜୟଙ୍କର ଏପରି ମନ୍ତବ୍ୟ ଦଳର ଗୋଟିଏ ଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ଥିଲା ବୋଲି ସେତେବେଳେ ମତପ୍ରକାଶ ପାଇଥିଲା । ମାତ୍ର କିଛିଦିନର ନିରବତା ପରେ ଜୟଙ୍କ ପୁନର୍ବାର ଏପରି ମନ୍ତବ୍ୟ ଦଳ ମଧ୍ୟରେ ସବୁକିଛି ଠିକ୍ ଚାଲୁନଥିବା ସ୍ପଷ୍ଟ କରିଛି । ଧାର୍ଯ୍ୟ ଅବଧି ଗଡ଼ିବା ସତ୍ତ୍ୱେ ୧୪ ସାଂଗଠନିକ ଜିଲ୍ଲାରେ ସଭାପତି ନିଯୁକ୍ତି ହୋଇ ପାରିନାହିଁ । ଏଥିରେ ଜୟନାରାୟଣଙ୍କ ନିଜ ଜିଲ୍ଲା ସମ୍ବଲପୁର ମଧ୍ୟ ରହିଛି । ତେଣୁ ତାଙ୍କ ମନ୍ତବ୍ୟ ସହ ସମ୍ବଲପୁର ଜିଲ୍ଲା ରାଜନୀତି ଓ ରାଜ୍ୟ ବିଜେପିରେ ଚାଲିଥିବା ଗୋଷ୍ଠୀବାଦର ସମ୍ପର୍କ ଥିବା ରାଜନୈତିକ ମହଲରେ ଆଲୋଚିତ ହେଉଛି ।

## ଆଜିଠୁ ବିଧାନସଭା...

ଆଇନ ଶୃଙ୍ଖଳା ପରିସ୍ଥିତି, କଟନୀ ଛଟନୀ, ଚାଷୀ ମୃତ୍ୟୁ, ଦରଦାମ ବୃଦ୍ଧି, ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନରେ ବିଫଳତା, କଣାସରେ ହଇଜା ମୃତ୍ୟୁ, ବାରବାଟୀ ଲଜ୍ଜା, ଚିଟଫଣ୍ଡ ଟଙ୍କା ଫେରସ୍ତରେ କାଳକ୍ଷେପଣ ନୀତି, ପୋଲାଭରମ୍, ମହାନଦୀ, ପୂର୍ବତଟ ରେଳ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଆଦି ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ସ୍ୱାର୍ଥ ଉପେକ୍ଷିତ ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ କାଠଗଡ଼ାକୁ ଟାଣିବେ । ଦୁଇ ଦଳ ପକ୍ଷରୁ ବିଧାୟକ ଦଳ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଅପରପକ୍ଷେ ରାଜ୍ୟ ସରକାର ସମସ୍ତ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ହେଁ, ଆସନ୍ତା ଅଧିବେଶନ ଶାସକ ଦଳ ପାଇଁ ସହଜ ହୋଇ ନ ପାରେ ବୋଲି ଅନୁମାନ କରାଯାଉଛି । ବିଶେଷକରି ସରକାରଙ୍କ ବିରୋଧରେ ମାଲମାଲ ପ୍ରସଙ୍ଗ ରହିଥିବା ବେଳେ ବଜେଟ ଅଧିବେଶନରେ ଗୃହରେ ବେଶ୍ ଉଷ୍ମତା ପ୍ରକାଶ ପାଇବ ବୋଲି ମତପ୍ରକାଶ ପାଇଛି ।

## ମାଘ ଶେଷରୁ...

ବର୍ତ୍ତମାନ ଉପକୂଳ ଜିଲ୍ଲାମାନଙ୍କରେ ତାପମାତ୍ରା ସ୍ୱାଭାବିକରୁ ୨ରୁ ୩ ଡିଗ୍ରୀ ଅଧିକ ରହିଛି । ସେହିପରି ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩ରୁ ୫ ଡିଗ୍ରୀ ଅଧିକ ରହିଛି । ଏଥିପାଇଁ ଉଭୟ ଦିନ ଓ ରାତିରେ ତାପମାତ୍ରା ଅଧିକ ରହୁଛି । ତେବେ ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୩-୫ ଡିଗ୍ରୀ ପର୍ଯ୍ୟନ୍ତ ରାତିର ତାପମାତ୍ରାରେ ହ୍ରାସ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆଗାମୀ ୩ରୁ ୪ ଦିନ ମଧ୍ୟରେ ୩-୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିବା ସହ ଗରମ ମଧ୍ୟ କମିବ ବୋଲି କେନ୍ଦ୍ର ଅନୁମାନ କରିଛି । ଅନ୍ୟପଟେ କିଛି ଦିନ ହେବ ରାଜ୍ୟର ଏକାଧିକ ସ୍ଥାନରେ ଘନ କୁହୁଡ଼ି ଜାରି ରହୁଥିବା ବେଳେ ଏବେଠାରୁ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ । ବର୍ତ୍ତମାନ ରାଜ୍ୟରେ ଘନ କୁହୁଡିକୁ ନେଇ କୌଣସି ସତର୍କ ସୂଚନା ନ ଥିବା ବେଳେ ଆଗାମୀ ୩ ଦିନ ଯାଏଁ କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦୃଶ୍ୟମାନ ହେବ । ବିଶେଷ କରି ଉତ୍ତର ଉପକୂଳ ଓଡ଼ିଶାରେ ଅନେକ ସ୍ଥାନରେ କୁହୁଡି ଦେଖାଯିବ । ମୋଟାମୋଟି ଭାବେ ୫ ଦିନ ଯାଏ ପାଗ ଶୁଖିଲା ରହିବ ସହ ପାଣିପାଗର ସ୍ଥିତି ସ୍ୱାଭାବିକ ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।


**CUTTACK MUNICIPAL CORPORATION**

"e" PROCUREMENT NOTICE C-1638

Tender ID : 2025_ORULB_110470

Bid Reference No. MC(CMC)CTC_Div-I_No25/2024-25

Tender Call Notice No. (PW) Date. 11.02.2025

Name of Works : Civil Works

No of Works : 10 Nos

Bid Value : Rs. 4.33 Lakh to Rs. 35.37 Lakh

Period of Completion : One Calendar Month to Three Calendar Months

Date and Time schedule :

| Start | End | Opening |
|---|---|---|
| 3.00 PM on dt. 13.02.2025 | 5.00 PM on dt.24.02.2025 | 11.00 A.M. on dt. 28.02.2025 |

Tender Details : can be seen from the procurement portal : www.tendersorissa.gov.in

OIPR-13031/11/0142/2425 Executive Engineer, City Div-I

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

A-1049

**e-PROCUREMENT NOTICE No. RLBCD-P1-15/2024-25**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 08 (Eight) Nos of work. |
| 3 | Estimated Cost | Varies From Rs. 49.23 Lakhs to Rs. 4.52 Lakhs |
| 4 | Period of Completion | Varies From 45 Days to 30 Days |
| 5 | Class of Contractor | Varies From "B" and "C" & "D" or equivalent grade/class |
| 6 | Cost of Bid Document / Mode of Payment | Varies From Rs. 6,000/-, Rs. 4,000/- & Rs. 2,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies From Rs. 49,230 /- to Rs.4,520/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 14.02.2025 from 10.00 Hours to 23.02.2025 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.24.02.2025 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.06.03.2025 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

OIPR-32298/11/0022/2425

**AFFIDAVIT**

I, **Chanda Devi Khator,** W/o.: Naresh Kumar Khator, Resident of B-2/3 Asha Apartment, Kathagada Sahi, P.S.: Purighat, Town/Dist.: Cuttack, PIN-753001, Odisha, declare by this affidavit No.: 42, dated-11/02/2025, that now onwards I shall be known as **CHANDA KHATOR** for all future purposes.

**AFFIDAVIT**

By virtue of an affidavit vide No.: CF 50, dated-21/01/2025, Sworn before the Executive Magistrate, Bhubaneswar, **I Milli Kumari Dwari,** Resident of At: Flat No.: BC-404, Aroon Retreat, Patia, PO.: KIIT, P.S.: Chandrasekharpur, Bhubaneswar, Dist.: Khordha, PIN-751024, Odisha, have changed my name from Milli Kumari Dwari to Barsha Rani Rout. Henceforth I shall be known as **BARSHA RANI ROUT** for all future purposes.

**AFFIDAVIT**

I, Laxmi Singh, D/o-Ajit Kumar Singh, resident of Dhobadhabani, Po-Bireswarpur, PS-Badasahi, Dist-Mayurbhanj, Pin-757075, Odisha declare by this affidavit No-04, dt.12.02.2025 that now onwards, I shall be known as **LAXMI SINGH** for all future purposes.

Sd/- Laxmi Singh

**AFFIDAVIT**

By virtue of an affidavit C.F. No.11, dtd. 10.02.2025, I, Kumakanta Tandi have changed my son's name from Suman Kant Tandi to Guru Prasad Tandi. Henceforth he will be known as Guru Prasad Tandi instead of Suman Kant Tandi for all purposes.

Sd/- Suman Kant Tandi

**AFFIDAVIT**

I, Gayadhar Sethi, S/o Late Budhi Sethi , resident of BijayRamchandrapur Ward No.21, Po/Ps- Bhanjpur, Dist-Mayurbhanj, Pin-757002, Odisha, declare by this affidavit No.1975 dtd. 11-12-2024 that now onwards, My wife be known as SANTILATA SETHI for all future purposes.

**AFFIDAVIT**

I GOUTAM DIKSHIT OF Vill-Bhadrakalisahi, PO- Aharpada, Dist.: Bhadrak, Pin-756128, Odisha declare by this Affidavit No -1349 dated 12-02-2025 that Now onwards my daughter name wrongly mentioned in Aadhar Card No-541015474477 Debasmita Dixit instead of Debasmita Dikshit. I shall be known as **Debasmita Dikshit,** D/o - Goutam Dikshit for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Rasulpur, Jajpur vide No. 290, dtd. 11/02/2025. I, **Pratap Barik,** S/o- Ramesh Barik, resident of At- Damodarpur, Po-Prathamakhandi, Ps-Kuakhia, Dist- Jajpur, Pin-755008 declare that I have changed my name from **Deepak Barik to Pratap Barik.** Henceforth, I shall be known as **Pratap Barik** for all purposes.

**(Pratap Barik)**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar vide No. 149, dtd. 11/02/2025. I, **Karishma Bastaray,** W/o-Babuji Nayak, resident of At-Dangamala, Po- Dasingbadi, Ps- Daringbadi, Dist-Kandhamal, Pin- 762104, Odisha declare that I have changed my name from **Karista Bastaray To Karishma Bastaray.** Henceforth, I shall be known as **Karishma Bastaray** for all purposes.

**(Karishma Bastaray)**

**AFFIDAVIT**

By virtue of an affidavit sworn before Executive Magistrate , Bbsr,khordha,Affidavit No - 116,Date - 10.02.25, I Riturani Senapati ,D/o: Late - Amulya Senapati, Address- At- Plot No .47 ananta Nagar Bhimeswar Marg , Lane No. 21 ,Po- Old Town, Ps -Shree Lingaraj,Bbsr - 751002, Dist Khodha,Odisha , Declare that I have changed my name From Riturani Sasmal to Riturani Senapati .Henceforth, I Shall be known as Riturani Senapati for all purposes.

# ସମ୍ପାଦକୀୟ



ଜାତିପ୍ରଥାର ସମ୍ପୂର୍ଣ୍ଣ ବିଲୋପ ବିନା ସମାଜରୁ ବିଦ୍ୱେଷ ହଟିବ ନାହିଁ ।
-ଡ. ବି ଆର ଆମ୍ବେଦକର

ସକାଳ
THE SAKALA

## ଏବାଟେ ଦେବୁ, ସେବାଟେ ନେବୁ

ଦେଶର ଅର୍ଥନୈତିକ ସ୍ଥିତିକୁ ବିଚାର କଲେ ପାଞ୍ଚ ବର୍ଷ ବ୍ୟବଧାନ କିଛି କମ୍ ନୁହେଁ । ରିଜର୍ଭ ବ୍ୟାଙ୍କ କୋଭିଡ୍ ସମୟରେ ୦.୦୪ ପ୍ରତିଶତ ରେପୋରେଟ୍ ହ୍ରାସ କରି ଦୀର୍ଘ ପାଞ୍ଚବର୍ଷ ଅପେକ୍ଷା କଲେ ସୁଧହାର ହ୍ରାସ କରିବାକୁ । ମୁଦ୍ରାସ୍ଫୀତି ହ୍ରାସ ଯଦି ଏହି କଠୋର ନିୟନ୍ତ୍ରଣର ମୁଖ୍ୟ ଉଦ୍ଦେଶ୍ୟ ହୁଏ, ଏବର ମୁଦ୍ରାସ୍ଫୀତି କ'ଣ ନିୟନ୍ତ୍ରଣ ସ୍ତରକୁ ଆସିଯାଇଛି? ଏଠାରେ ଦୁଇଟି କଥା ମନକୁ ଆସେ । ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ମୁଦ୍ରା ପ୍ରବାହରେ ସଂକୋଚନ ଏକମାତ୍ର ପନ୍ଥା ନୁହେଁ । କାରଣ ବଜାର ଅର୍ଥନୀତିରେ ଏହା ମାନ୍ଦାବସ୍ଥା ସୃଷ୍ଟି କରେ, ଯାହା ଏବେ ପରିଲକ୍ଷିତ ହେଉଛି । ଅବଶ୍ୟ ଏହା ଭିନ୍ନ କଥା ଯେ ସରକାର ତାହାକୁ ସ୍ୱୀକାର କରିବାକୁ ରାଜି ନୁହନ୍ତି । ଆମକୁ ଏଠାରେ କହିବାକୁ ପଡୁଛି ଯେ ସରକାର କେବଳ ରାଜସ୍ୱ ବଢ଼ାଇ ନିଶ୍ଚିନ୍ତ ହୋଇଯିବା ଉଚିତ ନୁହେଁ । କାରଣ ଏଭଳି ପରିସ୍ଥିତି ଅର୍ଥନୈତିକ ଅଭିବୃଦ୍ଧି (ଜିଡିପି)ର ଗତିପଥରେ ପ୍ରତିବନ୍ଧକ କରେ । କ୍ରମାଗତ ଭାବେ ପୁଞ୍ଜି ନିବେଶ ହ୍ରାସ ପାଏ । ଏହା ଏବେ ସାମ୍ପ୍ରତିକ ପରିସ୍ଥିତିରୁ ସୂଚିତ ହେଉଛି ।

ବଜେଟ୍ ଆଗତ ପରେ ପରେ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୁଦ୍ରାନୀତି କମିଟି ବୈଠକରେ ଯୋଗ ଦେଇଥିଲେ । ସେ ପ୍ରସଙ୍ଗ କ୍ରମେ କହିଥିଲେ ଯେ ଦେଶର ଅର୍ଥନୀତିକୁ ଗତି ଦେବା ପାଇଁ ସରକାର ଓ ରିଜର୍ଭବ୍ୟାଙ୍କ ମଧ୍ୟରେ ବେଶ ତାଳମେଳ ରଖି ଆଗକୁ କାମ କରିବାକୁ ପଡ଼ିବ । ବଜେଟ୍ ପ୍ରସ୍ତାବରେ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉପାର୍ଜନକୁ ସରକାର ଟିକସ ମୁକ୍ତ କରିଛନ୍ତି । ହାରାହାରି କୋଟିଏ କରଦାତା ଏହି ନିଷ୍ପତ୍ତିରେ ଉପକୃତ ହେବେ । ଏମାନେ ଯଦି ବର୍ଷକୁ ଟିକସ ବାବଦରେ ଲକ୍ଷେ ଟଙ୍କା ଲାଭବାନ ହେବେ, ତାହା ବଜାରକୁ ଆସିବା ଦରକାର ଏବଂ ସେଥିରୁ ଉଚ୍ଚ ହାରରେ ସରକାର ଜିଏସ୍‌ଟି ଓ ସରଚାର୍ଜ ଆଦାୟ କରିବାର ସୁଯୋଗ ହାସଲ କରିବେ । ଏଠାରେ ଆମକୁ ମନେରଖିବାକୁ ପଡ଼ିବ ଯେ ଆୟକରରୁ ମୁକ୍ତ ହୋଇଥିବା ଏହି ବର୍ଗ ଅପେକ୍ଷାକୃତ ସ୍ୱଚ୍ଛଳ ଓ ସମ୍ଭ୍ରାନ୍ତ । ଏମାନଙ୍କର ଏହି ଅତିରିକ୍ତ ଆୟ ଗୃହ ନିର୍ମାଣ, ଏସ୍‌ୟୁଭି ଗାଡ଼ି ଓ ଅନ୍ୟାନ୍ୟ ସୌଖିନ ଦ୍ରବ୍ୟ କ୍ରୟରେ ଖର୍ଚ୍ଚ ହେବ । ଏଥି ସକାଶେ ସେମାନଙ୍କୁ ଆକର୍ଷିତ କରିବାକୁ ସୁଧହାର ହ୍ରାସର ଜରୁରୀ ଆବଶ୍ୟକତା ଥିଲା ।

ବଜେଟ୍ ଉପସ୍ଥାପନ ପରେ ପରେ ରିଜର୍ଭବ୍ୟାଙ୍କର ମୁଦ୍ରାନୀତି କମିଟି ବୈଠକରେ ରେପୋରେଟ୍ ୬.୫ ରୁ ୬.୨୫ ପ୍ରତିଶତକୁ ହ୍ରାସ କରାଯାଇଛି । ବ୍ୟାଙ୍କ କମ୍ ସୁଧ ହାରରେ ରିଜର୍ଭବ୍ୟାଙ୍କରୁ ଅର୍ଥ ଉଠାଇଲେ ତାହା ସ୍ୱାଭାବିକ ହେବ ବ୍ୟାଙ୍କ ଋଣ ଗ୍ରହୀତାଙ୍କ କ୍ଷେତ୍ରରେ ପ୍ରତିଫଳିତ ହେବ । ଅବଶ୍ୟ ବ୍ୟାଙ୍କରେ ରଖିଥିବା ଜମାରାଶି ଉପରେ ଗ୍ରାହକ ପାଉଥିବା ସୁଧ ମଧ୍ୟ କମିବ । ତେବେ ଆୟକର ରିହାତି ଓ ସୁଧହାର ହ୍ରାସର ସମ୍ପର୍କକୁ ତର୍ଜମା କଲେ ସ୍ପଷ୍ଟ ମନେ ହୁଏ ଯେ ସରକାର ଏବାଟେ ଦେଇ ସେବାଟେ ନେବାର ଯେଉଁ ଫନ୍ଦି କରିଛନ୍ତି, ସେଥିରେ ଏହି ଉଚ୍ଚାକାଂକ୍ଷୀ ବର୍ଗ ଫସିବାକୁ ବାଧ୍ୟ । ମୁଦ୍ରାସ୍ଫୀତିକୁ ଏକ ନିୟନ୍ତ୍ରଣ ସ୍ତରକୁ ଆଣିବା ସକାଶେ ୫ବର୍ଷ ଅପେକ୍ଷା କରିଥିବା ରିଜର୍ଭବ୍ୟାଙ୍କ ହଠାତ୍ କୋହଳ ହୋଇଗଲେ କିପରି? ଏବେ ଦେଶର ମୁଦ୍ରାସ୍ଫୀତିରୁ ସୃଷ୍ଟ ମୂଲ୍ୟ ବୃଦ୍ଧି ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଲାଣି । ତେଣୁ ଏହାକୁ ଭିତିରି ବୁଝାମଣା କହିବାନି ତ ଆଉ କ'ଣ କହିବା? ଘର, ଗାଡ଼ି, ଘୋଡ଼ାରେ ସରକାରଙ୍କ କର ଆଦାୟ ସମ୍ପର୍କରେ ଆଲୋଚନା କରିବାର ଏଠାରେ ସୁଯୋଗ ନାହିଁ । କେବଳ ଜିଏସ୍‌ଟି ନୁହେଁ, ଏକାଧିକ କର ଓ ସରଚାର୍ଜ ମାଧ୍ୟମରେ ବିପୁଳ ଟିକସ ଆଦାୟର ପଥ ଉନ୍ମୁକ୍ତ କରି ରଖିଛନ୍ତି ।

ଏବେ ଆସିବା ଆମ ତମ ଭଳି ସାଧାରଣବର୍ଗଙ୍କ ପ୍ରସଙ୍ଗକୁ । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଲୋକଙ୍କ ଅଣ୍ଟା ଭାଙ୍ଗି ଦେଲାଣି । ସରକାର କ୍ରମାଗତ ଭାବେ ଜିଏସ୍‌ଟି ପରିସର କେବଳ ବୃଦ୍ଧି କରୁନାହାନ୍ତି, ସ୍ଥଳ ବିଶେଷରେ ଅତିରିକ୍ତ କର ମଧ୍ୟ ଆଦାୟ କରୁଛନ୍ତି । କେବଳ ସାମଗ୍ରୀକୁ ଜିଏସ୍‌ଟିରୁ ମୁକ୍ତ ଏବଂ ସ୍ଥଳବିଶେଷରେ ହ୍ରାସ ନ କଲେ ଦରଦାମ କମିବା ସମ୍ଭବ ନୁହେଁ । ଏଠାରେ ଆମକୁ କହିବାକୁ ପଡୁଛି ଯେ ବିଭିନ୍ନ ସାମଗ୍ରୀର ମୂଳ ମୂଲ୍ୟ ଏବେ ଯେଉଁ ସ୍ତରରେ ପହଞ୍ଚିଛି, ତାହାକୁ ସରକାର ପରୋକ୍ଷରେ ବେଞ୍ଚମାର୍କର ମାନ୍ୟତା ଦେଇଛନ୍ତି । ନ ହେଲେ ବେଆଇନ ମହଜୁଦ ଓ ମୂଲ୍ୟବୃଦ୍ଧିର ମୂଳ ଉତ୍ସ ଉପରେ ଶାସକ କଳ ଚଢ଼ଉ କରିବାରେ ପଛଘୁଞ୍ଚା ଦେଉନଥା'ନ୍ତେ । ଯଦି ଏବର ବର୍ଦ୍ଧିତ ମୂଲ୍ୟକୁ ବେଞ୍ଚମାର୍କ ମାନ୍ୟତା ଦିଆଯାଏ, ତେବେ ସରକାରଙ୍କୁ ଜିଏସ୍‌ଟି ହାର ହ୍ରାସ କରିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ । ନ ହେଲେ ବର୍ଦ୍ଧିତ ମୂଲ୍ୟର ସମ୍ମୁଖୀନ ହେବା ପରେ ସାଧାରଣ ଲୋକଙ୍କ ଉପାର୍ଜନ କ୍ଷମତା ବଢ଼ାଇବାକୁ ହେବ । ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଠିକା ନିଯୁକ୍ତିକୁ ଯେଭଳି ପ୍ରୋତ୍ସାହିତ କରାଯାଉଛି, ସେମାନଙ୍କ ସର୍ବନିମ୍ନ ଉପାର୍ଜନ ସ୍ତର ମଧ୍ୟ ସାମ୍ପ୍ରତିକ ବଜାର ସ୍ଥିତିକୁ ଦେଖି ନିର୍ଦ୍ଧାରଣ କରାଯାଉ । ଆମକୁ ଏଠାରେ କହିବାକୁ ପଡୁଛି ଯେ ଦେଶର ୮୧ କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇଦେଲେ, ସରକାରଙ୍କ ଦାୟିତ୍ୱ ଶେଷ ହୋଇଗଲା ଭାବିବା ଠିକ୍ ନୁହେଁ । ପରିବାରର ଅସୁମାରି ଆବଶ୍ୟକତା ଭରଣା କରିବାକୁ ସେମାନଙ୍କୁ ନିୟମିତ ବଜାରର ସମ୍ମୁଖୀନ ହେବାକୁ ପଡୁଛି । ସେମାନେ ବୁଝିବେ ନି ଯେ ଜିଏସ୍‌ଟି ରାଜସ୍ୱ ଆୟରୁ ସରକାର ଏହି ଲାଭାର୍ଥୀ ବର୍ଗ ସୃଷ୍ଟି କରିଛନ୍ତି । ବଜାରରେ ଲାଗିଥିବା ନିଆଁର ଧାସ ତାଙ୍କଠାରେ ମଧ୍ୟ ବାଜୁଛି ।

ଜିଏସ୍‌ଟି ବ୍ୟବସ୍ଥା ଯୋଗୁଁ କେନ୍ଦ୍ର ଅନୁଦାନ ଉପରେ ରାଜ୍ୟର ନିର୍ଭରଶୀଳତା ବଢ଼ିଛି । ସରକାର ଜିଏସ୍‌ଟି ସହିତ ସେସ୍ ଓ ସରଚାର୍ଜ ମାଧ୍ୟମରେ ଅତିରିକ୍ତ ରାଜସ୍ୱ ଆଦାୟ କରୁଛନ୍ତି । ଆଦାୟ ହେଉଥିବା ଜିଏସ୍‌ଟି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସ୍ଥିରିକୃତ ଅନୁପାତ ଅନୁଯାୟୀ ବଣ୍ଟନ କରାଯାଇଥାଏ । ଅଥଚ ଆଦାୟ ହେଉଥିବା ପ୍ରତି ଶହେଟଙ୍କା ଟିକସରେ ସେସ୍ ଓ ସରଚାର୍ଜର ଅଂଶ ୧୦ ଟଙ୍କା ୯୭ ପଇସା ହେଉଥିବା ବେଳେ ସେ ବାବଦ ଅର୍ଥରୁ ରାଜ୍ୟ ଭାଗ ପାଏନି । ଏହି ଟିକସ ଆଦାୟ କ୍ଷେତ୍ରରେ ରାଜ୍ୟର ମଧ୍ୟ ବୃହତ୍ତର ଭୂମିକା ରହିଛି । ଏହା ଆଦର୍ଶ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ । ତେଣୁ ଏଭଳି ତଞ୍ଚକତା ନେଇ ଏକାଧିକ ରାଜ୍ୟ ମୁହଁ ଖୋଲିବା ଆରମ୍ଭ କଲେଣି ।

କେନ୍ଦ୍ର ସରକାର ଜିଏସ୍‌ଟି ଲାଗୁ କରି ଏକ ନିର୍ଦ୍ଦିଷ୍ଟ ରାଜସ୍ୱ ଆୟର ଲକ୍ଷ୍ୟ ହାସଲ କରିଛନ୍ତି । ଏହାର ପରିସର ଓ ପରିବ୍ୟାପ୍ତିକୁ ଲକ୍ଷ୍ୟ କଲେ ମନେହେବ ଆର୍ଥିକ ଅସମାନତା ଓ କ୍ରମାଗତ ଭାବେ ପରିଲକ୍ଷିତ ଆର୍ଥିକ ଦୁର୍ବଳତା ପାଇଁ ଆଗାମୀ ଦିନରେ ସରକାରଙ୍କୁ ବେଶ ମୂଲ୍ୟ ଦେବାକୁ ପଡ଼ିବ । ବିଶ୍ୱର ବିଭିନ୍ନ ରାଷ୍ଟ୍ର ଏହି କର ଆଦାୟ ପଦ୍ଧତିରେ ବିଫଳ ହୋଇଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମଧ୍ୟ କହିଥିଲେ ଯେ ତିନିସ୍ତରୀୟ ଜିଏସ୍‌ଟି ବ୍ୟବସ୍ଥା ଲାଗୁ କରାଯାଇପାରେ । କିନ୍ତୁ ସରକାରଙ୍କ ଉଦ୍ଦେଶ୍ୟ ଭିନ୍ନ - ରାଜ୍ୟ ଉପରେ ଆର୍ଥିକ ନିୟନ୍ତ୍ରଣ ଜାହିର କରି କ୍ଷମତା ବିସ୍ତାର କରିବା । ଏହାର ଶେଷ ପରିଣତି ନେଇ ବିଚାର କରିବାର ସମୟ ଏବେ ଉପସ୍ଥିତ ।

## ବୈଷୟିକ ଶିକ୍ଷାର ମାନ ଓ ରାଷ୍ଟ୍ରର ଭବିଷ୍ୟତ

ଡ. ବିମଳ ଷଡ଼ଙ୍ଗୀ

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ର ଜନୈକ ପ୍ରଫେସରଙ୍କ ସହିତ ଦଶଜଣଙ୍କୁ 'ନ୍ୟାକ'ର ଭଲ ଗ୍ରେଡ ପ୍ରଦାନ ପାଇଁ ଲାଞ୍ଚ ମାମଲାରେ ସିବିଆଇ ଗିରଫ କରିଥିବା ଖବର ସାରା ଦେଶରେ ଚର୍ଚ୍ଚିତ । ଏହା ଭାତହାଣ୍ଡିରୁ ଗୋଟିଏ ଚିପିଲା ପରି । ଦେଶ କଥା ଦୂରେ ଥାଉ ଆମ ରାଜ୍ୟରେ ମଧ୍ୟ ଅଧିକାଂଶ ଘରୋଇ ବୈଷୟିକ ଅନୁଷ୍ଠାନ ଜାଲ ନଥିପତ୍ର ଜରିଆରେ ନ୍ୟାକ, ଏନବିଏ, ଏଆଇସିଟିଇ, ୟୁଜିସି, ଇତ୍ୟାଦି ମାନକ ପ୍ରଦାନକାରୀ ଅନୁଷ୍ଠାନମାନଙ୍କରୁ ମାନ୍ୟତା ଓ ପ୍ରମାଣପତ୍ର ହାତଉ ଥିବା ଅଭିଯୋଗ ହେଉଛି । ତେବେ ଜଣେ/ଦି'ଜଣ ପ୍ରଫେସରଙ୍କୁ ଗିରଫ କରି ଦେଲେ ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଏଥିରେ ମାନକ ଓ ମାନ୍ୟତା ପ୍ରଦାନକାରୀ ଅନୁଷ୍ଠାନମାନଙ୍କର ଉଚ୍ଚ ଅଧିକାରୀ, କର୍ମଚାରୀ, ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ମଧ୍ୟ ସମ୍ପୃକ୍ତ । ଯେଉଁସ୍ଥାନରେ ଲାଞ୍ଚ ଅଙ୍କ ଛିଣ୍ଡି ନଥାଏ ସେଠାରେ ଉପରୋକ୍ତ ପ୍ରଫେସରଙ୍କ ଭଳି ଲୋକ ଧରାପଡ଼ନ୍ତି । ଏହାଦ୍ୱାରା କିନ୍ତୁ ଦେଶର ଶିକ୍ଷା ବ୍ୟବସ୍ଥାର ମାନ କ୍ଷୁଣ୍ଣ ହୋଇଚାଲିଛି ।

ଉନ୍ନତ ଶୈକ୍ଷିକ ପରିବେଶରେ ଏକ ସକ୍ଷମ ଯୁବପିଢ଼ି ଏକ ନୂତନ ରାଷ୍ଟ୍ର ନିର୍ମାଣ ପାଇଁ ନିଜର ସର୍ବୋତ୍ତମ ଶକ୍ତି ସହିତ ଉଦ୍ୟମ କରିପାରିବେ । ଅବିରତ ଉତ୍ତମ କାର୍ଯ୍ୟ କରି ନିଜେ ରୋଜଗାରକ୍ଷମ ହେବା ସହିତ ଉତ୍ତମ ସମାଜ ଗଢ଼ିବାରେ ସହାୟକ ହୋଇପାରିବେ । ସାମାଜିକ ଓ ଆର୍ଥିକ ଦାୟିତ୍ୱବାନ ନାଗରିକ ଭାବରେ ଦେଶର ଆୟବୃଦ୍ଧିରେ ସହାୟକ ହୋଇପାରିବେ ଏବଂ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହୋଇପାରିବେ । ସେମାନଙ୍କ ମଧ୍ୟରେ ନବସୃଜନ, ସମାଲୋଚନାମୂଳକ ଚିନ୍ତାଧାରା ଏବଂ ବିଶ୍ଳେଷଣାତ୍ମକ ଦକ୍ଷତା ବୃଦ୍ଧିପାଇବ । କିନ୍ତୁ ଏବେ ଯେଉଁ ଗତିରେ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକର ଶିକ୍ଷାଦାନର ମାନ ଓ ଶୈକ୍ଷିକ ଗୁଣବତ୍ତା ହ୍ରାସ ପାଇ ଚାଲିଛି, ସେଥିରେ ଉପରୋକ୍ତ ଲକ୍ଷ୍ୟ ହାସଲ ହେବ କିପରି? ଗୁଣବତ୍ତାର ଏହି ଅବକ୍ଷୟର କାରଣ ସମ୍ପର୍କରେ ପ୍ରାୟତଃ ସମସ୍ତେ ଅଳ୍ପେବହୁତ ଅବଗତ ଥିଲେ ମଧ୍ୟ ପ୍ରକୃତରେ ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ ଭଳି ସ୍ଥିତି ସୃଷ୍ଟି ହୋଇଛି ।

ଉପଯୁକ୍ତ ପରିଚାଳନା ଓ ଆନ୍ତରିକତା ଅଭାବରେ ଏକ ଉନ୍ନତ ଶିକ୍ଷାନୁଷ୍ଠାନ କିଭଳି ଅବକ୍ଷୟ ହୋଇଯାଏ ତାହା ଓଡ଼ିଶାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି)କୁ ଉଦାହରଣ ରୂପେ ନେଇପାରିବା । ଓଡ଼ିଶାରେ ବୈଷୟିକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆଇନ ଜରିଆରେ ବିପିୟୁଟି ପ୍ରତିଷ୍ଠା କରିଥିଲେ । ରାଉରକେଲାଠାରେ ୨୦୦୩ରେ ଭାରତର ତତକାଳୀନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଦ୍ୱାରା ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଏହାର ମୂଳ ଲକ୍ଷ୍ୟ ଥିଲା ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ଆବଶ୍ୟକୀୟ ବୈଷୟିକ ମାନବ ସମ୍ବଳ ସୃଷ୍ଟି ପାଇଁ ଏକ ବିଶ୍ୱସ୍ତରୀୟ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିବା । ବୈଷୟିକ ଜ୍ଞାନର ପ୍ରୟୋଗ ମାଧ୍ୟମରେ ରାଜ୍ୟରେ ପୁଞ୍ଜି ନିବେଶ ଜରିଆରେ ଅର୍ଥନୈତିକ ଅଭିବୃଦ୍ଧି ସହିତ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କର ବୌଦ୍ଧିକ ବିକାଶରେ ସହାୟକ ହେବା । ତତସହିତ ଉଚ୍ଚତର ଅଧ୍ୟୟନ ଓ ଗବେଷଣା ନିମିତ୍ତ ବିଶ୍ୱସ୍ତରୀୟ କେନ୍ଦ୍ର ପ୍ରତିଷ୍ଠା କରିବା । ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଆଉ ଗୋଟିଏ ଉଦ୍ଦେଶ୍ୟ ଥିଲା ଉନ୍ନତ ପାଠ୍ୟକ୍ରମ ଏବଂ ସମାନ ମୂଲ୍ୟାଙ୍କନ ମାଧ୍ୟମରେ ଓଡ଼ିଶାର ବୈଷୟିକ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ଉଚ୍ଚମାନର ଶିକ୍ଷାକୁ ସୁନିଶ୍ଚିତ କରିବା । ଆଜି ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଶତକଡ଼ା ୯୦ ଭାଗରୁ ଅଧିକ ଘରୋଇ ଓ ଅବଶିଷ୍ଟ ସରକାରୀ-ଏପରି ମୋଟ ୧୩୭ ଟିରୁ ଅଧିକ ବୈଷୟିକ ଶିକ୍ଷାନୁଷ୍ଠାନ ଅନୁବନ୍ଧିତ ହୋଇଛି ଏବଂ ପ୍ରାୟ ୧୦୦୦୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହି ବିଶ୍ୱବିଦ୍ୟାଳୟଅଧୀନରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଯାନ୍ତ୍ରିକ, ସ୍ଥାପତ୍ୟ, ବ୍ୟବସାୟ ପରିଚାଳନା, କମ୍ପ୍ୟୁଟର ଅଧ୍ୟୟନ ଓ ଫାର୍ମାସି ଇତ୍ୟାଦି ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ତେଣୁ ଏହାକୁ ଆଇଆଇଟି ମାନର ଶିକ୍ଷାନୁଷ୍ଠାନ ଭାବେ ଗଢ଼ିବାର ସ୍ୱପ୍ନ ତତ୍କାଳୀନ କର୍ତ୍ତୃପକ୍ଷ ଦେଖିଥିଲେ ଏବଂ ସେହି ଅନୁଯାୟୀ ଶିକ୍ଷାଦାନ ଶୈଳୀ ମଧ୍ୟ ଉଚ୍ଚକୋଟୀର ଥିଲା । କାଳକ୍ରମେ ଏହାର ମାନ ନୈରାଶ୍ୟଜନକ ଭାବରେ ହ୍ରାସ ପାଇ ଅଧୁନା ଏକ ବ୍ୟବସାୟିକ ଅନୁଷ୍ଠାନ ଭାବରେ ପରିଣତ ହୋଇଥିବାର ଅନୁମେୟ ।

ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନକୁ ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରିବାର ଦାୟିତ୍ୱ ସରକାର ଏବଂ କର୍ମଚାରୀମାନଙ୍କର । ମାତ୍ର ଯୋଜନା ଯେତେବେଳେ କାର୍ଯ୍ୟକାରୀ ନହୁଏ ତାହା ସମାଜକୁ ସୁସ୍ଥ କରିବା ବଦଳରେ ଅସୁସ୍ଥ କରିଥାଏ । ବିଶ୍ୱର ଏମିତି କୌଣସି ଦେଶ ବା ରାଜ୍ୟ ନାହିଁ ଯିଏ ତା'ର ମାନବ ସମ୍ବଳର ଗୁଣବତ୍ତାକୁ ହ୍ରାସ କରି ତା'ଦେଶକୁ ବିକଶିତ କରିବାକୁ ଚିନ୍ତା କରିବ । ନୋବେଲ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ ଏକଦା କହିଥିଲେ 'ଭାରତ ବିଶ୍ୱର ଏକମାତ୍ର ଦେଶ, ଯେଉଁଠି ଏକ ଅଶିକ୍ଷିତ ଓ ଅସୁସ୍ଥ ଶ୍ରମଶକ୍ତି ବିଶ୍ୱର ବୃହତ ଅର୍ଥନୈତିକ ଶକ୍ତି ହେବାକୁ ଚେଷ୍ଟା କରୁଛି ।' ଏହି ପରିପ୍ରେକ୍ଷୀରେ 'ପ୍ରମାଣପତ୍ର ଯୋଗ୍ୟତା' ବିଷୟରେ ଆଲୋଚନା କରାଯାଇପାରେ । ନିନ୍ଦନୀୟ ବାସ୍ତବତା ହେଉଛି ଯେ ଏହି ତଥାକଥିତ 'ଯୋଗ୍ୟ ପ୍ରମାଣପତ୍ର ଧାରୀ' ଯୁବକମାନଙ୍କ ମଧ୍ୟରୁ ଅଧିକାଂଶ ବେକାର । ଉଦାହରଣ ସ୍ୱରୂପ, ୨୦୨୦ରେ ବିଶ୍ୱ ଅର୍ଥନୈତିକ ଫୋରମ୍ ଉଲ୍ଲେଖ କରିଥିଲା ଯେ ଭାରତରେ ମାତ୍ର ୨୦ପ୍ରତିଶତ ଇଞ୍ଜିନିୟର ସ୍ନାତକଙ୍କ ମଧ୍ୟରୁ ପ୍ରାୟ ୧୦ ପ୍ରତିଶତଙ୍କ ପାଖରେ ଭଲ ଦରମାରେ ନିଯୁକ୍ତି ପାଇଁ ଆବଶ୍ୟକ ଦକ୍ଷତା ଅଛି । ଏହି ତଥ୍ୟ ସରକାରୀ ଇଞ୍ଜିନିୟରିଂ ଜାତୀୟ ନିଯୁକ୍ତି ରିପୋର୍ଟରୁ ସଂଗୃହୀତ ।

ଏହା ସର୍ବଜନବିଦିତ ଯେ ଭାରତର ଇଞ୍ଜିନିୟରିଂ ଶିକ୍ଷା ଘରୋଇ ସଂସ୍ଥା କବଳରେ । ନା ଅଛି ଉପଯୁକ୍ତ ଭିତ୍ତିଭୂମି ନା ଯୋଗ୍ୟ ଶିକ୍ଷକ । ମାତ୍ର ସେମାନେ ତଞ୍ଚକତାର ସହିତ ଦାତବ୍ୟ ସଂସ୍ଥା ନାମରେ ସରକାରଙ୍କଠାରୁ ଆବଶ୍ୟକୀୟ ଅନୁମତି ପାଇଥା'ନ୍ତି । ଅବଶ୍ୟ ଏଥିପାଇଁ ବିଶ୍ୱବିଦ୍ୟାଳୟର ଅଧିକାରୀ, ସରକାରୀ ଅଧିକାରୀ, ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ଜାତୀୟ ମାନ୍ୟତା ବୋର୍ଡ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, ନ୍ୟାକର ଅଧିକାରୀମାନଙ୍କର ଏକ ଅନୈତିକ ସମ୍ପର୍କ ଦାୟୀ । ଏବେ ପୁଣି ଜାତୀୟ ଶିକ୍ଷାନୀତିର ଦ୍ୱାହି ଦେଇ କୌଣସି ଆବଶ୍ୟକୀୟ ଭିତ୍ତିଭୂମି ନଥାଇ ସମସ୍ତ ଇଞ୍ଜିନିୟରିଂ ଅନୁଷ୍ଠାନକୁ ସ୍ୱୟଂଶାସିତ ଓ ବିଶ୍ୱବିଦ୍ୟାଳୟ କରିବାର କାର୍ଯ୍ୟକ୍ରମ ଚାଲୁରହିଛି । ଏହି ଲକ୍ଷ୍ୟ ହାସଲ ପାଇଁ ଦଲାଲ ଗୋଷ୍ଠୀ ସକ୍ରିୟ ହେଉଥିବାର ସୂଚନା ମିଳିଛି । ସାଧାରଣ ମଣିଷର ଲହୁରୁ ମୋଟା ଅଙ୍କରେ ଦରମା ପାଉଥିବା ବାବୁମାନଙ୍କର ଏ ପ୍ରକାର ଅନିୟମିତତା ଯୋଗୁଁ କୋଟି କୋଟି ଯୁବକ ଆଜି ଅଶିକ୍ଷାର ଶିକାର ।

ଓଡ଼ିଶାର ଲକ୍ଷ ଲକ୍ଷ ଇଞ୍ଜିନିୟରିଂ ସ୍ନାତକ ବର୍ଷ ବର୍ଷ ଧରି ଚାକିରିଟିଏ ପାଇବା ପାଇଁ ସଂଘର୍ଷ କରୁଛନ୍ତି । ପ୍ରତିବର୍ଷ ଓଡ଼ିଶାର ବୈଷୟିକ ଶିକ୍ଷା ପ୍ରତିଷ୍ଠାନରୁ ୫୦ ହଜାରରୁ ଅଧିକ ସ୍ନାତକ ଉତ୍ତୀର୍ଣ୍ଣ ହୁଅନ୍ତି । ସେମାନଙ୍କ ମଧ୍ୟରୁ କେବଳ ଏକ କ୍ଷୁଦ୍ର ଅଂଶ ପାଖରେ ସେମାନଙ୍କର ପ୍ରମାଣପତ୍ର ଯୋଗ୍ୟତା ଅନୁରୂପ ଚାକିରି ଖୋଜିବା ପାଇଁ ଆବଶ୍ୟକ ଦକ୍ଷତା ଅଛି । ଯୁବକକୁ ଶିକ୍ଷା ଓ ମାନସିକ ସ୍ତରରେ ଦୁର୍ବଳ କରିସାରିବା ପରେ ତା'ଠାରୁ ଦେଶ ପାଇଁ କ'ଣ ଆଶା କରାଯାଇ ପାରିବ? ତା' ପାଇଁ ତା'ର ବଞ୍ଚିବାର ରାସ୍ତା ପ୍ରାଥମିକ । ଏ ଅବସ୍ଥାରେ ବଞ୍ଚିବାର ରାସ୍ତା ନ ପାଇଲେ ସେ 'ବୁଭୁକ୍ଷିତମ କିମ୍ ନ କରୋତି ପାପମ' ନ୍ୟାୟରେ ଅନୀତିର ଆଶ୍ରିତ ହେବ ନିଶ୍ଚିତ । ଯଦି ଯୁବଶକ୍ତିକୁ ସଠିକ୍ ଭାବରେ ପରିଚାଳିତ କରା ନ ଯାଏ, ତେବେ 'ଯୁବଶକ୍ତି' ହିଂସା ଏବଂ ସାମାଜିକ ଅଶାନ୍ତି ଆଡ଼କୁ ପ୍ରବୃତ୍ତ ହୁଏ । ଦେଶର ମୁନାଫାଖୋର ଶିକ୍ଷା ବ୍ୟବସାୟୀଙ୍କୁ କଠୋର ଭାବରେ ନୀତି ନିୟମକୁ ପାଳନ କରିବାକୁ ବାଧ୍ୟ କରିବା ସହିତ ଅସାଧୁ ଅଧିକାରୀ, ଶିକ୍ଷାଧୀଶ ଓ ଶିକ୍ଷାନୀତି ଅନୁପାଳନ କରୁ ନ ଥିବା ଅଧିକାରୀମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ପଡ଼ିବ । ନହେଲେ ଦେଶ ଓ ରାଜ୍ୟର ଲକ୍ଷ ଲକ୍ଷ ନିରୀହ ଶିକ୍ଷିତ ଯୁବକ ଖାଲି ପ୍ରମାଣପତ୍ରଧାରୀ ହେବା ସହିତ ଦେଶର ଏକ ବୃହତ ସମସ୍ୟା ଭାବରେ ଉଭା ହେବେ । ସାଧୁ ବେଳହୁଁ ସାବଧାନ ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ପୁରସ୍କାର ବନାମ ତିରସ୍କାର

ବରୁଣ କୁମାର ମହାପାତ୍ର

ଗତବର୍ଷର ପଦ୍ମ ପୁରସ୍କାରକୁ ନେଇ ନିକଟରେ ଓଡ଼ିଶାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମାନ ନାମଧାରୀ ଆଉ ଜଣେ ବ୍ୟକ୍ତି ପଦ୍ମଶ୍ରୀ ସମ୍ମାନ ପାଇଁ ତାଙ୍କ ଅଧିକାର ଜାହିର କରିବା ପରେ ମାମଲା ଉଚ୍ଚ ନ୍ୟାୟାଳୟକୁ ଯାଇଛି । ପଦ୍ମଶ୍ରୀରେ ସମ୍ମାନିତ ବ୍ୟକ୍ତିତ୍ୱଙ୍କୁ ଅଦାଲତ ନୋଟିସ୍ ଜାରି କରିଛନ୍ତି । ଚଳିତ ବର୍ଷ ମଧ୍ୟ ପାଇଁ ପଦ୍ମ ପୁରସ୍କାର ଘୋଷଣା ପରେ ବିବାଦ ଉଠିଛି । ଖ୍ୟାତନାମା ଗାୟକ ସୋନୁ ନିଗମଙ୍କ ପ୍ରତିକ୍ରିୟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । କିଛି ସୁଯୋଗ୍ୟ ବ୍ୟକ୍ତିଙ୍କୁ ଅଣଦେଖା କରାଯିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏହି ଲୋକପ୍ରିୟ କଣ୍ଠଶିଳ୍ପୀ ମତ ଦେଇଛନ୍ତି ଯେ, ବିଭିନ୍ନ କ୍ଷେତ୍ରରେ ଏପରି ଅନେକ ଯୋଗ୍ୟ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ଅବଦାନକୁ ଜାତୀୟସ୍ତରରେ ଆଜି ଯାଏଁ ସ୍ୱୀକୃତି ମିଳିନି । ସୋନୁ ନିଜ ଯୁକ୍ତି ସପକ୍ଷରେ ସେ ପ୍ରତିନିଧିତ୍ୱ କରୁଥିବା ସଙ୍ଗୀତ କ୍ଷେତ୍ରର କିମ୍ବଦନ୍ତୀ କଣ୍ଠଶିଳ୍ପୀ କିଶୋର କୁମାରଙ୍କ ଉଦାହରଣ ଦେଇଛନ୍ତି । ସୋନୁଙ୍କ ମତରେ ମହମ୍ମଦ ରଫିଙ୍କ ସହ କିଶୋର କୁମାର ବିଶ୍ୱର ଅନେକ ଗାୟକଙ୍କୁ ଅନୁପ୍ରାଣିତ କରିଛନ୍ତି । ସେମାନଙ୍କ ମଧ୍ୟରୁ ଜଣ (ରଫି)ଙ୍କୁ ଆମେ କେବଳ 'ପଦ୍ମଶ୍ରୀ' ସମ୍ମାନରେ ସୀମିତ ରଖିଛୁ । ଆଉ ଜଣେ (କିଶୋର) 'ପଦ୍ମଶ୍ରୀ' ମଧ୍ୟ ପାଇ ନାହାନ୍ତି । କିଛିବ୍ୟକ୍ତିଙ୍କୁ ମରଣୋତ୍ତର ଭାବେ 'ପଦ୍ମ' ସମ୍ମାନ(ସାରଦା ସିହ୍ନା-ପଦ୍ମ ବିଭୂଷଣ ଓ ପଙ୍କଜ ଉଦାସ -ପଦ୍ମଭୂଷଣ) ପ୍ରଦାନ କରାଯାଇଥିବା ବେଳେ କିଶୋର କୁମାରଙ୍କ ଭଳି ପ୍ରତିଭାଙ୍କୁ ଏ ଯାଏଁ କାହିଁକି ଜାତୀୟ ସମ୍ମାନ ମିଳି ନାହିଁ ବୋଲି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ସୋନୁ ନିଗମ୍ । ଏହାଛଡ଼ା ସେ ଆଉ ତିନି ଜଣ ଲୋକପ୍ରିୟ ତଥା ପ୍ରଥିତଯଶା କଣ୍ଠଶିଳ୍ପୀ ଅଳକା ଯାଗ୍ନିକ୍, ଶ୍ରେୟା ଘୋଷାଲ୍ ଓ ସୁନିଧି ଚୌହାନଙ୍କୁ ଏ ପର୍ଯ୍ୟନ୍ତ ପଦ୍ମ ପୁରସ୍କାର ନ ମିଳିବା ନେଇ ଦୁଃଖ ପ୍ରକାଶ କରିଥିଲେ ।

ଆମ ରାଜ୍ୟର ବି ଅନେକ ବ୍ୟକ୍ତିତ୍ୱଙ୍କୁ ଜାତୀୟ ନାଗରିକ ପୁରସ୍କାର ପାଇଁ ଅଣଦେଖା କରାଯାଇଛି । କିମ୍ବଦନ୍ତୀ ସଙ୍ଗୀତକାର, ଗାୟକ, ଗୀତିକାର ତଥା ସାହିତ୍ୟିକ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କର ଓଡ଼ିଆ ସାହିତ୍ୟ, କଳା, ସିନେମା ଓ ସଙ୍ଗୀତ ପ୍ରତି ବହୁମୂଲ୍ୟ ଅବଦାନ ସତ୍ତ୍ୱେ ସେହି ବହୁମୁଖୀ ସାରସ୍ୱତ ସାଧକଙ୍କ ପାଇଁ ଜାତୀୟ ନାଗରିକ ସମ୍ମାନ ସୁପାରିସ କରିବାକୁ ଆମେ କିପରି ଭୁଲିଗଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି ।

ପଦ୍ମ ସମ୍ମାନ ପାଇଁ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ତଥା ନିରପେକ୍ଷତା ରହିବା ଜରୁରୀ । କିନ୍ତୁ ଅନେକ ଥର ଏହି ପୁରସ୍କାର ବିଭିନ୍ନ କାରଣରୁ ବିବାଦୀୟ ହୋଇଛି । କିଛି ବିଜେତାଙ୍କ ଚୟନ ଭ୍ରୂକୁଞ୍ଚନ ସୃଷ୍ଟି କରିଥିବା ବେଳେ ଅନେକ ଯୋଗ୍ୟ ବ୍ୟକ୍ତିଙ୍କୁ ଅଣଦେଖା କରାଯାଇଛି । ଆଉ କିଛି ଯୋଗ୍ୟ ବ୍ୟକ୍ତିଙ୍କୁ ବହୁ ବିଳମ୍ବରେ ମିଳିଛି ଏହି ସମ୍ମାନ । ଏଥିଯୋଗୁଁ ଏହି ଜାତୀୟ ପୁରସ୍କାର ଏହାର ମୂଲ୍ୟ ଓ ଗରିମା ହରାଉଛି ବୋଲି ଅଭିଯୋଗ ହେଉଛି ।

ଅନେକ ଥର ଦେଖାଯାଇଛି, କ୍ଷମତାସୀନ ରାଜନୈତିକ ଦଳଗୁଡ଼ିକ ନିଜର ନେତାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି । ପଦ୍ମ ପୁରସ୍କାର ପାଇଥିବା ଏଭଳି ଅନେକ ରାଜନେତାମାନଙ୍କ ଦେଶ ପ୍ରତି ଅବଦାନ ନଗଣ୍ୟ । ଏପରିକି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବିରୋଧରେ ସଂଗିନ୍ ଆପରାଧିକ ମାମଲା ବି ରହିଛି ।

କିଛି ବିଶିଷ୍ଟବ୍ୟକ୍ତି ବହୁ ବିଳମ୍ବରେ ତଥା ପରିଣତ ବୟସରେ ପଦ୍ମ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି । ଏହି କାରଣରୁ ସେମାନେ ଅସନ୍ତୋଷ ଓ ଅପମାନ ବୋଧ କରି ପୁରସ୍କାରକୁ ଅଗ୍ରାହ୍ୟ କରି ଦେଇଛନ୍ତି । ବିଳମ୍ବରେ ପଦ୍ମ ପୁରସ୍କାର ପଇଁ ମନୋନୀତ ହେବା ଏକ ଅସମ୍ମାନ ବୋଲି ଦର୍ଶାଇ ଖ୍ୟାତନାମା କଥକ ନୃତ୍ୟାଙ୍ଗନା ସିତାରା ଦେବୀ (୨୦୦୨) ଓ ଦକ୍ଷିଣ ଭାରତର 'ନାଇଟିଙ୍ଗଲ୍' ଭାବେ ଖ୍ୟାତ ପ୍ରସିଦ୍ଧ ଗାୟିକା ଏସ୍.ଜାନକୀ (୨୦୧୩) ପଦ୍ମଭୂଷଣ ସମ୍ମାନ ଗ୍ରହଣ କରିନଥିଲେ । ସେହିପରି ଡନ୍, ଜଞ୍ଜିର, ଶୋଲେ ଭଳି କାଳଜୟୀ ଚଳଚ୍ଚିତ୍ରର ଅନ୍ୟତମ ଚିତ୍ରନାଟ୍ୟ ଲେଖକ ସଲିମ୍ ଖାନ୍ ୨୦୧୫ରେ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିବାକୁ ମନା କରି ଦେଇଥିଲେ । ତାଙ୍କଠାରୁ ବୟସରେ କନିଷ୍ଠ ଅନେକ ବ୍ୟକ୍ତିଙ୍କୁ ଏହି ସମ୍ମାନ ବହୁ ପୂର୍ବରୁ ମିଳିସାରିଥିବା ବେଳେ ସିନେମା ପ୍ରତି ତାଙ୍କ ଅବଦାନକୁ ସରକାର ବିଳମ୍ବରେ ସ୍ୱୀକୃତି ଦେଇଛନ୍ତି ବୋଲି ସେ ଅଭିଯୋଗ ଆଣିଥିଲେ । କିମ୍ବଦନ୍ତୀ କଣ୍ଠଶିଳ୍ପୀ ସନ୍ଧ୍ୟା ମୁଖାର୍ଜୀ ୨୦୨୨ ମସିହାରେ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିଲେ । କିନ୍ତି ୯୦ ବର୍ଷ ବୟସରେ ଏହା ତାଙ୍କ ପାଇଁ ପୁରସ୍କାର ଅପେକ୍ଷା ତିରସ୍କାର ବୋଲି ଦର୍ଶାଇ ସେ ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ । ଅନୁରୂପ କାରଣ ପାଇଁ ସେହିବର୍ଷ ପଶ୍ଚିମବଙ୍ଗର ତବଲା ବାଦକ ଅନିନ୍ଦ୍ୟ ଚାଟାର୍ଜୀ ମଧ୍ୟ ପଦ୍ମ ପୁରସ୍କାର ଗ୍ରହଣ କରିବାକୁ ମନା କରି ଦେଇଥିଲେ ।

କେବଳ ପଦ୍ମ ସମ୍ମାନ ନୁହେଁ, ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ଚୟନ ପ୍ରକ୍ରିୟାରେ ମଧ୍ୟ ସ୍ୱଚ୍ଛତା ଓ ନିରପେକ୍ଷତାର ଅଭାବ ନେଇ ଅଭିଯୋଗ ହୋଇ ଆସୁଛି । ଚୟନ କମିଟି ଓ କ୍ରୀଡ଼ା ମନ୍ତ୍ରାଳୟର ଉଦାସୀନତା ଯୋଗୁଁ ଏଥର ମଧ୍ୟ ବିବାଦରୁ ଊର୍ଦ୍ଧ୍ୱରେ ନଥିଲା ଜାତୀୟ କ୍ରୀଡ଼ା ପୁରସ୍କାର । ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତି ଇତିହାସ ରଚିବା ସତ୍ତ୍ୱେ ସୁଟର ମନୁ ଭାକରଙ୍କ ନାଁ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର 'ଖେଳ ରତ୍ନ' ମୂଳ ତାଲିକାରେ ନ ଥିଲା । ମନୁ ଭାକର ସ୍ୱାଧୀନ ଭାରତର ପ୍ରଥମ କ୍ରୀଡ଼ାବିତ୍ ଭାବେ ଏକ ଅଲିମ୍ପିକ୍ସ ସଂସ୍କରଣରେ ଦୁଇଟି ପଦକ ଜିତିବାର ବିରଳ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ । କିନ୍ତୁ କ୍ରୀଡ଼ା ମନ୍ତ୍ରାଳୟ ମନୁଙ୍କ ନାଁ 'ଖେଳରତ୍ନ' ପୁରସ୍କାର ପାଇଁ ସୁପାରିସ ନ କରିବା ଏହି ଯୁବକ୍ରୀଡ଼ାବିତ୍ ଓ ତାଙ୍କ ପରିବାର ସହ କ୍ରୀଡ଼ାପ୍ରେମୀମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଅଲିମ୍ପିକ୍ସରେ ତାଙ୍କ ଐତିହାସିକ ଉପଲବ୍ଧିକୁ ଅଣଦେଖା କରାଯିବା ନେଇ ମନୁ ଓ ତାଙ୍କ ପରିବାର ତୀବ୍ର ଅସନ୍ତୋଷ ତଥା ନିରାଶା ବ୍ୟକ୍ତ କରିଥିଲେ । ମନୁଙ୍କ ବାପା କ୍ରୀଡ଼ା ପୁରସ୍କାର ବିଜେତାଙ୍କ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ନେଇ ସନ୍ଦେହ ବ୍ୟକ୍ତ କରିଥିଲେ । ଶେଷରେ କ୍ରୀଡ଼ା ମନ୍ତ୍ରାଳୟ 'ଖେଳରତ୍ନ' ପୁରସ୍କାର ତାଲିକାରେ ମନୁଙ୍କ ନାଁ ଯୋଡ଼ିଥିଲା ।

'ଉଡ଼ନ୍ତା ଶିଖ୍' ଭାବେ ଖ୍ୟାତ ମିଲ୍‌ଖା ସିଂଙ୍କ ଭଳି କିମ୍ବଦନ୍ତୀ ଧାବକଙ୍କ ଅବଦାନକୁ ମଧ୍ୟ ବହୁ ବିଳମ୍ବରେ ମନେ ପକାଇଥିଲେ ସରକାର । ୭୧ ବର୍ଷ ବୟସରେ ତାଙ୍କୁ ଦ୍ୱିତୀୟ ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା । କିନ୍ତୁ ଏହାକୁ ସେ ଅଗ୍ରାହ୍ୟ କରି ଦେଇଥିଲେ । ତାଙ୍କ ଯୁକ୍ତି ଥିଲା - ପ୍ରଥମତଃ, ତାଙ୍କୁ ବହୁ ବିଳମ୍ବରେ ଏହି ପୁରସ୍କାର ପାଇଁ ଚୟନ କରାଯାଇଥିଲା । ତା'ଛଡ଼ା କିଛି ଅଯୋଗ୍ୟ ବ୍ୟକ୍ତିଙ୍କ ସହ ତାଙ୍କୁ ଏହି କ୍ରୀଡ଼ା ସମ୍ମାନ ପାଇଁ ତାଲିକାଭୁକ୍ତ କରାଯାଇଥିଲା, ଯାହା ତାଙ୍କ ପ୍ରତି ଅସମ୍ମାନ ।

ବିଭିନ୍ନ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନପୂର୍ବକ ସେମାନଙ୍କୁ ସଠିକ୍ ସମୟରେ ଏବଂ ନିରପେକ୍ଷ ଭାବରେ ସମ୍ମାନିତ କରି ଉତ୍ସାହିତ କରିବା ପାଇଁ ଜାତୀୟ ପୁରସ୍କାର ଉଦ୍ଦିଷ୍ଟ । କିନ୍ତୁ ଯୋଗ୍ୟତା ପରିବର୍ତ୍ତେ ଚୟନ ପ୍ରକ୍ରିୟାରେ ପକ୍ଷପାତିତା, ରାଜନୈତିକ ହସ୍ତକ୍ଷେପ ଏବଂ ଲବିର ପ୍ରଭାବ ଯୋଗୁଁ ଏହି ପୁରସ୍କାର ବିବାଦୀୟ ହୋଇପଡୁଛି, ଯାହାକି ଦୁର୍ଭାଗ୍ୟଜନକ । ଅବଶ୍ୟ ସମସ୍ତ ଚୟନ ବିବାଦୀୟ ବୋଲି କୁହାଯାଇ ପାରିବ ନାହିଁ । କିନ୍ତୁ କିଛି ସନ୍ଦେହାସ୍ପଦ ନିଷ୍ପତ୍ତି ପାଇଁ ସମଗ୍ର ଜାତୀୟ ପୁରସ୍କାର କଳଙ୍କିତ ହେଉଛି ।

ବ୍ରହ୍ମପୁର, ମୋ: ୭୦୦୮ ୦୭୮୩୯୬

## ପ୍ରେମ-ଭକ୍ତିର ଅଭିବ୍ୟକ୍ତି: ଭକ୍ତଚରଣ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ରୀତିଯୁଗୀୟ କାବ୍ୟାଦର୍ଶ ଅନୁଯାୟୀ ସ୍ୱରଚିତ କାବ୍ୟକୁ ଯେତିକି ଯୁଗାଶ୍ରିତ କରି ଗଢ଼ିବାର ପ୍ରୟାସ କଲେ ମଧ୍ୟ ଭକ୍ତଚରଣଙ୍କ ମୌଳିକ କବିତ୍ୱର କମନୀୟତା ତାଙ୍କ କାବ୍ୟ କବିତାରେ ଫୁଟି ଉଠିଛି ସ୍ୱକୀୟ ଆତ୍ମ ଉପଲବ୍ଧି ବିକିରଣ କରି । ଏହା ହିଁ ଯେକୌଣସି ସାହିତ୍ୟ ସ୍ରଷ୍ଟାର ସର୍ବମୂଳ ପରିଚିତି । ଭକ୍ତଚରଣ ଦାସଙ୍କ କୃତି ସ୍ୱଳ୍ପ । ମଥୁରାମଙ୍ଗଳ କାବ୍ୟ, ଗୋପମଙ୍ଗଳ, ମନବୋଧ ଚଉତିଶା, ମନଃଶିକ୍ଷା, କଳାକଳେବର ଚଉତିଶା ମଧ୍ୟରୁ ମଥୁରାମଙ୍ଗଳ ହିଁ ତାଙ୍କୁ ପାଠକ ହୃଦୟରେ କରିପାରିଛି ସୁପ୍ରତିଷ୍ଠିତ । ତାଙ୍କ ଦ୍ୱାରା ରଚିତ ଗୋଟିଏ ଗୋଟିଏ ପଦପଂକ୍ତି ପୁରପଲ୍ଲୀରେ ଏତେ ଲୋକପ୍ରିୟତା ଅର୍ଜନ କରିଛି, ଯାହା ବିସ୍ମୟଜନକ । ମଥୁରାମଙ୍ଗଳରେ ଶ୍ରୀକୃଷ୍ଣ ଗୋପପୁରରୁ ବିଦାୟ ନେଇ ଯେତେବେଳେ ଧନୁଯାତ୍ରା ଦର୍ଶନ ପାଇଁ ମଥୁରାପୁରକୁ ଯାତ୍ରା କରୁଛନ୍ତି, ସେତେବେଳେ ମାତା ଯଶୋଦାଙ୍କ କାରୁଣ୍ୟସିକ୍ତ ସମ୍ବୋଧନ ପାଠକର ଆଖିକୁ ଆର୍ଦ୍ର କରି ଆସିଛି ଯୁଗ ଯୁଗ ବ୍ୟାପୀ -

ଆରେ ବାବୁ ଶ୍ୟାମଘନ / ତୁ ଗଲେ ମଧୁଭୁବନ / କାହାମୁଖ ଅନାଇ ବଞ୍ଚିବି । ହେବ ଦଶ ଦିଗ ଶୂନ୍ୟ / ଅସ୍ଥିର ହେବ ଜୀବନ / ନିଶି ଦିବସରେ ଝୁରୁ ଥିବିରେ ଜୀବଧନ । ଜୀବନ ବିହୁନେ ଯେହ୍ନେ ଝସ / ରାଜା ବିନେ ଯେହ୍ନେ ଗ୍ରାମ ଦେଶରେ । - ଏମିତି କେତେକ କାବ୍ୟାଂଶ ଥାଏ, ଯାହା ଥରେ ପଢ଼ିଦେଲେ ବା ଶୁଣିଦେଲେ ଛାତି ଭିତରେ ତାହା ଅନୁରଣିତ ହେଉଥାଏ ବାରମ୍ବାର । ତା' ମଧ୍ୟରେ ଏହାର ସ୍ଥାନ ନିଶ୍ଚୟ ସ୍ୱତନ୍ତ୍ର ।

କୃଷ୍ଣବଳରାମ ତ ଧନୁଯାତ୍ରା ଦେଖିସାରି ଫେରି ଆସିବେ ଅଳ୍ପ କେତୋଟି ଦିନ ପରେ । ତଥାପି ମାତା ଯଶୋଦାଙ୍କ କଣ୍ଠ, ହୃଦୟ ଏପରି ବାଷ୍ପରୁଦ୍ଧ ହୋଇଯାଉଥିଲା କାହିଁକି? ଯଶୋଦାଙ୍କ ବାହ୍ୟ ମନ ଜାଣେ ଯେ ଶ୍ରୀକୃଷ୍ଣ ଯାଉଛନ୍ତି ଅଳ୍ପଦିନ ସକାଶେ । ମାତ୍ର ତାଙ୍କ ଅନ୍ତରାତ୍ମା ଉପଲବ୍ଧି କରିପାରିଥିଲା ଆଗାମୀ ଭବିଷ୍ୟତ ବିଚ୍ଛେଦ ଦୁଃଖକୁ । ସେଇଥି ପାଇଁ ଭକ୍ତଚରଣ ଯଶୋଦାଙ୍କ ଅନ୍ତଃକ୍ରନ୍ଦନର ସ୍ୱରକୁ କରିଛନ୍ତି ରୂପାୟନ ଯଶୋଦାଙ୍କ ସହ ଏକାତ୍ମ ହୋଇଯାଇ । ପୁଣି ଭକ୍ତଚରଣ ଯାହା କଳ୍ପନା କରି ନ ଥିବେ ଯଶୋଦା ସେହି ରୂପରେ ବି ଉଦ୍ଭାସିତ ହୋଇପାରନ୍ତି କବିଙ୍କୁ ମାଧ୍ୟମ କରି । ଭକ୍ତଚରଣଙ୍କ ଆତ୍ମାର ସ୍ୱଚ୍ଛତା ଥିଲା ଏପରି ପବିତ୍ର ଓ ସମର୍ପିତ, ଯାହା ଫଳରେ ଅନ୍ତର୍ଜଗତର ଅଦୃଶ୍ୟ ଯଶୋଦା ପ୍ରକଟିତ ହୋଇଛନ୍ତି ଭକ୍ତଚରଣଙ୍କ ବକ୍ଷ ଦେଶରେ । ଅସଲ କବିତ୍ୱ ରହିଥାଏ ଏହି ପରିସୂକ୍ଷ୍ମ ଦୃଷ୍ଟିର ଆର୍ଦ୍ରତାରେ । ଆହା!!ଆହା!! ସେଇ କାରଣରୁ ତ ଓଡ଼ିଶାର ପ୍ରତିଟି ମାତୃହୃଦୟ ପୁତ୍ରଠାରୁ ଅଳ୍ପକ୍ଷଣର ବିଚ୍ଛିନ୍ନତାକୁ ବି ସହ୍ୟ କରି ନପାରି କେତେବେଳେ ମନେ ମନେ ତ ଆଉ କେତେବେଳେ ଅନ୍ତର ଭିତରେ ଗାନ କରୁଥାଏ ଏହି ପ୍ରାଣସ୍ପର୍ଶୀ ସଙ୍ଗୀତ । ଭକ୍ତଚରଣର କାବ୍ୟରେ ପାଣ୍ଡିତ୍ୟର ପ୍ରକାଶ ବି ଘଟିଛି ବହୁସ୍ଥାନରେ । ତାହା ସେ କରି ଥାଇପାରନ୍ତି ଯୁଗୀୟ ଅଭିରୁଚି ଅନୁସାରେ । ମାତ୍ର ସେ ପାଣ୍ଡିତ୍ୟାଭିମାନୀ ନୁହନ୍ତି । ସେ ଉଦ୍ଧବଙ୍କୁ ପଠାଇପାରନ୍ତି ଗୋପପୁରକୁ ଗୋପୀମାନଙ୍କୁ ଜ୍ଞାନଗର୍ଭକ ବକ୍ତୃତା ଶୁଣାଇବା ପାଇଁ । ମାତ୍ର ତାଙ୍କ ମୂଳ ଉଦ୍ଦେଶ୍ୟ ହେଉଛି ଗଭୀର ପ୍ରେମାନୁରକ୍ତି ସମ୍ମୁଖରେ ଜ୍ଞାନର ନିଷ୍ପ୍ରଭତା ପ୍ରତିପାଦନ । ପ୍ରେମାନୁରାଗ ହିଁ ଯେ ହେଉଛି ଯଥାର୍ଥ ଜ୍ଞାନ - ମଥୁରାମଙ୍ଗଳର ପାଠକମାନେ ଯୁଗ ଯୁଗ ଧରି ଏହା ହିଁ ଉପଲବ୍ଧି କରି ଆସିଛନ୍ତି ଆନ୍ତରିକତାର ସହିତ ।

ମନବୋଧ ଚଉତିଶାରେ ମଣିଷ ଜୀବନର ନଶ୍ୱରତା କବି ହୃଦୟଙ୍ଗମ କରିଛନ୍ତି ନିବିଡ଼ ଭାବରେ । ସରଳ ଭାବରେ ଜୀବନ-ତତ୍ତ୍ୱର ବ୍ୟାଖ୍ୟାନ ଯେ ହୃଦୟଗ୍ରାହୀ, ଏଥିରେ ସନ୍ଦେହ ନାହିଁ । ପ୍ରେମଭକ୍ତିର ଭାବଧାରାରେ ଆପ୍ଲୁତ ହେବାର ଅଭୀପସା ପୂର୍ଣ୍ଣ କରି ଦେବା ପାଇଁ ଭକ୍ତଚରଣ ଏବେ ବି ବିଦ୍ୟମାନ ନିଜସ୍ୱ ଭାବ-ଜଗତରେ । ନିରବ ଲଗ୍ନରେ କାନ ପାତିଲେ ଶ୍ରୀକୃଷ୍ଣଙ୍କ ବଂଶୀ ଧ୍ୱନି ଯେପରି ଶ୍ରୁତ ହୋଇପାରେ ଅନ୍ତଃକର୍ଣ୍ଣରେ, ସେହିପରି ମଥୁରାମଙ୍ଗଳ ବା ମନବୋଧ ଚଉତିଶାର ଅମର ପଦପଂକ୍ତି ସ୍ମରଣ କରାଯାଇପାରେ ।

କବି ଭକ୍ତଚରଣଙ୍କ ଆଉ ଏକ ପରିଚୟ ରହିଛି । ସେ ମଧ୍ୟ ଥିଲେ ଜଣେ ପ୍ରବୀଣ କବିରାଜ । ଏକଥା କହିବା ନିଷ୍ପ୍ରୟୋଜନ ଯେ ଆଧ୍ୟାତ୍ମିକ ଜଗତରେ ଧ୍ୟାନନିଷ୍ଠ କବି, ଯାହାଙ୍କ ଚିକିତ୍ସା ବି କରନ୍ତି ସେଥିରେ ବି କୃଷ୍ଣାନୁରାଗର ପ୍ରଲେପ ଦେଇ ପାରନ୍ତି ସିଏ ଆନ୍ତରିକତାର ସହିତ । ଏ ସମ୍ପର୍କରେ ଲିଖିତ ପୁସ୍ତକ ତାଙ୍କର ରହିଛି ଅନାବିଷ୍କୃତ । ଯାହା କିଛି ଆବିଷ୍କୃତ ହୋଇପାରିଛି, ତା'ଠାରୁ ଏହା ଯେ ଭିନ୍ନ ହୋଇ ନଥିବ ଏ ସତ୍ୟ ସ୍ୱତଃ ପ୍ରତିପାଦିତ । ପ୍ରେମଭକ୍ତିର ସାର୍ଥକ ଅଭିବ୍ୟକ୍ତି ଭାବରେ ଭକ୍ତଚରଣ ରହିବେ ସଦା ସ୍ମରଣୀୟ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

# ମନରେଗା କାମରେ ପଛୁଆ ପୋଲସରା ବ୍ଲକ୍

ପୋଲସରା,୧୨ ।୨(ସମିସ):

ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳ ବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ ଅଧକ୍ଷତା କରିଥିଲେ । ମନରେଗା ଯୋଜନା ଉପରେ ଜନ ଶୁଣାଣି ହୋଇଥିଲା । ମନରେଗା ଯୋଜନା ଅନ୍ତର୍ଗତ କାର୍ଯ୍ୟରେ ପୋଲସରା ବ୍ଲକ ବହୁ ପଛରେ ପଡିଛି । ଗତ ୬ମାସର ସୋସିଆଲ ଅଡିଟ ରିପୋର୍ଟ ଅନୁସାରେ ୬ଲକ୍ଷ ୫୮ ହଜାର ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ଜିଲ୍ଲାର ଟାର୍ଗେଟ ରହିଥିବାବେଳେ ମାତ୍ର ୨ ଲକ୍ଷ ୩୦ ହଜାର ୨୬୬ ଶ୍ରମ ଦିବସ ସୃଷ୍ଟି କରିପାରିଛି । ଯାହାକି ଲକ୍ଷ୍ୟ ଧାର୍ଯ୍ୟ ଠାରୁ ବହୁ ପଛରେ ପଡିଯାଇଛି । ସମ୍ପୃକ୍ତ




ଶ୍ରମ ଦିବସ ମଧ୍ୟରେ ମାତ୍ର ୧୦୬ ଜଣ ଜବକାର୍ଡ ଧାରୀ ଶହେ ଦିନର କାମ ହାସଲ କରିପାରିଛନ୍ତି । ମନରେଗା କାର୍ଯ୍ୟ ଲାଲାଗି ଗୋଛାବାଡିରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଲାଗି ପ୍ରକଳ୍ପ ଦିଆଯାଉଛି । କିନ୍ତୁ କାର୍ଯ୍ୟ ମିଳୁନି ଯାହାକୁ ନେଇ ସରପଞ୍ଚ ମନମୋହନ ଗୌଡ଼ ଶିବିରରେ ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ । ଠିକ ସେହିପରି ଜା ଡ଼େଙ୍ଗାପଡାର, ମାଧୁପଲି ସଡ଼କ ସମେତ ବହୁ ପଞ୍ଚାୟତରେ ମନରେଗା କାର୍ଯ୍ୟ ଲାଗି ବ୍ଲକରେ ଆବେଦନ କଲେ ମଧ କାମ ମିଳୁନି କି ନୂତନ ଫାଇଲ ଖୋଲାଯାଉନି, ଯାହାକି ନେଇବ୍ଲକ ଉପାଧକ୍ଷ କାହ୍ନୁଚରଣ ପରିଡା, ବେଲଗାଁ ସରପଞ୍ଚ ମନୋଜ କୁମାର ସାହୁ, ସଡ଼କ ସରପଞ୍ଚ ଉତ୍କଳ ପ୍ରଧାନ ସମେତ ବହୁ ସରପଞ୍ଚ ଅଭିଯୋଗ ରଖିଥିଲେ । ବେଲଗାଁର ରୋହିତ ମହାପାତ୍ର, ବନ୍ଧପଲିରେ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଦୀର୍ଘ ୪ରୁ ୫ବର୍ଷ ହେଲା ଗୁହାଳ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ ଏପର୍ଯ୍ୟନ୍ତ ବିଲ ହୋଇନଥିବା କଥା ବିଡ଼ିଓଙ୍କୁ କହିଥିଲେ । ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ ହୀନତା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହେଉଛି ବୋଲି ହିତାଧିକାରୀ ମାନେ ଅଭିଯୋଗ କରିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଅଡିଟ ସମୟରେ ସହଯୋଗ କରିନଥିଲେ କି କୌଣସି ଫାଇଲ ମଧ ଦେଖାଇନଥିଲେ । ଯାହାକୁ ନେଇ ବ୍ଲକ ଅଡିଟ ଅଫିସର ବିଷ୍ଣୁ ଚରଣ ଗୌଡ଼ ପ୍ରକାଶ କରିଥିଲେ । ଏଥିସହ ଫରେଷ୍ଟ ବିଭାଗ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ ଉପରେ ମଧ ଆଲୋଚନା ହୋଇଥିଲା । ଏହି ଜନଶୁଣାଣି ଶିବିରରେ ବିଡ଼ିଓ କୁରେଶଚନ୍ଦ୍ର ଜାନି, ବ୍ଲକ ଉପାଧକ୍ଷ କାହ୍ନୁ ପରିଡା, ତହସିଲଦାର ଦିପ୍ତିମୟୀ ପାତ୍ର, ଜିଲ୍ଲା ଅଡିଟ ଅଫିସର ରବୀନ୍ଦ୍ର କୁମାର ମଲାଣ, ଏପିଓ ତଥା ସିପି କବିରାଜ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ ସମେତ ସମସ୍ତ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଞ୍ଜନଗର ପଞ୍ଚାୟତ ସମିତି ବୈଠକ

ଭଞ୍ଜନଗର,୧୨ ।୨(ସମିସ): ଭଞ୍ଜନଗର ପଞ୍ଚାୟତ ସମିତିର ସାଧାରଣ ବୈଠକ ମଙ୍ଗଳବାର ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏଥିରେ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ହାସଲ କରିବାକୁ ହେଲେ ବ୍ଲକର ପ୍ରତ୍ୟେକ ଗାଁର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦିଆଯାଇଛି । ବୈଠକରେ ବ୍ଲକ ଅଧକ୍ଷ ନରିସଭା ନାଇକ ଅଧକ୍ଷତା କରିଥିବା ବେଳେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ବୈଠକର ଆଭିମୁଖ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ । ତହସିଲଦାର ଉମାଶଙ୍କର ବେହେରା, ଏଇ ନିତ୍ୟାନନ୍ଦ ପାତ୍ର, ସାଂସଦ ପ୍ରତିନିଧି ରବିନ୍ଦ୍ର କୁମାର ଗୌଡ ପ୍ରମୁଖ ମଞ୍ଚାସୀନ ରହିଥିଲେ ।

# ଜାତୀୟ କୃମି ନାଶକ ଦିବସ

ରଙ୍ଗେଇଲୁଣ୍ଡା,୧୨ ।୨(ସମିସ): ସ୍ଥାନୀୟ ଇନ୍ଦ୍ରାକ୍ଷୀ ପଞ୍ଚାୟତ ଅନ୍ତର୍ଗତ ତୁଲୁ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ କୃମି ନାଶକ ଦିବସ ପାଳନ ଅବସରରେ ଶିଶୁ ଭାଇଭଉଣୀଙ୍କୁ କୃମି ନାଶକ ଔଷଧ ସେବନ କରାଯିବାର କାର୍ଯ୍ୟକ୍ରମ ବିଦ୍ୟା ମନ୍ଦିରର ସଭାପତି ଦେବରାଜ ପ୍ରଧାନଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ରଞ୍ଜନ କୁମାର ପ୍ରଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ । ସୁନିତା କୁମାରୀ ମିଶ୍ର ଶରୀରରେ କୃମି ହେବାର ଓ ସଂକ୍ରମଣର କାରଣ ଏବଂ ଏହି ସଂକ୍ରମଣରୁ ରକ୍ଷା ପାଇବାର ଉପାୟମାନ ଶିଶୁଙ୍କୁ ବୁଝାଇଥିଲେ । ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟା କୁମାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାସ୍ଥ୍ୟକର୍ମୀ ଲକ୍ଷ୍ମୀ ମଲଣା, ଆଶାକର୍ମୀ ତନୁଜା ନାୟକ ଓ କେ. ଯଶୋଦା ରେଡ଼ି ଏବଂ ବିଦ୍ୟା ମନ୍ଦିରର ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସହଯୋଗ କରିଥିଲେ ।

# ସୁରକ୍ଷିତ ଇଣ୍ଟରନେଟ୍ କର୍ମଶାଳା

ଛତ୍ରପୁର,୧୨ ।୨(ସମିସ): ସୁରକ୍ଷିତ ଇଣ୍ଟରନେଟ୍ ଦିବସ ଅବସରରେ ଗଞ୍ଜାମ ଜିଲ୍ଲାସ୍ତରୀୟ କର୍ମଶାଳା ଛତ୍ରପୁର ଜିଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡାକ୍ତର ପ୍ରମୋଦ କୁମାର ପୃଷ୍ଟି ଅଧକ୍ଷତା କରି ଜଣାଇଥିଲେ ଯେ ଆଜିକା ଦିନରେ ଇଣ୍ଟରନେଟର ଯେଭଳି ଆବଶ୍ୟକତା ରହିଛି ତାହାର ସୁରକ୍ଷା ଦିଗରେ ଅଧିକ ବ୍ୟବସ୍ଥା ସେଇଭଳି ଜରୁରୀ । ଏଣୁ ଏହାର ବ୍ୟବହାକାରୀମାନେ ସତର୍କତା ଅବଲମ୍ବନ କରିବାକୁ ପ୍ରୟାସ ହେବା ଆବଶ୍ୟକ । ସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବା ସହ ବାସ୍ତବ ଜୀବନର ଉଦାହରଣ ଦେଇ ସାଇବର ଠକେଇର ବଢୁଥିବା ବିପଦ ଉପରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଉପଜିଲ୍ଲାପାଳ, ସହକାରୀ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ଗଞ୍ଜାମ ଏନ୍ ଆଇସିର ଡିଆଇଓ ରଣଜିତ କୁମାର ଦାସ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ ।

# ଗଡ଼ିଲା ଶ୍ରମିକ ସଚେତନତା ରଥ

ଛତ୍ରପୁର,୧୨ ।୨(ସମିସ): ଆଜି ଠୁ ଗଡିଲା ଶ୍ରମିକ ସଚେତନତା ରଥ । ଏହି ରଥ ଏକ ମାସ ଧରି ଛତ୍ରପୁର ଶ୍ରମ ବିଭାଗ ଅଧିନରେ ଥିବା ସମସ୍ତ ଅଂଚଳ ବୁଲି ଲୋକଙ୍କୁ ସଚେତନତା କରାଇବ । ଅଣ ସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଓଡିଶା ସରକାରଙ୍କ ପ୍ରାଥମିକତା । ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ କଣ ସବୁ ସୁବିଧା ପାଇବେ, ଶିଶୁ ଶ୍ରମ ମୁକ୍ତ ଓଡିଶା ଗଠନ ଆଦି ନେଇ ଏହି ରଥ ସଚେତନ କରାଇବ । ଏନେଇ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସବୁଜ ପତାକା ଦେଖାଇ ଏହା ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଛତ୍ରପୁର ଜିଲ୍ଲା ଶ୍ରମ ଅଧିକାରୀ ବର୍ଷାରାଣି ଜେନା, ସହକାରୀ ଶ୍ରମ ଅଧିକାରୀ ରଶ୍ମୀରେଖା ପଣ୍ଡାଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।



# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

ଖଲ୍ଲିକୋଟ/ରମ୍ଭା,୧୨ ।୨(ସମିସ): ଖଲ୍ଲିକୋଟ ବ୍ଲକସ୍ତରୀୟ "ନିପୁଣ ଓଡ଼ିଶା ମେଳା' କେଶପୁର ସ୍ଥିତ ପଣ୍ଡିତ ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମେଳାର ଉଦଘାଟନ କରିଥିବା ବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରକାଶ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସିଆର୍‌ସିସି ରାଜେନ୍ଦ୍ର ପ୍ରସାଦ ପଣ୍ଡା ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ବିଧାୟକ ଶ୍ରୀ ସେଠୀ ମୁଖ୍ୟ ଅତିଥି, ବିଡିଓ ଦେବାଶିଷ ସାମଲ ସ୍ୱତନ୍ତ୍ର ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦ୍ୟସ୍ନାନ ପଣ୍ଡା ମୁଖ୍ୟବକ୍ତା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ଖଲ୍ଲିକୋଟର ପ୍ରଶିକ୍ଷକ ମୁକ୍ତିକାନ୍ତ ବେହେରା, ବିଆର୍‌ସିସି ସୁଷମା ଶବର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ, ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତ ସରପଞ୍ଚ ରୁବିଲତା ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନିପୁଣ ଓଡ଼ିଶା ମେଳା ଆୟୋଜନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ ଜଣାଶୁଣା ଗଣମାଧ୍ୟମ ପ୍ରତିନିଧି ନୀଳାଚଳ ସେନାପତିଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସଦ୍ୟସ୍ନାନ ପଣ୍ଡା ସମ୍ମାନୀତ କରିଥିଲେ । ଅନୁଷ୍ଠାନର ଶିକ୍ଷାର୍ଥୀମାନେ ପାରମ୍ପରିକ ପାଇକା ଆଖଡ଼ା କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ ।

# ପାଣି ପାଇଁ ବ୍ଲକ କାର୍ଯ୍ୟାଳୟ ଘେରିଲେ ମହିଳା

ପାତ୍ରପୁର,୧୨ ।୨(ସମିସ): ପାତ୍ରପୁର ବ୍ଲକ ମୁଖ୍ୟାଳୟ ଗ୍ରାମ ଗୁରୁସେଠୀ ସାହିକୁ ପ୍ରାୟ ୨୦ ଦିନ ହେଲା ପାନୀୟ ଜଳ ଯୋଗାଣ ହେଉନି । ସପ୍ତାହକ ତଳେ ସାହିର ମହିଳାମାନେ ସାହି ନିକଟ ବ୍ଲକ କାର୍ଯ୍ୟାଳୟ ଯିବା ରାସ୍ତାରେ ବସି ଧାରଣା ଦେଇଥିଲେ । ସେଠାରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ସୋମବାର ସୁଦ୍ଧା ପାଣି ପହଞ୍ଚିବ ବୋଲି କଥା ରଖିଥିଲେ । ହେଲେ ସୋମବାର ପାଣି ପହଞ୍ଚି ନ ଥିବାରୁ ମଙ୍ଗଳବାର ବ୍ଲକ ଫାଟକରେ ମହିଳାମାନେ ଧାରଣାରେ ବସି ରହିଥିଲେ । ପରେ ଅତିରିକ୍ତ ତହସିଲଦାର ଦିଲୀପ କୁମାର ଦେହୁରୀ, ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ରୋବର୍ଟ ପ୍ରଧାନ ପ୍ରମୁଖଙ୍କ ସହ ବ୍ଲକ କର୍ମଚାରୀ ଉପସ୍ଥିତ ରହି ବୁଝାସୁଝା କରାଇଥିଲେ ମଧ ମହିଳା ମାନେ ଉଠି ନଥିଲେ ସାହିରେ ପାଣି



ପହଞ୍ଚିଲେ ଉଠିବୁ ବୋଲି ଅଡ଼ି ବସିଥିଲେ । ପରେ ପାଣି ସାହିକୁ ପହଞ୍ଚିଥିଲା ଓ ମହିଳା ମାନେ ଧାରଣାରୁ ଉଠିଥିଲେ । ଏନେଇ ଜଳ ଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୋବର୍ଟ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ନଦୀ ନିକଟରେ ରାସ୍ତା ମରାମତି ଯୋଗୁଁ ପାଣି ଆସିପାରୁନଥିଲା ଫଳରେ ଉକ୍ତ ସାହିକୁ ପାଣି ପହଞ୍ଚି ପାରୁ ନ ଥିଲା । ସୋମବାର ସୁଦ୍ଧା ପାଣି ଦେବୁ ବୋଲି କହିଥିଲୁ କିନ୍ତୁ ଆଜି କାମ ସରିବା ପରେ ସାହିରେ ପାଣି ପହଞ୍ଚିଥିବା କହିଛନ୍ତି ।

# ଗୋଲା ଗଣ୍ଡାପଲ୍ଲୀରେ ରକ୍ତଦାନ ଶିବିର

ଖଲ୍ଲିକୋଟ/ରମ୍ଭା,୧୨ ।୨(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଲିଆ ପଞ୍ଚାୟତ ଅଧିନସ୍ଥ ଗୋଲାଗଣ୍ଡାପଲ୍ଲୀ ଚୈତନ୍ୟ ଦେବଙ୍କ ପୀଠରେ ପବିତ୍ର ଚବିଶ ପ୍ରହର ନାମଯଜ୍ଞ ଅବସରରେ ଗୋଲାଗଣ୍ଡାପଲ୍ଲୀ ଗ୍ରାମବାସୀ, ଗାୟତ୍ରୀ ପରିବାର ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଗାୟତ୍ରୀ ପରିବାର ମୁଖ୍ୟ ସଂଯୋଜକ ପଞ୍ଚାନନ ଖଟୁଆ, ସହ ସଂଯୋଜକ ରବିନାରାୟଣ ସେନାପତି, ବିଜୟ କୁମାର ମିସ୍ତ୍ରୀ, କେ ସତ୍ୟ ନାରାୟଣ ଆଚାରି, ଶେଷଦେବ ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରକୁ ଗୋଲା ଗଣ୍ଡାପଲ୍ଲୀ ଗ୍ରାମର ଭାସ୍କର ପାତ୍ର, ବିଜୟ ପାତ୍ର, କିଶୋର ପାତ୍ର, ବାବୁଲା ପାତ୍ର, ଗଣେଶ ପାତ୍ର, ଭଗବାନ ପାତ୍ର, ମୋହନ ପାତ୍ର, ପ୍ରସାଦ ପାତ୍ର, ମଙ୍ଗଳା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଶିବିରରେ ମହେଶ୍ୱର ପାତ୍ର, ଦାମୋଦର ପାତ୍ର, ଲାଲଚାନ୍ଦ ପାତ୍ର, ଭଗବାନ ପାତ୍ର, ହେମନ୍ତ ପାତ୍ର, ଯୁଧିଷ୍ଠିର ପାତ୍ର, ତିରୁପତି ପାତ୍ର, ଗଣେଶ ପାତ୍ର, ଦୀପକ କୁମାର ପାତ୍ର, କିଶୋର ପାତ୍ର, ପ୍ରଶାନ୍ତ ପାତ୍ର, ଗଣେଶ ପାତ୍ର, ଦିଲ୍ଲୀପ ପାତ୍ର, ମୃତ୍ୟୁଞ୍ଜୟ ପାତ୍ର, ଶରତ ପାତ୍ର, ବିଶ୍ୱନାଥ ପାତ୍ର, ଉମାକାନ୍ତ ପାତ୍ର, ରଞ୍ଜନ ପାତ୍ର, ଏନ୍ ଗଣେଶ ପାତ୍ର, କୃଷ୍ଣ ପାତ୍ର, ଭୁବନେଶ୍ୱର ପାତ୍ର, ଅଶୋକ କୁମାର ପାତ୍ର, ସ୍ୱାଧୀନ ପାତ୍ର, ପୁରୁଷୋତ୍ତମ ପାତ୍ର, ଦେବରାଜ ପାତ୍ର, ଗଣେଶ ପାତ୍ର, ପବିତ୍ର ପାତ୍ର, ରବୀନ୍ଦ୍ର ପାତ୍ର, କେ ପବିତ୍ର ପାତ୍ର, ଶରତ ଚନ୍ଦ୍ର ପାତ୍ର, ଗଙ୍ଗାଧର ପାତ୍ର, ଶିବ ପାତ୍ର, ପଞ୍ଚାନନ ଖଟୁଆ, ରବି ନାରାୟଣ ସେନାପତି, କେ ସତ୍ୟ ନାରାୟଣ ଆଚାରି ପ୍ରମୁଖ ରକ୍ତଦାନ କରିଥିଲେ । ଶିବିରରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବ୍ରହ୍ମପୁର ରକ୍ତ ଭଣ୍ଡାର ଡ଼ା ଭି.ଆଶ୍ରିତାଙ୍କ ସମେତ ଅଶ୍ୱିନ ନାୟକ, ଏସକେ ସାହୁ, ଦେବାଶିଷ ପଣ୍ଡା, ରାମହରି ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

# ମା'ରାମାୟାଣାମ୍ମା ମନ୍ଦିରର ପ୍ରତିଷ୍ଠା ଦିବସ

ଛତ୍ରପୁର,୧୨ ।୨(ସମିସ): ଛତ୍ରପୁର ଗ୍ରାମୀଣ ଦେବୀ ମା'ରାମାୟାଣାମ୍ମା ମନ୍ଦିରର ନୂତନ ପ୍ରସାଦ ନିର୍ମାଣର ନବମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ମନ୍ଦିର ପରିସରରେ ଅଭିଷେକ, ହୋମ ଏବଂ ମହିଳା ଭକ୍ତଙ୍କ ଦ୍ୱାରା କୁଙ୍କୁମ ପୂଜା ଅନୁଷ୍ଠିତ ହୋଇଥିଲା । ମନ୍ଦିର କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବା ବେଳେ ମନ୍ଦିର ପରିଚାଳନା କମିଟିର ସଭାପତି ଭି. ତ୍ରିନାଥ ରାଓ, ସମ୍ପାଦକ ବି. ଶ୍ରୀନିବାସ, ରବୀନ୍ଦ୍ରନାଥ ସାହୁ, କେ. ରାମବାବୁ, ଏନ. ପ୍ରଭାକର ରାଓ, ଏସ. କ୍ରିଷ୍ଣା ରାଓ, ଏମ ସମରେନ୍ଦ୍ର ସେନାପତି, ଚିନାବାବୁ, ସିଏଚ ଦୟାନନ୍ଦ ରେଡ୍ଡୀ, ରମେଶ ରେଡ୍ଡୀ ଓ ବୁଲୁ ରେଡ୍ଡୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ରାଜସ୍ଥାନରେ ଓଡ଼ିଆ ନାଟକ 'ବସାଘର'

ବ୍ରହ୍ମପୁର,୧୨ ।୨(ସମିସ): ରାଜସ୍ଥାନର ଅଲୱର ଠାରେ ବିଶ୍ୱର ସର୍ବବୃହତ୍ତ ଶହେ ଦିନରେ ଶହେ ନାଟକ ମଞ୍ଚସ୍ଥ ନିମନ୍ତେ ଅନୁଷ୍ଠିତ ହେଉଛି "ଅଲୱରମ ରଙ୍ଗ ମହୋତ୍ସବ' ଯୋଉଠି ଦେଶର ବିଭିନ୍ନ ରାଜ୍ୟର ବିଭିନ୍ନ ଭାଷାର ନାଟକ ମଞ୍ଚସ୍ଥ ହେବ । ଏହି ମହୋତ୍ସବରେ ବ୍ରହ୍ମପୁର ସହରର ଅଗ୍ରଣୀ ନାଟ୍ୟସଂସ୍ଥା ଶାଶ୍ୱତୀ ତରଫରୁ ଓଡ଼ିଆ ନାଟକ "ବସାଘର' ମଞ୍ଚସ୍ଥ ହେବ । ସଂସ୍ଥାର ଏକ ୧୭ ଜଣିଆ କଳାକାର ଦଳ ମଙ୍ଗଳବାର ବ୍ରହ୍ମପୁର ରେଳ ଷ୍ଟେସନରୁ ଅଲୱର ଅଭିମୁଖେ ଯାତ୍ରା କରିଛନ୍ତି ଯାଇଥିବା କଳାକାର ଦଳ ଭିତରେ ନାଟକର ନାଟ୍ୟକାର ଭାଗ୍ୟଲକ୍ଷ୍ମୀ ମହାରଣା, ନିର୍ଦ୍ଦେଶକ ରାମଚନ୍ଦ୍ର ସାସମଲ, କୈଳାସ ପାଣିଗ୍ରାହୀ, ରବୀନ୍ଦ୍ର ସାମଲ, ପ୍ରଦୀପ ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ଅରୁଣ ସାହୁ, ଆରତି ସାମଲ, ଅଞ୍ଜଳି ଦାସ ଭାଗ୍ୟଲକ୍ଷ୍ମୀ, ଚାନ୍ଦମାମା, ପିଙ୍କି, ରଞ୍ଜିତା, ଭବାନୀ ସାଗରିକା, ନବୀନ, ଭଗବାନ, ଶ୍ରିତମ ଓ ଅନିମେଶ ପ୍ରମୁଖ ରହିଛନ୍ତି । ଦଳ ୧୪ ତାରିଖ ଦିନ ସେଠାରେ ନାଟକ ପରିବେଷଣ କରିବ ବୋଲି ସଂସ୍ଥାର ସମ୍ପାଦକ ସୁନିଲ ସ୍ୱାଇଁ ସୂଚନା ଦେଇଛନ୍ତି । ଶାଶ୍ୱତୀ ନାଟ୍ୟସଂସ୍ଥାର ପୂରା ଟିମକୁ ସର୍ବଭାରତୀୟ ନାଟ୍ୟ ପରିଷଦର ରାଷ୍ଟ୍ରୀୟ ଉପାଧକ୍ଷ ତଥା ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଭାପତି ରାଜ ଗୋପାଳ ପାଢ଼ୀ ଓ ବ୍ରହ୍ମପୁର କଳାକାର ଏକତା ମଞ୍ଚର ସଭାପତି ଅନିଲ ପାତ୍ର ଶୁଭେଚ୍ଛା ଜଣେଇଛନ୍ତି ।



# ବୋମାମାଡ଼ ଘଟଣା ଅଭିଯୁକ୍ତଙ୍କୁ ଗିରଫ ଦାବି

ରଙ୍ଗେଇଲୁଣ୍ଡା,୧୨ ।୨(ସମିସ): ବିଜେଡି ନେତା ଶୁଭାଶିଷ ସାହୁଙ୍କ ଘର ଉପରକୁ ବୋମାମାଡ କରିଥିବା ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ଆଜି କେତେକ ସରପଞ୍ଚ ଓ ସମିତି ସଭ୍ୟ ଗୋଳନ୍ଥରା ଥାନା ଆଇଆଇସିଙ୍କୁ ଭେଟି ଦାବି ଜଣାଇଛନ୍ତି । ଅଭିଯୋଗ ଅନୁଯାୟୀ ଗତ ଶୁକ୍ରବାର ଖଣ୍ଡାରେ ଆକ୍ରମଣ କରିବା ଘଟଣା ନେଇ ଆହତଙ୍କ କିଛି ସମର୍ଥକ ଶୁଭାଶିଷଙ୍କ ଘର ଉପରକୁ ରାତି ୧୧ଟା ବେଳେ ବୋମାମାଡ଼ କରିଥିଲେ । ଘଟଣା ନେଇ ଶନିବାର ଶୁଭାଶିଷଙ୍କ ବାପା ସୁଶାନ୍ତ ସାହୁ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ ୬୬/୨୫ରେ ଏକ ମାମଲା ରୁଜୁ କରିଥିଲା । କିନ୍ତୁ ଘଟଣା ଘଟିବାର ୩ ଦିନ ବିତିବାକୁ ଯାଉଥିବା ବେଳେ ବୋମାମାଡ଼ କରିଥିବା ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରି ପାରିନାହିଁ । ଅନ୍ୟ ପଟେ କିନ୍ତୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ନ ଥିବା ଶୁଭାଶିଷ ଓ ସରପଞ୍ଚ ଅଜିତଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରି କୋର୍ଟଚାଲାଣ କରିଛି । ଏହା ସହ ନିର୍ବାଚିତ ପରଠାରୁ ଶାସକ ଦଳର ନେତାଙ୍କ ପକ୍ଷରୁ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ହଇରାଣ କରୁଥିବା ହଳଦିଆପଦର ସମିତି ସଭ୍ୟ ପ୍ରବିଣ କୁମାର ଦୋରା ପ୍ରକାଶ କରିଛନ୍ତି । ବୁଧବାର ଏହି କ୍ରମରେ ରଙ୍ଗିପୁର ସରପଞ୍ଚ ପ୍ରେମ ରଞ୍ଜନ ପଟ୍ଟନାୟକ, ଗଞ୍ଜୁ ସରପଞ୍ଚ ନିର ବେହେରା, ଭାବିନୀପୁର ସରପଞ୍ଚ ରଞ୍ଜିତ ସାହୁ, ମନ୍ତ୍ରୀଡି ସରପଞ୍ଚ ପ୍ରଶାନ୍ତ ଦାସ, କୋଠାର ସିଂ ସରପଞ୍ଚ ଦୁର୍ଯ୍ୟୋଧନ ରେଡ୍ଡୀ, କରାପଲ୍ଲୀ ସରପଞ୍ଚ ପ୍ରତିନିଧି ଏସ ଧର୍ମରାଜ ରେଡ୍ଡୀ, ହଳଦିଆପଦର ସରପଞ୍ଚ ଦଣ୍ଡପାଣି ବେହେରା, ଚାନ୍ଦପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସିଏଚ ବାଇରୀ ପାତ୍ର ଉପାଧକ୍ଷା ପ୍ରତିନିଧି ବିନୋଦ ମାହାଙ୍କୁଡ, ରଣ୍ଡା ସମିତି ସଭ୍ୟ ଭକ୍ତ ଭକ୍ତ ନାହାକ, ଶାସନପଦର ସମିତି ସଭ୍ୟ ସନ୍ତୋଷ ବେହେରା ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ ।



● ଥାନା ଅଧିକାରୀଙ୍କୁ ଭେଟିଲେ ଜନପ୍ରତିନିଧି

# ବୁଢଖୋଲ ମହୋତ୍ସବ-୨୦୨୫ ଉଦ୍‌ଯାପିତ



ବୁଗୁଡ଼ା,୧୨ ।୨(ସମିସ): ସ୍ଥାନୀୟ ବୁଢଖୋଲ ଉନ୍ନୟନ ସମିତି ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ବୁଢଖୋଲ ମହୋତ୍ସବ-୨୦୨୫ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୁଢଖୋଲ ଉନ୍ନୟନ ସମିତି ସଭାପତି ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଉଦଘାଟନ କରିଥିଲେ । ଅତିଥି ଭାବେ ବୁଗୁଡା ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ବିରଞ୍ଚିପୁର ସରପଞ୍ଚ ମନ୍ଦାକିନୀ ସେଠୀ ଓ ସମିତି ସଭ୍ୟା ଅଳକା ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟା ଚାନ୍ଦିନୀ ନାୟକ, ବିଜେପି ନେତ୍ରୀ ଜୟନ୍ତୀ ପଢ଼ିଆରୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଡିଏଫଓ ବିନୋଦ ଆଚାର୍ଯ୍ୟ, ସିଡିଏମଓ ବିଜୟ ପଣ୍ଡା, ଅଧିବକ୍ତା ହର ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁଗୁଡ଼ା ଅଞ୍ଚଳର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବକୁ ବୁଢଖୋଲ ଉନ୍ନୟନ ସମିତିର କାର୍ଯ୍ୟକାରୀ ସଭାପତି ଟି.ସଞ୍ଜିବ କୁମାର ପାତ୍ର, ଉପସଭାପତି ଗଙ୍ଗାଧର ନାୟକ, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, ସମ୍ପାଦକ ହରିକୃଷ୍ଣ ନାୟକ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମୀକ୍ଷକ ଗଙ୍ଗାଧର ବିଷୋୟୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟଗଣ ସହଯୋଗ କରିଥିଲେ ।

## ଧାନ କିଣା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

# ଧାନକିଣା ପାଇଁ ଟୋକନ ଅବଧି ବୃଦ୍ଧି ହେବ

ଛତ୍ରପୁର,୧୨ ।୨(ସମିସ):

ଜିଲ୍ଲାରେ ଜୋରଦାର ଚାଲିଛି ଧାନ କିଣା ପ୍ରକ୍ରିୟା । ଏହି ଧାନ କିଣା ପ୍ରକ୍ରିୟା ଯେପରି ସୁରୁଖୁରରେ ଶେଷ ହେବ ସେନେଇ ମଙ୍ଗଳବାର ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ କହିଥିଲେ ଯେ, ଯାହାର ଟୋକେନ ଅବଧି ଶେଷ ହେବା ପୂର୍ବରୁ ଚାଷୀଙ୍କ ଠାରୁ

**୯୫ ହଜାର ଚାଷୀ ଧାନ ବିକି ସାରିଲେଣି**

ଧାନ କିଣା ଯାଇପାରିନାହିଁ ତାର ଟୋକେନ ଅବଧି ବୃଦ୍ଧି କରାଯିବ । ଚାଷୀମାନଙ୍କ ଟୋକେନ ଅବଧି ବୃଦ୍ଧି ପାଇଁ ରାଜ୍ୟ ସରକାର ଜିଲ୍ଲାପାଳଙ୍କୁ କ୍ଷମତା ଦେଇଛନ୍ତି । ଏହି ପରିପେକ୍ଷୀରେ ଗଞ୍ଜାମରେ ୧୮ ହଜାର ୫୦୮ ଟୋକେନ ଅବଧି ୧୫ ଦିନ ପାଇଁ ବୃଦ୍ଧି କରାଯାଇଥିବା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି । ବହୁ ଚାଷୀ ସେମାନଙ୍କ ଟୋକେନ ଅବଧି ଶେଷ ହୋଇଯିବା ନେଇ ଜିଲାପ୍ରଶାସନ ନିକଟରେ ନିବେଦନ କରିଥିଲେ । ଏପରିକି ନିଜ ଅଞ୍ଚଳର ସମବାୟ ସମ୍ପାଦକ ହେଉଁ କି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହେଉ ଚାଷୀମାନେ ସେମାନଙ୍କ ଟୋକେନ ସରିଯିବା ନେଇ ଅବଗତ କରାଇଥିଲେ । ପରେ ଏହା ଡିଆରସିଏସ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟକୁ ଆସିଥିଲା ପରେ ଏହି ୧୮ ହଜାର ୫୦୮ ଟୋକେନ ଅବଧି ବୃଦ୍ଧି କରାଯାଇଛି । ତେଣୁ ଚାଷୀମାନେ ଟୋକେନ ଅବଧି ସରିଯିବ ଏବଂ ଚାଷୀ ମାନେ କ୍ଷତି ସହିବେ ବୋଲି ଯେଉଁ ଗୁଜବକୁ ଚାଷୀମାନେ ବିଶ୍ୱାସ ନକରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ପ୍ରତି ମଣ୍ଡିରେ ଦୈନିକ ଯେପରି ୮ ରୁ ୧୦ ଜଣ ଚାଷୀଙ୍କ ଧାନ ଉଠିବ । ଛୋଟ ଚାଷୀ ଉପରେ ଅଧିକ ଧାନ ଦେବା ସହ ସେମାନଙ୍କ ଧାନ ଯେପରି ଉଠିବ । ଫେବୃଆରୀ ମାସ ଶେଷ ସୁଦ୍ଧା ଜିଲା ଯେପରି ଧାନ କିଣା ପ୍ରକ୍ରିୟା ଶେଷ କରିବା ସେ ଉପରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଇ କାମ କରିବାକୁ କୁହାଯାଇଛି । ଗଞ୍ଜାମ ଜିଲାରେ ଚଳିତ ବର୍ଷ ୪୪ ଲକ୍ଷ ୮୧ହଜାର ୭୬୧ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିବା ବେଳେ ପୁଣି ଏହା ୧୪.୯୨ କ୍ୱିଣ୍ଟାଲ ବୃଦ୍ଧି ହୋଇ ୫୯ ଲକ୍ଷ ୭୩ ହଜାର ହୋଇଛି । ବୈଠକରେ ଅତିରିକ୍ତ ଜିଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା, ଅତିରିକ୍ତ ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ବାଘ, ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥି ହାସଂଦା, ସହକାରୀ ଯୋଗାଣ ଅଧିକାରୀ ଦେବସ୍ମିତା ମଲ୍ଲିକ, ଏଆରସିଏସ ଯୋଗମୟା ସାବତ ପ୍ରମୁଖ ଉପସ୍ଥିତ ଥିବା ବେଳେ ତହସିଲାଦର, ବିଡିଓ, ଯୋଗାଣ ବିଭାଗ ଅଧିକାରୀମାନେ ପ୍ରମୁଖ ଭିସି ମାଧ୍ୟମରେ ଯୋଡିହୋଇଥିଲେ । ଜିଲ୍ଲାରେ ଚଳିତ ବର୍ଷ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୯୫ ହଜାର ୧୮ ଜଣ ଚାଷୀଙ୍କ ଠାରୁ ୩୯ ଲକ୍ଷ ୮୨ ହଜାର ୩୩୩ କୁଇଟାଂଲ ଧାନ ସଂଗ୍ରହ ହୋଇଥିବା ବେଳେ ୮୫ହଜାର ୧୩ ଜଣ ଚାଷୀଙ୍କୁ ୮୨୬ କୋଟି ୭୬ଲକ୍ଷ ୭ହଜାର ୩୨୪ ଟଙ୍କା ବ୍ୟାଙ୍କ ଖାତାକୁ ଯାଇଛି ।



### ହମାସକୁ ନେତନ୍ୟାହୁଙ୍କ ଚେତାବନୀ
## ପଣବନ୍ଦୀଙ୍କୁ ନ ଛାଡିଲେ ପୁଣି ଯୁଦ୍ଧ

ତେଲଆଭିଭ୍,୧୨।୨(ଏଜେନ୍ସି): ହମାସକୁ ପୁଣି ଯୁଦ୍ଧ ଧମକ ଦେଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ। ଆସନ୍ତା ଶନିବାର ସୁଦ୍ଧା ଯଦି ହମାସ ଇସ୍ରାଏଲର ୯ ପଣବନ୍ଦୀଙ୍କୁ ମୁକ୍ତ ନ କରେ ତେବେ ଇସ୍ରାଏଲ ପୁଣି ଗାଜା ଉପରେ ଆକ୍ରମଣ ଆରମ୍ଭ କରିବ ବୋଲି ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ହମାସ ଏବଂ ଇସ୍ରାଏଲ ମଧ୍ୟରେ ୪୫ ଦିନିଆ ଅସ୍ତ୍ରବିରତି ବୁଝାମଣା ହୋଇଥିଲା ବେଳେ ଉଭୟ ପକ୍ଷ ବନ୍ଧକ ରଖିଥିବା ଲୋକମାନଙ୍କୁ ମୁକ୍ତ କରୁଛନ୍ତି। କିନ୍ତୁ ଏହାମଧ୍ୟରେ ହମାସ ବନ୍ଧକ ରଖିଥିବା ୯ ଇସ୍ରାଏଲୀଙ୍କୁ ଛାଡିବାରେ ଟାଳଟୁଳ ନୀତି ଗ୍ରହଣ କରିଛି। ଯାହାକୁ ନେଇ ନେତନ୍ୟାହୁ କ୍ଷୁବ୍ଧ ହୋଇଥିବା କୁହାଯାଉଛି। ଏହିକ୍ରମରେ ସେ ଏକ ଭିଡିଓ ମେସେଜ୍‌ରେ ହମାସକୁ ଚେତାବନୀ ଦେବା ସହିତ ଶନିବାର ମଧ୍ୟାହ୍ନ ସୁଦ୍ଧା ଏହି ୯ ଜଣଙ୍କୁ ମୁକ୍ତ କରିବାକୁ କହିଛନ୍ତି। ନଚେତ୍ ସେହି ଦିନ ହିଁ ଗାଜା ଉପରେ ଜୋରଦାର ଆକ୍ରମଣ ଆରମ୍ଭ ହୋଇଯିବ ବୋଲି ନେତନ୍ୟାହୁ କହିଛନ୍ତି।

## ଶେଖ ହସିନାଙ୍କ ସମୟରେ ହୋଇଥିବା ହିଂସା ଅପରାଧ: ଜାତିସଂଘ

ନୂଆଦିଲ୍ଲୀ,୧୨।୨(ଏଜେନ୍ସି): ପ୍ରାୟ ୬ ମାସ ତଳେ ବାଂଲାଦେଶରେ ଘଟିଥିବା ହିଂସାକୁ ନେଇ ଜାତିସଂଘ ଏବେ ମୁହଁ ଖୋଲିଛି। ଶେଖ ହସିନାଙ୍କ ଶାସନ କାଳରେ ଏଠାରେ ଯେଉଁଭଳି ହିଂସା ଘଟିଥିଲା ଏବଂ ଶହ ଶହ ଲୋକଙ୍କ ମୃତ୍ୟୁ ହୋଇଥିଲା ତାହା ମାନବସମାଜ ବିରୋଧୀ ଅପରାଧ ବୋଲି ଜାତିସଂଘ କହିଛି। ୧୯୭୧ରେ ବାଂଲାଦେଶର ସ୍ୱାଧୀନତା ପାଇଁ ହୋଇଥିବା ସଂଘର୍ଷ ପରେ ଏହି ହିଂସା ସବୁଠୁ ବଡ଼ ଘଟଣା ବୋଲି ଜାତିସଂଘର ମାନବାଧିକାର ଯାଞ୍ଚ ଟିମ୍ କହିଛି। ଗତ ବର୍ଷ ବାଂଲାଦେଶରେ ହସିନା ସରକାର ବିରୋଧରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ବିଭିନ୍ନ ସ୍ଥାନରେ ହିଂସା ହୋଇଥିଲା। ତେବେ ବିକ୍ଷୋଭକାରୀଙ୍କ ବିରୋଧରେ ହସିନା ସରକାର ଯେଉଁଭଳି ପଦକ୍ଷେପ ନେଇଥିଲେ ତାହାକୁ ଜାତିସଂଘ ନିନ୍ଦା କରିଛି। ଏହି ସମୟରେ ସରକାର ସୁରକ୍ଷାବଳ ଦ୍ୱାରା ଖୋଲି ଦମନଲୀଳା ଚଳାଇଥିଲେ ତଦ୍ଦ୍ୱାରା ଅନ୍ୟୂନ ୧୪୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା ବୋଲି ଜାତିସଂଘ କହିଛି। ଗତବର୍ଷ ଦେଶର ବିଭିନ୍ନ ଭାଗରେ ସରକାରୀ ବିରୋଧୀ ହିଂସା ତେଜିଥିଲା। କିନ୍ତୁ ଏହାକୁ ରାଜନୈତିକ ଉପାୟରେ ମୁକାବିଲା ନ କରି ହସିନା ସରକାର ବଳ ପ୍ରୟୋଗ କରି ଦମନ କରିଥିଲେ। ବିଭିନ୍ନ ସ୍ଥାନରେ ଲୋକଙ୍କ ମୃତ୍ୟୁ ହୋଇଚାଲିଥିଲା ବେଳେ ଶେଖ ହସିନା ଏ ସମ୍ପର୍କରେ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ନେଇ ନଥିଲେ ବୋଲି ଜେନେଭା ଠାରେ ଜାତିସଂଘ ଯାଞ୍ଚକାରୀ ଟିମ୍ ପ୍ରକାଶ କରିଛି। ବାଂଲାଦେଶର ୟୁନୁସ୍ ସରକାର ଶେଖ ହସିନାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉଦ୍ୟମ ଚଳାଇଥିଲା ବେଳେ ଜାତିସଂଘର ଏଭଳି ରିପୋର୍ଟ ଖୋରାକ୍ ଯୋଗାଇବ ବୋଲି କୁହାଯାଉଛି।

# ୧୯୮୪ ଶିଖ ଦଙ୍ଗା ମାମଲା; ସଜ୍ଜନ କୁମାର ଦୋଷୀ



ନୂଆଦିଲ୍ଲୀ,୧୨।୨(ଏଜେନ୍ସି): ୧୯୮୪ ଶିଖ ଦଙ୍ଗା ମାମଲାରେ କଂଗ୍ରେସର ପୂର୍ବତନ ସାଂସଦ ସଜ୍ଜନ କୁମାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପ୍ରାୟ ୪୦ ବର୍ଷ ତଳେ ସାରା ଦେଶକୁ ଦୋହଲାଇ ଦେଇଥିବା ଏହି ଦଙ୍ଗାରେ ଏକ ଶିଖ ପରିବାରର ବାପା-ପୁଅଙ୍କୁ ସରସ୍ୱତୀ ବିହାର ଅଞ୍ଚଳରେ ହତ୍ୟା କରାଯାଇଥିଲା ବେଳେ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ଏଥିପାଇଁ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆସନ୍ତା ୧୮ ତାରିଖରେ ସଜ୍ଜନ କୁମାରଙ୍କ ବିରୋଧରେ ଦଣ୍ଡବିଧାନ ହେବ ବୋଲି ରାଉଜ ଆଭେନ୍ୟୁ କୋର୍ଟ ସ୍ୱତନ୍ତ୍ର ବିଚାରପତି କାଭେରୀ ବାୱେଜା କହିଛନ୍ତି। କେବଳ ଏହି ଘଟଣା ନୁହେଁ, ଏହାପୂର୍ବରୁ ଶିଖ ଦଙ୍ଗା ଘଟଣାରେ ସଜ୍ଜନ କୁମାରଙ୍କୁ ଅନ୍ୟ ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡାଦେଶ ହୋଇସାରିଛି। ଦିଲ୍ଲୀ କାଣ୍ଟ ଏରିଆରେ ହୋଇଥିବା ହତ୍ୟା ଘଟଣାରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ କରିସାରିଛନ୍ତି। ୧୯୮୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସେହିବର୍ଷ ନଭେମ୍ବର ୧ ତାରିଖରେ ଶହ ଶହ ଉପଦ୍ରବୀ ସରସ୍ୱତୀ ବିହାରରେ ପଶି ଶିଖ ସଂପ୍ରଦାୟ ଉପରେ ଆକ୍ରମଣ କରିଥିଲେ। ସେମାନେ ଶିଖ ଲୋକମାନଙ୍କ ଘରେ ନିଆଁ ଲଗାଇ ଦେବା ସହିତ ଲୁଟ୍ପାଟ୍ କରିଥିଲେ। ଏହି ସମୟରେ ବାପା ଯଶୱନ୍ତ ସିଂ ଏବଂ ତାଙ୍କ ପୁଅ ତରୁଣଦୀପ ସିଂଙ୍କୁ ଦଙ୍ଗାକାରୀମାନେ ହତ୍ୟା କରିଥିଲେ। ସଜ୍ଜନ କୁମାର ଏହି ଘଟଣାରେ ସାମିଲ ରହିବା ସହିତ ଦଙ୍ଗାକାରୀଙ୍କ ନେତୃତ୍ୱ ନେଇଥିଲେ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ,ସଜ୍ଜନ କୁମାର ୧୯୭୭ରେ ରାଜନୀତିରେ ପ୍ରବେଶ କରିବା ସହିତ ଦିଲ୍ଲୀ ମହାନଗର ନିଗମକୁ ନିର୍ବାଚିତ ହୋଇଥିଲେ। ପରେ ପରେ ସେ କାଉନସିଲର ରହିବା ସହିତ ୨୦୦୪ରେ କଂଗ୍ରେସ ଟିକଟରୁ ଲୋକସଭା ସାଂସଦ ହୋଇଥିଲେ।

ସଜ୍ଜନ କୁମାରଙ୍କୁ ୪୦ ବର୍ଷ ପରେ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିବାରୁ ଦିଲ୍ଲୀ ଶିଖ ଗୁରୁଦ୍ୱାରା ପରିଚାଳନା କମିଟି ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। କୋର୍ଟଙ୍କ ଏହି ରାୟ ନ୍ୟାୟ ମିଳିବାର ବାଟକୁ ସଫା କରିଛି ବୋଲି କମିଟି ସାଧାରଣ ସମ୍ପାଦକ ଜଗଦୀପ ସିଂ କାହଲନ କହିଛନ୍ତି। ଏହାଛଡ଼ା ଶିଖ ଦଙ୍ଗା ଘଟଣାର ବହୁ ମାମଲା ବିଚାର ନ ହୋଇ ବନ୍ଦ ହୋଇଯାଇଥିଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ସେଗୁଡିକର ବିଚାର ପାଇଁ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଗଠନ କରିଥିବାରୁ ସେ ଉଭୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସଜ୍ଜନ କୁମାରଙ୍କ ଭଳି ଜଗଦୀଶ ଟାଇଟଲରଙ୍କ ମାମଲାରେ ମଧ୍ୟ ଶିଖ ସଂପ୍ରଦାୟକୁ ନ୍ୟାୟ ମିଳିବ ବୋଲି କାହଲନ ଆଶାବ୍ୟକ୍ତ କରିଛନ୍ତି।

### ମହାରାଷ୍ଟ୍ର ରାଜନୀତିକୁ ନେଇ ପୁଣି ହଟଚମଟ
# ରାଜ ଥାକରେ, ଉଦ୍ଧବ ସେନା ନେତାଙ୍କୁ ଭେଟିଲେ ଫଡ଼ନଭିସ୍



ମୁମ୍ବଇ,୧୨।୨(ଏଜେନ୍ସି): ମହାରାଷ୍ଟ୍ର ନିର୍ବାଚନ ପରେ ବିଜେପି ନେତୃତ୍ୱ ମହାୟୁକ୍ତି ମେଣ୍ଟର ବୃହତ ବିଜୟ ପରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ନେଇ ବେଶ କିଛି ଦିନ ହଟଚମଟ ଲାଗି ରହିଥିଲା। କିନ୍ତୁ କିଛି ଦିନର ବ୍ୟବଧାନରେ ଏହି ସଙ୍କଟ ଦୂର ହେବା ପରେ ମହାରାଷ୍ଟ୍ର ରାଜନୀତି ଠିକଠାକ ହୋଇଯିବ ବୋଲି ଆଶା କରାଯାଇଥିଲା। କିନ୍ତୁ ଏବେ ମହାୟୁତି ଏବଂ ଏମଭିଏ ମେଣ୍ଟ ନେତାଙ୍କ କାର୍ଯ୍ୟକଳାପ ମହାରାଷ୍ଟ୍ର ରାଜନୀତିକୁ ନେଇ ସେଭଳି କିଛି ସ୍ପଷ୍ଟ କରୁନାହିଁ। ଶେଷ ମୁହୂର୍ତ୍ତରେ ଏକନାଥ ସିନ୍ଦେ ଦେବେନ୍ଦ୍ର ଫଡନଭିସ୍ ସରକାରରେ ଉପମୁଖ୍ୟମନ୍ତ୍ରୀ ରହିବାକୁ ରାଜି ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ତାଙ୍କର ଅସନ୍ତୋଷ ଝାଡିବାରେ ଲାଗିଛନ୍ତି ବୋଲି କୁହାଯାଉଛି। ସ୍ଥିତି ଏଭଳି ହୋଇଛି ଯେ ସରକାର କେବଳ ମୁଖ୍ୟମନ୍ତ୍ରୀ ଫଡ଼ନଭିସଙ୍କ ନେତୃତ୍ୱରେ ପରିଚାଳିତ ହେଉଛି ଏବଂ ଏକନାଥ ସିନ୍ଦେଙ୍କ ଗୋଷ୍ଠୀକୁ କୋଣଠେସା କରିଦିଆଯାଇଥିବା ଚର୍ଚ୍ଚା ଚାଲିଛି। ଏଭଳି ସ୍ଥିତିରେ ଆଗକୁ ବୃହନ ମୁମ୍ବଇ ମହାନଗର ନିଗମ ସହିତ ଅନ୍ୟ ପୌରାଞ୍ଚଳ

### ଏକନାଥ ସିନ୍ଦେଙ୍କୁ ଶରଦ ପାୱାରଙ୍କ ପ୍ରଶଂସାକୁ ଚର୍ଚ୍ଚା ଜୋରଦାର

ନିର୍ବାଚନ ହେବାକୁ ଯାଉଥିଲା ବେଳେ ସବୁ ଦଳ ସେମାନଙ୍କ ରଣନୀତି ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ଏମଏନଏସ୍ ନେତା ରାଜ ଥାକରେଙ୍କୁ ଭେଟିବା ସହିତ ଉଦ୍ଧବ ଠାକରେଙ୍କ ୟୁବିଟି ଦଳର ତିନି ପ୍ରମୁଖ ନେତାଙ୍କୁ ଭେଟିବା ସବୁଠାରୁ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି। ଏମାନଙ୍କୁ ଭେଟି ଫଡ଼ନଭିସ୍ ଏକନାଥ ସିନ୍ଦେଙ୍କୁ ପରୋକ୍ଷରେ କିଛି ଇସାରା ଦେବାକୁ ଚାହୁଁଛନ୍ତି ବୋଲି ରାଜନୈତିକ ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଏବେ ମହା ବିକାଶ ଅଘାଡି(ଏମଭିଏ)ରେ ସବୁ କିଛି ଠିକ୍ ଠାକ୍ ଚାଲି ନାହିଁ ବୋଲି କୁହାଯାଉଛି। ଏନସିପି ପ୍ରତିଷ୍ଠାତା ଶରଦ ପାୱାର ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ପ୍ରଶଂସା କରି ସମ୍ମାନିତ କରିବା ଘଟଣା ଏମଭିଏ ମେଣ୍ଟରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ସିନ୍ଦେ ମୁଖ୍ୟମନ୍ତ୍ରୀ ଥିବା ବେଳେ ଭଲ କାମ କରିଥିବା ଶରଦ ପାୱାର କହିବା ସହିତ ଇଣ୍ଡିଆ ମରାଠୀ ଭାଷା ସମ୍ମିଳନୀରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶରଦ ଖୋଲାଖୋଲି ଭାବେ ସିନ୍ଦେଙ୍କ ବିକାଶମୂଳକ କାର୍ଯ୍ୟକ୍ରମର ଗୁଣଗାନ କରିଥିଲେ। ସେହିପରି ନିଜ ଜନ୍ମ ଜିଲ୍ଲା ସତାରାରୁ କେହି ଜଣେ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ସିନ୍ଦେ ମଧ୍ୟ ନିଜ ଭାଷଣ ସମୟରେ ଶରଦ ପାୱାରଙ୍କୁ ପ୍ରଶଂସା କରିଥିଲେ। କିନ୍ତୁ ଶରଦ ପାୱାରଙ୍କ ଏଭଳି ଆଭିମୁଖ୍ୟକୁ ଉଦ୍ଧବ ଠାକରେ ନାପସନ୍ଦ କରିଥିବା ଜଣାପଡ଼ିଛି। ଶରଦ ପାୱାର ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ନଥିଲେ ଭଲ ହୋଇଥାଆନ୍ତା ବୋଲି ଉଦ୍ଧବ କହିଛନ୍ତି। ତେବେ ମହାରାଷ୍ଟ୍ର ରାଜନୀତିର ଏଭଳି ସ୍ଥିତିକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

### ଆଜି ଟ୍ରମ୍ପଙ୍କୁ ଭେଟିବେ ମୋଦୀ
## ଫ୍ରାନ୍ସ ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବୁଝାମଣା



ପ୍ୟାରିସ୍,୧୨।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଫ୍ରାନ୍ସ ଗସ୍ତ ଶେଷ କରି ବୁଧବାର ଆମେରିକା ଅଭିମୁଖେ ଯାତ୍ରା କରିଛନ୍ତି। ଗୁରୁବାର ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବା ସହିତ ତାଙ୍କ ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାମଧ୍ୟରେ ଫ୍ରାନ୍ସ ଗସ୍ତକାଳରେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବୁଝାମଣା ହୋଇଛି। ଏଆଇ ନିୟନ୍ତ୍ରଣ ସହିତ ବେସମାରିକ ଆଣବିକ ଶକ୍ତି,ଜାତିସଂଘ ସଂସ୍କାର, ବ୍ୟବସାୟ ବାଣିଜ୍ୟ ଏବଂ ପ୍ରତିରକ୍ଷା ଆଦି କ୍ଷେତ୍ରରେ ଉଭୟ ନେତା ବୁଝାମଣା କରିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସଚିବ ବିକ୍ରମ ମିଶ୍ରି ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ଏମାନୁଏଲ ମାକ୍ରନଙ୍କ ବିମାନରେ ଉଭୟ ନେତା ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସହିଦ ହୋଇଥିବା ଭାରତୀୟଙ୍କ ସ୍ମୃତିସ୍ଥଳ ରହିଥିବା ମାର୍ସାଇଲ ସହରକୁ ଯାଇଥିଲେ। ଏହି ସହରରେ ଇଂରେଜ ସେନା କବଳରୁ ମୁକ୍ତି ପାଇବାକୁ ବୀର ସାବରକର ଉଦ୍ୟମ କରିଥିବାରୁ ମାର୍ସାଇଲ ସହର ଭାରତୀୟଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ମୋଦୀ କହିଥିଲେ।

ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଏଠାରେ ନୂଆ କରି ଭାରତୀୟ ରାଜଦୂତ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଉଭୟ ଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କ ଆହୁରି ନିବିଡ଼ ହୋଇପାରିବ ବୋଲି ମୋଦୀ କହିଥିଲେ। ତେବେ ଏହି ସହରକୁ ବିମାନରେ ଯାତ୍ରା ବେଳେ ଉଭୟ ନେତାଙ୍କ ଆତ୍ମବିଶ୍ୱାସ ଏବଂ ପରସ୍ପର ପ୍ରତି ରହିଥିବା ଦୃଢତା କିଛି ନୂଆ ସନ୍ଦେଶ ଦେଇଛି ବୋଲି ବିକ୍ରମ କହିଛନ୍ତି। ବିଶେଷକରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆହୁରି ସଶକ୍ତ କରିବାକୁ ମାକ୍ରନଙ୍କ ପ୍ରତିବଦ୍ଧତା ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ସେ କହିଛନ୍ତି। ଏହାବ୍ୟତୀତ ପଶ୍ଚିମ ଏସିଆ,ଭାରତ-ପ୍ରଶାନ୍ତ କ୍ଷେତ୍ର ଏବଂ ଆଞ୍ଚଳିକ ପ୍ରସଙ୍ଗକୁ ନେଇ ମୋଦୀ ଏବଂ ମାକ୍ରନଙ୍କ ଆଲୋଚନା ସକାରାତ୍ମକ ରହିଥିବା ବିକ୍ରମ କହିଛନ୍ତି।

## ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ଭାରତ ୯୬/୧୮୦

**ଡେନ୍‌ମାର୍କରେ ସବୁଠୁ କମ୍ ଦୁର୍ନୀତି**

**ସାଉଥ୍ ସୁଦାନ ସର୍ବାଧିକ ଦୁର୍ନୀତିଗ୍ରସ୍ତ**

ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି): ଭାରତରେ ଦୁର୍ନୀତି କମିଛି ବୋଲି ସରକାର ଦାବି କରୁଛନ୍ତି। ମାତ୍ର ଅନ୍ତର୍ଜାତୀୟ ରିପୋର୍ଟରୁ ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱର ସର୍ବାଧିକ ଶହେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ରମଧ୍ୟରେ ଭାରତ ସାମିଲ ରହିଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ ଜାରି ୨୦୨୪ର କରପ୍‌ସନ ପ୍ରିସିପସନ୍ସ ଇଣ୍ଡେକ୍ସ (ସିପିଆଇ)ରେ ଏହି ସୂଚନା ଦିଆଯାଇଛି। ଏହି ତାଲିକାରେ ୧୮୦ ଦେଶ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ଭାରତ ୯୬ତମ ସ୍ଥାନରେ ରହିଛି। ତେବେ ୨୦୨୩ ତୁଳନାରେ ଭାରତ ତିନୋଟି ସ୍ଥାନ ତଳକୁ ଖସି ଯାଇଛି। ଗାମ୍ବିଆ ଏବଂ ମାଳଦ୍ୱୀପ ସହ ଭାରତ ମିଳିତ ଭାବେ ୯୬ ତମ ସ୍ଥାନରେ ରହିଛି।

ସରକାରୀ କ୍ଷେତ୍ରରେ ହେଉଥିବା ଦୁର୍ନୀତିକୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଥାଏ। ସିପିଆଇ ବିଶ୍ୱରେ ବାରୋମିଟର ଭାବେ କାର୍ଯ୍ୟ କରିଥାଏ। ସ୍କୋର ଆଧାରରେ ଦେଶଗୁଡିକର ତାଲିକା ପ୍ରସ୍ତୁତ କରିଥାଏ। ସ୍କୋର ଶୂନ୍ୟ ରହିଲେ ସର୍ବାଧିକ ଦୁର୍ନୀତିଗ୍ରସ୍ତ ଏବଂ ଶହେ ରଖିଲେ ସବୁଠାରୁ ସ୍ୱଚ୍ଛ ବୋଲି ଧରାଯାଏ। ୨୦୨୪ରେ ଭାରତର ସ୍କୋର ୩୮, ୨୦୨୩ରେ ୩୯ ଏବଂ ୨୦୨୨ରେ ୪୦ ଥିଲା। ଅନ୍ୟପଟେ ଭାରତର ପଡୋଶୀ ରାଷ୍ଟ୍ର ପାକିସ୍ତାନ ଏହି ତାଲିକାର ୧୩୫ ସ୍ଥାନରେ, ଶ୍ରୀଲଙ୍କା ୧୨୧ତମ, ବାଂଲାଦେଶ ୧୪୯ତମ ଏବଂ ଚୀନ୍ ୭୬ତମ ସ୍ଥାନରେ ରହିଛି। ତେବେ ଡେନ୍‌ମାର୍କର ସ୍କୋର ସବୁଠୁ ଅଧିକ (୯୦) ରହିଛି। ଏହି ଦେଶରେ ସବୁଠୁ କମ୍ ଦୁର୍ନୀତି ହେଉଛି। ଏହା ପଛକୁ ଫିନ୍‌ଲାଣ୍ଡ (୮୮), ସିଙ୍ଗାପୁର (୮୪) ଏବଂ ନ୍ୟୁଜିଲାଣ୍ଡ (୮୩) ରହିଛି। ୮୧ ସ୍କୋର କରି ଲକ୍ସଜମବର୍ଗ, ନରୱେ ଏବଂ ସ୍ୱିଜରଲାଣ୍ଡ ମିଳିତ ଭାବେ ପଞ୍ଚମ ସ୍ଥାନରେ ସ୍ୱିଡେନ (୮୦) ଅଷ୍ଟମ, ନେଦରଲାଣ୍ଡ (୭୮) ନବମ, ୭୭ ସ୍କୋର ସହ ଅଷ୍ଟ୍ରେଲିଆ, ଆଇସଲାଣ୍ଡ ଏବଂ ଆୟରଲାଣ୍ଡ ଦଶମ ସ୍ଥାନରେ ରହିଛି।

ସାଉଥ୍ ସୁଦାନ ବିଶ୍ୱର ସର୍ବାଧିକ ଦୁର୍ନୀତିଗ୍ରସ୍ତ ଦେଶ ହୋଇଛି। ଏହି ଦେଶର ୮ ସ୍କୋର ସହ ୧୮୦ ତମ ସ୍ଥାନରେ ରହିଛି। ଏହା ପଛକୁ ସୋମାଲିଆ (୯), ଭେନଜୁଏଲା (୧୦), ସିରିଆ (୧୨) ଯଥାକ୍ରମେ ୧୭୯ତମ, ୧୭୮ତମ ଏବଂ ୧୭୭ତମ ସ୍ଥାନରେ ରହିଛି।

### ସାମ୍ନାକୁ ଆସିଲା ର୍‍ୟାଗିଂର ଭୟଙ୍କର ରୂପ
# ଗୁପ୍ତାଙ୍ଗରେ ଝୁଲାଇଦେଲେ ଡମ୍ବେଲ

**ଚିଲାଇବାରୁ ମୁହଁରେ ଲୋସନ ମାରିଦେଲେ ସିନିୟର୍ସ**

**ମଦ ପିଇବା ପାଇଁ କନିଷ୍ଠଙ୍କଠାରୁ ଟଙ୍କା ନେଉଥିଲେ**

**୫ ନର୍ସିଂ ଛାତ୍ରଙ୍କୁ ଗିରଫ କଲା ପୁଲିସ**



କୋଟ୍ଟାୟାମ, ୧୨।୨ (ଏଜେନ୍ସି): ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ ସମସ୍ୟା ବନ୍ଦ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପାଠ ପଢ଼ିବାକୁ ଯାଉଥିବା ପିଲା ବରିଷ୍ଠ ଛାତ୍ରଙ୍କ ନିର୍ଯାତନାର ଶିକାର ହୋଇ ଆତ୍ମହତ୍ୟା କରିଥିବାର ଅନେକ ଖବର ଗଣମାଧ୍ୟମରେ ବାହାରୁଛି। ଏହା ସତ୍ତ୍ୱେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏଭଳି ମାମଲା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ଏବେ କେରଳ କୋଟ୍ଟାୟମ ସ୍ଥିତ ସରକାରୀ ନର୍ସିଂ କଲେଜରୁ ର୍‍ୟାଗିଂର ଭୟଙ୍କର ମାମଲା ସାମ୍ନାକୁ ଆସିଛି। ତୃତୀୟ ବର୍ଷର ୫ ଜଣ ନର୍ସିଂ ଛାତ୍ର ନିଜ କନିଷ୍ଠ ଛାତ୍ରଙ୍କୁ ଅକଥନୀୟ ନିର୍ଯାତନା ଦେଇଛନ୍ତି। ପ୍ରଥମ ବର୍ଷର ତିନି ଜୁନିୟର ଛାତ୍ରଙ୍କୁ ଉଲଗ୍ନ କରି ଗୁପ୍ତାଙ୍ଗରେ ଡମ୍ବେଲ ଓହଳାଇ ଦେଇଛନ୍ତି। କମ୍ପାସ ମୁନରେ ଆଘାତ ଦେଇ ରକ୍ତାକ୍ତ କରିଦେଇଛନ୍ତି। ଅଧିକ ଯନ୍ତ୍ରଣା ଦେବା ପାଇଁ ଏହି କ୍ଷତରେ ଲୋସନ ଲଗାଇ ଦେଇଛନ୍ତି। ଅସହ୍ୟ ଯନ୍ତ୍ରଣାରେ ତିନି ଛାତ୍ର କାନ୍ଦିବା ପରେ ମୁହଁରେ ଲୋସନ ଭର୍ତ୍ତି କରିଦେଇଛନ୍ତି। ପ୍ରବଳ ମାଡ଼ ମଧ୍ୟ ମାରିଛନ୍ତି।

ଦିନେ କି ଦୁଇ ଦିନ ନୁହେଁ, ଗତ ତିନି ମାସ ହେଲା ତିରୁଅନନ୍ତପୁରମର ଏହି ବରିଷ୍ଠ ଛାତ୍ରମାନେ ଏଭଳି କରିଆସୁଥିଲେ। ଉଲଗ୍ନ କରି ଭିଡିଓ ମଧ୍ୟ ରେକର୍ଡ କରିଥିଲେ। କାହାକୁ କହିଲେ କିମ୍ବା ଥାନାରେ ଅଭିଯୋଗ କଲେ ପରିଣତି ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ଏହା ଦ୍ୱାରା ଶିକ୍ଷାକ୍ଷତ ଭବିଷ୍ୟତ ଉପରେ ପ୍ରଭାବ ପଡ଼ିବ ବୋଲି କହିଥିଲେ। ଏବେ ପୁଲିସ ଏହି ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୋଗରେ ଦାବି କରାଯାଇଛି ଯେ ରବିବାର ମଦ ପିଇବା ପାଇଁ ବରିଷ୍ଠମାନେ କନିଷ୍ଠଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଯେଉଁମାନେ ଟଙ୍କା ଦେବାକୁ ମନା କରୁଥିଲେ, ତାଙ୍କୁ ମାଡ଼ ମାରୁଥିଲେ। ଜଣେ ଛାତ୍ର ଏହା ସହି ନ ପାରି ନିଜ ବାପାଙ୍କୁ କହି ଦେଇଥିଲେ। ପରେ ସେ ଥାନାରେ ଅଭିଯୋଗ କରିଥିଲେ।

ର୍‍ୟାଗିଂ ମାମଲା ସାମ୍ନାକୁ ଆସିବା ପରେ ଅଭିଯୁକ୍ତ ଛାତ୍ରଙ୍କୁ ନିଲମ୍ବିତ କରିଦିଆଯାଇଛି। ର୍‍ୟାଗିଂ ନିରୋଧୀ ଆଇନ ଅନୁଯାୟୀ ସମସ୍ତଙ୍କୁ ଗିରଫ କରାଯାଇଛି। ପୁଲିସ ସମସ୍ତଙ୍କୁ ହେପାଜତକୁ ନେଇଛି। ଏହା ପୂର୍ବରୁ କିଛି ଦିନ ତଳେ କୋଚିର ୧୫ ବର୍ଷୀୟ ସ୍କୁଲ ଛାତ୍ର ଆତ୍ମହତ୍ୟା କରିଥିଲେ। ବରିଷ୍ଠ ଛାତ୍ରଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ପୁଅ ଆତ୍ମହତ୍ୟା କରିଥିଲା ବୋଲି ତାଙ୍କ ମାଆ କହିଥିଲେ।

## ରାମ ମନ୍ଦିର ମୁଖ୍ୟ ପୂଜାରୀ ସତ୍ୟେନ୍ଦ୍ର ଦାସଙ୍କ ପରଲୋକ



ଅଯୋଧ୍ୟା, ୧୨।୨ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ମୁଖ୍ୟ ପୂଜାରୀ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ଗତ ତିନି ତାରିଖରେ ତାଙ୍କର ବ୍ରେନ ଷ୍ଟ୍ରୋକ୍ ହୋଇଥିଲା। ଏହା ପରେ ତାଙ୍କୁ ଅଯୋଧ୍ୟାରୁ ଲକ୍ଷ୍ନୌ ପିଜିଆଇକୁ ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସା ଜାରି ରହିଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡିଯିବାରୁ ବୁଧବାର ସକାଳ ୭ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ତାଙ୍କୁ ଜଳ ସମାଧି ଦିଆଯିବ। ଆଚାର୍ଯ୍ୟ ସତ୍ୟେନ୍ଦ୍ରଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସେ ୩୨ ବର୍ଷ ହେଲା ରାମଜନ୍ମଭୂମିର ମୁଖ୍ୟ ପୂଜାରୀ ଭାବେ ସେବା ଦେଉଥିଲେ। ୧୯୯୨ ଡିସେମ୍ବର ୬ରେ ସେ ବାବ୍ରୀ ବିଧ୍ୱଂସ ସମୟରେ ରାମଲଲାଙ୍କୁ କୋଳରେ ଧରି ପଳାଇ ଥିଲେ।

### ନାକକୁ ଟାଣିଦେଲା ଏଲନ ମସ୍କଙ୍କ ପୁଅ
## ସାମ୍ବାଦିକ ସମ୍ମିଳନୀରେ ଚିଡ଼ିଗଲେ ଟ୍ରମ୍ପ

ୱାଶିଂଟନ୍,୧୨।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ 'ଡୋଜ୍' ବିଭାଗୀୟ ମୁଖ୍ୟ ଏଲନ ମସ୍କ ଏକ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହିଥିଲା ବେଳେ ଏଲନ ମସ୍କଙ୍କ ୫ ବର୍ଷର ପୁଅକୁ ନେଇ ଏକ ରୋଚକ ବିଷୟ ଦେଖିବାକୁ ମିଳିଛି। ଆମେରିକାରେ ସରକାରୀ ଚାକିରିଆଙ୍କ ସଂଖ୍ୟା ହ୍ରାସ କରିବା ଉଦ୍ଦେଶ୍ୟରେ ଉଭୟ ଟ୍ରମ୍ପ ଏବଂ ଏଲନ ମସ୍କ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଓଭାଲ ଅଫିସରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଉଥିଲା ବେଳେ



ସେଠାରେ ଉପସ୍ଥିତ ରହିଥିବା ଏଲନ ମସ୍କଙ୍କ ପୁଅ ଟ୍ରମ୍ପଙ୍କ ନାକକୁ ଟାଣି ଦେଇଥିଲା। ଏହାକୁ ନେଇ ଟ୍ରମ୍ପ ଅସ୍ୱାଭାବିକ ସ୍ଥିତିରେ ପଡ଼ି ଯାଇଥିଲା ବେଳେ ଚିଡ଼ି ଯାଇଥିଲେ। ହେଲେ ଏଲନ ମସ୍କଙ୍କ ଭଳି ଜଣେ ଘନିଷ୍ଠ ସହଯୋଗୀଙ୍କୁ ନେଇ କିଛି କହି ନଥିଲେ। କିନ୍ତୁ ଏଭଳି ସ୍ଥିତି ପାଇଁ ତାଙ୍କର ବିରକ୍ତି ଭାବକୁ ସମସ୍ତେ ଅନୁଭବ କରିଥିଲେ। ପରେ ପରେ ଏହି ଘଟଣାକୁ ନାପସନ୍ଦ କରି ଇଣ୍ଟରନେଟ୍‌ରେ ଲୋକମାନେ ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଲନ ମସ୍କଙ୍କ ପ୍ରେମିକା ଗ୍ରିମ୍ସଙ୍କ ଠାରୁ ଜନ୍ମିତ ଏହି ପୁଅକୁ ଏଲନ ଯୁଆଡେ ଯାଆନ୍ତି ସାଙ୍ଗରେ ନେଇ ଯାଆନ୍ତି। ଏପରିକି ଗତ ନିର୍ବାଚନ ସମୟରେ ମଧ୍ୟ ସେ ଏହି ପୁଅକୁ କାନ୍ଧରେ ବସାଇ ବୁଲାଉଥିବା ଦେଖାଯାଇଥିଲା। ତେବେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଓଭାଲ ଅଫିସକୁ ପୁଅକୁ ସାଥିରେ ଧରି ଆସିବା ବିଷୟକୁ ବହୁ ଲୋକ ନାପସନ୍ଦ କରି ମସ୍କଙ୍କୁ ସମାଲୋଚନା କରିଛନ୍ତି।

# ମାଘ ପୂର୍ଣ୍ଣିମାରେ ସ୍ନାନକଲେ ୨ କୋଟି ଶ୍ରଦ୍ଧାଳୁ



ପ୍ରୟାଗରାଜ, ୧୨।୨ (ଏଜେନ୍ସି): ମାଘ ପୂର୍ଣ୍ଣିମା ଅବସରରେ ବୁଧବାର ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳା ମହାକୁମ୍ଭରେ ସ୍ନାନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଛି। ସନ୍ଧ୍ୟା ସୁଦ୍ଧା ୨ କୋଟିରୁ ଅଧିକ ଲୋକ ସଙ୍ଗମରେ ବୁଡ଼ ପକାଇଲେଣି। ଆହୁରି ଲକ୍ଷାଧିକ ଲୋକ ଅପେକ୍ଷା କରି ରହିଛନ୍ତି। ସଙ୍ଗମ ନଗରୀରେ ୧୦ରୁ ୧୫ କିମି ପର୍ଯ୍ୟନ୍ତ ଭିଡ଼ ଲାଗି ରହିଛି। ଲୋକେ ଚାଲି ଚାଲି ସଙ୍ଗମସ୍ଥଳକୁ ପହଞ୍ଚୁଛନ୍ତି। ଆଜି ସକାଳେ ସ୍ନାନ ଆରମ୍ଭ ହେବା ପରେ ହେଲିକପ୍ଟରରୁ ଶ୍ରଦ୍ଧାଳୁଙ୍କ ଉପରେ ଫୁଲ ବର୍ଷା କରାଯାଇଥିଲା। ବାଟରେ ମୁସଲିମମାନେ ଶ୍ରଦ୍ଧାଳୁଙ୍କ ଉପରେ ପୁଷ୍ପବର୍ଷା କରିଥିଲେ। ପରେ ଭିଡ଼କୁ ଦେଖି ଟ୍ରାଫିକ ନିୟମକୁ ବଦଳାଇ ଦିଆଯାଇଥିଲା। ସହର ଆଜି 'ନୋ ଭେଇକିଲ ଜୋନ' ରହିଛି। ତେବେ ପାର୍କିଂରୁ ବହୁତ କମ୍ ସଟଲ ବସ୍ ଚାଲୁଥିବାରୁ ଶ୍ରଦ୍ଧାଳୁଙ୍କୁ ଚାଲି ଚାଲି ଯିବାକୁ ପଡୁଛି।

ସୁରକ୍ଷା ପାଇଁ ସଙ୍ଗମରେ ଅର୍ଦ୍ଧସାମରିକ ବାହିନୀର ଯବାନ ମୁତୟନ ହୋଇଛନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ସଙ୍ଗମ ସ୍ଥଳରେ ଲୋକଙ୍କୁ ରହିବାକୁ ଦିଆଯାଉ ନାହିଁ। ପ୍ରଥମ ଥର ପାଇଁ ଲୋକଙ୍କୁ ନିୟନ୍ତ୍ରଣ କରିବାକୁ ୧୫ ଜିଲ୍ଲାର ଜିଲ୍ଲାପାଳ, ୨୦ ଆଇଏଏସ ଏବଂ ୮୫ ପିସିଏସ୍ ଅଧିକାରୀଙ୍କୁ ମୁତୟନ କରାଯାଇଛି। ଲୋକେ ଶୀଘ୍ର ବାହାରିବା ପାଇଁ ଲେଟେ ହନୁମାନ ମନ୍ଦିର, ଅକ୍ଷୟବଟ ଏବଂ ଡିଜିଟାଲ ମହାକୁମ୍ଭ କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି। ଆଜି କଳ୍ପବାସ ମଧ୍ୟ ଶେଷ ହୋଇଯାଇଛି। ପ୍ରାୟ ୧୦ ଲକ୍ଷ କଳ୍ପବାସୀ ଫେରିବାକୁ ବାହାରୁଛନ୍ତି। ଏ ପର୍ଯ୍ୟନ୍ତ ମହାକୁମ୍ଭରେ ୪୮.୧୯ କୋଟି ଶ୍ରଦ୍ଧାଳୁ ସ୍ନାନ କଲେଣି। ମହାଶିବରାତ୍ରୀ ଅବସରରେ ଶେଷ ସ୍ନାନ ହେବ।

## ଟ୍ରେନ ଶୌଚାଳୟରେ ବସି ମହାକୁମ୍ଭ ଆସୁଛନ୍ତି ଲୋକ

ପ୍ରୟାଗରାଜ, ୧୨।୨ (ଏଜେନ୍ସି): ମହାକୁମ୍ଭ ପାଇଁ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରାଯାଇଥିବା କୁହାଯାଉଛି। ମାତ୍ର ବାସ୍ତବରେ ସ୍ଥିତି ଭିନ୍ନ ରହିଛି। ଟ୍ରେନ୍ ନ ଥିବାରୁ ଲୋକେ ବହୁ କଷ୍ଟରେ ଯାତ୍ରା କରୁଛନ୍ତି। କିଏ ପାଇଖାନା ନିକଟରେ ବସି ଆସୁଛନ୍ତି ତ ଆଉ କିଏ ଆସବାବପତ୍ର ରଖିବା ସ୍ଥାନରେ ବସି ଯାତ୍ରା କରୁଛନ୍ତି। ସଂରକ୍ଷିତ ହେଉ ଅବା ଅଣସଂରକ୍ଷିତ ବଗି ସବୁ ଜାମ୍ ରହୁଛି। ପ୍ରୟାଗରାଜରେ ପହଞ୍ଚିବା ପାଇଁ ଶ୍ରଦ୍ଧାଳୁ ଏସି ହେଉ ଅବା ସ୍ଲିପର ବଗି ସବୁଥିରେ ପ୍ରବେଶ କରିଯାଉଛନ୍ତି। କେବଳ ସେତିକି ନୁହେଁ ଟିକଟ ତଥା ଅଣସଂରକ୍ଷିତ ବଗିରେ ସ୍ଥାନ ନ ପାଇ ଲୋକେ ଷ୍ଟେସନରେ ଅଟକି ରହିଛନ୍ତି। ମଧ୍ୟପ୍ରଦେଶରୁ ଏଭଳି ଚିତ୍ର ଆସିଛି। ଭୋପାଳରୁ ଆସୁଥିବା ମହାକାଳ ସୁପରଫାଷ୍ଟ ଏକ୍ସପ୍ରେସ ପ୍ରୟାଗରାଜ ଦେଇ ବାରାଣସୀ ପହଞ୍ଚୁଛି। ଏଥିରେ ୪ଟି ସାଧାରଣ ବଗି, ୬ଟି ସ୍ଲିପର ଏବଂ ୮ଟି ଏସି ବଗି ରହିଛି। ଟ୍ରେନରେ ପ୍ରାୟ ୧୨୦୦ ଲୋକ ଯାତ୍ରା କରିବାର ବ୍ୟବସ୍ଥା ଥିବାବେଳେ ୧୦ ହଜାରରୁ ଅଧିକ ଲୋକ ଷ୍ଟେସନରେ ଛିଡ଼ା ହୋଇଛନ୍ତି। ଟ୍ରେନ ଆସିବା ପରେ ଚଢ଼ିବା ପାଇଁ ପ୍ରତିଯୋଗିତା ଲାଗିଥିଲା। କେହି କାହାରିକୁ ନ ଦେଖି ଅନ୍ୟମାନଙ୍କୁ ଦଳି ଚକଟି ଲୋକେ ଟ୍ରେନରେ ଚଢ଼ିଥିଲେ। ସିଟ୍ ଚୂଡ଼ାନ୍ତ ହୋଇ ନ ଥିବା ବ୍ୟକ୍ତି ବି ଅନ୍ୟମାନଙ୍କ ସିଟ୍‌ରେ ବସି ଯାତ୍ରା କଲେ। ଅନେକ ଏସି ଏବଂ ସ୍ଲିପର ବଗିରେ ପଶି ଯାଇଥିଲେ। ଏହି ସ୍ଥିତି କେବଳ ଗୋଟିଏ ନୁହେଁ, ମହାକୁମ୍ଭକୁ ଯାଉଥିବା ପ୍ରତ୍ୟେକ ଟ୍ରେନ୍‌ରେ ଦେଖିବାକୁ ମିଳୁଛି।

## ଜି.ଉଦୟଗିରିରୁ ସିପାଏଜୁକୁ ବସ୍ ଚଳାଚଳ ଦାବି

ଜି.ଉଦୟଗିରି, ୧୨।୨(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରୁ କତିଙ୍ଗିଆ ପଞ୍ଚାୟତର ସିପାଏଜୁକୁ ଲକ୍ଷ୍ମୀ ବସ ଯାତାୟାତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏବେ କତିଙ୍ଗିଆ ପର୍ଯ୍ୟନ୍ତ ଏହି ବସ ଯାଉଥିବା ବେଳେ ଏହାଠାରୁ ୮ କିମି ଦୂର ସିପାଏଜୁ ଗ୍ରାମବାସୀ ସହିତ ଆଖପାଖ ଜନସାଧାରଣ ହଇରାଣ ହେଉଥିବା ଦର୍ଶାଇଛନ୍ତି। ବିଶେଷ କରି ଛାତ୍ରଛାତ୍ରୀ, ରୋଗୀ, ଶ୍ରମିକ, ଚାଷୀ ଏହି ଗାଡି ଉପରେ ନିର୍ଭର କରିଥିବା ବେଳେ ଏହି ସେବା ନ ପାଇ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏ ସମ୍ପର୍କ ରେ ପୂର୍ବତନ ସରପଞ୍ଚ ତଥା ଜିଲ୍ଲା ବିଜେପି କୃଷକ ମୋର୍ଚା ସଭାପତି ଅବନେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାଂସଦଙ୍କୁ ଜଣାଇବା ସହିତ ବିଡିଓଙ୍କ ବୁଧବାର ଅବଗତ କରାଇଛନ୍ତି। ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ସୁଫଳ ନମିଳିବା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପୂର୍ବକ ସିପାଏଜୁକୁ ବସ ଚଳାଚଳ ଦାବି କରିଛନ୍ତି। ବିଡିଓ ମନୋଜ କୁମାର ଦେବତାଙ୍କୁ ପଚାରିବାରୁ ଏ ସମ୍ପର୍କରେ ସରକାରଙ୍କୁ ଜଣାଇଛୁ। ଆଗକୁ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି।

## କୁଇ ସମାଜ ଯୁବ ପରିଷଦର ବୈଠକ

ଖଜୁରୀପଡ଼ା, ୧୨।୨(ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ଅଡାବାଡି ଗ୍ରାମର ଶାଳବଣ ନିକଟରେ କୁଇ ସମାଜ ଯୁବ ପରିଷଦ କନ୍ଧମାଳର ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ସମାଜର ସାଧାରଣ ସମ୍ପାଦକ ଅଚ୍ୟୁତ ଯାନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ଜି.ଉଦୟଗିରି ବିଧାୟିକା ଅଜୟନ୍ତି ପ୍ରଧାନ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରାଘବ ମଲିକ, କୁଇ ସମାଜ ସେବା ସମିତି ସାଂସ୍କୃତିକ ସମ୍ପାଦକ ବିରେନ୍ଦ୍ର କୁମାର କହଁର ଓ କୁଇ ଭାଷା ସାହିତ୍ୟ ସୁରକ୍ଷା ସମିତି ଉପସଭାପତି ଗୀତାଞ୍ଜଳି ଦେହୁରୀ ଯୋଗ ଦେଇଥିଲେ। ସଭାପତି ଦେବାଶିଷ କହଁର ସଂଗଠନର କର୍ମକର୍ତ୍ତା ମାନଙ୍କର କାର୍ଯ୍ୟକାଳ ୫ ବର୍ଷ ଶେଷ ହୋଇ ଆସୁଥିବାରୁ ଆଗାମୀ ଦିନରେ କିପରି କର୍ମକର୍ତ୍ତା ଚୟନ କରାଯାଇ ସଂଗଠନକୁ ଅଧିକ ସୁଦୃଢ କରାଯିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଲାଇନ୍ ପଡ଼ା ବପଲମେଣ୍ଡି ସରପଞ୍ଚ ରଏନ କୁମାର ମଲିକ, ଗୋପାଳ କୃଷ୍ଣକହଁର, ହରିଶଙ୍କର କହଁର ଓ ସାମ୍ବାଦିକ ବାଳକୃଷ୍ଣ କହଁର ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସଭାପରିଚାଳନା ଓ ଧନ୍ୟବାଦ ଅର୍ପଣ ସହସମ୍ପାଦକ ବିଶ୍ୱମ୍ବର ପ୍ରଧାନ କରିଥିଲେ।

## ଫିରିଙ୍ଗିଆରେ ସମର୍ପଣ ଦିବସ

ଫିରିଙ୍ଗିଆ, ୧୨।୨(ସମିସ): ସାରା ଦେଶରେ ମହାନ ଚିନ୍ତା ନାୟକ ତଥା ପଣ୍ଡିତ ଏକାତ୍ମ ମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ସମର୍ପଣ ଦିବସ ଭାବରେ ପାଳନ କରାଯାଉଥିବା ବେଳେ କନ୍ଧମାଳ ଜିଲ୍ଲା ବିଜେପି ଫିରିଙ୍ଗିଆ ମଣ୍ଡଳ ତରଫରୁ ମଧ୍ୟ ଏହି ଦିବସ ପାଳନ କରାଯାଇଥିଲା। ଫିରିଙ୍ଗିଆ ମଣ୍ଡଳ ସଭାପତି ଶ୍ରୀବତ୍ସ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ଫୁଲବାଣୀ ଜିଲ୍ଲା ସଭାପତି ଜଗନ୍ନାଥ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ପ୍ରଶାନ୍ତ କାମ୍ପ, ସଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ନୁଆପଦର ମଣ୍ଡଳ ସଭାପତି ଦେବେଶ୍ୱର କହଁର, ଯୁବ ବିଜେପି ନେତା ସଞ୍ଜୟ କୁମାର ଦିଗାଲ, ବରିଷ୍ଠ ବିଜେପି ନେତା କଂସଦେବ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥଲେ। ବିଜେପିର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ୨୦୦୦ ମସିହା ମାଟ୍ରିକ ବ୍ୟାଚ୍‌ର ବୈଠକ

ଫିରିଙ୍ଗିଆ, ୧୨।୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଚ୍ଛାପଡ଼ାର ୨୦୦୦ ମସିହା ମାଟ୍ରିକ ବ୍ୟାଚ ବିଦ୍ୟାର୍ଥୀଙ୍କ ଫିରିଙ୍ଗିଆ ପଞ୍ଚାୟତ ତଣ୍ଡ୍ରି ଗାଁ ଘାଇରେ ଦ୍ୱିତୀୟ ବାର୍ଷିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଅଭିରାମ କହଁର ସହ ବିଗତ ଦିନର କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ବନ୍ଧୁମିଳନ ଏବଂ ଚଳିତ କାର୍ଯ୍ୟକ୍ରମ ବିଷୟରେ ଅବଗତ କରିବାକୁ ଆଲୋଚନା ହୋଇଥିଲା। ବିରୁପାକ୍ଷ କହଁର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା



ଟିକାବାଲି, ୧୨।୨(ସମିସ): କନ୍ଧମାଳ ଜିଲ୍‌ଲା ଟିକାବାଲି ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକଙ୍କ କାର୍ଯ୍ୟାଳୟ ଓ ମଧ ଇଂରାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଟିକାବାଲିରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଟିକାବାଲି ସମିତି ଅଧ୍ୟକ୍ଷ ଦିଲୀପ କହଁର ଯୋଗ ଦେଇ ଉଦଘାଟନ କରିଥିଲେ। ମୁଖ୍ୟବ୍ୟକ୍ତା ଭାବେ ଟିକାବାଲି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା, ସମ୍ମାନିତ ଅତିଥି ଭଭାବେ ଟିକାବାଲି ସରପଞ୍ଚ କୁନ୍ଦୁରୁ ମଲ୍ଲିକ, ଗାର୍ଡିଙ୍ଗିଆ ସରପଞ୍ଚ ଜିତେନ୍ଦ୍ର ମଲ୍ଲିକ, ପିକରଡ଼ି ସରପଞ୍ଚ ରୁବି ପ୍ରଧାନ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ଗଣେଶ୍ୱର କହଁର, ବିନୋଦିନୀ ସାମଲ, ଟିକାବାଲି ମିଳିତ ଶିକ୍ଷକ ସଂଘ ସଭାପତି ମଧୁସୂଦନ ବେହେରା ଓ କାର୍ଯ୍ୟକ୍ରମର ସଭାପତି ରୂପେ ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ ମଞ୍ଚାସୀନ ଥିଲେ। ତେନ୍ତୁଳିଗଡ଼ କ୍ଲଷ୍ଟର ସହ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବ୍ଲକ ର ବିଭିନ୍ନ କ୍ଲଷ୍ଟରରୁ ଶିକ୍ଷକ, ଶିକ୍ଷାର୍ଥୀ ଶିକ୍ଷଣ ଉପକରଣ ଓ କ୍ରିୟାକଳାପ ସାଥିରେ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଧାରିତ କାର୍ଯ୍ୟକଳାପକୁ ନେଇ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ କୃତି ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ତେନ୍ତୁଳିଗଡ଼ ସିଆରସିସି ଶୁଭସ୍ମୃତି ଦାଶଙ୍କ ସହ ଟିକାବାଲି ବ୍ଲକର ସମସ୍ତ ସିଆରସିସି ପରିଚାଳନା କରିଥିଲେ।

# ମହିଳାଙ୍କଠାରୁ ଠକେଇ: ନକଲି ଆଇନଜୀବୀ ଗିରଫ

ପାରଳାଖେମୁଣ୍ଡି, ୧୨।୨(ସମିସ)



ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଜଣେ ମହିଳାଙ୍କୁ ପ୍ରବଞ୍ଚନା କରି ଲକ୍ଷ ଲକ୍ଷ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାର ନେଇଯିବା ଅଭିଯୋଗରେ ଜଣେ ନକଲି ଆଇନଜୀବୀକୁ ପୁଲିସ ଗିରଫ କରିଛି। ଗିରଫ ନେକଲି ଆଇନଜୀବୀ ଜଣକ ହେଉଛନ୍ତି ପାରଳାଖେମୁଣ୍ଡି ସହର ଦାଣ୍ଡମାଳା ସାହି ଅଞ୍ଚଳର କଞ୍ଚଡା ଅଭିଷେକ (୨୬) ବୋଲି ପୁଲିସ୍ ସୂଚନା ଦେଇଛି। ସୂଚନାମୁତାବକ କଞ୍ଚଡା ଅଭିଷେକ ଜଣେ ବାଉଳା ବେକାରୀ ଯୁବକ। ଅଭିଯୁକ୍ତ ଜଣକ ୨୦୨୪ ମସିହା ଅଗଷ୍ଟ ମାସରେ ପାରଳାଖେମୁଣ୍ଡି ସହରର ଜଣେ ମହିଳାଙ୍କ ଘରକୁ ଯାଇ ନିଜକୁ ଆଇନଜୀବୀ ବୋଲି ପରିଚୟ ଦେଇ ବିଶ୍ୱାସ ଜନ୍ମାଇଥିଲେ। ତା ପରେ ଯୁବକ ଜଣକ ମହିଳାଙ୍କ ଠାରୁ ୨୪ ଗ୍ରାମ ସୁନା ଏବଂ ନଗଦ ୬୫ ହଜାର ଟଙ୍କା ନେଇଥିଲେ। କିଛିଦିନ ପରେ ମହିଳାଙ୍କୁ ଟଙ୍କା ଓ ସୁନା ସହ ସୁଧ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ସୁନାକୁ ନେଇ ଯୁବକ ଜଣକ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ସ୍ଥିତ ମାନାପୁରମ୍ ଗୋଲ୍ଡ ଲୋନ୍ କାର୍ଯ୍ୟାଳୟରେ ବନ୍ଧା ପକାଇ ୯୮ ହଜାର ଟଙ୍କା ନେଇଥିଲେ। ଏହାପରେ ଯୁବକ ଜଣକ ମହିଳାଙ୍କ ଠାରୁ ୮ ଲକ୍ଷ ଟଙ୍କା ମାଗି ନେଇଥିଲେ। ଯାହାକି ବନ୍ଧକ ସୁନା ସହ ସମସ୍ତ ଟଙ୍କା ଫେରାଇବି ବୋଲି ମହିଳାଙ୍କୁ କହିଥିଲେ। କିଛି ଦିନ ପରେ ମହିଳା ଜଣକ ସମସ୍ତ ଟଙ୍କା ଓ ସୁନା ଫେରାଇବାକୁ କହିଥିଲେ। କିନ୍ତୁ ଯୁବକ ଜଣକ ଟଙ୍କା କିମ୍ବା ସୁନା ଫେରସ୍ତ ନକରି ଓଲଟା ଧମକଚମକ ଦେବା ସହ ଅସୌଜନ୍ୟ ଓ ଅଶ୍ଳିଳ ବ୍ୟବହାର କରିଥିଲେ। ଏନେଇ ମହିଳା ଜଣକ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରି ଯୁବକକୁ ଗିରଫ କରିବା ସହ ତା ନିକଟରୁ ଗୋଟିଏ ଆଇଫୋନ୍, ମାନାପୁରମ୍ ଗୋଲ୍ଡଲୋନ୍ ଶ୍ରୀକାକୁଲମ୍ ଶାଖାର ଏକ ରସିଦ ଜବତ କରିଛି। ଏହି ମାମଲାର ଏସ୍ଆଇ କୌତୁକା ସେଠୀ ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି। ଅଭିଯୁକ୍ତ ନାମରେ ପାରଳାଖେମୁଣ୍ଡି ଥାନାରେ ଗତବର୍ଷ ମେ ମାସ ୨୮ ତାରିଖରେ ଏଭଳି ଏକ ଠକେଇ ମାମଲା ହୋଇଥିବା ଜଣାପଡ଼ିଛି।

## ସାଡ଼ିଙ୍ଗିଆରେ ବିଏସ୍ଏଫ୍‌ର ଜନସମ୍ପର୍କ ଶିବିର



ଫିରିଙ୍ଗିଆ, ୧୨।୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆରେ ଥିବା ୧୩୬ ବାଟାଲିୟନ ବିଏସଏଫ ପକ୍ଷରୁ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ସାଡିଙ୍ଗିଆ ସରପଞ୍ଚ ସାଦମିନୀ କହଁର ଆରମ୍ଭ କରିଥିଲେ। ୧୩୬ ବାଟାଲିଆନ ବିଏସଏଫ କାମାଣ୍ଡାଣ୍ଟ ମାନସ ରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପାଙ୍ଗା ଉପରସାହିର ପୂର୍ବତନ ସରପଞ୍ଚ ସୁମିତ୍ରା କହଁର, ପାଙ୍ଗା ସମିତିସଭ୍ୟ ଦିଲୀପ ଦିଗାଲ ଓ ଇନିସ୍ପେକ୍ଟର ରାଜେଶ ସାଇନି ଯୋଗ ଦେଇଥିଲେ। ବିଏସଏଫ କ୍ୟାମ୍ପ ଆରମ୍ଭ ହେବା ଠାରୁ ଉପାନ୍ତ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ସେମାନେ କିଭଳି ଭାବରେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେହି ଲକ୍ଷ୍ୟ ରହିଥିବା ବିଏସଏଫ କାମାଣ୍ଡାଣ୍ଟ ଶ୍ରୀ ପଣ୍ଡା କହିଛନ୍ତି। ବିଗତ ଦିନରେ ଅଞ୍ଚଳରେ ମାଓ କାର୍ଯ୍ୟକଳାପ ବୃଦ୍ଧି ହୋଇଥିବା ବେଳେ ବହୁ ଧନ ଜୀବନ କ୍ଷୟକ୍ଷତି ହୋଇଛି। ଜନସାଧାରଣଙ୍କୁ ସଚେତନତା ସହ ସେମାନଙ୍କ ନିକଟତର ହୋଇ ବିଭିନ୍ନ ସହଯୋଗ କରି ସ୍ୱାସ୍ଥ୍ୟ, ଶିକ୍ଷା ତଥା ଆବଶ୍ୟକ ଘରୋଇ ଉପକରଣ ପ୍ରଦାନ କରାଯାଇ ଜନସାଧାରଣଙ୍କ ସୁଖଦୁଃଖରେ ଭାଗୀଦାର ହେଲେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜାଜେଶ ପଙ୍ଗା, ସାଡିଙ୍ଗିଆ ଓ ପାଙ୍ଗା ଉପର ସାହି ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇଥଲେ। ୨ ସହ ପଚାଶରୁ ଅଧିକ ଲୋକଙ୍କୁ ବିଭିନ୍ନ ଉପକରଣ ତଥା ବିଭିନ୍ନ କ୍ଲବକୁ ଖେଳ ସରଞ୍ଜାମ, ବାଲଟି, କଡେଇ, ଟର୍ଚ୍ଚ ଲାଇଟ, କମ୍ବଳ, ବେଡସିଟ ସହ ଅନେକ ସରଞ୍ଜାମ ବଣ୍ଟନ କରାଯାଇଥିଲା।

## ଟିକାବାଲିରେ ଉଦ୍ୟାନ କୃଷି କର୍ମଶାଳା



ଟିକାବାଲି, ୧୨।୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ସ୍ଥିତ ଉଦ୍ୟାନ କୃଷି ବିଭାଗ ପରିସରରେ ଉଦ୍ୟାନ କୃଷି ବିଭାଗର ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ଯୋଜନା ମାଧ୍ୟମରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ କଇଁଝର, ପାଡ଼ାଙ୍ଗି ପଞ୍ଚାୟତ ଅଞ୍ଚଳର ପ୍ରାୟ ୧୦୦ ଚାଷୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ପନିପରିବା, ଛତୁ, ଷ୍ଟ୍ରବେରୀ, ମସଲା ଜାତୀୟ, ଫୁଲ ଜାତୀୟ ଚାଷ ବିଷୟରେ ଜିଲ୍ଲା ଓ ଅନ୍ତଃ ଜିଲ୍ଲାସ୍ତରୀୟ ଉଦ୍ୟାନ ବିଭାଗ କୃଷି ଅଧିକାରୀ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଉପାଧ୍ୟକ୍ଷା ସାଧବଣୀ ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ସାଂସଦ ପ୍ରତିନିଧି ଜିତେନ୍ଦ୍ର କୁମାର ଡାକୁଆ, ବିଧାୟକ ପ୍ରତିନିଧି ସାରଙ୍ଗଧର କହଁର, ବ୍ଲକର ପ୍ରତ୍ୟକ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ସେହିପରି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଏଚଟିଆଇ କଳିଙ୍ଗାରୁ ସ୍ୱଦେଶ କୁମାର ଚୌଧୁରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସୁମିତ୍ରା ହେମ୍ବ୍ରମ, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ର ବୈଜ୍ଞାନିକ ଡ଼. କିରଣ କୁମାର ମହାପାତ୍ର ଯୋଗ ଦେଇଥିଲେ। ସହକାରୀ କୃଷି ଅଧିକାରୀ ରାଜେଶ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍ୟାନ କୃଷି କର୍ମଚାରୀ ପରମାନନ୍ଦ ପ୍ରଧାନ, ଦିଲୀପ ସାହୁ, ବଶ୍ୟାନନ୍ଦ କହଁର ଓ ରବି ନାୟକ ସହଯୋଗ କରିଥିଲେ।

## ଜିଲ୍ଲା ଇ-ପାଠାଗାରର ପ୍ରତିଷ୍ଠା ଦିବସ

ଫୁଲବାଣୀ, ୧୨।୨(ସମିସ): ଜିଲ୍ଲା ଇ-ପାଠାଗାରର ୭ତମ ପ୍ରତିଷ୍ଠା ଦିବସ ସୋମବାର ପାଳନ କରାଯାଇଥିଲା। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ଦେବଯାନୀ ଭୂୟାଁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଇ-ପାଠାଗାର ପାଇଁ ଚଳିତ ବର୍ଷର ପ୍ରସ୍ତୁତ ଯୋଜନା ଉନ୍ମୋଚନ କରିବା ସହିତ ଆଗାମୀ ଦିନରେ ଇ-ପାଠାଗାର ମୁଖ୍ୟତଃ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ସହଜ ଓ ସହାୟକ ନିମନ୍ତେ ସ୍ୱତନ୍ତ୍ର କୋଚିଂ, ସପ୍ତାହିକ ସେମିନାର, କ୍ୟାରିୟର କାଉନସେଲିଂ ସହ ପାଠକପାଠିକାଙ୍କ ଦରକାରୀ ସୁବିଧା ଯୋଗେଇ ଦେବା ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବରେ ବରିଷ୍ଠ ଆଇନଜୀବି ବିଜୟ ପଟ୍ଟନାୟକ ଯୋଗ ଦେଇଥିଲେ। ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଏହି ଇ-ପାଠାଗାର ଅନ୍ୟ ଜିଲ୍ଲା ପାଇଁ ରୋଲ୍ ମଡେଲ୍ ସାଜିଥିବା କହିଥିଲେ। ଓଡ଼ିଆ ଅଧାପିକା ଜ୍ୟୋତିର୍ମୟୀ କହଁର, ପୁଲିସ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବୀ ପ୍ରସାଦ ଶତପଥୀ ବକ୍ତବ୍ୟ ରଖିଥିଲେ। ସଭା ଆରମ୍ଭରୁ ସ୍ୱାତି ଅନୁଷ୍ଠାନର ପ୍ରଦୀପ ସ୍ୱାଇଁ ସଂଯୋଜନା କରିଥିଲେ। ଏହା ପରେ ଇ-ପାଠାଗାରର ପ୍ରତିଷ୍ଠାତା ସ୍ୱର୍ଗତଃ ବିରେନ୍ଦ୍ର କୁମାର ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ ସଭା ସହ ସ୍ୱର୍ଗତଃ ଦାସଙ୍କ ଫଟୋ ପୁଷ୍ପ ଅର୍ପଣ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ଲାଇବ୍ରେରିୟାନ୍ ଶିବ ସୁନ୍ଦର ସାହୁ ସ୍ୱର୍ଗତଃ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଲାଇବ୍ରେରିୟାନ୍ ପ୍ରଭାତ କୁମାର ଦାସଙ୍କ ରଚନା ଓ




ନିର୍ଦ୍ଦେଶନାରେ ବାଲ୍ୟ ବିବାହ ସଚେତନତାମୂଳକ ଏକ ନାଟକ 'ମିଲି ଆଖିରେ ଲୁହ' ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଇ-ପାଠାଗାରର ଛାତ୍ରଛାତ୍ରୀ ପରିବେଷଣ କରିଥିଲେ। ସଭା ଶେଷରେ ଚାକିରି ପାଇଥିବା ପାଠକପାଠିକା ମଧୁସ୍ମିତା ପ୍ରଧାନ ଓ ଦୀପକ ପାଢ଼ୀ ଏବଂ ପାଠାଗାରରେ ସକ୍ରିୟ ସହଯୋଗ ପାଇଁ ନୀତେଶ ପାତ୍ର ଓ ତାଙ୍କ ସହଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

## ଯୁକ୍ତ ୨ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ଟିକାବାଲି, ୧୨।୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ +୨ କଳା ଓ ବିଜ୍ଞାନ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ +୨ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏଥିରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ସଭାପତିତ୍ୱ କରି ଆସନ୍ତା ୧୮ ତାରିଖରେ +୨ ପରୀକ୍ଷା ଦେଇ କିଭଳି ସଫଳତାର ସହ ଉତ୍ତୀର୍ଣ୍ଣ ହେବେ ପରାମର୍ଶ ଦେଇଥିଲେ। ଅଧାପକ ବିଷ୍ଣୁ ପ୍ରସାଦ ରଥ, ନରେନ୍ଦ୍ର ଦିଗାଲ, ବୀରୂପାକ୍ଷ ତ୍ରିପାଠୀ, ଅମୂଲ୍ୟ ସାବତ, ରବିନାରାୟଣ ପାଣିଗ୍ରାହୀ, ବରିଷ୍ଠ କିରାଣୀ ମନୋଜ କୁମାର ଭୋଇ କଲେଜର ଶୃଙ୍ଖଳା ଓ ଆଦର୍ଶ ବୋଧକୁ ଛାତ୍ରଛାତ୍ରୀ କିପରି ରଖିବେ ସେଥିନେଇ ପରାମର୍ଶ ଦେଇଥିଲେ। ଅଭିସ୍ପା ଦିଗାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ଶ୍ରଦ୍ଧା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶୌଚାଳୟରେ ପ୍ରସବ କରି ଶିଶୁକୁ ମାରିଦେଲେ ନାବାଳିକା ମାଆ



ଦାରିଙ୍ଗବାଡି, ୧୨।୨(ସମିସ): ସ୍ୱାସ୍ଥ୍ୟକେନ୍ଦ୍ର ପାଇଖାନାରେ ଶିଶୁକୁ ଜନ୍ମ ଦେଇ ମାରିଦେଲେ ନାବାଳିକା। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଲୋମହର୍ଷଣ ଘଟଣା ଦେଖିବାକୁ ମିଳିଛି। ଦାରିଙ୍ଗବାଡି ଥାନା ଅଞ୍ଚଳର ଜଣେ ନାବାଳିକା ଗର୍ଭବତୀ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରସବ ପାଇଁ ଆସିଥିବା ବେଳେ କୌଣସି ଡାକ୍ତରଙ୍କୁ ପରାମର୍ଶ ନ କରି ଅନ୍ତଃବିଭାଗରେ ରହିଥିବା ପାଇଖାନାରେ ଏକ ଶିଶୁକୁ ପ୍ରସବ ଦେଇଥିଲେ। ପରେ ଶିଶୁକୁ ପ୍ୟାନ ଭିତରେ ପୁରେଇବାକୁ ଚେଷ୍ଟା କରିଥିଲେ। ହେଲେ ପ୍ୟାନ ଭିତରେ ଶିଶୁର ମୁଣ୍ଡ ଅଟକି ଯାଇଥିବା ଯୋଗୁଁ ନାବାଳିକା ଜଣକ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ଉକ୍ତ ଘଟଣା ବିଷୟ ରେ କହିଥିଲେ। ଏହା ପରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାରିଙ୍ଗବାଡି ଅଗ୍ନିସମ ବିଭାଗ କୁ ଫୋନ କରି ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟ ପ୍ୟାନରେ ଫସି ରହିଥିବା ଶିଶୁକୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଶିଶୁର ମୃତ୍ୟୁ ହୋଇଯାଇଥିଲା। ନାବାଳିକା ଜଣକ ରାଇକିଆର ଏକ କଲେଜରେ ଯୁକ୍ତ ଦୁଇରେ ପଢୁଛନ୍ତି। ଦେହ ଖରାପ ହେବା ହେତୁ ନିଜ ଗାଁକୁ ଆସିଥିଲେ। ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ବେଳେ ପରିସର ମଧ୍ୟରେ ଥିବା ପାଇଖାନା ଭିତରେ ନବଜାତ ଶିଶୁ ପ୍ରସବ କରିବା ପରେ ପାଇଖାନା ଗାତରେ ପୁରେଇ ଦେଇଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଏସମ୍ପର୍କରେ ପୁଲିସକୁ ଜଣାଇଥିଲେ। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଏକ ମାମଲା ରୁଜୁ କରିଥିଲା। ଏସମ୍ପର୍କରେ ପୁଲିସ ଜଣେ ଯୁବକକୁ ଅଟକ ରଖି ପଚାରଉଚରା କରୁଥିବା ଦାରିଙ୍ଗବାଡି ଥାନା ଅଧିକାରୀ କନକ କୁମାର ମାଝି କହିଛନ୍ତି।

# ୧୦୩ ଗାଁର ଲୋକେ ପାଇବେ ବଂଶଧାରାର ପାନୀୟ ଜଳ

କାଶୀନଗର, ୧୨।୨(ସମିସ)



ଗଜପତି ଜିଲ୍ଲା କାଶୀନଗରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ନିମନ୍ତେ ନୂତନ ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି। ଯାହାକି ଆଗାମୀ ଦିନରେ ଗଜପତି ଜିଲ୍ଲାର କାଶୀନଗର ଓ ଗୁମ୍ମା ବ୍ଲକର ୧୦୩ ଗ୍ରାମର ଗ୍ରାମବାସୀ ପାଇବେ ପାନୀୟ ଜଳ। ପୂର୍ବରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନୀୟ ଜଳର ଅସୁବିଧା ରହିଥିବା ବେଳେ, କାଶୀନଗର ଓ ଗୁମ୍ମା ବ୍ଲକରେ ମଧ୍ୟ ବିଭିନ୍ନ ଗ୍ରାମରେ ପାନୀୟ ଜଳର ଅଭାବ ରହିଛି। ବର୍ତ୍ତମାନ ଦୁଇ ବ୍ଲକର ୧୦୩ ଗ୍ରାମରେ ଥିବା ପ୍ରତ୍ୟେକ ଘରେ ପାନୀୟ ଜଳର ସୁବିଧା ଯୋଗାଇବା ପାଇଁ ବ୍ୟବସ୍ଥା ହୋଇଛି। ସୂଚନା ମୁତାବକ ଉକ୍ତ ଦୁଇ ବ୍ଲକର ପାନୀୟ ଜଳର ସମସ୍ୟାକୁ କେନ୍ଦ୍ର କରି ପୂର୍ବ ସରକାର ୨୦୨୦ ମସିହା ସେପ୍ଟେମ୍ବର ମାସ ୨୯ ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏକ ପ୍ରକଳ୍ପ କରିବା ପାଇ ନିର୍ଦ୍ଦେଶ ହୋଇଥିଲା। ବଂଶଧାରା ନଦୀରୁ ପାନୀୟ ଜଳ ଯୋଗାଣ କରିବା ନେଇ ଏହି ପ୍ରକଳ୍ପ କାଶୀନଗର ବ୍ଲକ ଖାଣ୍ଡବା ପଞ୍ଚାୟତ ବାଡିଗାଁ ଗ୍ରାମ ନିକଟସ୍ଥ ନଦୀ ମୁହାଣରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉକ୍ତ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇ ଯେପରି ୧୦୩ ଗ୍ରାମର ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇ ନିର୍ଦ୍ଦେଶ ହୋଇଥିବା ବେଳେ ବର୍ତ୍ତମାନ ପ୍ରକଳ୍ପ ଶେଷ ପର୍ଯ୍ୟୟରେ ପହଞ୍ଚିଥିବା କୁହାଯାଉଛି। ଉକ୍ତ ପ୍ରକଳ୍ପ ଆରମ୍ଭ ହେବା ପରେ ପାନୀୟ ଜଳର ସମସ୍ୟା ଦୂର ହେବ ବୋଲି ବ୍ଲକ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଶୀତ ମାସ ଶେଷ ନ ହେବା ପୂର୍ବରୁ ବହୁ ମାତ୍ରାରେ ଖରା ହେଉଥିବା ଦେଖିବାକୁ ମିଳିଛି।

### ଶେଷ ପର୍ଯ୍ୟାୟରେ ପାନୀୟ ଜଳ ପ୍ରକଳ୍ପ

ଆଗାମୀ ଦିନରେ ଯଦି ପ୍ରଚଣ୍ଡ ଖରା ହୁଏ ପାନୀୟ ଜଳ ସମସ୍ୟା ନିଶ୍ଚିତ ଭାବରେ ହେବାର ସମ୍ଭାବନା ରହିଛି। ଯଦି ଉକ୍ତ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୁଏ ତାହାହେଲେ ପାନୀୟ ଜଳ ସମସ୍ୟା ରହିବ ନାହି ବୋଲି କୁହାଯାଇଛି। କିଛି ଦିନ ପୂର୍ବେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ ଉକ୍ତ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରିଥିବା ବେଳେ ଅତିଶୀଘ୍ର ଉକ୍ତ ପ୍ରକଳ୍ପ ଆରମ୍ଭ କରିବା ନେଇ କର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି।

## ମଣ୍ଡିରେ ଧାନକ୍ରୟ କରିବାକୁ ଚାଷୀଙ୍କ ଦାବି



ପାରଳାଖେମୁଣ୍ଡି, ୧୨।୨(ସମିସ): ଗଜପତି ଜିଲ୍ଲା ଝାମୀ ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀଙ୍କ ଠାରୁ ଧାନକ୍ରୟ କରାଯାଉ ନ ଥିବା ଅଭିଯୋଗ ହୋଇଛି। ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଝାମୀ ପ୍ରାଥମିକ କୃଷି ସମବାୟ ସମିତିର ଧାନ କ୍ରୟ କରାଯାଉଛି। ଏଥିରେ ମୋଟ ୩୨୫ ଜଣ ଚାଷୀଙ୍କ ଠାରୁ ଧାନକ୍ରୟ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ୧୩୫ ଜଣ ଚାଷୀଙ୍କ ଠାରୁ ମଣ୍ଡିରେ ଧାନ କ୍ରୟ କରାଯାଇଛି। ଅବଶିଷ୍ଟ ଚାଷୀଙ୍କ ଠାରୁ ମଣ୍ଡିରେ ଧାନକ୍ରୟ କରାଯାଉ ନ ଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେମାନଙ୍କୁ ଯେଉଁ ଟୋକେନ୍ ମିଳିଛି ଦିନେ ଦୁଇ ଦିନ ମଧ୍ୟରେ ତାର ସମୟସୀମା ଶେଷ ହୋଇଯିବ ବୋଲି ଚାଷୀ କହିଛନ୍ତି। ମଣ୍ଡିର ଧାର୍ଯ୍ୟ କ୍ଷମତା ଠାରୁ କମ୍ ଟାର୍ଗେଟ୍ ଦିଆଯାଇଥିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଚାଷୀଙ୍କ ଠାରୁ ଉକ୍ତ ସମସ୍ୟା ବିଷୟରେ ଜାଣିବା ପରେ ଟୋକେନ୍ ଅବଧି ବଢ଼ାଯିବ ବୋଲି କହିଥିବା ସେମାନେ ଜଣାଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୯୨ ● ପାଉଣ୍ଡ ୧୦୮.୨୯
- ୟୁରୋ ୯୦.୨୦ ● ୟେନ୍ ୦.୫୬

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୭୯,୪୦୦ (ଭୁବନେଶ୍ୱର)
- ରୁପା : ୯୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୧୭୧.୦୦
- ନିଫ୍ଟି ୨୩,୦୪୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଆସିବ ନୂଆ ଗଭର୍ଣ୍ଣରଙ୍କ ହସ୍ତାକ୍ଷର ଥିବା ୫୦ ଟଙ୍କିଆ ନୋଟ୍



ମୁମ୍ବାଇ,୧୨।୨(ଏଜେନ୍ସି): ଖୁବ୍ ଶୀଘ୍ର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୫୦ ଟଙ୍କାର ନୂଆ ନୋଟ୍ ଜାରି କରିବ। ଏହି ନୋଟ୍ ଖୁବ୍ ଶୀଘ୍ର ବଜାରକୁ ଆସିବ। ଏହି ନୂଆ ନୋଟ୍‌ରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ସ୍ୱାକ୍ଷର ରହିବ। ମାଲହୋତ୍ରା ଗତ ଡିସେମ୍ବରରେ ଆରବିଆଇ ନୂଆ ଗଭର୍ଣ୍ଣର ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବତନ ଗଭର୍ଣ୍ଣର ଶକ୍ତି କାନ୍ତ ଦାସଙ୍କ ଅବସର ପରେ ତାଙ୍କ ସ୍ଥାନରେ ମାଲହୋତ୍ରା ଙ୍କୁ ନିଯୁକ୍ତି ମିଳିଛି। ଆରବିଆଇ ତାର ବୟାନରେ କହିଛି ଯେ ଜାରି ହେବାକୁ ଥିବା ନୋଟ୍‌ର ଡିଜାଇନ ମହାତ୍ମା ଗାନ୍ଧୀ ନୂଆ ସିରିଜ୍‌ର ୫୦ ଟଙ୍କା ନୋଟ୍ ଭଳି ରହିବ। ଏହା ସହିତ ପୂର୍ବରୁ ପ୍ରଚଳିତ ୫୦ ଟଙ୍କା ନୋଟ୍ ଗୁଡିକ ମଧ୍ୟ ବଜାରରେ ବୈଧ ରହିବ। ପୂର୍ବରୁ ଜାରି ହୋଇଥିବା ମହାତ୍ମା ଗାନ୍ଧୀ ସିରିଜ ନୋଟର ଆକାର ୫୬ମିମି X ୧୩୫ ମିମି ଥିଲା। ଏହି ନୋଟ୍ ଗୁଡିକର ରଙ୍ଗ ଫ୍ଲୋରୋସେଣ୍ଟ ବ୍ଲୁ ଥିଲା। ନୋଟ୍‌ଗୁଡିକରେ ରଥ ସହିତ ହାମ୍ପି ମନ୍ଦିରର ଫଟୋ ରହିଛି, ଯାହା ଭାରତର ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରୁଛି। ଏଠାରେ ସୂଚନାଯୋଗ୍ୟ ଯେ, ଭାରତରେ ୨ ହଜାର ଟଙ୍କିଆ ନୋଟ୍‌କୁ ଆରବିଆଇ ଦେଢ଼ ବର୍ଷ ପୂର୍ବେ ବନ୍ଦ କରିଦେଇଛି।

**ପୁଣି ଗହମ ଦର ଆକାଶଛୁଆଁ**

# ମହଙ୍ଗା ହେବ ରୁଟି, ପାଉଁରୁଟି, ବିସ୍କୁଟ

ନୂଆଦିଲ୍ଲୀ,୧୨।୨(ଏଜେନ୍ସି)

ଦେଶରେ ସମ୍ପ୍ରତି ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିବାରେ ଲାଗିଛି। ଏହା ସହ ତାଳ ଦେଇ ବଢୁଛି ଗହମ ମୂଲ୍ୟ। ଗହମ ଦର ଏବେ ଏହାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ଠାରୁ ବହୁ ଉପରେ ରହିଛି। ଏବେ ବି ଦେଶର ଅନେକ ମଣ୍ଡିରେ ଗହମ ଦର ଏମ୍‌ଏସ୍‌ପିଠାରୁ ୮୦୦ ଟଙ୍କା ଉଚ୍ଚ ଦରରେ ବିକ୍ରି ହେଉଛି। ଗହମ ମୂଲ୍ୟ ବଢୁଥିବାରୁ ଏଥିରୁ ପ୍ରସ୍ତୁତ ହେଉଥିବା ଅଟା, ସୁଜି, ମଇଦା ଭଳି ସାମଗ୍ରୀ ମଧ୍ୟ ମହଙ୍ଗା ହେବା ଆଶାଙ୍କା କରାଗଲାଣି। ଗହମ ଦର ବଢୁଥିବାରୁ ଅଟା ସହିତ ଏଥିରୁ ତିଆରି ହେଉଥିବା ଖାଦ୍ୟପଦାର୍ଥଗୁଡିକର ଦର ମଧ୍ୟ ବଢ଼ିଯାଇଛି। ଅଧୁରି ମଧ ଗହମରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଯେପରିକି ରୁଟି, ପାଉଁରୁଟି,ବିସ୍କୁଟ ମୂଲ୍ୟ ଆଗାମୀ ଦିନରେ ମହଙ୍ଗା ହେବାକୁ ଯାଉଥିବା ଏବେଠାରୁ ଜଳଜଳ ଦିଶୁଛି, ଯାହା ବର୍ତ୍ତମାନ ଖାଉଟିଙ୍କ ଲାଗି ମୁଣ୍ଡ ବିନ୍ଧାର କାରଣ ସାଜିଛି।

ବର୍ତ୍ତମାନ ବଜାରରେ ଗହମ ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୨,୨୭୫ ଟଙ୍କା ରହିଛି। ହେଲେ କେତେକ ମଣ୍ଡିରେ ଗହମ କ୍ୱିଣ୍ଟାଲ ପିଛା ୩,୧୧୦ ଟଙ୍କା ଦରରେ କାରବାର ହେଉଛି। ଫଳରେ



**ଗହମ କ୍ୱିଣ୍ଟାଲ ୩,୧୧୦ଟଙ୍କା**

କ୍ୱିଣ୍ଟାଲ ପିଛା ଏହାର ମୂଲ୍ୟ ୮୦୦ ଟଙ୍କା ବୃଦ୍ଧି ହୋଇଥିବା ଦେଖିବାକୁ ମିଳୁଛି। ଏବେ ବଜାରରେ ଗହମ ପ୍ରତି କ୍ୱିଣ୍ଟାଲ ୨,୭୫୮ ଟଙ୍କାରୁ ଆରମ୍ଭ କରି ୩,୦୧୦ ଟଙ୍କାରେ କାରବାର ହେଉଛି। ସେହିପରି ଧାନ କ୍ୱିଣ୍ଟାଲ ପିଛା ୨,୪୦୨ଟଙ୍କାରୁ ୩,୦୧୦ ଟଙ୍କା ମଧ୍ୟରେ କାରବାର ହେଉଛି। ହେଲେ କେବଳ ଗହମ କି ଧାନ ନୁହେଁ ଚାଉଳ ଓ ଡାଲି ଦରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ଦେଶରେ ସମ୍ପ୍ରତି ଡାଲି ଓ ଚାଉଳ ମୂଲ୍ୟରେ ମଧ ବିଗତ କିଛି ମାସ ହେବ ବୃଦ୍ଧି ଦେଖିବାକୁ ମିଳିଛି। ବାସମତୀ ଚାଉଳ କ୍ୱିଣ୍ଟାଲ ପିଛା ୭,୦୦୨ରୁ ୮,୫୦୩ ଟଙ୍କା ମଧ୍ୟରେ କାରବାର ହେଉଛି। ଏହାଛଡା ମୁଗ ଡାଲି କ୍ୱିଣ୍ଟାଲ ପିଛା ୮,୫୦୩ ରୁ ୧୦,୩୦୩ ଟଙ୍କା ମଧ୍ୟରେ କାରବାର ହେଉଥିବାବେଳେ ବିରିଡାଲି ୯,୦୦୨ ରୁ ୯,୭୦୩ ଟଙ୍କା ଏବଂ ହରଡ ଡାଲି କ୍ୱିଣ୍ଟାଲ ପିଛା ୮,୦୦୩ ରୁ ୧୩,୦୨୦ ଟଙ୍କା ମଧ୍ୟରେ କାରବାର ଚାଲିଛି।

# ଲୋକସଭାରେ ଆଜି ଉପସ୍ଥାପିତ ହେବ ନୂଆ ଆୟକର ବିଲ୍

ନୂଆଦିଲ୍ଲୀ, ୧୨।୨ (ଏଜେନ୍ସି)

ଆଗକୁ ସହଜ ହେବ ରିଟର୍ଣ୍ଣ ଦାଖଲ। ଫେବୃୟାରୀ ୧୩ ଅର୍ଥାତ୍ ଗୁରୁବାର ଲୋକସଭାରେ ଉପସ୍ଥାପିତ ହେବ ନୂଆ ଆୟକର ବିଲ୍। ଗତ ସପ୍ତାହରେ ନୂଆ ଆୟକର ବିଲ୍‌କୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ଦେଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ବଜେଟ୍‌ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ନୂତନ ଆୟକର ବିଲ୍ ଆଣିବା ନେଇ ଘୋଷଣା କରିଥିଲେ। ବିଲ୍ ଆଗତ କରାଯିବା ପରେ ଏହା ଉପରେ ବିସ୍ତୃତ ଆଲୋଚନା ପାଇଁ ତାହାକୁ ଲୋକସଭାର ସିଲେକ୍ସନ କମିଟିକୁ ନିକଟକୁ ପଠାଯିବ। ବିଲର ଏକ ନକଲ ଲୋକସଭା ସଦସ୍ୟମାନଙ୍କୁ ପଠାଯାଇଛି। ନୂଆ ଆୟକର ବିଲ୍ ଆଇନରେ ପରିଣତ ହେବା ପରେ, କରଦାତାଙ୍କ ଲାଗି ଆୟକର ରିଟର୍ଣ୍ଣ ଦାଖଲ କରିବା ଆହୁରି ସହଜ ହୋଇଯିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ଏହି ନୂଆ ଆୟକର ବିଲ୍ ବିଦ୍ୟମାନ ଆୟକର ଆଇନ ୧୯୬୧




ସ୍ଥାନରେ କାର୍ଯ୍ୟକାରୀ କରାଯିବ। ଅର୍ଥମନ୍ତ୍ରୀ ପ୍ରଥମେ ବଜେଟରେ ଆୟକର ଅଧିନିୟମ ୧୯୬୧ର ଏକ ବ୍ୟାପକ ସମୀକ୍ଷା ନେଇ ଘୋଷଣା କରିଥିଲେ। ସମୀକ୍ଷା ତଦାରଖ କରିବା, ଆଇନକୁ ସଂକ୍ଷିପ୍ତ, ସ୍ୱଷ୍ଟ ଏବଂ ବୁଝିବା ସହଜ କରିବା ପାଇଁ ସିବିଡିଟି ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିଥିଲା। ଅର୍ଥମନ୍ତ୍ରୀ ଫେବୃଆରୀ ୮ରେ ବିଲ୍ ସମ୍ପର୍କରେ ସୂଚନା ଦେଇଥିଲେ। ସଂସଦୀୟ କମିଟି ବିଲ୍ ଉପରେ ସୁପାରିଶ କରିବା ପରେ ଏହି ବିଲ୍‌କୁ କ୍ୟାବିନେଟ୍ ନିକଟକୁ ପଠାଯିବ। କ୍ୟାବିନେଟର ଅନୁମୋଦନ ପରେ ଏହାକୁ ପୁଣିଥରେ ସଂସଦରେ ଉପସ୍ଥାପନ କରାଯିବ। ନୂତନ ଆୟକର ବିଲ୍ ୨୦୨୫ କିମ୍ବା ନୂତନ ପ୍ରତ୍ୟକ୍ଷ ଟିକସ ସଂହିତା ଭାରତର ଟିକସ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଏକ ବୃହତ୍ତର ପ୍ରୟାସର ଏକ ଅଂଶ। ଏହା ବିଦ୍ୟମାନ ଟିକସ ଢାଞ୍ଚାକୁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବା ପାଇଁ ସଂସ୍କାର ଆଣିବାକୁ ଲକ୍ଷ୍ୟ ରଖିଥିବବା ଅର୍ଥମନ୍ତ୍ରୀ କହିଛନ୍ତି।

**■ ପୁଣି ବିବାଦୀୟ ବୟାନ ଦେଇ ଚର୍ଚ୍ଚାରେ ଏଲ୍‌ଆଣ୍ଡଟି ଅଧ୍ୟକ୍ଷ**

# 'ଭାରତରେ ଶ୍ରମିକ କାମ କରିବାକୁ ନାରାଜ'

ଚେନ୍ନାଇ,୧୨।୨(ଏଜେନ୍ସି)

ପୂର୍ବରୁ କର୍ମ ଜୀବନରେ ସନ୍ତୁଳନତା ନେଇ ବିବାଦୀୟ ବୟାନ ଦେଇଥିବା ଏଲ୍‌ଆଣ୍ଡଟି ଅଧ୍ୟକ୍ଷ ଏସ.ଏନ.ସୁବ୍ରମଣ୍ୟନ୍ ଏବେ ପୁଣି ଥରେ ବିବାଦ ଘେରକୁ ଆସିଛନ୍ତି। ଏଥର ସୁବ୍ରମଣ୍ୟନ୍ ଦେଶର ଶ୍ରମିକମାନଙ୍କ ଉପରେ ଟିପ୍ପଣୀ କରିଛନ୍ତି। ସେ କହିଛନ୍ତି ଯେ , 'ଭାରତରେ ଶ୍ରମିକମାନେ କାମ କରିବାକୁ ପ୍ରସ୍ତୁତ ନୁହନ୍ତି'। ବିଶେଷକରି ସରକାରଙ୍କ କଲ୍ୟାଣକାରୀ ଯୋଜନା କାରଣରୁ ଶ୍ରମିକମାନେ ଘର ଛାଡି ବାହାରକୁ କାମ କରିବାକୁ ଯାଉନାହାଁନ୍ତି ବୋଲି ସେ କହିଛନ୍ତି।

ନିକଟରେ ସେ କର୍ମକ୍ଷେତ୍ରରେ ୯୦ ଘଣ୍ଟାର କାର୍ଯ୍ୟ ସପ୍ତାହ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। କରିଥିଲେ। ଏହାପରେ ତାଙ୍କୁ ସାରା ଦେଶରେ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡିଥିଲା। ସୁବ୍ରମଣ୍ୟନ୍ ଚେନ୍ନାଇଠାରେ ଚାଲିଥିବା ସିଆଇଆଇର 'ମିଷ୍ଟିକ୍ ସାଉଥ୍ ଗ୍ଲୋବାଲ ଲିଙ୍କେଜ ସମ୍ମିଟ୍-୨୦୨୫'କୁ ସମ୍ବୋଧିତ କରି ନିର୍ମାଣ ଉଦ୍ୟୋଗ ଲାଗି ଶ୍ରମିକ ମିଳିବା କଷ୍ଟକର ବୋଲି କହିଛନ୍ତି। ତାଙ୍କ ମତରେ ଶ୍ରମିକମାନେ ଆରାମ କାରଣରୁ ନିଜ ଘରଠାରୁ ବାହାରକୁ ଯାତ୍ରା କରିବାକୁ ଆଗ୍ରହୀ ହେଉ ନ ଥିବା କହିଛନ୍ତି। ସେ କହିଛନ୍ତି ଯେ ମନରେଗା, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ (ଡିବିଟି) ଓ ଜନଧନ ଖାତା ଭଳି ଯୋଜନା ଯୋଗୁ ଶ୍ରମିକ ସଂଗ୍ରହ ଉପରେ ପ୍ରଭାବ ପଡୁଛି। ଅବସର ନିମନ୍ତେ ଶ୍ରମିକ ଆଗକୁ ବଢିବାକୁ ପ୍ରସ୍ତୁତ ନୁହନ୍ତି

**ସରକାରୀ କଲ୍ୟାଣକାରୀ ଯୋଜନା କାରଣରୁ ଘରଛାଡ଼ି ବାହାରକୁ ଯାଉନାହାଁନ୍ତି**



ବୋଲି ସେ କହିଛନ୍ତି। ହୋଇପାରେ ସେମାନଙ୍କ ସ୍ଥାନୀୟ ଅର୍ଥ ବ୍ୟବସ୍ଥା ଭଲ ହୋଇଥାଇପାରେ, ହୁଏତ ଏହା ବିଭିନ୍ନ ସରକାରୀ ଯୋଜନା କାରଣରୁ ମଧ ହୋଇପାରେ ବୋଲି ସୁବ୍ରମଣ୍ୟନ୍ କହିଛନ୍ତି। ଶ୍ରମିକଙ୍କ ଅଭାବ ଯୋଗୁ ଭାରତର ଭିତ୍ତିଭୂମି ନିର୍ମାଣ ଉପରେ ପ୍ରଭାବ ପଡିବାକୁ ଯାଉଛି। ଭାରତକୁ ଚାକିରି ଛାଡ ବା ଆଟ୍ରିସନ୍ ହାର ଜନିତ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସେ କହିଛନ୍ତି ଯେ ଏଲ୍‌ଆଣ୍ଡଟିକୁ ୪ ଲକ୍ଷ କର୍ମଚାରୀଙ୍କ ଆବଶ୍ୟକତା ରହିଛି। ହେଲେ ଆମକୁ ୧୬ ଲକ୍ଷ କର୍ମଚାରୀଙ୍କୁ ନିଯୁକ୍ତ କରିବାକୁ ପଡୁଛି। ସେ ମୁଦ୍ରାସ୍ଫୀତି ଅନୁରୂପ ଶ୍ରମିକଙ୍କ ଲାଗି ବେତନରେ ସଂଶୋଧନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ମଧ୍ୟପ୍ରାଚ୍ୟରେ ଶ୍ରମିକଙ୍କ ସଂଖ୍ୟା ଭାରତ ତୁଳନାରେ ୩ରୁ ସାଢେ ୩ ଗୁଣା ଅଧିକ।

ଲାର୍ସନ ଆଣ୍ଡ ଟୁବ୍ରୋ ମୁଖ୍ୟ ଗତମାସରେ କହିଥିଲେ ଯେ, ସେ ଚାହାନ୍ତି ତାଙ୍କ କର୍ମଚାରୀ ରବିବାର ମଧ କାମ କରନ୍ତୁ। ଏହା ମଧ କହିଥିଲେ ଯେ ସେ ନିଜେ ରବିବାର ମଧ କାମ କରନ୍ତି। ଏହି ବିତର୍କରେ ଅଦାର ପୁନାୱାଲା, ଆନନ୍ଦ ମହିନ୍ଦ୍ରା ଓ ଆଇଟିସିର ସଞ୍ଜୀବ ପୁରୀଙ୍କ ଭଳି ଉଦ୍ୟୋଗ ଜଗତର ନେତୃବୃନ୍ଦ ଉତ୍ପାଦକତା ଲାଗି କର୍ମଜୀବନ ସନ୍ତୁଳନତାର ଆବଶ୍ୟକତାଉପରେଗୁରୁତ୍ୱଦେଇଥିଲେ।

# ମହଙ୍ଗା ହେବ ଅନ୍ତର୍ଜାତୀୟ ଉଡ଼ାଣ

**ୟୁଜର୍ ଶୁଳ୍କ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଲା ବିମାନବନ୍ଦର ଅପରେଟର୍**

ନୂଆଦିଲ୍ଲୀ,୧୨।୨(ଏଜେନ୍ସି)

ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇଏ) ରୁ ଆଗାମୀ ଦିନରେ ଉଡ଼ାଣ ଏବଂ ଅବତରଣ ମହଙ୍ଗା ହେବ। ଜିଏମ୍‌ଆର୍ ଗ୍ରୁପ୍ ନେତୃତ୍ୱାଧୀନ ଦିଲ୍ଲୀ ବିମାନବନ୍ଦର ଅପରେଟର ଡାଏଲ୍ ଇକୋନୋମୀ ଏବଂ ବିଜ୍‌ନେସ୍ ଶ୍ରେଣୀର ଯାତ୍ରୀଙ୍କ ପାଇଁ ଏବଂ ପିକ୍ ଓ ଅଣ-ପିକ୍ ଆୱାର ବା ସମୟ ପାଇଁ ଭିନ୍ନ ଭିନ୍ନ ଉପଭୋକ୍ତା ଶୁଳ୍କ ଆଦାୟ କରିବା ପାଇଁ ପ୍ରସ୍ତାବ ଦେଇଛି। ଏହା ପରେ ଏଠାରେ ଯାତ୍ରୀଙ୍କ ପାଇଁ ଅନ୍ତର୍ଜାତୀୟ ଉଡ଼ାଣ ମହଙ୍ଗା ହେବ। ଖୁବ୍ ଶୀଘ୍ର ଏହା କାର୍ଯ୍ୟକାରୀ ହେବା ବୋଲି ଜଣାପଡିଛି। ଏପ୍ରିଲ ୨୦୨୪ରୁ ମାର୍ଚ୍ଚ ୨୦୨୯ ପର୍ଯ୍ୟନ୍ତ ପ୍ରସ୍ତାବିତ ଚତୁର୍ଥ ଟାରିଫ୍ ନିୟନ୍ତ୍ରଣ ଅବଧି ପାଇଁ ଏହାର ପ୍ରସ୍ତାବରେ କହିଛି ଯେ ଅନ୍ତର୍ଜାତୀୟ ବିମାନରେ ଇକୋନୋମୀ ଏବଂ ବିଜନେସ୍ ଶ୍ରେଣୀର ଯାତ୍ରୀମାନଙ୍କ ପାଇଁ ଭିନ୍ନ ଭିନ୍ନ ଉପଭୋକ୍ତା ବିକାଶ ଶୁଳ୍କ ଆଦାୟ କରାଯିବା ଉଚିତ୍। ଅନ୍ତର୍ଜାତୀୟ ଉଡ଼ାଣ ଭରୁଥିବ।



ଇକୋନୋମୀ ଶ୍ରେଣୀର ଯାତ୍ରୀଙ୍କ ପାଇଁ ପ୍ରସ୍ତାବିତ ୟୁଡିଏଫ୍ ୪୩୦ ଟଙ୍କାରୁ ୮୧୦ ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି। ସେହିଭଳି ବିଜନେସ୍ ଶ୍ରେଣୀର ଯାତ୍ରୀଙ୍କ ପାଇଁ ୮୬୦ ଟଙ୍କାରୁ ୧୬୨୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ସ୍ଥିର କରାଯାଇଛି। ବିମାନବନ୍ଦର ଅର୍ଥନୈତିକ ନିୟାମକ ପ୍ରାଧିକରଣକୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ, ପ୍ରଥମ ଦୁଇ ବର୍ଷ ୨୦୨୫-୨୬ ଏବଂ ୨୦୨୬-୨୭ ପାଇଁ ପ୍ରତ୍ୟେକ ଇକୋନୋମି କ୍ଲାସ ଯାତ୍ରୀଙ୍କ ପାଇଁ ୮୧୦ ଟଙ୍କା ଏବଂ ତା'ପରେ ୨୦୨୭-୨୮ ଏବଂ ୨୦୨୮-୨୯ ପାଇଁ ୪୩୦ ଟଙ୍କା ୟୁଡିଏଫ୍ ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି। ଆନ୍ତର୍ଜାତୀୟ ବିମାନରୁ ଓହ୍ଲାଇବା ପାଇଁ ଇକୋନୋମି କ୍ଲାସ ଯାତ୍ରୀଙ୍କ ପାଇଁ ପ୍ରସ୍ତାବିତ ଶୁଳ୍କ ପ୍ରଥମ ଦୁଇ ବର୍ଷ ପାଇଁ ବ୍ୟକ୍ତି ପିଛା ୨୮୦ ଟଙ୍କା ଏବଂ ୨୦୨୫-୨୦୨୯ ନିୟନ୍ତ୍ରଣ ଅବଧିର ଶେଷ ଦୁଇ ବର୍ଷ ପାଇଁ ୧୫୦ ଟଙ୍କା ରହିଛି । ସେହିଭଳି ବିଜନେସ୍ ଶ୍ରେଣୀର ଯାତ୍ରୀଙ୍କ କ୍ଷେତ୍ରରେ, ୨୦୨୫-୨୬ ଏବଂ ୨୦୨୬-୨୭ ପାଇଁ ପ୍ରତି ବ୍ୟକ୍ତି ୫୬୦ ଟଙ୍କା ଏବଂ ୨୦୨୭-୨୮ ଏବଂ ୨୦୨୮-୨୯ ପାଇଁ ପ୍ରତି ବ୍ୟକ୍ତି ୩୦୦ ଟଙ୍କା ସୁପାରିସ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଦିଲ୍ଲୀ ବିମାନବନ୍ଦରରେ ସାଧାରଣତଃ ସକାଳ ୫ଟାରୁ ୮.୫୫ ଟା ଏବଂ ସନ୍ଧ୍ୟା ୬ଟାରୁ ୮.୫୫ ଟା ପର୍ଯ୍ୟନ୍ତ ବ୍ୟସ୍ତ ବହୁଳ ସମୟ ଥାଏ। ଡାଏଲ୍ ଘରୋଇ ବିମାନ ଯାତ୍ରାରେ ଚଢ଼ିବା ଏବଂ ଓହ୍ଲାଇବା ପାଇଁ ପିକ୍ ଏବଂ ନନ୍-ପିକ୍ ସମୟ ପାଇଁ ଭିନ୍ନ ଭିନ୍ନ ଉପଭୋକ୍ତା ଶୁଳ୍କ ଲାଗୁ କରିବାକୁ ପ୍ରସ୍ତାବ ଦେଇଛି। ଏଜେନ୍ସି କହିଛି ଯେ ଘରୋଇ ବିମାନ ଯାତ୍ରୀଙ୍କ ପାଇଁ ପ୍ରସ୍ତାବିତ ଶୁଳ୍କ ଭିଡ଼ ସମୟରେ ବ୍ୟକ୍ତି ପିଛା ୩୧୫ ଟଙ୍କାରୁ ୬୨୦ ଟଙ୍କା ପର୍ଯ୍ୟନ୍ତ ରହିବ।

# ନାଲ୍‌କୋ ପକ୍ଷରୁ ସର୍ବଭାରତୀୟ ଭେଣ୍ଡର ମିଟ୍



ଭୁବନେଶ୍ୱର, ୧୨।୨(ସମିସ): ନାଲ୍‌କୋ ପକ୍ଷରୁ ଭୁବନେଶ୍ୱରସ୍ଥିତ ନାଲକୋ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ସେଣ୍ଟରଠାରେ 'ଏକତାରେ ପ୍ରଗତି' ଥିମ୍ ଉପରେ ଆଧାରିତ ସର୍ବଭାରତୀୟ ଭେଣ୍ଡର ମିଟ୍ ୨୦୨୫ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାଲକୋକୁ ବିଭିନ୍ନ ଆନୁଷଙ୍ଗିକ ଏବଂ ଉପଯୋଗୀ ଅଂଶ, କଞ୍ଚାମାଲ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଥିବା ବିକ୍ରେତା ଏବଂ ପ୍ରୋକ୍ୟୋରମେଣ୍ଟ ପଲିସି ଡିଭିଜନ(ବ୍ୟୟ ବିଭାଗ, ଭାରତ ସରକାର), ଏମଏସଏମଇ, ଜେମ ତଥା ନାଲକୋର ଅଧିକାରୀମାନେ କମ୍ପାନୀର କ୍ରୟ ସମ୍ବନ୍ଧୀୟ ନୀତି ନିୟମ, ଜେମ କ୍ରୟ ପ୍ରକ୍ରିୟା, ଏମଏସଏମଇ ସମ୍ବନ୍ଧୀୟ ସୂଚନା ଏବଂ ଟିଆରଇଡିଏସ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଉପସ୍ଥାପନା ଏବଂ ବିସ୍ତୃତ ଆଲୋଚନା କରାଯାଇଥିଲା। ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏଥିସହ ସହ ନାଲକୋର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ ଏବଂ ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମାଙ୍କ ସମେତ ସାର୍ବଜନୀନ କ୍ରୟ ବିଭାଗ (ଅର୍ଥ ମନ୍ତ୍ରଣାଳୟ) ର ନିର୍ଦ୍ଦେଶକ ମନୀଷ ଭାଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାର୍ବଜନୀନ କ୍ରୟ ବିଭାଗ,ଏମଏସଏମଇ, ଆରଏକ୍ସଆଇଏଲ, ଜେମ ଏବଂ ନାଲକୋର ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।

**ଟେଲିକମ୍ କମ୍ପାନୀଙ୍କ ପାଇଁ ଟ୍ରାଇର ନୂଆ ନିୟମ**

# ୧୦ ଟଙ୍କିଆ ଟପ୍ ଅପ୍ ଭାଉଚର ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୧୨।୨(ଏଜେନ୍ସି)

ଏଣିକି ଟେଲିକମ୍ କମ୍ପାନୀଗୁଡିକ ଟୁ-ଜି ଫିଚର ଫୋନ ବ୍ୟବହାରକାରୀଙ୍କ ଲାଗି ଭଏସ୍ ଓ ଏସ୍‌ଏମ୍‌ଏସ୍ ସେବା ବ୍ୟବହାର କରିବା ପାଇଁ ସ୍ୱତନ୍ତ୍ର ଟାରିଫ ଭାଉଚର (ଏସ୍‌ଟିଭି) ଆଣିବେ। ଏହାକୁ କରିବା ଅପରେଟରମାନଙ୍କ ଲାଗି ବାଧ୍ୟତାମୂଳକ କରାଯାଇଛି। ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ଦେଶର ୧୨୦ କୋଟିରୁ ଅଧିକ ମୋବାଇଲ ବ୍ୟବହାରକାରୀଙ୍କ ପାଇଁ ନୂଆ ନିୟମ ଆଣିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଯାହାଦ୍ୱାରା ଲୋକଙ୍କ ପାଇଁ ଲାଗି ମୋବାଇଲ ବ୍ୟବହାର ସହଜ, ଶସ୍ତା ଓ ସୁବିଧାଜନକ ହୋଇପାରିବ।

ଟ୍ରାଇର ଏହି ପଦକ୍ଷେପ ବିଶେଷ କରି



**ଏସ୍‌ଟିଭି ଭାଉଚର୍‌ର ଭାଲିଡିଟି ୩୬୫ ଦିନ ହେଲା**

ଗ୍ରାମୀଣ ଅଞ୍ଚଳ, ବୟସ୍କ ଓ ସେହି ୟୁଜରଙ୍କ ନିମନ୍ତେ ଲାଭଦାୟକ ଯେଉଁମାନେ କେବଳ ଭଏସ୍ ଓ ଏସ୍‌ଏମ୍‌ଏସ୍ ସେବା ଆବଶ୍ୟକ କରୁଛନ୍ତି। ଏବେ ଏସ୍‌ଟିଭି ଭାଉଚରର ଭାଲିଡିଟି ୯୦ ଦିନରୁ ବଢାଇ ୩୬୫ ଦିନ କରିଦିଆଯାଇଛି। ଏହାଦ୍ୱାରା ୟୁଜରମାନଙ୍କୁ ବାରମ୍ବାର ରିଚାର୍ଜ କରିବାକୁ ପଡିବନାହିଁ ଓ ସେମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ଲାନ୍‌ର ଲାଭ ମିଳିବ। ଅନଲାଇନ ରିଚାର୍ଜର ବଢୁଥିବା ଲୋକପ୍ରିୟତାକୁ ନଜରରେ ରଖି ଫିଜିକାଲ ଭାଉଚରରେ ବ୍ୟବହାର ହେଉଥିବା କଲ୍‌ର କୋଡିଂକୁ ସମାପ୍ତ କରିଦିଆଯାଇଛି। ଏବେ ଅଲଗା ଅଲଗା ବର୍ଗର ରିଚାର୍ଜ ପାଇଁ ଅଲଗା ଅଲଗା କଲର କୋଡିଂର ଆବଶ୍ୟକତା ପଡିବନାହିଁ। ଏଣୁ ପ୍ରକ୍ରିୟା ଆହୁରି ସରଳହୋଇଯିବ। ଏଥିରେ୧୦ଟଙ୍କାର ଟପ୍‌ଅପ୍ ଭାଉଚର ବାଧ୍ୟତାମୂଳକ କରାଯାଇଛି, କିନ୍ତୁ ଏହା ସହିତ ଟେଲିକମ୍ କମ୍ପାନୀଗୁଡିକୁ ଅନ୍ୟ ମୂଲ୍ୟବର୍ଗର ଟପ୍ ଅପ୍ ଭାଉଚର ଜାରି କରିବାକୁ ଅନୁମତି ମଧ ଦିଆଯାଇଛି। ଏହାଦ୍ୱାରା କମ୍ପାନୀମାନେ ୟୁଜରଙ୍କ ଲାଗି ଆହୁରି ବିକଳ୍ପ ପ୍ରଦାନ କରିପାରିବେ।

ଗତବର୍ଷ ଜୁଲାଇରେ ଘରୋଇ ଟେଲିକମ କମ୍ପାନୀ ରିଚାର୍ଜ ପ୍ଲାନ ମହଙ୍ଗା କରିବା ପରେ ଦୁଇଟି ସିମ୍ କାର୍ଡ ଥିବା ଗ୍ରାହକ ଓ ଫିଚର ଫୋନ ୟୁଜରମାନଙ୍କ ପାଇଁ ସମସ୍ୟା ହୋଇଥିଲା। ଟ୍ରାଇର ଏହି ନୂଆ ନିଷ୍ପତ୍ତିରେ ଏବେ କେବଳ ଭଏସ୍ ଓ ଏସ୍‌ଏମ୍‌ଏସ୍ ସେବା ଉପଯୋଗ କରୁଥିବା ୟୁଜର୍ସଙ୍କ ନିମନ୍ତେ ଲାଭଦାୟକ ରିଚାର୍ଜ ପ୍ଲାନ ଉପଲବ୍ଧ ହେବ। ନୂଆ ନିୟମ ଅନୁସାରେ ଟେଲିକମ କମ୍ପାନୀ ବିଭିନ୍ନ ମୂଲ୍ୟବର୍ଗର ଟପ୍ ଅପ୍ ଭାଉଚର ଉପସ୍ଥାପନ କରିପାରିବେ। ଫଳରେ ୟୁଜରଙ୍କୁ ସେମାନଙ୍କ ଆବଶ୍ୟକତା ଅନୁସାରେ ଭଲ ବିକଳ୍ପ ମିଳିପାରିବ।

**ଭାରତ-ଫ୍ରାନ୍ସ ସିଇଓ ଫୋରମ୍ ବୈଠକ**

# ଭାରତରେ ନିବେଶ ପାଇଁ ବର୍ତ୍ତମାନ ହେଉଛି ଠିକ୍ ସମୟ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୨।୨(ଏଜେନ୍ସି): ଫ୍ରାନ୍ସ ଗସ୍ତ ଅବସରରେ ଭାରତ-ଫ୍ରାନ୍ସ ସିଇଓ ଫୋରମ୍ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ କମ୍ପାନୀର ସିଇଓଙ୍କୁ ଭେଟିଛନ୍ତି। ଭାରତରେ ନିବେଶ ପାଇଁ ବର୍ତ୍ତମାନ ସମୟ ହେଉଛି ଠିକ୍ ସମୟ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି। ବୁଧବାର ଦିନ ଅନୁଷ୍ଠିତ ହୋଇଥିବା ଚତୁର୍ଦ୍ଦଶ ଭାରତ-ଫ୍ରାନ୍ସ ସିଇଓ ଫୋରମରେ ଉଭୟ ଭାରତର ପ୍ରଧାନମନ୍ତ୍ରୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମିଳିତ ଭାବେ ଉଦ୍‌ବୋଧନ ଦେଇଛନ୍ତି। ଏହି ଫୋରମରେ ଉଭୟ ପକ୍ଷର ବିଭିନ୍ନ କମ୍ପାନୀର ଏକାଧିକ ସିଇଓ ଯୋଗ ଦେଇଥିଲେ । ଏଥିରେ ପ୍ରତିରକ୍ଷା, ମହାକାଶ, ବିକଶିତ ପ୍ରଯୁକ୍ତି ବିଦ୍ୟା, ଭିତ୍ତିଭୂମି, କୃତ୍ରିମ ବୁଦ୍ଧିମତା, ଜୀବ ବିଜ୍ଞାନ, ଜୀବନଶୈଳୀ, ଖାଦ୍ୟ ଓ ଆତିଥେୟତା ପରି ବିଭିନ୍ନ ବିଭାଗ ଉପରେ ଆଲୋକପାତ କରାଯାଇଥିଲା। ପୁଞ୍ଜିନିବେଶ କ୍ଷେତ୍ରରେ ଭାରତର ଲୋକପ୍ରିୟ ବୈଶ୍ୱିକ ଭାବମୂର୍ତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ଏହି ବୈଠକରେ ସିଇଓଙ୍କ ମଧ୍ୟରେ ଜୁବିଲିଆଣ୍ଟ ଫୁଡବାର୍କସ/ଜୁବିଲିଆଣ୍ଟ ଲାଇଫ ସାଇସେନ୍ସର ହରି ଭାରତିଆ (ନିର୍ଦ୍ଦେଶକ), ବୋଟ, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ - ଅମନ ଗୁପ୍ତା (ସହ ପ୍ରତିଷ୍ଠାତା, ସ୍କାଏରୁଟ ଏରୋସ୍ପେସ, ଏରୋସ୍ପେସ ଆଣ୍ଡ ସ୍ପେସ ଆଣ୍ଡ ଟେକ୍ନୋଲଜି – ପବନ କୁମାର ଚନ୍ଦନା (ସହ-ପ୍ରତିଷ୍ଠାତା), ଏୟାର ବସ, ଏରୋସ୍ପେସ ଆଣ୍ଡ ଡିଫେନ୍ସ – ଗୁଇଲାମି ଫରି (ସିଇଓ) ଏବଂ ଏୟାର ଲିକ୍ୟୁଡି, କେମିକାଲ୍ସ, ହେଲଥ କେୟାର ଇଞ୍ଜିନିୟରିଂ - ଫ୍ରାନକୋଏସ ଜାକୋ (ସିଇଓ) ପ୍ରମୁଖ ଯୋଗଦେଇଥିଲେ।

ଛାୟାଗୀତି



ସୂର୍ଯ୍ୟ ଦେଓ

# 'ଧରିତ୍ରୀ'ରୁ 'ସଂସାର'



୧୯୭୩ ମସିହାରେ ଓଡ଼ିଆ ସିନେ ସଙ୍ଗୀତ ଧାରାକୁ ଆସନ୍ତି ଉପେନ୍ଦ୍ର କୁମାର। ଗାୟକ ଶ୍ୟାମଳ ମିତ୍ରଙ୍କ କଣ୍ଠରେ ପଲ୍ଲବିତ ହୋଇଉଠେ ଧରିତ୍ରୀର ସବୁଜିମା। 'ସ୍ୱର୍ଗାଦପି ଗରିୟସୀ ଜନନୀ ମା ଧରିତ୍ରୀ', ଗୀତିକାର ଶିବବ୍ରତ ଦାସଙ୍କ ଏହି ଗୀତଟି ପାଏ ଅସମ୍ଭବ ଲୋକପ୍ରିୟତା। ଏହି ରଚନା ସହ ତାଙ୍କ ସପନ ଛନ୍ଦି ହୋଇଯାଏ ଆଉ ଏକ ରଚନାରେ, ଯାହାକୁ ଗାଆନ୍ତି ସିକନ୍ଦର ଆଲାମ୍। 'ସପନର ପଥେ ପଥେ ସଂଧ୍ୟାରେ ଦିନେ ଗଲି' ଏହି ପ୍ରଣୟ ଗୀତିକା ସହ ସପନ ଓ ସଂଗୀତ ଯାତ୍ରାରେ ନୂଆ ମୋଡ଼ ଆସେ। ଭକ୍ତକବି ବନମାଳୀଙ୍କ ରଚନା 'ପ୍ରାଣନାଥ ନଇଲେ ତ ଜୀବନ ହାରିବି' ସହ ଓଡ଼ିଶୀ ଛନ୍ଦର ଆଉ ଏକ ଗୀତ 'ତୁମେ କି ଜାଣନା ପ୍ରିୟା ମୁଁ ତୁମ ନାୟିକା' ମଧ୍ୟ 'ଧରିତ୍ରୀ'ରେ ସଂଯୁକ୍ତ ହୁଏ। ଦ୍ୱିତୀୟ ରଚନାର ରଚୟିତା ଥିଲେ ନନ୍ଦ କିଶୋର ସିଂହ। ଓଡ଼ିଶୀ ଛନ୍ଦର ଆଉ ଏକ ଗୀତ 'ମୋହନ ହେ ମୋହନ' ମଧ୍ୟ 'ଧରିତ୍ରୀ'ରେ ଥିଲା, ଯାହାକୁ ଲେଖିଥିଲେ ନାରାୟଣ ପ୍ରସାଦ ସିଂହ। ବୃନ୍ଦାବନ ଜେନା ବି ଲେଖିଥିଲେ ନିଜର ପ୍ରଥମ ପ୍ରସାରିତ ସିନେମା ଗୀତ 'ପୀରତି ତୋର ଦୂରୁ ଜୁହାର ଅଠାକାଠି ପରି ଲାଗୁଛି'। ଏଥିରେ ଚିତ୍ତରଞ୍ଜନ ଜେନାଙ୍କ ପ୍ରଥମ ଗାୟନର କୋମଳ ଭାବ ଶ୍ରୋତାଙ୍କୁ ମୁଗ୍ଧ କରିଦିଏ। ତାଙ୍କ ସହ ଏ ଗୀତଟି ଗାଇଥିଲେ ସିପ୍ରା ବୋଷ। 'ଧରିତ୍ରୀ' ପରେ ପରେ ଭି. ବାଲସରା ଓ ରାଖାଲ ମହାନ୍ତିଙ୍କ ଯୁଗ୍ମ ସଂଗୀତ ସଂଯୋଜନାରେ ୧୯୭୩ ମସିହାରେ ଆସେ 'ଘର ସଂସାର'। ଗୀତ ଶୁଣୁଶୁଣୁ ଶ୍ରୋତା ମନ ସେମିତି ଛନ୍ ଛନ୍ ହୋଇ ଉଠେ, ଯେମିତି ଅକ୍ଷୟ ଓ ସିପ୍ରା ଛନ୍ ଛନ୍ ହୋଇ 'ମୋ ମନ ଛନ୍ ଛନ୍ ଛନ୍' ଗାଇଥିଲେ। ମନ୍ନା ଦେ ଗାଇଥିବା 'ଗେଲ ବସରର ଦିନ ସରିଗଲା ଭୁଲି ଯା'ତୁ ଏଥର' ଗୀତରେ ନବ ବଧୂର ଲୁହ ଇଡ଼ିଯାଏ, ପୁଣି ଶ୍ୟାମଳ ମିତ୍ର ଓ ନିର୍ମଳା ମିଶ୍ରଙ୍କ 'ସପନ ବିଳାସୀ'ରେ ମଧୁ ମିଳନ ହାତଠାରି ଡାକେ। ନିର୍ମଳା ମିଶ୍ରଙ୍କ ସହ ଭିକାରୀ ବଳ ଗାଆନ୍ତି ନିଜ ପ୍ରଥମ ସିନେମା ଗୀତ 'ପ୍ରଭୁ ପଦ ତଳେ ପ୍ରଣତି ଢାଳେ'। 'ଘର ସଂସାର'ରୁ କ୍ୟାବେରେ ନାଚ ଆସେ ଓଡ଼ିଆ ସିନେମାକୁ, ଶ୍ରାବନ୍ତୀ ମଜୁମଦାର୍ ଗାଆନ୍ତି 'ଗୁଲାବୀ ରାତ ଗୁଲାବୀ'। 'ଘର ସଂସାର'ର ଗୀତ ରଚନା କରିଥିଲେ ନାରାୟଣ ପ୍ରସାଦ ସିଂହ ଓ ବୃନ୍ଦାବନ ଜେନା। 'ଘର ସଂସାର' ପରେ ଆସେ 'ସଂସାର'। ଢେଉ ଢେଉକା ପାହାଡ଼ ତଳେ ଗୀତର ଅଙ୍କା ବଙ୍କା ନଈ ବହେ, ନାଉରୀ ଗାଏ 'ତୁ ମୋ ପାଇଁ ମୁଁ ତୋରି ପାଇଁ'। ଶିବବ୍ରତଙ୍କ ଏହି ରଚନା ଶ୍ରୋତାଙ୍କ ଛାତିରେ ଆଙ୍କେ ବିରହ ଓ ପ୍ରେମର ଛବି। ଅକ୍ଷୟ ମହାନ୍ତିଙ୍କ ସଂଗୀତ ନିର୍ଦ୍ଦେଶନାର ଅନ୍ୟତମ ସଫଳ ସିନେମା 'ସଂସାର'। ଏଥିରେ ସ୍ୱରୂପ ନନ୍ଦନ ନାୟକଙ୍କ ରଚିତ ଗୀତ 'ଆଲୋ କଳା ଶାରୀ' କୁମାରୀ ମନରେ ଚମକ ଲଗାଏ। ସାରଦା ପ୍ରସନ୍ନ ନାୟକଙ୍କ ରଚିତ ଗୀତରେ ଜୀବନର ସବୁଜ ସପନ ଜାଗିଉଠେ, ମନରୁ ଭାବନା ପୋଛି ଦିଏ। ମୁରାରୀ ପ୍ରସାଦ ମିଶ୍ରଙ୍କ ରଚିତ ସମ୍ବଲପୁରୀ ଗୀତ 'ଜାଇଫୁଲରେ' ମନ ତଳେ ମହନି ଲଗାଏ, ଅକ୍ଷୟଙ୍କ ରଚନା ଜମା ବାହା ନ ହେବାର ରଟ ଲଗାଏ। ଏମିତି ଆସିଥିଲା 'ସଂସାର'ର ଗୀତ। ପ୍ରଣବ ପଟ୍ଟନାୟକ, ନିର୍ମଳା ମିଶ୍ର, ଅକ୍ଷୟ ମହାନ୍ତି, ତୃପ୍ତି, ଗୀତା, ରୋମି, ଲାଲବିବି ତୋଳିଥିଲେ ଗୀତର ଝଙ୍କାର। ■



# 'ନାଗିନ୍-୭'ରେ ରୁବିନା

ଏକତା କପୁରଙ୍କ ନାଗିନ୍ ସିରିଜ୍‌କୁ ଦର୍ଶକୀୟ ଆଦୃତି ମିଳିପାରିଛି। ଏବେ ଆସିବାକୁ ଯାଉଛି ଏହାର ସପ୍ତମ ସିଜିନ୍। 'ନାଗିନ୍-୭'ର ଘୋଷଣା ଏକତା କରିଛନ୍ତି। ସେହିପରି ଏବେ ସୁଦ୍ଧା ଏହି ଶୋ'ରେ ମୌନି ରୟ, ସୁରଭି ଜ୍ୟୋତି, ସୁରଭି ଚନ୍ଦନା, ତେଜସ୍ୱୀ ପ୍ରକାଶ, ହିନା ଖାନ ନାଗିନ୍ ଚରିତ୍ରରେ ଅଭିନୟ କରିସାରିଛନ୍ତି। ତେଣୁ 'ନାଗିନ୍-୭'ରେ ମୁଖ୍ୟ ନାୟିକା କିଏ ହେବେ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହାରି ଭିତରେ ରୁବିନା ଦିଲେକ୍ ନିଜର କିଛି ଫଟୋକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଏହି ଫଟୋରେ ସେ ସାପ ହାର ପିନ୍ଧିଥିବା ଦେଖାଯାଇଛି। ଏଣୁ ଏହାକୁ ଦେଖି ଅନୁମାନ କରାଯାଉଛି ଯେ, 'ନାଗିନ୍-୭'ରେ ଏଥର ରୁବିନା ନଜର ଆସିପାରନ୍ତି। ତେବେ ରୁବିନା ଏହି ଶୋ'ରେ ସାମିଲ ଅଛନ୍ତି କି ନାହିଁ, ତାହାକୁ ନେଇ ବିଧିବଦ୍ଧ ଭାବେ କିଛି ଘୋଷଣା କରାଯାଇ ନାହିଁ। ■







# 'ପରୀ'ର ଶୁଭ ମହୁରତ୍

ନୂଆ ଓଡ଼ିଆ ସିନେମା 'ପରୀ'ର ଶୁଭ ମହୁରତ୍ ହୋଇସାରିଛି। 'ଓମ୍‌ଶାନ୍ତି ଏଣ୍ଟରଟେନ୍‌ମେଣ୍ଟ' ବ୍ୟାନ୍‌ରରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନା କରୁଛନ୍ତି ସଞ୍ଜୟ ମହାନ୍ତି। ଏଥିରେ ସହ-ପ୍ରଯୋଜକ ଅଛନ୍ତି ଚନ୍ଦନ ସ୍ୱାଇଁ। ତ୍ରିପତି ସାହୁଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ପ୍ରମୋଦ ପରିଡ଼ା ଗୀତ ରଚନା କରିଥିବା ବେଳେ ସଂଗୀତକାର ଅଛନ୍ତି ଜାପାନୀ। ସେହିପରି ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଜ୍ୟୋତି ଏବଂ ଅନୁରାଧା ପାଣିଗ୍ରାହୀ। ଏ ଦୁହିଁଙ୍କ ସମେତ ଶ୍ରୀତମ ଦାସ, ନୀଳାମ୍ବୁ ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ଗୁଲ୍ଲୁ, ଜଗା, ନରେଶ, ଦିବ୍ୟାଂଶୀ, ଲଳିତ ପ୍ରମୁଖ ଅଭିନୟ କରୁଛନ୍ତି। ଏହାର ଶୁଭ ମହୁରତ୍ ଅବସରରେ ଶ୍ରୀତମ ଦାସ, ତ୍ରିପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ■

# ନୂଆ ମେଗା ଧାରାବାହିକ

## ୧୭ରୁ 'ସାଥୀ ସାତ ଜନ୍ମର'

ଚଳିତ ଫେବୃଆରୀ ୧୭ ତାରିଖ ସନ୍ଧ୍ୟା ୭ଟାରେ ଜି ସାର୍ଥକରେ ଆରମ୍ଭ ହେବ ନୂଆ ମେଗା ଧାରାବାହିକ 'ସାଥୀ ସାତ ଜନ୍ମର'। ପ୍ରେମ, ତ୍ୟାଗ ଓ ପାରିବାରିକ ସମ୍ପର୍କର ଏକ ସୁନ୍ଦର କାହାଣୀ ଏଥିରେ ଦେଖିବାକୁ ମିଳିବ। ଏହାର ମୁଖ୍ୟ ଚରିତ୍ରରେ ମାନସ ଏବଂ ତେଜସ୍ୱିନୀ ଅଭିନୟ କରିଛନ୍ତି। ମାନସ 'ଦେବ' ଚରିତ୍ରରେ ଅଭିନୟ କରିଥିବା ବେଳେ ତେଜସ୍ୱିନୀ 'ଅର୍ଚ୍ଚନା' ଭୂମିକାରେ ନଜର ଆସିଛନ୍ତି। ତେବେ ଅର୍ଚ୍ଚନା ଓ ଦେବ ଦେଖାହୋଇ ପ୍ରେମରେ ପଡ଼ନ୍ତି ଓ ବିବାହ ବନ୍ଧନରେ ବାନ୍ଧି ହୋଇଯାନ୍ତି। ହେଲେ ଅଳ୍ପ ଦିନରେ ତାଙ୍କ ଖୁସିରେ ବିରାମ ଲାଗେ। ଏହାର କାରଣ ସାଜନ୍ତି ଦେବଙ୍କ ମା' ସବିତା। ସେ ନିଜ ଧନସଂପତ୍ତିର ପାରିବାପଣିଆ ଦେଖାଉଥିବା ବେଳେ ଏହି ପରିସ୍ଥିତିରେ ଅର୍ଚ୍ଚନା ମା'ଙ୍କ ମନରେ ନିଜ ଝିଅର ଭବିଷ୍ୟତକୁ ନେଇ ଚିନ୍ତା ଘାରେ। ପାରିବାରିକ ପରିସ୍ଥିତି ଉଭୟଙ୍କୁ ଅଲଗା କରିଦିଏ ସତ, କିନ୍ତୁ ତାଙ୍କର ଏହି ଯାତ୍ରା ଅନେକଗୁଡ଼ିଏ ପ୍ରତିଶ୍ରୁତି ଓ ପ୍ରତିଜ୍ଞାକୁ ପଛରେ ଛାଡ଼ିଯାଏ। କହିବାକୁ ଗଲେ, ଉକ୍ତ ଧାରାବାହିକରେ ମା'-ଝିଅର ସଂପର୍କ, ସ୍ୱାମୀ-ସ୍ତ୍ରୀର ସମ୍ପର୍କ, ପ୍ରେମ, ତ୍ୟାଗ, ସଂଘର୍ଷ ସବୁକିଛି ଦେଖିବାକୁ ମିଳିବ। ସେହିପରି ଜି-ସାର୍ଥକରେ ପ୍ରସାରିତ ଅନ୍ୟ ଧାରାବାହିକ ଭଳି ଏହାକୁ ମଧ୍ୟ ଦର୍ଶକଙ୍କ ଭଲପାଇବା ମିଳିବ ବୋଲି ଏହାର ଟିମ୍ ପୂରା ଆଶାବାଦୀ ଅଛି। ■



# ସୁଟିଂ ଫ୍ଲୋରରେ ୮ଟି ସିନେମା



ବିଶିଷ୍ଟ ସିନେ ସଂଳାପକାର ହେଲେ ଡ. ରଜନୀ ରଞ୍ଜନ। ସେ ଶତାଧିକ ଚଳଚ୍ଚିତ୍ରରେ ସଂଳାପ ଲେଖି ବେଶ୍ ଲୋକପ୍ରିୟତା ସାଉଁଟିଛନ୍ତି। ତେବେ ରଜନୀ ରଞ୍ଜନ ଇଣ୍ଡଷ୍ଟ୍ରିର ସବୁଠୁ ବ୍ୟସ୍ତବହୁଳ ମଣିଷ। ଆଗାମୀ ଦିନରେ ତାଙ୍କ ସଂଳାପ ରଚନାରେ ଆଠଟି ସିନେମା ଆସିବାକୁ ଯାଉଛି। ସେଗୁଡ଼ିକ ହେଲା 'ରାଣ୍ଡି ପୁଅ ଅନନ୍ତା', 'ଶମ୍ଭୁ', 'ସ୍କୁଲ ଡାଏରୀ', 'ବବି ଆଉ ବେବି', 'ମାୟା ମରୀଚିକା', 'ଆରୋହୀ', 'ମିଡ୍ ନାଇଟ୍' ଓ 'ପରୀ'। ଅବଶ୍ୟ ଏବେ ସମସ୍ତ ଫିଲ୍ମ ସୁଟିଂ ଫ୍ଲୋର୍‌ରେ ରହିଛି। ବିଗତ କିଛି ବର୍ଷ ହେଲା ତାଙ୍କ ରଚନାରେ ସର୍ବାଧିକ ଚଳଚ୍ଚିତ୍ର ମୁକ୍ତି ଲାଭ କରି ଆସୁଛି। ଯାହାକି ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ରେକର୍ଡ। ତେବେ ଆଗକୁ ଆସିବାକୁ ଥିବା ତାଙ୍କ ସିନେମା ସବୁକୁ ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି। ■

# ଛାବା

୧୪ ଫେବୃଆରୀ, ଶୁକ୍ରବାର





**ନିର୍ଦ୍ଦେଶକ** : ଲକ୍ଷ୍ମଣ ଉତେକର
**ପ୍ରଯୋଜକ** : ଦୀନେଶ ଭିଜାନ
**କଳାକାର** : ଭିକି କୌଶଲ, ରଶ୍ମିକା ମନ୍ଦାନା, ଅକ୍ଷୟ ଖନ୍ନା

# ସୁଟିଂରେ ବ୍ୟସ୍ତ କିୟାରା



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ କିୟାରା ଆଡ଼ଭାନୀ ତାଙ୍କର ପ୍ରଥମ କନ୍ନଡ଼ ଫିଲ୍ମ 'ଟକ୍ସିକ୍' ସୁଟିଂରେ ବ୍ୟସ୍ତ ଅଛନ୍ତି। ଗୀତା ମୋହନଦାସଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ହେଉଛି ଆକ୍ସନ ଗ୍ୟାଙ୍ଗଷ୍ଟର ଡ୍ରାମା ଉପରେ ଆଧାରିତ। ତେବେ ଏହାକୁ ଉଭୟ ଇଂରାଜୀ ଏବଂ କନ୍ନଡ଼ ଦୁଇଟି ଭାଷାରେ ଏକାକାଳୀନ ସୁଟିଂ କରାଯାଉଛି। ସେହିପରି 'ଟକ୍ସିକ୍' ସିନେମାକୁ ନେଇ ଖୁବ୍ ଆଶାବାଦୀ ଥିବା କିୟାରା କହିଛନ୍ତି। ସିନେମା ଲାଗି ସେ ଅଧିକ ପରିଶ୍ରମ କରୁଥିବା ଜଣାପଡ଼ିଛି। ସିନେମାର ମୁଖ୍ୟ ଚରିତ୍ରରେ ଯଶ୍ ନଜର ଆସିବେ। କିୟାରା ଏବଂ ଯଶ୍‌ଙ୍କ ଯୋଡ଼ିକୁ ପ୍ରଥମ ଥର ପାଇଁ ଦର୍ଶକେ ପରଦାରେ ଦେଖିବେ। ଏହାର ସୁଟିଂ ଏବେ ବେଙ୍ଗାଲୁରୁରେ ଚାଲିଛି। ■

ପରଦା ପଛର କାହାଣୀ

# ଜୀବନ୍ତ ଅଭିନୟ ପାଇଁ ଅଙ୍ଗାର ମିଶା ଚା' ପିଇଥିଲେ ଅଭିନେତ୍ରୀ

ହିନ୍ଦୀ ସିନେମା ଜଗତର ପ୍ରସିଦ୍ଧ ଅଭିନେତ୍ରୀଙ୍କ ମଧ୍ୟରେ ରତି ଅଗ୍ନିହୋତ୍ରୀ ଅନ୍ୟତମ। ନିଜର ସୁନ୍ଦର ଚେହେରା ଓ ଚମତ୍କାର ଅଭିନୟ ପାଇଁ ସେ ବେଶ୍ ଲୋକପ୍ରିୟ। 'ତୱାଇଫ୍', 'କୁଲି', 'ଆପ୍‌କେ ସାଥ୍', 'ଫର୍ଜ ଔର୍ କାନୁନ୍', 'ହୁକୁମତ' ଆଦି ସୁପରହିଟ୍ ଫିଲ୍ମ ସେ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଉଭୟ ବଲିଉଡ୍ ଓ ସାଉଥ୍ ଇଣ୍ଡଷ୍ଟ୍ରୀରେ ସେ ନିଜ ଅଭିନୟର ଛାପ ଛାଡ଼ିଛନ୍ତି। ଏସବୁ ଭିତରେ କମଲ ହାସନ୍‌ଙ୍କ ଅଭିନୀତ ଫିଲ୍ମ 'ଏକ୍ ଦୁଜେ କେ ଲିୟେ' ଫିଲ୍ମ ପାଇଁ ସେ ବେଶ୍ ଚର୍ଚ୍ଚାରେ ରହିଥିଲେ। ଏହି ଫିଲ୍ମ ୧୯୮୧ ମସିହାରେ ପରଦାରେ ମୁକ୍ତିଲାଭ କରିଥିଲା। ଏହା ରତିଙ୍କର ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର ଥିଲା। ଏହାର ନିର୍ଦ୍ଦେଶନା ଦେଇଥିଲେ କେ. ବାଲ୍‌ଚନ୍ଦର। ଏହା ତାଙ୍କ ତେଲୁଗୁ ଫିଲ୍ମ 'ମାରୋ ଚରିତ୍ର'ର ରିମେକ୍ ଥିଲା। ଏହା ଏକ ରୋମାଣ୍ଟିକ୍ ଟ୍ରାଜେଡି ଫିଲ୍ମ। ଯେଉଁଥିରେ କମଲ ହାସନ୍ ଏବଂ ରତିଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହି ଫିଲ୍ମର ସଫଳତା ପରେ ତାଙ୍କୁ ଅନେକ ଫିଲ୍ମରୁ ଅଫର୍ ମଧ୍ୟ ମିଳିଥିଲା। ତେବେ ଏହି ଫିଲ୍ମକୁ ନେଇ ଏକ ରୋଚକୀୟ କାହାଣୀ ରହିଛି। ଫିଲ୍ମରେ ସ୍ୱପ୍ନା ଭୂମିକାରେ ରତି ଏବଂ ବାସୁ ଭୂମିକାରେ କମଲ୍ ଅଭିନୟ କରିଥିଲେ। ଏହି ଫିଲ୍ମରେ ରତିଙ୍କୁ ଏକ ଆବେଗଭରା ଦୃଶ୍ୟ ସୁଟ୍ କରିବାର ଥିଲା। ଏହାକୁ ବାସ୍ତବ ରୂପ ଦେବା ପାଇଁ ସେ ଜଳିଯାଇଥିବା ଏକ ଫଟୋର ଅଙ୍ଗାର ଗୁଣ୍ଡକୁ ଚା'ରେ ମିଶାଇ ପିଇଥିଲେ। ଫିଲ୍ମର ନିର୍ଦ୍ଦେଶକ ଯେଉଁଳି ଚାହୁଁଥିଲେ, ରତି ସେଇଭଳି କରିବାକୁ ପ୍ରାଣପଣେ ଚେଷ୍ଟା କରିଥିଲେ। ଅବଶ୍ୟ ଏହା ପିଇବା ପରେ ରତି ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ଏହି ଦୃଶ୍ୟରେ ତାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହି ଫିଲ୍ମରେ ହୃଦୟସ୍ପର୍ଶୀ ଅଭିନୟ ପାଇଁ ରତିଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ 'ଫିଲ୍ମଫେୟାର୍ ଆୱାର୍ଡ' ମିଳିଥିଲା। ■



## ଶୁବମନ୍ ମ୍ୟାଚ୍ ଓ ସିରିଜ୍‌ର ଶ୍ରେଷ୍ଠ ଖେଳାଳି

# ଇଂଲଣ୍ଡ ବିପକ୍ଷରେ ଭାରତର କ୍ଲିନ୍ ସୁଇପ୍

ଅହମ୍ମଦାବାଦ୍,୧୨।୨(ଏଜେନ୍ସି)



ଦିନିକିଆ ବିଶ୍ୱକପ୍ ରନର୍ସ ଅପ୍ ଭାରତ ୧୪୨ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଏଠାରେ ବୁଧବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଦିନିକିଆରେ ବୃହତ୍ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭାରତ ୩-୦ ବ୍ୟବଧାନରେ ବିଜୟୀ ହେବା ସହ କ୍ଲିନ୍ ସୁଇପ୍ କରିଛି। ଏହା ପୂର୍ବରୁ ନାଗପୁରରେ ଫେବୃଆରୀ ୬ ଓ କଟକରେ ୯ ତାରିଖରେ ଖେଳାଯାଇଥିବା ପ୍ରଥମ ଓ ଦ୍ୱିତୀୟ ଦିନିକିଆକୁ ଭାରତ ସହଜରେ ୪ ୱିକେଟ ବ୍ୟବଧାନରେ ଜିତିଥିଲା। ଅହମ୍ମଦାବାଦ୍‌ରେ ନିଜ ଦିନିକିଆ ଜୀବନର ୭ମ ଶତକ ହାସଲ କରିବା ସହ ୧୦୨ ବଲ୍‌ରୁ ୧୧୨ ରନ୍ କରିଥିବା ଯୁବ ଓପନର ଶୁବମନ ଗିଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଇଂଲଣ୍ଡ ବିପକ୍ଷ ୩ଟି ମ୍ୟାଚ୍‌ରେ ଯଥାକ୍ରମେ ନାଗପୁରରେ ୮୭ ଓ କଟକରେ ୬୦ ଓ ଅହମ୍ମଦାବାଦ୍‌ରେ ୧୧୨ ସ୍କୋର ସହ ମୋଟ ୨୫୯ ରନ୍ କରିଥିବା ଗିଲ୍ ମଧ୍ୟ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଡିଫେଣ୍ଡିଂ ବିଶ୍ୱଚାମ୍ପିଅନ ଭାରତ ୪-୧ରେ ବିଜୟୀ ହୋଇଥିଲା। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପରେ ଭାରତ ଏବେ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଦୁବାଇ ଯିବ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ତାହାର ପ୍ରଥମ ମ୍ୟାଚ୍ ବାଂଲାଦେଶ ସହ ଫେବୃଆରୀ ୨୦ରେ, ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହ ଫେବୃଆରୀ ୨୩ରେ ଓ ତୃତୀୟ ମ୍ୟାଚ୍ ନ୍ୟୁଜିଲାଣ୍ଡ ସହ ମାର୍ଚ୍ଚ ୨ରେ ଖେଳିବ। ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମ୍‌ରେ ଭାରତର ସମସ୍ତ ମ୍ୟାଚ୍ ଖେଳାଯିବ। ସମସ୍ତ ମ୍ୟାଚ୍ ଗୁଡିକ ଅପରାହ୍ଣ ୨ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ଏହାର ସିଧା ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ ଓ ହଟ୍ ଷ୍ଟାରରେ ହେବ।

ବିଶ୍ୱର ସର୍ବବୃହତ୍ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଶୁବମନ ଗିଲ୍‌ଙ୍କ ଶତକ ଓ ଦୁଇଟି ଶତକୀୟ ଭାଗୀଦାରି ବଳରେ ଭାରତ ଦ୍ୱିତୀୟ ବୃହତ୍ ବା ୩୫୬ ରନ୍ କରିଥିଲା। ଗିଲ୍ ୧୦୨ ବଲ୍‌ରୁ ୧୪ ଚୌକା ଓ ୩ ଛକା ସହ ୧୧୨ ରନ କରି ଆଉଟ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ଦ୍ୱିତୀୟ ୱିକେଟ ଭାଗୀଦାରିରେ ବିରାଟ କୋହଲିଙ୍କ ସହ ୧୦୭ ବଲ୍‌ରୁ ୧୧୬ ଓ ତୃତୀୟ ୱିକେଟରେ ଶ୍ରେୟସ ଆୟରଙ୍କ ସହ ୯୩ ବଲ୍‌ରୁ ୧୦୪ ରନ୍ ସଂଗ୍ରହ କରି ଭାରତକୁ ଏକ ବିରାଟ ସ୍କୋର ଅଭିମୁଖେ ନେଇଯାଇଥିଲେ। ଏଠାରେ କିଛିଟା ଫର୍ମକୁ ଫେରିଥିବା କୋହଲି ଦିନିକିଆ ଜୀବନରେ ୭୩ତମ ଅର୍ଦ୍ଧଶତକ ସହ ୫୫ ବଲ୍‌ରୁ ୫୨ ଓ ଆୟର ୬୪ବଲ୍‌ରୁ ୮ ଚୌକା ଓ ୨ଛକା ସହ ୭୮ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ରାହୁଲ ୨୯ ବଲ୍‌ରୁ ଦ୍ରୁତ ୪୦ ରନ୍ କରିଥିଲେ। ଶେଷ ଭାଗରେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ଭାରତ ଠିକ୍ ୫୦ ଓଭରରେ ୩୫୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଇଂଲଣ୍ଡ ପକ୍ଷରୁ ସୁନ୍ଦର ସ୍ପିନ୍ ବୋଲିଂ କରି ଆଦିଲ ରଶିଦ୍ ସର୍ବାଧିକ ୪ଟି ୱିକେଟ ନେଇଥିଲେ। ଏକ୍ସପ୍ରେସ୍ ଫାଷ୍ଟ ବୋଲର ମାର୍କ ଉଡ୍ ୨ଟି ଓ ଲିଆମ ଲିଭିଂଷ୍ଟୋନ୍‌ଙ୍କୁ ବାଦ୍ ଦେଲେ ବୋଲିଂ କରିଥିବା ଅନ୍ୟ ସମସ୍ତେ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

ଏହି ସିରିଜ୍‌ରେ ଇଂଲଣ୍ଡ ଦଳ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ଟସ୍ ଜିତିଥିଲାବେଳେ ଏଠାରେ ପ୍ରଥମଥର ରନ୍ ଚେଜ୍ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୩୫୭ ରନ୍‌ର ଟାର୍ଗେଟକୁ ପିଛା କରି ଭଲ ଆରମ୍ଭ କରିଥିଲା। କିନ୍ତୁ ଭ୍ରମଣକାରୀ ଦଳ ପକ୍ଷରୁ କୌଣସି ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲେ କିମ୍ବା ବଡ଼ ପାର୍ଟନରସିପ୍ ହୋଇ ପାରି ନ ଥିଲା। ଯାହା ଫଳରେ ଦଳ ରନ୍ ହାର ବଢ଼ାଇବା ଉଦ୍ଦେଶ୍ୟରେ ବ୍ୟାଟିଂ କରି ୩୪.୨ ଓଭରରେ ୨୧୪ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରଥମ ମ୍ୟାଚ୍ ଖେଳିଥିବା ଟମ୍ ବାଣ୍ଟନ ଓ ଗସ୍ ଆଟକିନସନ ସର୍ବାଧିକ ୩୮ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଧୂଆଁଧାର ଓପନର ଫିଲିପ୍ ସଲ୍ଟ ୨୩, ବେନ୍ ଡକେଟ ୩୪, ନିର୍ଭରଯୋଗ୍ୟ ଜୋ ରୁଟ୍ ୨୪, ହ୍ୟାରୀ ବ୍ରୁକ୍ ୧୯ ଓ ଅଧିନାୟକ ଜୋସ୍ ବଟ୍ଲର ୬ ରନ୍ କରି ଫେଲ୍ ମାରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଯୁବ ଖେଳାଳି ହର୍ଷିତ ରାଣା, ଦୁଇ ଅଲରାଉଣ୍ଡର ଅକ୍ଷର ପଟେଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ : ୩୫୬/୧୦, ୫୦ ଓଭର (ଗିଲ-୧୧୨, ଆୟର-୭୮, କୋହଲି-୫୨, ରାହୁଲ-୪୦, ରଶିଦ୍-୪/୬୪, ଉଡ୍-୨/୪୫)।

ଇଂଲଣ୍ଡ: ୨୧୪/୧୦, ୩୪.୨ ଓଭର (ବାଣ୍ଟନ-୩୮, ଆଟକିନସନ-୩୮, ଡକେଟ-୩୪, ଅକ୍ଷର-୨/୨୨, ରାଣା-୨/୩୧, ଅର୍ଶଦୀପ-୨/୩୩, ପାଣ୍ଡ୍ୟା-୨/୩୮)।

## ଗିଲ୍‌ଙ୍କ ବିଶ୍ୱରେକର୍ଡ



ଅହମ୍ମଦାବାଦ୍,୧୨।୨(ଏଜେନ୍ସି): ଏଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଶେଷ ଦିନିକିଆରେ ଭାରତର ଯୁବ ଓପନର ଶୁବମନ ଗିଲ୍ ଶତକ ହାସଲ କରିଛନ୍ତି। ସେ ୧୦୨ ବଲ୍‌ରୁ ୧୪ ଚୌକା ଓ ୩ଛକା ସହ ୧୧୨ ରନ୍ କରି ଆଉଟ ହେବା ପରେ ଏକାଧିକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗିଲ ଏହି ମ୍ୟାଚ୍‌ରେ ୫୦ତମ ଇନିଂସ ଖେଳି ୨,୫୦୦ ଦିନିକିଆ ରନ୍ ପୂରଣ କରିଛନ୍ତି। ବିଶ୍ୱରେ କୌଣସି ବ୍ୟାଟର ଏହାଠାରୁ କମ୍ ଇନିଂସରେ ୨,୫୦୦ ରନ୍ ପୂରଣ କରିପାରି ନାହାନ୍ତି। ସବୁଠାରୁ କମ୍ ଇନିଂସରେ ଏହି ସଫଳତା ପାଇ ଗିଲ ବିଶ୍ୱରେକର୍ଡ କରିଛନ୍ତି।

### ୫୦ତମ ମ୍ୟାଚ୍‌ରେ ଶତକ;ଗିଲ ପ୍ରଥମ ଭାରତୀୟ

ଇଂଲଣ୍ଡ ବିପକ୍ଷ ଦିନିକିଆ ଥିଲା ଗିଲ୍‌ଙ୍କ ୫୦ତମ ମ୍ୟାଚ୍। ଏହି ମ୍ୟାଚ୍‌ରେ ସେ ପ୍ରଥମ ଭାରତୀୟ କ୍ରିକେଟର ଭାବେ ଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି।

### ଗୋଟିଏ ଭେନ୍ୟୁରେ ୩ଟି ଫର୍ମାଟରେ ଶତକ

ଦିନିକିଆରେ ଶତକ ହାସଲ କରିବା ପରେ ଆଇପିଏଲ୍‌ରେ ଗୁଜରାଟ ଜ୍ୟାଣ୍ଟସର ଅଧିନାୟକ ଗିଲ୍ ଅହମ୍ମଦାବାଦ୍‌ରେ ସମସ୍ତ ୩ଟି ଯାକ ଫର୍ମାଟରେ ଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଟେଷ୍ଟ କ୍ରିକେଟରେ ଅଷ୍ଟ୍ରେଲିଆ ଓ ଟି-୨୦ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶତକ ହାସଲ କରିଛନ୍ତି। ୱାଣ୍ଡରର୍ସରେ ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ ପ୍ଲେସିସ୍, ଆଡିଲେଡ ଓଭାଲରେ ଡେଭିଡ୍ ୱାର୍ଣ୍ଣର, କରାଚିର ନ୍ୟାସନାଲ ଷ୍ଟାଡିୟମ୍‌ରେ ପାକିସ୍ତାନର ବାବର ଆଜମ ଓ ସୁପରସ୍ପୋର୍ଟ୍‌ସ୍ ପାର୍କରେ ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି'କକ୍ ସମସ୍ତ ଫର୍ମାଟରେ ଶତକ ହାସଲ କରିବାର ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି।

### କୋହଲିଙ୍କୁ ୧୧ଥର ଆଉଟ କଲେ ରଶିଦ୍

ଏହି ମ୍ୟାଚ୍‌ରେ ୭୩ତମ ଅର୍ଦ୍ଧଶତକ ପୂରଣ କରିଥିବା ଭାରତୀୟ ତାରକା ଖେଳାଳି ବିରାଟ କୋହଲିଙ୍କୁ ଇଂଲଣ୍ଡର ଆଦିଲ ରଶିଦ୍ ଆଉଟ କରିଥିଲେ। ଏହା ଫଳରେ ଅନ୍ତର୍ଜାତୀୟ କ୍ରିକେଟରେ ରଶିଦ୍ ୧୧ଥର ଲାଗି କୋହଲିଙ୍କୁ ଆଉଟ କରି ଅନ୍ୟ ଦୁଇଜଣଙ୍କ ସହ ସମକକ୍ଷ ହୋଇଛନ୍ତି। ଅନ୍ୟ ଦୁଇଜଣ ହେଲେ ନ୍ୟୁଜିଲାଣ୍ଡର ଟିମ୍ ସାଉଦୀ ଓ ଅଷ୍ଟ୍ରେଲିଆର ଜୋଶ ହାଜ୍‌ଲେଉଡ୍। ଏହି ୩ ବୋଲର କୋହଲିଙ୍କୁ ୧୧ଥର ଲେଖାଏଁ ଆଉଟ କରିଛନ୍ତି। ମୋଇନ୍ ଅଲି ଓ ଜେମ୍ସ ଆଣ୍ଡରସନ ୧୦ଥର ଲେଖାଏଁ ଏହି ସଫଳତା ପାଇଛନ୍ତି।

## ଓସିଏ ସଭାପତି ନିର୍ବାଚନ
# ପ୍ରାର୍ଥୀପତ୍ର ଦାଖଲ କଲେ ପଙ୍କଜ



କଟକ,୧୨।୨(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ପଦ ନିମନ୍ତେ ଏକମାତ୍ର ପ୍ରାର୍ଥୀ ଭାବେ ପଙ୍କଜ ଲୋଚନ ମହାନ୍ତି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ଦ୍ଧାରିତ ସମୟ ଭିତରେ ନିର୍ବାଚନ ଅଧିକାରୀ ଏମ୍.ଏଲ୍. ମଜୁମଦାରଙ୍କ ନିକଟରେ ଗୋଟିଏ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ଜଣାପଡ଼ିଛି। ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇ ୧୫ ତାରିଖରେ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ପ୍ରାର୍ଥୀପତ୍ର ନାକଚ ନହେଲେ ପଙ୍କଜ ନିଦ୍ୱର୍ନ୍ଦରେ ସଭାପତି ପଦରେ ନିର୍ବାଚିତ ହେବେ। ସମ୍ପ୍ରତି ଉପସଭାପତି ପଦରେ ଥିବା ପଙ୍କଜ ସଭାପତି ହେଲେ ଓସିଏର ଉପସଭାପତି ପଦ ପୁଣି ଥରେ ଫାଙ୍କା ହେବ। ଏଥି ନିମନ୍ତେ ଆଗାମୀ ଦିନରେ ଆଉ ଏକ ନିର୍ବାଚନ ହେବା ନିଶ୍ଚିତ। ପ୍ରକାଶଥାଉକି, ଗତ ଡିସେମ୍ବର ୨୯ରେ ଓସିଏର ବାର୍ଷିକ ସାଧାରଣ ପରିଷଦ ବୈଠକ ଅବସରରେ ପ୍ରଣବ ପ୍ରକାଶ ଦାସ ବ୍ୟକ୍ତିଗତ କାରଣ ଦର୍ଶାଇ ସଭାପତି ପଦରୁ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ନିୟମ ଅନୁସାରେ ୪୫ଦିନ ଭିତରେ ପଦ ପୂରଣ ହେବ। ଫେବୃଆରୀ ୧୦ ତାରିଖ ସୁଦ୍ଧା ନୂତନ ସଭାପତି ଦାୟିତ୍ୱ ଗ୍ରହଣ କରିବା କଥା। ମାତ୍ର ଏହା ପୂର୍ବଦିନ ବାରବାଟୀରେ ଭାରତ-ଇଂଲଣ୍ଡ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ରହିଥିବାରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଏବଂ ସଭାପତି ନିମନ୍ତେ କର୍ମକର୍ତ୍ତା ନିର୍ବାଚନକୁ ଫେବୃଆରୀ ୨୩କୁ ଘୁଞ୍ଚାଇ ଦିଆଯାଇଛି।

## କଟକରେ ଜାତୀୟ ବରିଷ୍ଠ ପୁରୁଷ କବାଡି ୨୦ରୁ
# ଉନ୍ମୋଚିତ ହେଲା ୱେବସାଇଟ୍

କଟକ,୧୨।୨(ସମିସ): ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଆସନ୍ତା ୨୦ରୁ ୭୧ତମ ଜାତୀୟ ପୁରୁଷ ବରିଷ୍ଠ କବାଡି ଚାମ୍ପିଅନସିପ୍ ଖେଳାଯିବ। ରୌପ୍ୟନଗରୀରେ ପ୍ରଥମଥର ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା କବାଡି ସଂଘ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏକ ୱେବସାଇଟ୍ ଆଜି ଉନ୍ମୋଚନ ହୋଇଛି। ସଭାପତି ତଥା ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଡଃ ଶରତ କୁମାର ସାହୁ ଏହାକୁ ଉନ୍ମୋଚନ କରିଥିଲେ। ଜାତୀୟ ପ୍ରତିଯୋଗିତାରେ ୩୦ଟି ରାଜ୍ୟ ସମେତ ୫ଟି ବିଭାଗୀୟ ଦଳ ଅଂଶ ଗ୍ରହଣ କରୁଥିବା ବେଳେ ୭୦୦ରୁ ଉର୍ଦ୍ଧ୍ୱ ଖେଳାଳି ଓ ଅଫିସିଆଲ ଯୋଗଦେବେ। ୱେବ୍‌ସାଇଟ୍‌ରେ ୭୧ତମ ଜାତୀୟ କବାଡି ପ୍ରତିଯୋଗିତା ଆୟୋଜନର ସମସ୍ତ ତଥ୍ୟ ଓ ସୂଚନା ରହିଥିବା ବେଳେ ଚଳିତ ବର୍ଷ ଜାତୀୟ କ୍ରୀଡାର ସିଧା ପ୍ରସାରଣ ମଧ୍ୟ କରାଯିବ ବୋଲି ରାଜ୍ୟ କବାଡି ସଂଘ ସଂପାଦକ ଅଜୟ ବେହେରା ଏବଂ ଇଭେଣ୍ଟ ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା ସୂଚନା ଦେଇଛନ୍ତି।

## ୩୮ତମ ଜାତୀୟ କ୍ରୀଡ଼ା
# ଜଳକ୍ରୀଡ଼ାରୁ ଓଡ଼ିଶାକୁ ୩ ପଦକ



ଭୁବନେଶ୍ୱର, ୧୨।୨ (ସମିସ): ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାର ୧୫ତମ ଦିବସରେ ବୁଧବାର ଓଡ଼ିଶା ଜଳକ୍ରୀଡ଼ାରୁ ୩ଟି ପଦକ ବିଜୟୀ ହୋଇଛି। କାନୋଇଂର ମହିଳା ସି୨ ୫୦୦ ମିଟର ଇଭେଣ୍ଟରେ ଓଡ଼ିଶାର ରଶ୍ମିତା ସାହୁ ଓ ଅଚୋଇବାମ୍ ସନତୋମ୍ବି ଦେବୀ ଯୋଡ଼ି ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି କାୟାକିଂର ମହିଳା କେ୨ ୫୦୦ ମିଟର ଇଭେଣ୍ଟରେ ଓଡ଼ିଶା କାଂସ୍ୟପଦକ ଜିତିଥିଲା। ଓଇନମ ବିଦ୍ୟା ଦେବୀ ଓ ଓଇନମ ବିନିତା ଚାଣୁ ଏହି ଦଳର ସଦସ୍ୟା ରହିଥିଲେ। ସାଗର କୁମାର ଓ ସଲାମ କିଶାନ ସିଂହଙ୍କ ନେଇ ଗଠିତ ଦଳ କେ୨ ୫୦୦ ମିଟରରେ ୩ୟ ସ୍ଥାନରେ ରହି ପୋଡିୟମ ଫିନିଶ କରିଥିଲେ। ପୂର୍ବରୁ ଗତ ରାତିରେ ଓଡ଼ିଶା ଦଳ ଏକ ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ଜିମ୍ନାଷ୍ଟିକର ଆର୍ଟିଷ୍ଟିକ ଇଭେଣ୍ଟରେ ପ୍ରଣତି ନାୟକ ଓଡ଼ିଶା ପାଇଁ ଏହି ସଫଳତା ଆଣିଥିଲେ। ବୁଧବାର ସୁଦ୍ଧା ଓଡ଼ିଶା ୧୧ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୧୫ କାଂସ୍ୟ ସହ ୩୯ ପଦକ ଜିତିସାରିଛି।

# ରଣଜୀ ଟ୍ରଫି: ସେମିରେ କେରଳ

ପୁଣେ, ୧୨।୨ (ଏଜେନ୍ସି): ଏଠାରେ ଜମ୍ମୁ କଶ୍ମୀର ଓ କେରଳ ମଧ୍ୟରେ ଅନୁଷ୍ଠିତ ଚଳିତ ରଣଜୀ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବିନା ହାର୍‌ଜିତ୍‌ରେ ଶେଷ ହୋଇଛି। ଜମ୍ମୁ ପକ୍ଷରୁ ଧାର୍ଯ୍ୟ ୩୯୯ ରନର କଷ୍ଟସାଧ ରନ ଲକ୍ଷ୍ୟକୁ ପିଛା କରି କେରଳ ବୁଧବାର ଅନ୍ତିମ ତଥା ୪ର୍ଥ ଦିବସରେ ୧୨୬ ଓଭରରେ ୬ ୱିକେଟ୍ ହରାଇ ୨୯୫ ରନ କରିବାକୁ ସମର୍ଥ ହୋଇଥିଲା। ଫଳରେ ମ୍ୟାଚ୍ ଡ୍ର ରହିଥିଲା। ତେବେ ପ୍ରଥମ ପାଳିରେ ୧ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ସଚିନ ବେବିଙ୍କ ନେତୃତ୍ୱାଧୀନ କେରଳ ସେମିଫାଇନାଲ ଟିକଟ୍ ହାସଲ କରିବାରେ ସଫଳ ହୋଇଛି। ରଣଜୀ ଇତିହାସରେ କେରଳ ଦ୍ୱିତୀୟଥର ସେମିଫାଇନାଲ ଖେଳିବ। ଦ୍ୱିତୀୟ ପାଳିରେ କେରଳ ପକ୍ଷରୁ ମହମ୍ମଦ ଆଝାରୁଦ୍ଦିନ (୬୭), ସଚିନ (୪୮) ଓ ଅକ୍ଷୟ ଚନ୍ଦ୍ରନ (୬୭) ସମ୍ପୂର୍ଣ୍ଣ ଦିବସରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ମ୍ୟାଚକୁ ଡ୍ର ରଖିବାରେ ସହାୟତା କରିଥିଲେ। ଫେବୃଆରୀ ୧୭ରୁ ସେମିଫାଇନାଲ ଖେଳାଯିବ। ପ୍ରଥମ ସେମିରେ କେରଳ ଓ ଗୁଜରାଟ ଏବଂ ବିଦର୍ଭ ଓ ମୁମ୍ବାଇ ମଧ୍ୟରେ ୨ୟ ସେମି ଅନୁଷ୍ଠିତ ହେବ।

# ଅଷ୍ଟ୍ରେଲିଆକୁ ହରାଇଲା ଶ୍ରୀଲଙ୍କା

କଲମ୍ବୋ,୧୨।୨(ଏଜେନ୍ସି): ଚାରିତ ଆଶାଲଙ୍କାଙ୍କ ଧୈର୍ଯ୍ୟପୂର୍ଣ୍ଣ ଶତକ ଏବଂ ବାମହାତୀ ସ୍ପିନର ଦୁନିଥ ୱେଲାଲାଗେ (୩୦ରନ୍, ୨ୱିକେଟ୍)ଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କା ୪୯ ରନ୍‌ରେ ବିଶ୍ୱଚାମ୍ପିଅନ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଶ୍ରୀଲଙ୍କା ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ଶେଷ ମ୍ୟାଚ୍ ଫେବୃଆରୀ ୧୪ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ୧୨୬ ବଲ୍‌ରୁ ୧୪ ଚୌକା ଓ ୫ ଛକା ସହ ୧୨୭ ରନ୍ କରିଥିବା ଆଶାଲଙ୍କାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୫୫ରନ୍‌ରେ ୫ଟି ଓ ୧୩୮ ରନ୍‌ରେ ୮ମ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଆଶାଲଙ୍କା ଶତକ ହାସଲ କରିବା ସହ ଦଳର ଇନିଂସକୁ ୨୧୪ ରନ୍ ପର୍ଯ୍ୟନ୍ତ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୩୩.୫ ଓଭରରେ ୧୬୫ ରନ୍ କରି ଅଲଆଉଟ ହୋଇଯାଇଥିଲା।

## ଚାମ୍ପିଅନ୍ସ ଟ୍ରଫି କ୍ରିକେଟ
# ଆଘାତରୁ ତାରକା ଖେଳାଳି ଆଉଟ୍

ଦୁବାଇ,୧୨।୨(ସମିସ): ପାକିସ୍ତାନ ଓ ୟୁଏଇର ଦୁବାଇରେ ଚଳିତମାସ ୧୯ରୁ ଖେଳାଯିବ ଦିନିକିଆ କ୍ରିକେଟର ମିନିବିଶ୍ୱକପ୍ ଚାମ୍ପିଅନ୍ସ ଟ୍ରଫି । ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା ଭଳି ଦଳ ଯୋଗ୍ୟତା ଅର୍ଜନ କରିବାରେ ଅସମର୍ଥ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆଘାତଜନିତ ସମସ୍ୟା ଲାଗି ଅନେକ ଦଳ ସେମାନଙ୍କ ଶ୍ରେଷ୍ଠ ଖେଳାଳିଙ୍କୁ ଦଳରେ ସାମିଲ କରିପାରି ନାହିଁ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଅନ୍‌ଫିଟ୍ ଯୋଗୁ ବାଦ୍ ଦିଆଯାଇଛି। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଆୟୋଜକ ପାକିସ୍ତାନର ନୂଆ ସୁପରଷ୍ଟାର ସାଇମ ଆୟୁବ ବାଦ୍ ପଡ଼ିଛନ୍ତି। ପାକିସ୍ତାନ ସହ ତ୍ରିରାଷ୍ଟ୍ରୀୟ କ୍ରିକେଟ ଖେଳୁଥିଲାବେଳେ ମୁଣ୍ଡରେ ବଲ ବାଜିବାରୁ ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ରାଚିନ ରବୀନ୍ଦ୍ର ବାଦ୍ ପଡ଼ିଛନ୍ତି।

ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଦଳଗୁଡିକ ଆଘାତ ସମସ୍ୟା ନେଇ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ବିଶ୍ୱଚାମ୍ପିଅନ ଅଷ୍ଟ୍ରେଲିଆ ଟିମ୍। ଟିମ୍ ଘୋଷଣା ପୂର୍ବରୁ ଦୁଇ ଅଲରାଉଣ୍ଡର କାମେରନ ଗ୍ରୀନ୍ ଓ ମିଚେଲ ମାର୍ଶଙ୍କୁ ଚୟନ ଲାଗି ବିଚାରକୁ ନିଆଯାଇ ନ ଥିଲା। ଦଳ ଚୟନ ପରେ ଅଧିନାୟକ ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ୍ ଆଘାତ ଯୋଗୁଁ ବାଦ୍ ପଡ଼ିଥିଲେ। ହଠାତ୍ ଅବସର ଘୋଷଣା କରିବାରୁ ମାର୍କସ ଷ୍ଟୋଇନିସଙ୍କୁ ବାଦ୍ ଦେବାକୁ ପଡ଼ିଥିଲା। ଶେଷ ମୁହୂର୍ତ୍ତରେ ବ୍ୟକ୍ତିଗତ କାରଣ ଦର୍ଶାଇ ମିଚେଲ ଷ୍ଟାର୍କ ମଧ୍ୟ ଓହରିଯାଇଛନ୍ତି। କମିନ୍ସଙ୍କ ସ୍ଥାନରେ ଷ୍ଟିଭେନ୍ ସ୍ମିଥ୍‌ଙ୍କୁ ଦଳର ନେତୃତ୍ୱ ଦିଆଯାଇଛି। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦକ୍ଷିଣ ଆଫ୍ରିକାର ଦୁଇ ଫାଷ୍ଟ ବୋଲର ଆନରିଚ୍ ନୋର୍ଜେ ଓ ଗେରାଲ୍ଡ କୋଏଜୀ ମଧ୍ୟ ବାଦ୍ ପଡ଼ିଛନ୍ତି। ଆଫଗାନିସ୍ତାନର ୧୮ ବର୍ଷୀୟ ବିସ୍ମୟ ବୋଲର ଆଲା ଘଜନଫରଙ୍କ ହାତ ଭାଙ୍ଗିଯିବାରୁ ତାଙ୍କୁ ବାଦ୍ ଦିଆଯାଇଛି। ଫେବୃଆରୀ ୧୯ରେ ଉଦ୍‌ଘାଟନୀ ମୁକାବିଲାରେ ପାକିସ୍ତାନ ସହ ନ୍ୟୁଜିଲାଣ୍ଡ ଖେଳିବ। ଏହାର ପରଦିନ ବାଂଲାଦେଶ ସହ ଖେଳି ଭାରତ ତାହାର ଅଭିଯାନ ଆରମ୍ଭ କରିବ।

### ଶିଖର ଧାୱନ ଆମ୍ବାସାଡର



ଭାରତର ପୂର୍ବତନ ଓପନର ଶିଖର ଧାୱନଙ୍କୁ ଚାମ୍ପିଅନ୍ସ ଟ୍ରଫି ଲାଗି ଆଇସିସି ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଫେବୃଆରୀ ୧୯ରୁ ୯ ତାରିଖଯାଏ ଏହି ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ଓ ୟୁଏଇର ଦୁବାଇରେ ଖେଳାଯିବ। ଦୁବାଇରେ କେବଳ ଭାରତ ତାହାର ସମସ୍ତ ମ୍ୟାଚ୍ ଖେଳିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଆଇସିସି ପକ୍ଷରୁ ୪ଜଣଙ୍କୁ ଆମ୍ବାସାଡର ନିଯୁକ୍ତ କରାଯାଇଛି। ଅନ୍ୟ ୩ଜଣ ହେଲେ ପାକିସ୍ତାନର ଚାମ୍ପିଅନ୍ସ ଟ୍ରଫି ଚାମ୍ପିଅନ ଅଧିନାୟକ ସର୍ଫରାଜ ଅହମ୍ମଦ୍, ଅଷ୍ଟ୍ରେଲୀୟ ଅଲରାଉଣ୍ଡର ସେନ୍ ୱାଟସନ ଓ ନ୍ୟୁଜିଲାଣ୍ଡ ଫାଷ୍ଟ ବୋଲର ଟିମ୍ ସାଉଦୀ। ବିଶ୍ୱର ଶ୍ରେଷ୍ଠ ୮ଟି ଦଳକୁ ନେଇ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆମ୍ବାସାଡରମାନେ ଗେଷ୍ଟ କଲମନ ଲେଖିବେ। ଖେଳ ସମ୍ପର୍କରେ ସେମାନଙ୍କ ଅନୁଭବ ବଖାଣିବା ସହ ବିଭିନ୍ନ ପ୍ରୋମୋସନାଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଚାମ୍ପିଅନ୍ସ ଟ୍ରଫିରେ କ୍ରମାଗତ ଦୁଇଥର ସର୍ବାଧିକ ରନ୍ ସଂଗ୍ରହ କରିବାର ରେକର୍ଡ ଶିଖର ଧାୱନଙ୍କ ନାମରେ ରହିଛି। ସେ ମୋଟରେ ୭୦୧ ରନ୍ ସଂଗ୍ରହ କରିଛନ୍ତି। ଏଭଳି ସମ୍ମାନ ମୋତେ ବିଶେଷ ଭାବେ ଅନୁପ୍ରାଣୀତ କରିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS